ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୬/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, April 6/2023 | Page 16 | ₹ 7.00

୪୯ଶ ଭାଗ ୧୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 131 | ମୂଲ୍ୟ ₹୭/-




KP GROUP
Quality Since 1965
KAMLA PASAND
PAN MASALA
NEW PACK
कमला पसन्द
अनोखा स्वाद
पान मसाला
Anokha Swad
Watch at:
You Tube
NOT FOR MINOR * 0% TOBACCO AND NO ADDED NICOTINE * CHEWING OF PAN MASALA INJURIOUS TO HEALTH

ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୬/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, April 6/2023 Page 16




### କେକେଆର୍‌ରୁ ଖେଳିବେ ଜାସନ ରୟ୍

କୋଲକାତା ନାଇଟ ରାଇଡର୍ସ (କେକେଆର) ବୁଧବାର ୨.୮ କୋଟି ଟଙ୍କା ବିନିମୟରେ ଜାସନ ରୟ୍‌ଙ୍କ ସହିତ ଚୁକ୍ତି କରିଛି।

୧୪

୧୧

### 'ୱାର୍-୨'ରେ ଜୁନିୟର ଏନ୍‌ଟିଆର୍‌ଙ୍କ ଏଣ୍ଟ୍ରି

ବଲିଉଡ୍ ଅଭିନେତା ହ୍ରିତିକ ରୋଶନଙ୍କ ଫିଲ୍ମ 'ୱାର୍-୨'ରେ ଟାଇଗର ଶ୍ରଫଙ୍କ ବଦଳରେ ଏବେ ସାଉଥ୍ ଅଭିନେତା ଜୁନିୟର ଏନ୍‌ଟିଆର୍‌ଙ୍କୁ ଦେଖିବାକୁ ମିଳିବ।



# ସରକାରଙ୍କ ସମାଲୋଚନା ବିରୋଧ ନୁହେଁ

## ମିଡିଆୱାନ୍ ଉପରୁ ପ୍ରସାରଣ କଟକଣା ହଟିଲା

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ସୁପ୍ରିମକୋର୍ଟ ବୁଧବାର ଗଣମାଧମର ସ୍ୱାଧୀନତା ଏବଂ ଗଣତନ୍ତ୍ରରେ ଏହାର ମହତ୍ତ୍ୱ ଉପରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଏକ ମୁକ୍ତ ପ୍ରେସ୍ ସର୍ବଦା ନାଗରିକମାନଙ୍କ ବାସ୍ତବ ସ୍ଥିତି ଉପସ୍ଥାପନ କରିବା ସହ ରାଷ୍ଟ୍ରର କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥାଏ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ୨ ଜଣିଆ ଖଣ୍ଡପୀଠ କହିଛନ୍ତି।**

ନୂଆଦିଲ୍ଲୀ,୫।୪

ମାଲାୟାଲମ୍ ନ୍ୟୁଜ୍ ଚ୍ୟାନେଲ ମିଡିଆୱାନ୍ ଉପରେ କେନ୍ଦ୍ର ସରକାର ଜାରି କରିଥିବା ପ୍ରସାରଣ କଟକଣାକୁ ବୁଧବାର ସୁପ୍ରିମକୋର୍ଟ ହଟାଇଦେଇଛନ୍ତି। ଏଥିସହ ଉକ୍ତ ଚ୍ୟାନେଲର ଲାଇସେନ୍ସକୁ ୪ ସପ୍ତାହ ମଧ୍ୟରେ ନବୀକରଣ କରିବାକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ନ୍ୟୁଜ୍ ଚ୍ୟାନେଲ ଯୋଗୁ ଜାତୀୟ ନିରାପତ୍ତା ପ୍ରତି ବିପଦ ସୃଷ୍ଟି ହେଉଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁକ୍ତିକୁ ଶୀର୍ଷ ଅଦାଲତ ନିନ୍ଦା କରିଛନ୍ତି। ସମାଲୋଚନାକୁ ସରକାର ବିରୋଧୀ ଅଭିହିତ କରାଯାଇପାରିବ

### ମଜଭୁତ ଗଣତନ୍ତ୍ର ପାଇଁ ପ୍ରେସ୍ ସ୍ୱାଧୀନତା ଅପରିହାର୍ଯ୍ୟ: ସିଜେଆଇ



ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ କେନ୍ଦ୍ରକୁ ଭର୍ତ୍ସନା କରିଛନ୍ତି।

ଜଷ୍ଟିସ୍ ହିମା କୋହଲି ସାମିଲ ଥିବା ଏହି ଖଣ୍ଡପୀଠ ମିଡିଆୱାନ୍ ନ୍ୟୁଜ୍ ଚ୍ୟାନେଲ ପ୍ରସାରଣ ଉପରେ କଟକଣା ବିରୋଧରେ ଦାଖଲ ଆବେଦନର ଶୁଣାଣି କରିଛନ୍ତି। ଏହି ଅବସରରେ କେନ୍ଦ୍ରର ନିଷ୍ପତ୍ତିକୁ ବଳବତ୍ତର ରଖିଥିବା କେରଳ ହାଇକୋର୍ଟଙ୍କ ରାୟକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ସରକାରୀ ନୀତିଗୁଡ଼ିକ ବିପକ୍ଷରେ ଚ୍ୟାନେଲରେ ପ୍ରକାଶ ପାଉଥିବା ସମାଲୋଚନାକୁ ପ୍ରତିଷ୍ଠିତ କର୍ତ୍ତୃପକ୍ଷ ବା ସରକାର ବିରୋଧୀ ☞ପୃଷ୍ଠା-୨

### କଟକଣା ଅନ୍ତରାଳେ

୨୦୨୨ ଜାନୁୟାରୀ ୩୧ରେ ମିଡିଆୱାନ୍ ଟିଭିର ପ୍ରସାରଣ ଉପରେ କେନ୍ଦ୍ର ସରକାର କଟକଣା ଜାରି କରିଥିଲେ। ଏହି ଚ୍ୟାନେଲରେ ପ୍ରସାରିତ କାର୍ଯ୍ୟକ୍ରମ ଭାରତର ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ସରକାରଙ୍କ ପକ୍ଷରୁ ଯୁକ୍ତି ବଢ଼ାଯାଇଥିଲା। ୨୦୧୯ରେ କେନ୍ଦ୍ର ପକ୍ଷରୁ ୫ ବର୍ଷ ପାଇଁ ବେଆଇନ ଘୋଷିତ ସାମାଜିକ-ଧର୍ମୀୟ ରାଜନୈତିକ ସଙ୍ଗଠନ ଜମାତ୍-ଇ-ଇସ୍‌ଲାମିର କେରଳ ୟୁନିଟ୍ ଉକ୍ତ ଚ୍ୟାନେଲର ପୃଷ୍ଠପୋଷକତା କରୁଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ୨୦୨୨ ଜୁନ୍ ୧ରେ ସୁପ୍ରିମକୋର୍ଟଙ୍କୁ କେନ୍ଦ୍ର ଅବଗତ କରାଇଥିଲା। ୨୦୨୨ ମାର୍ଚ୍ଚ ୨ରେ କେରଳ ହାଇକୋର୍ଟ ମଧ ଜାତୀୟ ସୁରକ୍ଷା ଆଳରେ ମିଡିଆୱାନ୍ ଉପରେ କେନ୍ଦ୍ରର କଟକଣାକୁ ବଳବତ୍ତର ରଖିଥିଲେ। ଏହି ଚ୍ୟାନେଲ ଯୋଗୁ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଥିବା ବିଷୟ କେନ୍ଦ୍ର ପକ୍ଷରୁ ଦାଖଲ କେତେକ ନିର୍ଦ୍ଦିଷ୍ଟ ଗୋପନୀୟ ଫାଇଲରୁ ଜଣାପଡ଼ିଛି ବୋଲି ସେତେବେଳେ ହାଇକୋର୍ଟ କହିଥିଲେ। ମିଡିଆୱାନ୍ ଚ୍ୟାନେଲ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ନ୍ୟୁଜ୍ ଚ୍ୟାନେଲର ଲାଇସେନ୍ସ ନବୀକରଣ କରିବାକୁ କେନ୍ଦ୍ର ଯେଉଁ ଆଧାରରେ ମନା କରିଦେଇଥିଲା, ସେହି ଫାଇଲଗୁଡ଼ିକୁ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏକ ବନ୍ଦ ଲଫାପାରେ ଭର୍ତ୍ତିକରି ଦିଆଯାଇଥିବା ଫାଇଲଗୁଡ଼ିକୁ ଯାଞ୍ଚ କରିବା ପରେ ସୁପ୍ରିମକୋର୍ଟ କଟକଣା ଉପରେ ସ୍ଥଗିତାଦେଶ ଜାରି କରିଥିଲେ। କେବଳ ଏତିକି ନୁହେଁ, କେଉଁ କାରଣରୁ କଟକଣା ଜାରି କରାଯାଇଛି, ତାହା ମିଡିଆୱାନ୍‌କୁ ଜଣାଇଥିଲେ ଉକ୍ତ ଚ୍ୟାନେଲ ନିଜ ସପକ୍ଷରେ ଯୁକ୍ତି ବାଢ଼ିପାରିବ ବୋଲି ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କୌଣସି କାରଣ ବତାଇବାକୁ ମନା କରିଦେଇଥିଲା। ଆବଶ୍ୟକ ହେଲେ ପୁଣି ଥରେ ବନ୍ଦ ଲଫାପାରେ ଫାଇଲଗୁଡ଼ିକୁ ଭର୍ତ୍ତିକରି ଦାଖଲ କରିବ ବୋଲି କେନ୍ଦ୍ର କହିଥିଲା। ପରମ୍ପରା ଅନୁସାରେ ସରକାର ଓ ଏହାର ଏଜେନ୍ସିଗୁଡ଼ିକ ବିଚାରପତିମାନଙ୍କୁ ବନ୍ଦ ଲଫାପାରେ ଦସ୍ତାବିଜ ଦାଖଲ କରିଥାଆନ୍ତି। ଦସ୍ତାବିଜରେ ଥିବା ବିଷୟବସ୍ତୁକୁ ପ୍ରତିବାଦୀ ପକ୍ଷଙ୍କ ସହ ଶେୟାର କରାଯାଇ ନ ଥାଏ। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ଶୁଣାଣି ବେଳେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧକ୍ଷତାରେ ଗଠିତ ଏକ ଖଣ୍ଡପୀଠ 'ସିଲ୍ଡ କଭର୍ସ' ପରମ୍ପରାକୁ ସମାଲୋଚନା କରିଥିଲେ।



କ୍ରିଷ୍ଣା ପଟେଲ



ପଞ୍ଚାୟତ ସାହୁ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି ଅନ୍ତର୍ଯ୍ୟାମୀ ମିଶ୍ର।

# ପଦ୍ମ ପୁରସ୍କାର ଗ୍ରହଣ କଲେ ୩ ଓଡ଼ିଆ

ନୂଆଦିଲ୍ଲୀ,୫।୪

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ୨ୟ ପର୍ଯ୍ୟାୟରେ ୫୬ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ସେଥିମଧ୍ୟରେ ଓଡ଼ିଶାରୁ ମନୋନୀତ ହୋଇଥିବା ୪ଜଣଙ୍କ ମଧ୍ୟରୁ ୩ଜଣ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ସଙ୍ଗୀତ କ୍ଷେତ୍ରରେ କଣ୍ଠଶିଳ୍ପୀ କ୍ରିଷ୍ଣା ପଟେଲ, ସାହିତ୍ୟ ଓ ଶିକ୍ଷା ପାଇଁ ଅନ୍ତର୍ଯ୍ୟାମୀ ମିଶ୍ର ଏବଂ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଞ୍ଚାୟତ ସାହୁ ରାଷ୍ଟ୍ରପତିଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଛନ୍ତି। ଗତ ମାର୍ଚ୍ଚ ୨୨ରେ କାଠ କଣ୍ଢେଇ ଶିଳ୍ପୀ ମାଗୁଣି ଚରଣ କୁଅଁର ରାଷ୍ଟ୍ରପତିଙ୍କଠାରୁ ପଦ୍ମ ପୁରସ୍କାର ଗ୍ରହଣ କରିଥିଲେ। ବୁଧବାର ରାଷ୍ଟ୍ରପତି ଭବନଠାରେ ଆୟୋଜିତ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଲୋକପ୍ରିୟ ଦିବଂଗତ କଣ୍ଠଶିଳ୍ପୀ ବାଣୀ ଜୟରାମଙ୍କ ପଦ୍ମବିଭୂଷଣ ପୁରସ୍କାରକୁ ତାଙ୍କ ଭଉଣୀ ଏବଂ ☞ପୃଷ୍ଠା-୨

# ହିନ୍ଦୋଳ, ଅତାବିରା ଏନ୍‌ଏସି ହାତେଇଲା ବିଜେଡି

## ଅତାବିରାରେ ଭାଜପା, ହିନ୍ଦୋଳରେ କଂଗ୍ରେସ ଖାତା ଖୋଲିପାରିଲେନି



କେଶବ ପ୍ରଧାନ



ବନମାଳୀ ବରିହା

ଭୁବନେଶ୍ୱର,୫।୪(ବ୍ୟୁରୋ)

ଢେଙ୍କାନାଳ ଜିଲାର ହିନ୍ଦୋଳ ଓ ବରଗଡ଼ ଜିଲାର ଅତାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ନିର୍ବାଚନରେ ବିଜେଡି ବାଜି ମାରିନେଇଛି। ବୁଧବାର ଭୋଟଗଣତି ପରେ ଅତାବିରା ଏନ୍‌ଏସିରେ ଅଧ୍ୟକ୍ଷ ପଦ ସହ ୧୨ଟି ୱାର୍ଡରୁ ୧୧ଟିରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଗୋଟିଏ ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେଠାରେ ଭାଜପା ଖାତା ଖୋଲିପାରି ନାହିଁ। ବିଜେଡିର ଅଧ୍ୟକ୍ଷ ପ୍ରାର୍ଥୀ ବନମାଳୀ ବରିହା ତାଙ୍କ ନିକଟତମ ପ୍ରାର୍ଥୀ କଂଗ୍ରେସର ସବିତା ଭୁଏଁଙ୍କଠାରୁ ୪ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି।

ସେହିପରି ହିନ୍ଦୋଳ ଏନ୍‌ଏସିର ୧୬ଟି ୱାର୍ଡରୁ ୧୧ଟିରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ଅଧ୍ୟକ୍ଷ ପଦ ମଧ ବିଜେଡି ହାତେଇଛି। ଭାଜପା ପ୍ରାର୍ଥୀଙ୍କୁ ହରାଇ ବିଜେଡିର କେଶବ ପ୍ରଧାନ ଏନ୍‌ଏସି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ୫ଟି ୱାର୍ଡରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏଠାରେ କଂଗ୍ରେସ ମଧ ଖାତା ଖୋଲିପାରିନାହିଁ।

ଅତାବିରା ଓ ହିନ୍ଦୋଳ ଏନ୍‌ଏସି ନିର୍ବାଚନରେ ବିଜେଡି ବିଜୟ ହାସଲ କରିବା ପରେ କର୍ମୀଙ୍କ ମଧ୍ୟରେ ☞ପୃଷ୍ଠା-୨



ଜାପାନର ଟୋକିଓରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଓଡ଼ିଶା ବିଜ୍‌ନେସ୍ ମିଟ୍ ଅବସରରେ ଟିୱାଇକେ କର୍ପୋରେଶନ ଅଧକ୍ଷ ନୋବୁତାକା ଉଶିଗୋମେଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ରାଜ୍ୟକୁ ଆସିବ ୨୬ ହଜାର କୋଟିର ନିବେଶ

## ଜାପାନ ଶିଳ୍ପପତିଙ୍କୁ ନବୀନଙ୍କ ଆହ୍ୱାନ: ଓଡ଼ିଶା ଆସ, ନିବେଶ କର

ଭୁବନେଶ୍ୱର,୫।୪(ବ୍ୟୁରୋ)

ଜାପାନରୁ ଓଡ଼ିଶାକୁ ଆସିବ ୨୬ ହଜାର କୋଟି ଟଙ୍କାର ନିବେଶ। ଜାପାନରେ ପୁଞ୍ଜିନିବେଶକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୱାନ୍ ଟୁ ୱାନ୍ ଆଲୋଚନା ପରେ ଗ୍ରୀନ୍ ହାଇଡ୍ରୋଜେନ, ଗ୍ରୀନ୍ ଆମୋନିଆ, ଗ୍ରୀନ୍ ଏନର୍ଜି, ଆଇଟି, ଇସ୍ପାତ୍, ମେଟାଲ ଡାଉନଷ୍ଟ୍ରିମ୍ ଆଦି କ୍ଷେତ୍ରରେ ନିବେଶ ପାଇଁ ଏଭଳି ପ୍ରସ୍ତାବ ଆସିଛି। ଓଡ଼ିଶାରେ ପୁଞ୍ଜିନିବେଶର ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହାର ଫାଇଦା ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାପାନ ଶିଳ୍ପ ମହାନାୟକମାନଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା ବେଳେ ଆହ୍ୱାନ ଦେଇଛନ୍ତି।

ରାଜ୍ୟ ସରକାର, ଜାପାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ, ଜାପାନ ଏକ୍ସଟର୍ନାଲ ଟ୍ରେଡ୍ ଅର୍ଗାନାଇଜେଶନ(ଜେଇଟିଆରଓ) ଏବଂ ଫିକିର ମିଳିତ ସହଯୋଗରେ ବୁଧବାର ଟୋକିଓଠାରେ ବିଜ୍‌ନେସ୍ ମିଟ୍-୨୦୨୩ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଭାରତର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ରାଜ୍ୟ ମଧ୍ୟରୁ ଅନ୍ୟତମ। ଗତ ଦେଢ଼ ଦଶନ୍ଧି ଧରି ଓଡ଼ିଶା ଅଭିବୃଦ୍ଧି ନିୟମିତ ଭାବେ ଜାତୀୟ ହାରଠାରୁ ଅଧିକ ରହିଛି। ଏଥିସହିତ ଓଡ଼ିଶା ସମଗ୍ର ଦେଶରେ ଏକ ବୃହତ୍ ଶିଳ୍ପ ହବ୍‌ରେ ପରିଣତ ହୋଇଛି। ଏଠାରେ ପ୍ରଚୁର ପ୍ରାକୃତିକ ସମ୍ପଦ ସହ ଦକ୍ଷ ମାନବ ସମ୍ବଳ, ପ୍ରଗତିଶୀଳ ନୀତି ଏବଂ ଦୃଢ଼ ପ୍ରଶାସନିକ ବ୍ୟବସ୍ଥା ରହିଛି। ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବାରେ ସମଗ୍ର ଦେଶରେ ଓଡ଼ିଶା ଅଗ୍ରଣୀ ରାଜ୍ୟଗୁଡ଼ିକ ☞ପୃଷ୍ଠା-୨

# ମେ' ପହିଲାରୁ ଓବିସି ସର୍ଭେ

ଭୁବନେଶ୍ୱର,୫।୪(ବ୍ୟୁରୋ)

ରାଜ୍ୟରେ ମେ' ପହିଲାରୁ ଓବିସି ବା ପଛୁଆ ବର୍ଗ ସର୍ଭେ ଆରମ୍ଭ ହେବ। ବିହାର ପରେ ଓଡ଼ିଶା ଏହି ପଛୁଆ ବର୍ଗଙ୍କ ସର୍ଭେ କରିବାକୁ ଯାଉଛି। ମେ' ୨୦ରେ ଏହି ସର୍ଭେ ଶେଷ ହେବ। ଏହା ପରେ ମେ' ୨୧ରୁ ୨୭ ତାରିଖ ଯାଏ ସ୍ପେଶାଲ ଡ୍ରାଇଭ ଚାଲିବ। ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ସର୍ଭେ ହେବ। ଏନେଇ ବୁଧବାରଠାରୁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି।

ଅନ୍‌ଲାଇନରେ ଜଣେ ବ୍ୟକ୍ତି ଓଏସ୍‌ସିବିସି ବା ଓବିସି କମିଶନଙ୍କ ୱେବ୍‌ସାଇଟକୁ ଯାଇ ସମସ୍ତ ତଥ୍ୟ ଦେଇ ଆବେଦନ କରିପାରିବେ। ଅଫ୍‌ଲାଇନ ସର୍ଭେ ପାଇଁ ଗାଁ ଏବଂ ୱାର୍ଡରେ ଏନୁମରେଟର ସେଣ୍ଟର ଖୋଲିବ। ଅଙ୍ଗନୱାଡି କିମ୍ବା ସ୍କୁଲ ଘରେ ଏହି ସେଣ୍ଟର ଖୋଲିବ। ଅଫ୍‌ଲାଇନ ସର୍ଭେରେ ଏନୁମରେଟର ଭାବେ ଅଙ୍ଗନୱାଡି କର୍ମୀ ଓ ଶିକ୍ଷକ ନିୟୋଜିତ ହେବେ। ପଞ୍ଜୀକରଣ ପାଇଁ ଆଇସିଡିଏସ୍ ସୁପରଭାଇଜରଙ୍କୁ ଆଧାର, ଭୋଟର କାର୍ଡ, ପାନ୍ କାର୍ଡ କିମ୍ବା ପାସ୍‌ପୋର୍ଟକୁ ଦେଖାଇ ପାରିବେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମସ୍ତ କେନ୍ଦ୍ର ଖୋଲା ରହିବ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ନୂଆ ଏସୀୟ ବ୍ୟବସ୍ଥା**

# ହାତକଡ଼ି ଲଗାଇ ୭ ମାଇଲ ପହଁରି ରେକର୍ଡ

କାଇରୋ, ୫।୪

ବିନା ହାତ ଚାଳନାରେ ପାଣିରେ ପହଁରିବା ପ୍ରାୟତଃ ଅସମ୍ଭବ। କିନ୍ତୁ ଏହାକୁ ସମ୍ଭବ କରିବା ସହ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ନିଜକୁ ସାମିଲ କରିଛନ୍ତି ଇଜିପ୍ଟର ଶେହାବ ଆଲମ। ସେ ହାତରେ ହାତକଡ଼ି ଲଗାଇ ଗୋଟିଏ କିମ୍ବା ଦୁଇ କିଲୋମିଟର ନୁହେଁ, ବରଂ ୭ ମାଇଲ୍ (ପାଖାପାଖି ୧୧ କିଲୋମିଟର) ବାଟ ପହଁରି ରେକର୍ଡ ସୃଷ୍ଟି କରିଛନ୍ତି।

ଆବିଆନ୍ ଗଲ୍ଫରେ ଦୁଇ ହାତରେ



ଶେହାବ ଆଲମ

ହାତକଡ଼ି ଲଗାଇ ଶେହାବ ୬ ଘଣ୍ଟାରେ ୭.୨୩୮ ମାଇଲ୍ ଦୂର ପହଁରିଥିବାବେଳେ ତାଙ୍କୁ କୌଣସି ପ୍ରକାର ବୋଟ୍‌ର ସପୋର୍ଟ ମିଳି ନ ଥିଲା। ଏ ନେଇ ବହୁଦିନ ପୂର୍ବରୁ ଶେହାବ ଅଭ୍ୟାସ ଆରମ୍ଭ କରିଥିଲେ। ପ୍ରତିଦିନ ହାତକଡ଼ି ବାନ୍ଧି ସମୁଦ୍ରରେ କିଛି ଦୂର ପର୍ଯ୍ୟନ୍ତ ସେ ପହଁରିବା ଅଭ୍ୟାସ କରୁଥିବା କହିଛନ୍ତି। କାହାରି ଦୃଷ୍ଟି ଆକର୍ଷଣ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲେ ମଧ ଅଭ୍ୟାସ ସମୟରେ ବେଳାଭୂମିରେ ବୁଲୁଥିବା ଲୋକେ ☞ପୃଷ୍ଠା-୨

# ସଂସ୍କୃତ ପାଇଁ ୬୪୦ କୋଟି ଟଙ୍କା, ଓଡ଼ିଆକୁ ଶୂନ

## ଭାଷାର ବିକାଶ ନେଇ କେନ୍ଦ୍ରର ପାତରଅନ୍ତର

ନୂଆଦିଲ୍ଲୀ, ୫।୪

ଭାରତରେ ୬ଟି ଶାସ୍ତ୍ରୀୟ ଭାଷା ରହିଛି। ସେଗୁଡ଼ିକୁ ହେଲା ତାମିଲ, ତେଲୁଗୁ, ସଂସ୍କୃତ, କନ୍ନଡ଼, ମାଲୟାଲମ୍ ଏବଂ ଓଡ଼ିଆ। ଭାରତର ମାତ୍ର ୧୫ ହଜାର ଲୋକ କହୁଥିବା ସଂସ୍କୃତ ଭାଷାର ବିକାଶ ପାଇଁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୬୪୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ତାମିଲ ଭାଷାର ବିକାଶ ଲାଗି ମାତ୍ର ୨୪ କୋଟି, ତେଲୁଗୁ ପାଇଁ ୩ କୋଟି ଏବଂ କନ୍ନଡ଼ ଭାଷାର ଉନ୍ନତି ସକାଶେ ୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ଏହି ଅବଧି ମଧ୍ୟରେ ଓଡ଼ିଆ ଓ ମାଲୟାଲମ ଭାଷା ପାଇଁ ଟଙ୍କାଏ ମଧ ବ୍ୟୟବରାଦ କରାଯାଇ ନାହିଁ ବୋଲି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି କଂଗ୍ରେସର ରାଜ୍ୟ ସଭା ସଦସ୍ୟ ଜୟରାମ ରମେଶ।

କର୍ଣ୍ଣାଟକରୁ ପାର୍ଲାମେଣ୍ଟର ଉଚ୍ଚ ସଦନରେ ପ୍ରତିନିଧିତ୍ୱ କରୁଥିବା ଜୟରାମ ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ବେଳେ ଗତ ୧୬ ତାରିଖରେ କହିଥିଲେ, ଭାରତର ଅଧିକାଂଶ ଲୋକ ସଂସ୍କୃତ ଭାଷା କୁହନ୍ତି ନାହିଁ। ଏହା ଏକ କଥିତ ଭାଷା ନୁହେଁ। ପୂଜକମାନେ ସଂସ୍କୃତ ବ୍ୟବହାର କରନ୍ତି। ଦେଶର ମୋଟ ୧୫ ହଜାର ଲୋକ ସଂସ୍କୃତ ଭାଷାରେ ଭାବର ଆଦାନପ୍ରଦାନ କରିଥାନ୍ତି। ୨୦୨୨ ଫେବୃୟାରୀ ୩ରେ ☞ପୃଷ୍ଠା-୨

## ସରିଲା ଯୁକ୍ତ ୨ ପରୀକ୍ଷା

ଭୁବନେଶ୍ୱର,୫।୪(ବ୍ୟୁରୋ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ମଙ୍ଗଳବାର ଶେଷ ହୋଇଛି। ମାର୍ଚ୍ଚ ପହିଲାରୁ ଆରମ୍ଭ ହୋଇଥିବା ଏହି ପରୀକ୍ଷାରେ ମୋଟ୍ ୫୭୭ଜଣ କପି କରି ଧରାପଡ଼ିଛନ୍ତି। ଏମାନଙ୍କ ମଧ୍ୟରେ କଳା ବିଭାଗରେ ୨୯୫ ଜଣ, ବାଣିଜ୍ୟରେ ୧୦୪ ଜଣ ଓ ବିଜ୍ଞାନରେ ୧୭୬ଜଣ ରହିଛନ୍ତି। ସେହିପରି ଚଳିତ ବର୍ଷ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ ମଧ୍ୟ ୫୫୯୭ଜଣ ପରୀକ୍ଷା ଦେବାକୁ ଆସି ନ ଥିଲେ। କଳା ବିଭାଗରେ ୩୪୮୯ଜଣ, ବାଣିଜ୍ୟ ବିଭାଗରେ ୯୮୩ଜଣ ଓ ବିଜ୍ଞାନ ବିଭାଗରେ ୧୧୨୫ ଜଣ ଅନୁପସ୍ଥିତ ଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା ଜାଣି ହସି, ଠାଆ ଜାଣି ବସି**
**ଠାଆ ଜାଣି ରୁଷି, ଠାଆ ଜାଣି ଖସି।**

ସ୍ଥାନ, କାଳ, ପାତ୍ର ଦେଖି ହସିବା, ବସିବା, ରୁଷିବା ଏବଂ ଖସି ଆସିବା ନିର୍ଭର କରିଥାଏ। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଳି ଏହାହିଁ ଉଚିତ ପଦକ୍ଷେପ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**କଣ୍ଟାରେ ବସନ ପକାଇ,**
**ଛାଟି ହେଉଛି କାହିଁ ପାଇଁ ?**

ସାଧାରଣତଃ କଳହପ୍ରିୟ ବ୍ୟକ୍ତି କୌଣସି କାରଣ ନ ଥାଇ ଅନ୍ୟ ସହ ଝଗଡାଝାଟି କରୁଥିବାର ଦେଖିବାକୁ ମିଳିଥାଏ। ଏହା ସେମାନଙ୍କର ଏକ ପ୍ରକୃତି ବୋଲି ବୁଝିବାକୁ ହୋଇଥାଏ। ଏପରି ଜାଣିଶୁଣି କଣ୍ଟାବାଡ଼ରେ ଲୁଗା ପକାଇ କଳି କରୁଥିବା ବ୍ୟକ୍ତି ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




# ୮ ଯାଏ ଲାଗିରହିବ ବର୍ଷା

ଭୁବନେଶ୍ୱର,୫।୪(ବ୍ୟୁରୋ)

ବାୟୁମଣ୍ଡଳରେ ରହିଥିବା ୨ଟି ନିମ୍ନ ଚାପରେଖା ପ୍ରଭାବରେ ତାପମାତ୍ରା ବଢ଼ିବା ସହ ଝଡ଼ବର୍ଷା ହେଉଛି। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ବିଜୁଳି ଘଡଘଡି ସାଙ୍ଗକୁ କୁଆପଥର ବର୍ଷା ଲାଗି ରହିବ। ଗୁରୁବାର ରାଜ୍ୟର ୧୬ ଜିଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, କୋରାପୁଟ ଓ ରାୟଗଡାରେ ବିଜୁଳି ଘଡଘଡି ସହ ବର୍ଷା ସାଙ୍ଗକୁ ପବନ ହେବ। ସେହିପରି ଶୁକ୍ରବାର ୨୩ ଜିଲାରେ ଏହାର ପ୍ରଭାବ ଅଧିକ ରହିବ। କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ବଲାଙ୍ଗୀର, ଅନୁଗୁଳ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ କୁଆପଥର ବର୍ଷା ହେବାକୁ ଥିବାବେଳେ କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ମୟୂରଭଞ୍ଜ, ରାୟଗଡ଼ା, ନୂଆପଡ଼ା, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନ ହେବବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ କରାଇଛି। ଅନ୍ୟପକ୍ଷରେ ବୁଧବାର ରାଜ୍ୟର ୩୧ ସହରରେ ପାରଦ ୩୫ ଡିଗ୍ରୀ ଉପରେ ରହିଥିଲା। ୫ ସହରରେ ପାରଦ ୩୮ ଡିଗ୍ରୀ ପାର କରିଥିବାବେଳେ ଝାରସୁଗୁଡ଼ାରେ ସର୍ବାଧିକ ୩୮.୫ ଡିଗ୍ରୀ ରହିଥିଲା। ସେହିପରି ତାଳଚେରରେ ୩୮.୨, ଅନୁଗୋଳ ୩୮.୧ ଡିଗ୍ରୀ ଥିବାବେଳେ ବାରିପଦା ଓ ମାଲକାନଗିରିରେ ପାରଦ ୩୮ ଡିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ୫ଦିନ ରାଜ୍ୟରେ ପାରଦ ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ ଯାଏ ଅଧିକ ରହିବ। ଅପରାହ୍ନରୁ ପାଗ ଆଂଶିକ ମେଘୁଆ ହେବା ସହ ଉପକୂଳବର୍ତ୍ତୀ ଜିଲାରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ଶୀତଳ ଭଣ୍ଡାର ନିର୍ମାଣ ସାଙ୍ଗକୁ ପରିଚାଳନା ପାଇଁ ଗଠନ ହେବ ଉଚ୍ଚସ୍ତରୀୟ କମିଟି

ଭୁବନେଶ୍ୱର, ୫।୪(ବ୍ୟୁରୋ)

ଫସଲ ଅମଳ ପରବର୍ତ୍ତୀ ସୁପରିଚାଳନା, ସଂରକ୍ଷଣ ଏବଂ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରଦାନ ସହ ରାଜ୍ୟରେ ଶୀତଳ ଭଣ୍ଡାର ନିର୍ମାଣ କରିବା ଓ ବ୍ୟବହାରରେ ଉତ୍କର୍ଷ ଆଣିବା ଦିଗରେ ପଦକ୍ଷେପ ନିଆଯାଉଛି। ଏଥିପାଇଁ ଏକ ବିସ୍ତୃତ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଛି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କୃଷିଭବନଠାରେ ବୁଧବାର କୃଷିଜାତ ଦ୍ରବ୍ୟର ସଂରକ୍ଷଣରେ ଉନ୍ନତି ଆଣିବା ସମ୍ପର୍କରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ରାଜ୍ୟରେ ଶୀତଳ ଭଣ୍ଡାରର ସଦ୍ୟତମ ସ୍ଥିତିର ସମୀକ୍ଷା କରାଯାଇଛି। ଶୀତଳ ଭଣ୍ଡାର ନିର୍ମାଣ ଓ ପରିଚାଳନାରେ ଉନ୍ନତି ଆଣିବା ଦିଗରେ ଆବଶ୍ୟକ ପ୍ରସ୍ତାବ ଦେବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ, ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ। ଉକ୍ତ କମିଟି ରାଜ୍ୟର ବିଭିନ୍ନ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଶୀତଳ ଭଣ୍ଡାର ଏବଂ କୋଲ୍ଡ ରୁମ୍ ଆଦିର ସ୍ଥିତି ଅନୁଧ୍ୟାନ କରି ଏ ଦିଗରେ ଆବଶ୍ୟକ ରିପୋର୍ଟ ପ୍ରଦାନ କରିବା ପାଇଁ ସେ କହିଛନ୍ତି। କୃଷି ଉତ୍ପାଦନ ପୁଞ୍ଜି ଥିବା ଅଞ୍ଚଳରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ। ଶୀତଳ ଭଣ୍ଡାର ବ୍ୟବହାର ନିମନ୍ତେ ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ କ୍ଷେତ୍ର ପ୍ରଦର୍ଶନୀର ଆୟୋଜନ କରାଯିବ।

# ବାବନ୍ଧରେ ମାଇହାତୀ ମୃତ

## ମାସକର ହାତୀଛୁଆର ସନ୍ଧାନ ମିଳୁନାହିଁ


ଜଙ୍ଗଲରେ ମରିପଡ଼ିଥିବା ମାଇହାତୀ।


ମୃତ୍ୟୁ ପୂର୍ବରୁ ମା' ନିକଟରେ ଥିବା ଛୁଆ।

ଢେଙ୍କାନାଳ ଅଫିସ, ୫।୪

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଅଧୀନ ବାବନ୍ଧ ସାନସାହି ଗ୍ରାମ୍ୟ ଜଙ୍ଗଲରେ ବୁଧବାର ଏକ ମାଇହାତୀର ମୃତ୍ୟୁ ଘଟିଛି। ଉକ୍ତ ହାତୀ କିଛିଦିନ ହେଲା ଅସୁସ୍ଥ ଥିଲା। ଠିକ୍ ଭାବେ ଚଲାବୁଲା କରିପାରୁ ନ ଥିଲା। ପ୍ରାୟ ୫ଦିନ ହେଲା ବନ କର୍ମଚାରୀ ଏହା ଉପରେ ନଜର ରଖିଥିଲେ। ତେବେ ସକାଳେ ହଠାତ୍ ଏହାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ମାସେ ତଳେ ଉକ୍ତ ହାତୀ ପ୍ରସବ କରିଥିଲା। ଅସୁସ୍ଥ ହାତୀ ପାଖେ ପାଖେ ଛୁଆଟି ବୁଲୁଥିଲା। ତେବେ ମା'ର ମୃତ୍ୟୁ ପରେ ହାତୀଛୁଆର କୌଣସି ସନ୍ଧାନ ମିଳୁନାହିଁ। ବନ କର୍ମଚାରୀମାନେ ତାକୁ ଖୋଜିବା ପାଇଁ ରାତିରେ ସର୍ଚ୍ଚ ଅପରେଶନ ଚଳାଇଛନ୍ତି।

ହାତୀମୃତ୍ୟୁ ସମ୍ପର୍କରେ ସୂଚନା ପାଇ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖଜୁରିଆକଟା ଓ ରାସୋଳରୁ ପ୍ରାଣୀଧନ ଚିକିତ୍ସକମାନେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିଥିଲେ। ହାତୀମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଜଣାପଡ଼ିବ ବୋଲି ଜିଲା ବନଖଣ୍ଡ ଅଧିକାରୀ କହିଛନ୍ତି।

# ଆଇଟିଆଇରେ ଜି-୨୦ ଲୋଗୋ ଉନ୍ମୋଚିତ

ବ୍ରହ୍ମପୁର ଅଫିସ୍,୫।୪

ବ୍ରହ୍ମପୁର ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଜି-୨୦ ଲୋଗୋ ବୁଧବାର ଉନ୍ମୋଚିତ ହୋଇଛି। ଆଇଟିଆଇ ପରିସରରେ ୧୫୦୦ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହି ଲୋଗୋ କରାଯାଇଥିଲା। ଏଥିରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ପାଣିଗ୍ରାହୀ ଜି-୨୦ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହ ଅନୁଷ୍ଠାନରେ ହେଉଥିବା ବିଭିନ୍ନ ପାଠଚକ୍ର, ପ୍ରଦର୍ଶନୀ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପସ ଚୟନ ପ୍ରକ୍ରିୟା ହେବ ବୋଲି କହିଥିଲେ। ଜି -୨୦ ଆମ ଦେଶ ପାଇଁ ଗର୍ବ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଲୋଗୋ ଏକ ଉଦାହରଣ ବୋଲି ଅଧ୍ୟକ୍ଷ କହିଥିଲେ।


ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଜି-୨୦ ଲୋଗୋ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କୌଶଳ ପ୍ରୟୋଗ କରି ମନବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବ। କଳା, ସାହିତ୍ୟ, ଚଳଚ୍ଚିତ୍ର ତଥା ଶିଳ୍ପ, ବାଣିଜ୍ୟରେ ମଧ୍ୟ ଶିଥିଳତା ଦେଖାଦେଇପାରେ।

**ବୃଷ** ଦୀର୍ଘଦିନରୁ ପରିକଳ୍ପନା କରିଥିବା ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ।

**ମିଥୁନ** ପାରିବାରିକ ସମସ୍ୟା କ୍ରମଶଃ ବଳିଯାଉଥିବାରୁ ମନର ଦୁଃଖକୁ ଲୁଚାଇ ରଖି ବନ୍ଧୁମାନଙ୍କ ସମ୍ମୁଖରେ ହସି ହସି କଥା କହିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ମଧ୍ୟସ୍ଥତା କରିବା କିମ୍ବା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ସହକର୍ମୀଙ୍କ ମାଧ୍ୟମରେ ଆଶା କରିଥିବା ଜିନିଷଟି ପାଇ ଖୁସି ହେବେ।

**କର୍କଟ** କର୍ମକ୍ଷେତ୍ରରେ ଜଣେ ବିଶ୍ୱସ୍ତ କର୍ମଚାରୀଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପ୍ରଶାସନିକ ସ୍ତରରେ ଏପରିକି ଶିଳ୍ପ, ବାଣିଜ୍ୟରେ ମଧ୍ୟ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଆକସ୍ମିକ ସ୍ଥାନାନ୍ତର ସୂଚନା ମନକୁ ଭାରାକ୍ରାନ୍ତ କରିପାରେ।

**ସିଂହ** ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। କର୍ମକ୍ଷେତ୍ରରେ ବନ୍ଧୁମାନଙ୍କୁ ମଧୁର ବାକ୍ୟ କହି ନିଜର କାର୍ଯ୍ୟ ହାସଲ କରିନେବେ। ନିଜର ଦକ୍ଷତା ବଳରେ ସାମାଜିକ ସ୍ତରରେ ସମ୍ମାନଲାଭ କରିବେ। ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା** କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ନିର୍ମାଣ, ଯୋଗାଯୋଗ, ସଂଗଠନ, ପ୍ରଶାସନ ସମସ୍ୟା ମୁକ୍ତ ରହିବ। ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ଜଣେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ଜମିଜମା, କଚେରି ମାମଲା, ଧର୍ମକାର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ।

**ତୁଳା** ସଭାସମିତିରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। ପାରିବାରିକ ଅଶାନ୍ତି କାରଣରୁ ଅନ୍ୟମନସ୍କ ରହିପାରନ୍ତି।

**ବିଛା** ସାଧାରଣ ମତାନ୍ତରଜନିତ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ମାଙ୍ଗଳିକ କାର୍ଯ୍ୟ ସକାଶେ ନିଜର ଆତ୍ମୀୟଙ୍କ ସହ ଆଲୋଚନା କରିପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ଜମିଜମା ବିବାଦର ଆଶୁ ଅବସାନ ଘଟିବ। ଯାତ୍ରା କାଳରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି।

**ଧନୁ** ଆପୋସ ଆଲୋଚନା ଦ୍ୱାରା ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ଉତ୍ତରାଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ଲାଗି କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ଅଟକିବାର ଆଶଙ୍କା ରହିଛି। ନିର୍ମାଣାଧୀନ କାମ ଅର୍ଥାଭାବ ଯୋଗୁ ଅଟକିବାରୁ ବିଚଳିତ ହେବେ।

**ମକର** ମତାନ୍ତର ହେତୁ ପରିବାରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। କଳା, ସାହିତ୍ୟ, ଆନୁଷ୍ଠାନିକ କାମ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟିହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହି ସମାଲୋଚିତ ହେବେ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। କର୍ମକ୍ଷେତ୍ରରେ ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଚିନ୍ତାକରିଥିବା କାମଟି ହଠାତ୍ ହୋଇଯିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତି ରହିପାରେ।

**ମୀନ** ଶାରୀରିକ ସୁସ୍ଥତା ରହିଲେ ମଧ୍ୟ ଟେନ୍ସନ ଜମା ଛାଡ଼ିବ ନାହିଁ। ବନ୍ଧୁମାନଙ୍କ ପରାମର୍ଶକୁ ଅନୁଧ୍ୟାନ କରି ସମସ୍ୟା ସମାଧାନକରିବାରେ ସମର୍ଥ ହେବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ରାଜନୈତିକ ସ୍ଥିତି ପ୍ରତି କୌଣସି ସମସ୍ୟାର ସୁରାକ ପାଇ କୂଟନୀତିରେ କାର୍ଯ୍ୟ ସାଧନ କରିବେ।

ଆଜି ଚୈତ୍ରପୂର୍ଣ୍ଣିମା ଗୁରୁବାର, ବୈଶାଖ ବ୍ରତ ଆରମ୍ଭ, ଏପ୍ରିଲ ୬ ତାରିଖ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ଦିବା ଘ.୧୨।୪୦ ଗତେ ଚିତ୍ରା ନକ୍ଷତ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୦ ଗତେ ଘ.୦୭।୧୮ ମଧ୍ୟେ, ଘ.୧୦।୩୫ ଗତେ ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୧ ଗତେ ଘ.୦୨।୫୩ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ସରକାରଙ୍କୁ ସମାଲୋଚନା...

ବୋଲି କୁହାଯାଇପାରିବ ନାହିଁ। କାରଣ ମଜଭୁତ ଗଣତନ୍ତ୍ର ପାଇଁ ଏକ ସ୍ୱାଧୀନ ପ୍ରେସ୍ ଅପରିହାର୍ଯ୍ୟ। କ୍ଷମତାରେ ଥିବା ଲୋକଙ୍କୁ ସତ କହିବା ଏବଂ ନାଗରିକମାନଙ୍କ ବାସ୍ତବତାକୁ ଉପସ୍ଥାପନ କରିବା ହେଉଛି ଗଣମାଧ୍ୟମର ଦାୟିତ୍ୱ। ଏପରି କରିବା ଦ୍ୱାରା ଗଣତନ୍ତ୍ର ଉଚିତ ଦିଗରେ ଗତିଶୀଳ ହେଉଛି ବୋଲି ଧରାଯାଇଥାଏ। ଅନ୍ୟପକ୍ଷେ ଗଣମାଧ୍ୟମର ସ୍ୱାଧୀନତା ଉପରେ କଟକଣା ଲଗାଇବା ଦ୍ୱାରା ନାଗରିକମାନଙ୍କ ଚିନ୍ତାଧାରା ମଧ୍ୟ ଅନୁରୂପ ଭାବେ ସୀମିତ ହୋଇଯାଇଥାଏ। ସାମାଜିକ, ଅର୍ଥନୈତିକ, ରାଜନୈତିକ ସହଜାତୀୟ ମତାମତ ଗଣତନ୍ତ୍ର ପାଇଁ ବଡ଼ ବିପଦ ସୃଷ୍ଟି କରିବ। ଏକ ଚ୍ୟାନେଲର ଲାଇସେନ୍ସ ନବୀକରଣ ନ କରିବା ହେଉଛି ଅଭିବ୍ୟକ୍ତି ସ୍ୱାଧୀନତା ଉପରେ କଟକଣା ସଦୃଶ। ମିଡିଆୱାନ୍‌ର ଶେୟାରହୋଲ୍ଡର୍ସଙ୍କ ସମ୍ପର୍କ ଜମାତ୍-ଇ-ଇସ୍‌ଲାମି ସହ ରହିଥିବା ଦର୍ଶାଇ ଚ୍ୟାନେଲର ଅଧିକାରକୁ ସଙ୍କୁଚିତ କରିଦେବା ଅବୈଧ। ନାଗରିକମାନଙ୍କୁ ଆଇନ ପ୍ରଦତ୍ତ ବିଭିନ୍ନ ସୁବିଧାରୁ ବଞ୍ଚିତ କରିବା ପାଇଁ ଜାତୀୟ ସୁରକ୍ଷାକୁ ରାଷ୍ଟ୍ର ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛି। ସୁରକ୍ଷା କାରଣ ପ୍ରଘଟ ନ କରିବା ଏବଂ ସେନେଇ କେବଳ ବନ୍ଦ ଲଫାପାରେ କୋର୍ଟଙ୍କୁ ଜଣାଇବା ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତକୁ ଉଲ୍ଲଂଘନ କରିଛି ବୋଲି ଜଷ୍ଟିସ୍ କୋହଲି କହିଛନ୍ତି। ପ୍ରକାଶ ଯେ, ଗତ ମାର୍ଚ୍ଚ ୧୫ରେ ସୁପ୍ରିମକୋର୍ଟ ଏକ ଅନ୍ତରୀଣ ରାୟ ଦେଇ ମିଡିଆୱାନ୍ କଟକଣା ଉପରେ ସ୍ଥଗିତାଦେଶ ଜାରି କରିଥିଲେ।

## ମେ' ପହିଲାରୁ...

ଭୁବନେଶ୍ୱରରେ ୧୦୧ କେନ୍ଦ୍ରରେ ସର୍ଭେ କାର୍ଯ୍ୟ ହେବ। ମୋଟ ୨୦୮ ବର୍ଗଙ୍କୁ ପଛୁଆ ବର୍ଗ ଭାବେ ସର୍ଭେରେ ସ୍ଥାନ ଦିଆଯିବ। ଅଫ୍‌ଲାଇନ ସର୍ଭେ ପାଇଁ ସହରାଞ୍ଚଳରେ ମାଷ୍ଟର ଟ୍ରେନରଙ୍କ ତାଲିମ ଶେଷ ହୋଇଛି। ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ମାଷ୍ଟର ଟ୍ରେନରମାନେ ଏନୁମରେଟର ଏବଂ ସୁପରଭାଇଜରଙ୍କୁ ୬ରୁ ୧୩ ତାରିଖ ଭିତରେ ପ୍ରଥମ ପର୍ଯ୍ୟାୟ ତାଲିମ ଦେବେ। ଦ୍ୱିତୀୟ ପର୍ଯ୍ୟାୟ ତାଲିମ ୧୮ରୁ ୨୪ ମଧ୍ୟରେ ଦିଆଯିବ।

## ପଦ୍ମ ପୁରସ୍କାର...

ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମୁଲାୟମ ସିଂ ଯାଦବଙ୍କ ପାଇଁ ତାଙ୍କ ପୁତ୍ର ଅଖିଳେଶ ଯାଦବ ପଦ୍ମ ବିଭୂଷଣ ପୁରସ୍କାର ଗ୍ରହଣ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଗତ ଜାନୁୟାରୀ ୨୫ ତାରିଖରେ ୬ ଜଣ ପଦ୍ମବିଭୂଷଣ, ୯ ଜଣ ପଦ୍ମଭୂଷଣ, ୯୧ ଜଣ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ଏହି ମର୍ଯ୍ୟାଦାଜନକ ସମ୍ମାନ ପାଇଁ ସମ୍ମାନିତ ହୋଇଥିବା ମୋଟ ୧୦୬ଜଣଙ୍କ ମଧ୍ୟରୁ ୧୯ଜଣ ମହିଳା ଅଛନ୍ତି। ଓଡ଼ିଶାରୁ ୪ ଜଣଙ୍କ ନାମ ପଦ୍ମଶ୍ରୀ ପୁରସ୍କାର ପାଇଁ ଘୋଷଣା କରାଯାଇଥିଲା। ଓଡ଼ିଆ ସାହିତ୍ୟ, ସଂସ୍କୃତି, ଇତିହାସ, ଭାଷାତତ୍ତ୍ୱ ଓ ବ୍ୟାକରଣ ଆଦି କ୍ଷେତ୍ରରେ ଅଧ୍ୟୟନ, ଗବେଷଣା, ପ୍ରବନ୍ଧ ଲିଖନ, ପୁସ୍ତକ ପ୍ରକାଶନ ଆଦିରେ ମିଶ୍ରଙ୍କର ବଳିଷ୍ଠ ଅବଦାନ ରହିଛି। ତାଙ୍କର ୩୦ ଖଣ୍ଡରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇଛି। ୨୦୧୯ରେ ସେ ରାଷ୍ଟ୍ରପତି ପୁରସ୍କାରରେ ସମ୍ମାନିତ ହୋଇଥିଲେ। କଳା କ୍ଷେତ୍ରରେ ଅବଦାନ ପାଇଁ ସମ୍ବଲପୁରର ପଟେଲ ସମ୍ମାନ ପାଇଛନ୍ତି। ସେ ପ୍ରସିଦ୍ଧ ସଙ୍ଗୀତ ରଙ୍ଗବତୀ ଗୀତର ଗାୟିକା। ସେହିପରି କୃଷି କ୍ଷେତ୍ରରେ ଅବଦାନ ପାଇଁ କଳାହାଣ୍ଡିର ସାହୁ ବିଲୁପ୍ତ ହୋଇଯାଉଥିବା ଔଷଧୀୟ ବୃକ୍ଷରାଜିକୁ ସେ ସଂରକ୍ଷଣ କରନ୍ତି। ୬୫ ଡିସିମିଲ ଜାଗାରେ ୨୫୦୦ରୁ ଊର୍ଦ୍ଧ୍ୱ ଔଷଧୀୟ ବୃକ୍ଷ ଲଗାଇ ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଔଷଧୀୟ ବୃକ୍ଷ ଲଗାଇବା ସହିତ ବୈଦ୍ୟ କାମ କରି ଲୋକଙ୍କୁ ସେବା ଯୋଗାଇଥାନ୍ତି। ସେହିପରି କେନ୍ଦୁଝରର କୁଅଁର କାଠି କଣ୍ଢେଇ ନୃତ୍ୟ ପାଇଁ ପରିଚିତି ହାସଲ କରିଛନ୍ତି।

## ହିନ୍ଦୋଳ, ଅତାବିରା...

ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ବିଜେଡି କର୍ମୀମାନେ ନାଚି ଓ ପରସ୍ପରକୁ ମିଠା ଖୁଆଇ ଉତ୍ସାହ ମନାଇଛନ୍ତି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ଅତାବିରା ଓ ହିନ୍ଦୋଳ ଏନ୍‌ଏସି ପାଇଁ ଭୋଟଗ୍ରହଣ ହୋଇଥିଲା। ଏହି ବିଜୟ ପରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଟୁଇଟ୍ କରି ସହରବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ଟୁଇଟରରେ ଲେଖିଛନ୍ତି, ମୁଖ୍ୟମନ୍ତ୍ରୀ ଓ ବିଜୁ ଜନତା ଦଳ ଉପରେ ପୁନର୍ବାର ଆସ୍ଥାପ୍ରକଟ କରି ଅତାବିରା ଓ ହିନ୍ଦୋଳରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇଥିବାରୁ ମୁଁ ଓ ପ୍ରିୟ ମୁଖ୍ୟମନ୍ତ୍ରୀ ଉଭୟ ସହରବାସୀଙ୍କୁ ଅନ୍ତରର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜ୍ଞାପନ କରୁଛୁ।

## ହାତକଡ଼ି ଲଗାଇ...

ତାଙ୍କୁ କୌତୂହଳର ସହ ଦେଖୁଥିବା ସେ କହିଛନ୍ତି। ହାତକଡ଼ି ବାନ୍ଧି ପହଁରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିବା ପରେ ସେ ସୁପର୍ ହିରୋ ଭଳି ଅନୁଭବ କରିଥିବା କହିଛନ୍ତି। ଶେହାବ ଦୀର୍ଘ ଦିନ ପର୍ଯ୍ୟନ୍ତ ନିଜ ରେକର୍ଡକୁ ଜାରି ରଖିବେ ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ଗିନିଜ୍ ୱାର୍ଲ୍ଡ ରେକର୍ଡ ସାର୍ଟିଫିକେଟ୍ ହାତକୁ ନ ଆସିବା ପର୍ଯ୍ୟନ୍ତ ତାଙ୍କ ମିଶନ୍ ସଫଳ ହୋଇ ନାହିଁ। ଶେହାବଙ୍କ ମତରେ ପୂର୍ବରୁ ସେ ଯେଉଁସବୁ ରେକର୍ଡ ହାସଲ କରିଛନ୍ତି, ସେସବୁ ସେତିକି ଖୁସି ଦେଇନାହିଁ ଯେତିକି ଗିନିଜ୍ ୱାର୍ଲ୍ଡ ରେକର୍ଡସ୍ ଦେଇଛି। ଶେହାବ ଅନେକ ଯୁବପିଢ଼ିଙ୍କ ପାଇଁ ଏକ ନୂଆ ଆଶା ଏବଂ ଉତ୍ସାହର ମାଧ୍ୟମ ପାଲଟିଛନ୍ତି। ଖାଲି ସେତିକି ନୁହେଁ, ସନ୍ତରଣକୁ ନେଇ ତାଙ୍କ ମଧ୍ୟରେ ଥିବା କଳା ଓ କୌଶଳ ଦୀର୍ଘସ୍ଥାୟୀ ହେବା ସହ ସେ ନିଜ ରେକର୍ଡକୁ ବଜାୟ ରଖିବେ ବୋଲି ଗିନିଜ୍ ୱାର୍ଲ୍ଡ ରେକର୍ଡସ୍ ପକ୍ଷରୁ କୁହାଯାଇଛି।

## ରାଜ୍ୟକୁ ଆସିବ...

ମଧ୍ୟରେ ରହିଛି। ଇଜ୍ ଅଫ୍ ଡୁଇଂ ବିଜ୍‌ନେସ ର୍ୟାଙ୍କିଂରେ ଓଡ଼ିଶା ଆଗରେ ରହିଛି। ଓଡ଼ିଶା ସରକାର ଶିଳ୍ପଗୁଡ଼ିକୁ ସମସ୍ତ ସୁବିଧାସୁଯୋଗ ଦେବା ସହ ପୂର୍ବ ଓ ଉତ୍ତର ପୂର୍ବ ଭାରତ ସହ ଆସୋସିଏଶନ ଅଫ୍ ସାଉଥ ଇଷ୍ଟ ଏସିଆନ ନେଶନ ଏବଂ ପୂର୍ବ ଏସିଆ ଅଞ୍ଚଳରେ ସ୍ୱତନ୍ତ୍ର ବଜାର ସୃଷ୍ଟି କରିପାରିଛି। ନୂଆ ଶିଳ୍ପ ଯୁଗରେ ପ୍ରବେଶ କରୁଥିବାରୁ ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରିଛୁ। ସ୍ଥିର ଅଭିବୃଦ୍ଧି ପାଇଁ ସରକାର, ଶିଳ୍ପ ଏବଂ ଲୋକଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି। ବହୁମୂଲ୍ୟ ସଂସ୍କୃତି ଓ ପରମ୍ପରା ପାଇଁ ଓଡ଼ିଶା ବେଶ୍ ପରିଚିତ। ଓଡ଼ିଶାରେ ପୁଞ୍ଜିବିନିଯୋଗ ପାଇଁ ଆସିଥିବା ନିବେଶକଙ୍କୁ ରାଜ୍ୟ ସରକାର ସବୁଠାରୁ ଉତ୍ତମ ସୁବିଧା ସୁଯୋଗ ପ୍ରଦାନ କରିଛନ୍ତି। ସାଂସ୍କୃତିକ ଐତିହ୍ୟର ସୁରକ୍ଷା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଧଉଳି,ଉଦୟ ଗିରି, ରତ୍ନଗିରି ଏବଂ ଲଳିତଗିରିର ରୂପାନ୍ତରଣ କରାଯାଇଛି। ଓଡ଼ିଶା ଆସି ଏହି ପରିବର୍ତ୍ତନର ସ୍ୱାଦ ଚାଖିବା ସହ ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ଜାପାନ ଶିଳ୍ପପତିଙ୍କୁ ଆହ୍ୱାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିବେଶକାରୀଙ୍କ ସହିତ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି। ଏଥିସହିତ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଜାଇକାର ବରିଷ୍ଠ ଅଧିକାରୀଙ୍କ ସହ ଓଡ଼ିଶାରେ ଚାଲୁ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜାପାନ ଏବଂ ଇଣ୍ଡୋ ପାସିଫିକ୍ ଅଞ୍ଚଳରୁ ୨୦୦ରୁ ଊର୍ଦ୍ଧ୍ୱ ନିବେଶକାରୀ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ସମଗ୍ର ଦେଶରେ ଏକ ପୁଞ୍ଜିନିବେଶକାରୀ ସ୍ଥଳରେ ପରିଣତ ହୋଇଛି। ଓଡ଼ିଶାରେ ପୁଞ୍ଜିନିବେଶ କରିବା ପାଇଁ ସେ ନିବେଶକାରୀଙ୍କୁ ଆମନ୍ତ୍ରଣ କରିଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ନିବେଶକାରୀଙ୍କୁ ସ୍ୱାଗତ କରିବା ସହ ଓଡ଼ିଶା କିପରି ପୁଞ୍ଜିନିବେଶ ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିପାରିଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ଜେଇଟିଆରଓ ଏକ୍‌ଜିକ୍ୟୁଟିଭ ଭାଇସ୍ ପ୍ରେସିଡେଣ୍ଟ କାଜୁୟା ନକାଜୋ ଭାରତ ଓ ଜାପାନ ମଧ୍ୟରେ ଭବିଷ୍ୟତ ବ୍ୟବସାୟିକ ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କ୍ରୋସାକି ହରିମା କର୍ପୋରେଶନ ନିର୍ଦ୍ଦେଶକଙ୍କୁ ଭେଟିବା ସହ ଏସିଆ ପାସିଫିକ୍ ଉପାଧ୍ୟକ୍ଷ କୋଇଚିରୋ କିମୁରାଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଏଥିସହିତ ସେ ଜାପାନରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

## ସଂସ୍କୃତ ପାଇଁ ୬୪୦...

ଲୋକ ସଭାରେ ଏକ ଅଣତାରକା ପ୍ରଶ୍ନ (ନଂ.୧୭୧) କରାଯାଇଥିଲା। ସଂସ୍କୃତ ଏବଂ ଅନ୍ୟ ଭାରତୀୟ ଶାସ୍ତ୍ରୀୟ ଭାଷାଗୁଡ଼ିକ ପାଇଁ ଗତ ୩ ବର୍ଷ ମଧ୍ୟରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ପ୍ରଶ୍ନ କରାଯାଇଥିଲା। ମନ୍ତ୍ରୀଙ୍କଠାରୁ ମିଳିଥିବା ଉତ୍ତରକୁ ମୁଁ ଗୃହରେ ଶେୟାର କରିବା ପାଇଁ ଚାହୁଁଛି। କାରଣ ସଂସ୍କୃତକୁ ଅତ୍ୟଧିକ ଗୁରୁତ୍ୱ ଦିଆଯାଉଥିବାରୁ ଆମେ ବିପଦରେ ପଡ଼ିଯାଇଛୁ। ଭାରତ ସରକାର ଗତ ୩ ବର୍ଷ ମଧ୍ୟରେ ସଂସ୍କୃତ ଭାଷାକୁ ଲୋକପ୍ରିୟ କରାଇବା ପାଇଁ ୬୪୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। କିନ୍ତୁ ଅନ୍ୟ ଶାସ୍ତ୍ରୀୟ ଭାଷାଗୁଡ଼ିକ ଉପରେ ଖର୍ଚ୍ଚ କରାଯାଇଥିବା ଅର୍ଥ ଅତି ନଗଣ୍ୟ। କେନ୍ଦ୍ରର ଏପରି ପାତରଅନ୍ତର ନୀତିକୁ ଜୟରାମ ନିନ୍ଦା କରିଛନ୍ତି।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବୁଧବାର ରାଷ୍ଟ୍ରପତି ଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଆରିଲ୍ ଚେ ସତପଥୀ।

# ଶିକ୍ଷକଙ୍କ ଉପରେ ଅଙ୍କୁଶ, ଛୁଟି ନ ଦେବାକୁ ଚିଠି

**ସରକାରୀ ହାଇସ୍କୁଲ ଶିକ୍ଷକଙ୍କ ଆନ୍ଦୋଳନ ପ୍ରସଙ୍ଗ**

ଭୁବନେଶ୍ୱର,୫।୪(ବ୍ୟୁରୋ)

ରାଜ୍ୟର ସରକାରୀ ହାଇସ୍କୁଲରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ଦୀର୍ଘଦିନ ଧରି ସ୍ଥାୟୀ ନିଯୁକ୍ତି ଦାବି କରିଆସୁଛନ୍ତି। ଏହି କ୍ରମରେ ଗତ ୧ ତାରିଖରେ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ଓ ୩ ତାରିଖରେ ଓଡ଼ିଶା ସରକାରୀ ହାଇସ୍କୁଲ ସିବିଟି ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଅଶ୍ୱଥି ଏସ୍‌ଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ସଚିବ ଅଶ୍ୱିନୀ ମିଶ୍ର ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ୬ଜଣିଆ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଓଡ଼ିଶା ସରକାରୀ ହାଇସ୍କୁଲ ସିବିଟି ଶିକ୍ଷକ ସଂଘର ୧୦ ଜଣିଆ ପ୍ରତିନିଧି ଦଳ ସହ ଆଲୋଚନା କରି ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ଦିନ ପରେ ଦିନ ଗଡ଼ି ଚାଲିଥିବାବେଳେ, ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ ସ୍ଥାୟୀ ନିଯୁକ୍ତି ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଉନାହିଁ। ତେବେ ବିଜ୍ଞପ୍ତି ନ ବାହାରିବା ଯାଏ ଆନ୍ଦୋଳନ ପ୍ରତ୍ୟାହାର ନ କରିବା ଜିଦରେ ଅଟଳ ଥିବା ଶିକ୍ଷକଙ୍କ ଉପରେ ବର୍ତ୍ତମାନ ଉପରସ୍ତରରୁ ଚାପ ପଡୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏପରିକି ସରକାରୀ ସ୍ତରରେ ମଧ୍ୟ ଅଙ୍କୁଶ ଲଗାଯାଇଛି। ଏନେଇ ବିଭିନ୍ନ ଜିଲା ଶିକ୍ଷାଧିକାରୀ ସଂପୃକ୍ତ ଜିଲାର ପ୍ରଧାନଶିକ୍ଷକଙ୍କୁ ଚିଠି ଲେଖିଛନ୍ତି। ବର୍ତ୍ତମାନ ଶିକ୍ଷକମାନଙ୍କୁ ଛୁଟି ପ୍ରଦାନ ନ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ନୂତନ ଶିକ୍ଷାବର୍ଷ ଆରମ୍ଭ ହେଉଥିବାରୁ ଶିକ୍ଷକମାନେ ବିଦ୍ୟାଳୟରେ ରହିବା ଜରୁରୀ ବୋଲି ଚିଠିରେ ଦର୍ଶାଯାଇଛି। ମାତ୍ର ଏହାର ମୁଖ୍ୟ ଉଦ୍ଦେଶ୍ୟ ଶିକ୍ଷକମାନଙ୍କୁ ଆନ୍ଦୋଳନରୁ ବିରତ ରଖିବା ବୋଲି ଆନ୍ଦୋଳନକାରୀ ଶିକ୍ଷକମାନେ କହିଛନ୍ତି। ସେହିପରି ପୂର୍ବରୁ ଆନ୍ଦୋଳନରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ନାମ ଓ ଛୁଟି ନେଇଥିବା ତାରିଖ ସମ୍ପର୍କରେ ସୂଚନା ଦେବାକୁ କୁହାଯାଇଛି। ସଂପୃକ୍ତ ଶିକ୍ଷକ ଛୁଟି ପାଇଁ ପୂର୍ବରୁ ଆବେଦନ କରିଥିଲେ କି ନାହିଁ, ଯଦି ଆବେଦନ କରିଥିଲେ ପ୍ରଧାନ ଶିକ୍ଷକ ଏ ଦିଗରେ ଅବଗତ ଥିଲେ କି ନାହିଁ ସେ ସମ୍ପର୍କରେ ସୂଚନା ଦେବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷକଙ୍କ ଛୁଟି ନେବା ଦିଗରେ ନାନା ପ୍ରଶ୍ନ ଉଠାଇ ସେମାନଙ୍କ ସ୍ୱର ଚାପିବାକୁ ଉଦ୍ୟମ ହେଉଥିବା କୁହାଯାଇଛି। ବଢୁଥିବା ଚାପ କାରଣରୁ ଲୋୟର ପିଏମଜିରୁ ଆନ୍ଦୋଳନରତ ଅନେକ ଶିକ୍ଷକଶିକ୍ଷୟିତ୍ରୀ ଘରକୁ ଫେରୁଛନ୍ତି। ଆନ୍ଦୋଳନକାରୀ ଧାରଣାସ୍ଥଳରୁ ବାହୁଡ଼ିଗଲେ ସରକାର ମଧ୍ୟ ନିଜ ପ୍ରତିଶ୍ରୁତିରୁ ଓହରିଯିବେ ବୋଲି ଶିକ୍ଷକମାନେ ଆଶଙ୍କା କରୁଛନ୍ତି। ବୁଧବାର ସନ୍ଧ୍ୟା ସୁଦ୍ଧା ଆନ୍ଦୋଳନ ପ୍ରତ୍ୟାହାର ହୋଇ ନ ଥିବାବେଳେ ଗୁରୁବାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ନେଇ ସେମାନେ ଆଶାବ୍ୟକ୍ତ କରିଛନ୍ତି।

# ମା' ଆଗରେ ବୁଡ଼ିଗଲା ୧୨ବର୍ଷର ପୁଅ

ଗୋପ,୫।୪(ଡି.ଏନ୍.ଏ.)

ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ନାଗପୁରସ୍ଥିତ କୁଶଭଦ୍ରା ନଦୀରେ ବୁଧବାର ଏକ ଅଘଟଣ ଘଟିଛି। ଜଣେ ମା' ଆଗରେ ୧୨ବର୍ଷର ତାଙ୍କ ପୁଅ ନଦୀରେ ବୁଡ଼ି ମୃତ୍ୟୁ ହୋଇଛି। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ପ୍ରାୟ ୩ ଘଣ୍ଟା ପରେ ନାବାଳକଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ମୃତକଙ୍କୁ ଗୋପ ଡାକ୍ତରଖାନା ନେଇଥିବା ବେଳେ ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ଏକ ମାମଲା(ନଂ.୯/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତକ ହେଲେ ଉକ୍ତ ଥାନା ଅନ୍ତର୍ଗତ ନାଗପୁର ଖରିଦାସାହି ଗ୍ରାମର ଅକ୍ଷୟ କୁମାର ମାଣିକଙ୍କ ଏକ ମାତ୍ର ପୁଅ ଓମପ୍ରକାଶ (୧୨)। ସୂଚନା ଅନୁଯାୟୀ, ଓମ ପ୍ରକାଶ ନୂଆହାଟ ନିକଟସ୍ଥ କୁଣ୍ଡେଶ୍ୱର ପାଟେଣା ମାମୁ ଘରେ ରହି ପାଠ ପଢୁଥିଲେ। ଷଷ୍ଠ ଶ୍ରେଣୀ ପାସ୍ କରିବା ପରେ ନାଗପୁର ସ୍କୁଲରେ ସପ୍ତମ ଶ୍ରେଣୀରେ ପାଠ ପଢିଥାନ୍ତେ। ବୁଧବାର ମଧ୍ୟାହ୍ନରେ ମା' ପ୍ରତିଦିନ ପରି ନିକଟସ୍ଥ କୁଶଭଦ୍ରା ନଦୀକୁ ଗାଧୋଇବାକୁ ଯିବାବେଳେ ପୁଅ ଓମପ୍ରକାଶ ମାଙ୍କ ସହିତ ଗାଧେଇବାକୁ ନଦୀକୁ ଯାଇଥିଲେ। ମା' ଲୁଗାପଟା ସଫା କରୁଥିବା ବେଳେ ପୁଅ ନଦୀରେ ଗାଧୋଉ ଥିଲେ। ହେଲେ ହଠାତ୍ ଗୋଡ ଖସିଯିବାରୁ ଓମପ୍ରକାଶ ନଦୀରେ ବୁଡ଼ି ଯାଇଥିଲେ। ପୁଅ ବୁଡ଼ି ଯାଉଥିବା ଦେଖି ମା ପାଟି କରିବାରୁ ସ୍ଥାନୀୟ ଲୋକ ଆସିବା ମଧ୍ୟରେ ବାଳକ ବୁଡ଼ି ଯାଇଥିଲେ। ଖବରପାଇ ଗୋପ ଓ ନିମାପଡ଼ା ଅଗ୍ନିଶମ ବିଭାଗକୁ ଜଣାଇଥିବା ବେଳେ କେଉଁଠି ବି ଗାଡ଼ି ନ ଥିବାରୁ ଶେଷରେ କୋଣାର୍କ ନିକଟସ୍ଥ ଚମ୍ପାହାରଠାରେ ଥିବା ଅଗ୍ନିଶମ ଗାଡ଼ି ପହଞ୍ଚି ୩ଘଣ୍ଟା ପରିଶ୍ରମ କରି ଓମପ୍ରକାଶଙ୍କ ମୃତଦେହ ଉଦ୍ଧାର କରିଥିଲେ। ଓମ୍‌ପ୍ରକାଶଙ୍କ ପରିବାର ଜଣେ ଗରିବ ଶ୍ରେଣୀର ହୋଇଥିବା ବେଳେ ସରକାରୀ ସହାୟତା ଯୋଗାଇ ଦେବାକୁ ନାଗପୁର ସରପଞ୍ଚ ଦାବି କରିଛନ୍ତି।

# ଟ୍ରକ୍ ପଛରେ ପିଟିହେଲା ଟ୍ରେଲର: ୨ ଡ୍ରାଇଭରଙ୍କ ମୃତ୍ୟୁ

- ଗାଡ଼ି ଭିତରେ ଜଳିଗଲେ ଟ୍ରେଲର ଚାଳକ
- ମେଡିକାଲ ଯିବା ବାଟରେ ଟ୍ରକ୍ ଚାଳକ ଆଖି ବୁଜିଲେ

ଧର୍ମଶାଳା,୫।୪(ଡି.ଏନ୍.ଏ.)

ରାଜ୍ୟରେ ଚଳିତବର୍ଷ ବହୁ ଦୁର୍ଘଟଣା ଘଟୁଥିବାରୁ ଲୋକଙ୍କୁ ସଚେତନ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରାଯାଉଛି। ମାତ୍ର ଶୂନ୍ୟ ମୃତ୍ୟୁ ସପ୍ତାହ ଚାଲିଥିଲେ ବି ଦୁର୍ଘଟଣା ଥମିବାର ନାଁ ଧରୁନାହିଁ। ବୁଧବାର ଭୋର୍ ସମୟରେ ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଭାଲୁଖାଇ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଟ୍ରେଲର ଚାଳକ ଜଳିଯାଇଥିବାବେଳେ ଦୁର୍ଘଟଣାଗ୍ରସ୍ତ ଅନ୍ୟ ଏକ ଟ୍ରକ୍‌ର ଚାଳକଙ୍କ ମୃତ୍ୟୁ ହୋଇଛି। ଜଳି ଯାଇଥିବା ଟ୍ରେଲର ଚାଳକ ହେଲେ ନୟାଗଡ଼ ଜିଲା ଫତେଗଡ଼ ଥାନା ବାଉଁଶନଟି ଗ୍ରାମର ପୀତବାସ ଭୋଳ (୪୨)। ମୃତ ଟ୍ରକ୍ ଚାଳକ ନୟାଗଡ଼ ଜିଲାର ତୋଫାନ ଧଳ ବୋଲି ଜଣାପଡ଼ିଛି।

ସୂଚନା ମୁତାବକ, ଲୁହାରଡ୍ ବୋଝେଇ କରି ନଂ.(ଓଡି-୦୯-କେ-୦୨୩୮) ଏକ ୧୪ ଚକିଆ ଟ୍ରକ୍ କଟକରୁ ପାଣିକୋଇଲି ଆଡ଼କୁ ଯାଉଥିବାବେଳେ ଭୋର ପ୍ରାୟ ୪ଟାରେ ଭାଲୁଖାଇ ଛକଠାରେ ଗାଡ଼ିର ଆଗଚକ ଫାଟିଯାଇଥିଲା। ଫଳରେ ଡ୍ରାଇଭର ଟ୍ରକ୍‌ଟିକୁ ରାସ୍ତା ପାର୍ଶ୍ୱରେ ରଖିଦେଇଥିଲେ। ଏହାପରେ ତଳକୁ ଆସି ଚକା ବଦଳାଉଥିଲେ। ଏହି ସମୟରେ ପଛପଟୁ ଲୁହାରଡ୍ ବୋଝେଇ ଟ୍ରେଲର ନଂ.(ଓଆର୍-୧୪-ୱାଇ-୪୬୧୭) ଆସି ଟ୍ରକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଟ୍ରେଲର କ୍ୟାବିନରେ ନିଆଁ ଲାଗିଯାଇଥିଲା। ଟ୍ରେଲର ଭିତରେ ଥିବା ଡ୍ରାଇଭର ପୀତବାସ ଚାପିହୋଇ ରହିଥିବାରୁ ବାହାରି ପାରି ନ ଥିଲେ। ଫଳରେ ସେଠାରେ ସେ ନିଆଁରେ ଜଳି ଯାଇଥିଲେ। ଟ୍ରକ୍ ଚକା ବଦଳାଉଥିବା ତୋଫାନଙ୍କ ଉପରେ ଚକା ପଡ଼ିବାରୁ ସେ ଗୁରୁତର ହୋଇଥିଲେ। ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ଓ ଧର୍ମଶାଳା ପୋଲିସ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଗୁରୁତର ଟ୍ରକ୍ ଚାଳକଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲକୁ ପଠାଇଥିଲେ। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଦମକଳ ବାହିନୀ କର୍ମଚାରୀମାନେ କଟର ସହାୟତାରେ ଡୋର କାଟି ଟ୍ରେଲରରୁ ଡ୍ରାଇଭରଙ୍କ ମୃତଦେହ ବାହାର କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ଲାଗି ବଡ଼ଚଣା ଡାକ୍ତରଖାନାକୁ ପାଇଛି। ଏଥିସହିତ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ

**ନାବାଳିକା ଅପହରଣ, ବଳାତ୍କାର ମାମଲା**

- ପୀଡ଼ିତାଙ୍କୁ ୭ଲକ୍ଷ ଆର୍ଥିକ ସହାୟତା ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୫।୪

ବ୍ରହ୍ମପୁର ସ୍ୱତନ୍ତ୍ର ପୋକ୍‌ସୋ ଜଜ୍ ବୁଧବାର ଏକ ନାବାଳିକା ଅପହରଣ ଓ ବଳାତ୍କାର ମାମଲାର ରାୟ ପ୍ରକାଶ କରିଛନ୍ତି। ସେ ଅଭିଯୁକ୍ତଙ୍କୁ ୫ ଦଫା (ସେକ୍ସନ)ରେ ୧୦ବର୍ଷ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଅଭିଯୁକ୍ତ ଜଣଙ୍କ ଦିଗପହଣ୍ଡି ଥାନା ଅନ୍ତର୍ଗତ ନୂଆ ଅନନ୍ତେଇ ଗ୍ରାମର ବଳରାମ ଗୌଡ଼ ଓରଫ ବଳିଆ(୨୮)। ଏହା ସହିତ ୪୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅତିରିକ୍ତ ୨ବର୍ଷ ୩ମାସ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ ରାୟ ପ୍ରକାଶ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ଆର୍ଥିକ ସହାୟତା ପାଇଁ ୭ଲକ୍ଷ ଟଙ୍କା ଦେବାକୁ ଜଜ୍ ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ମାମଲାର ବିଚାର ବେଳେ ୧୬ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ପ୍ରକାଶ ଯେ, ବଳରାମ ରାଜମିସ୍ତ୍ରି କାମ କରୁଥିଲେ। ସେ ୨୦୧୫ ଜାନୁୟାରୀ ୧୪ରେ ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରି ଚେନ୍ନାଇ ନେଇ ସେଠାରେ ପାଠ ପଢ଼ାଇବି ବୋଲି ପ୍ରତିଶ୍ରୁତି ଦେଇଥିଲେ। ଚେନ୍ନାଇରେ ପହଞ୍ଚିବା ପରେ ସେ ନାବାଳିକାଙ୍କୁ ଦିନ ମଜୁରିଆ ଭାବେ କାମରେ ନିୟୋଜିତ କରିଥିଲେ। ପରେ ତାଙ୍କୁ ସେଠାରେ ବଳାତ୍କାର କରିଥିଲେ। ନାବାଳିକା ଜଣଙ୍କ ଗର୍ଭବତୀ ହେବାରୁ ସେ ବଳରାମଙ୍କୁ ନିଜ ଗାଁକୁ ନେବାକୁ କହିଥିଲେ। ବଳରାମ ୨୦୧୫ ମେ' ୨୮ ତାରିଖ ବ୍ରହ୍ମପୁର ଷ୍ଟେଶନରେ ପହଞ୍ଚି ଗୋଳନ୍ଥରା ଥାନା ଅନ୍ତର୍ଗତ ରାଳବ ନିକଟରେ ଏକ ଅର୍ଦ୍ଧନିର୍ମିତ ଘରେ ରଖିଥିଲେ। ସେଠାରେ ସେ ନାବାଳିକାଙ୍କୁ ଖାଇବାକୁ ନ ଦେଇ ତାଙ୍କୁ ମାରପିଟ କରିଥିଲେ। ଏପରିକି ଗର୍ଭପାତ କରିବା ପାଇଁ ଔଷଧ ଦେଇଥିଲେ। ପରେ ନାବାଳିକାଙ୍କ ଅତ୍ୟଧିକ ରକ୍ତସ୍ରାବ ହେବାରୁ ସେ ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରି ନାବାଳିକାଙ୍କ ମା'ଙ୍କୁ ଖବର କରିଥିଲେ। ତାଙ୍କ ମା'ସେଠାରେ ପହଞ୍ଚିଥିଲେ। ଝିଅ ଗୁରୁତର ଥିବା ଦେଖିବାକୁ ପାଇଥିଲେ। ପରେ ବଳରାମ ନାବାଳିକାଙ୍କୁ ନେଇ ରାଳବ ଚାଲିଯାଇଥିଲେ। ଉକ୍ତ ଘରେ ନାବାଳିକାଙ୍କୁ ଛାଡ଼ି ଦେଇ ସେ ଫେରାର ହୋଇ ଯାଇଥିଲେ। ୨୦୧୫ ଜୁନ ୩୦ରେ ପୋଲିସ ବଳରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

# ଭାଉଜଙ୍କୁ ହତ୍ୟାକଲେ ଦିଅର, ଯାଆ

**ପୂର୍ବରୁ ଥିଲା ଜମି ବିବାଦ**

- ଅଭିଯୁକ୍ତ ଦମ୍ପତି ଗିରଫ
- ପୋଲିସ ତଦନ୍ତ ଜାରି

ଚଣ୍ଡିଖୋଲ/ଛତିଆ/ବଡ଼ଚଣା,୫।୪(ଡି.ଏନ.ଏ.)

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ କପାଷ୍ଟିକିରି ଗ୍ରାମରେ ବୁଧବାର ସକାଳେ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ଗୌରାଙ୍ଗ ଚରଣ ନାୟକଙ୍କ ସ୍ତ୍ରୀ ଅନିତା ନାୟକ(୫୫)ଙ୍କୁ ଦିଅର ଜୟନ୍ତ ନାୟକ, ତାଙ୍କ ସ୍ତ୍ରୀ ଓ ପୁଅ କଟୁରି ଏବଂ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ନଂ.୬୧/୨୩ ରୁଜୁ କରିବା ସହ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରିଛି ଓ ତାଙ୍କ ପୁଅଙ୍କୁ ଅଟକ ରଖିଛି।

ଅନିତାଙ୍କ ପୁଅ ଲକ୍ଷ୍ମୀଧର ନାୟକ ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି, ସକାଳ ୭ଟାରେ ମା'ଅନିତା ଦାଣ୍ଡ ପହଁରୁଥିବା ସମୟରେ ହଠାତ୍ ଦାଦା ଜୟନ୍ତ ଓ ଖୁଡ଼ୀ ମାନି ଆସି ଆକ୍ରମଣ କରିଥିଲେ। ଦାଣ୍ଡରୁ ତାଙ୍କ ଘରକୁ ଘୋଷାଡ଼ି ନେଇ ଟାଙ୍ଗିଆ, କଟୁରି ଓ ଶାବଳ ସାହାଯ୍ୟରେ ହାଣି ପକାଇଲେ। ଏହାପରେ ଘର ବାହାର ଦାଣ୍ଡରେ ଆଣି ଫିଙ୍ଗି ଦେଇଥିଲେ। ମୁଁ ଏକୁଟିଆ ଥିବାରୁ ଭୟରେ ସେଠାକୁ ଯାଇ ପାରିଲିନାହିଁ। ଜୟନ୍ତଙ୍କ ପୁଅ ସେମାନଙ୍କୁ କଟୁରି ଓ ଶାବଳ ଯୋଗାଇ ଦେଇଥିଲେ। ଏ ସମ୍ପର୍କରେ ପୋଲିସ ଜାଣିବା ପରେ ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନଗୋ ସଦଳବଳ ପହଞ୍ଚି ତଦନ୍ତ କରିଥିଲେ। ଥାନା ଅଧିକାରୀ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ବିଭିନ୍ନ ନମୁନା ସଂଗ୍ରହ କରିବା ସହ ଶାବଳ, କଟୁରି ଓ ଟାଙ୍ଗିଆ ଜବତ କରି ଥାନାକୁ ଆଣିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଉପସ୍ଥିତ ରହି ବିଭିନ୍ନ ଦିଗରୁ ସମୀକ୍ଷା କରୁଛନ୍ତି। ହତ୍ୟାକାଣ୍ଡ ଘଟାଇ ଜୟନ୍ତ ଫେରାର ହୋଇ ଯାଇଥିଲାବେଳେ ଏସ୍‌ଆଇ ଜାହେର ଆବେଦିନ, ସୁବ୍ରତ କୁମାର ସାହୁ, ଅସ୍‌ରଫ ଅଲ୍ଲୀ ଓ ପୀତାମ୍ବର ମହାନ୍ତି ପ୍ରମୁଖ କୌଣସି ସୂତ୍ରରୁ ଖବର ପାଇ ତାଙ୍କୁ ଜଗତପୁର ନିକଟରୁ କାବୁ କରିଥିବା ଜଣାପଡ଼ିଛି। ତାଙ୍କ ପୁଅ ଓ ସ୍ତ୍ରୀଙ୍କୁ ପୋଲିସ ଘରୁ ଉଠାଇ ନେଇଛି। ଅନ୍ୟପକ୍ଷରେ ଜମି ବିବାଦକୁ ନେଇ ପୂର୍ବରୁ ଦୁଇ ଭାଇଙ୍କ ମଧ୍ୟରେ ବିବାଦ ରହିଥିଲା। ସେହି ବିବାଦରୁ ଏଭଳି ହତ୍ୟାକାଣ୍ଡ ହୋଇ ଥାଇପାରେ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତଦନ୍ତ ପରେ ସବୁ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି।

# ଭାଇଙ୍କୁ ଲୁହାରେ ପିଟି ହତ୍ୟା

**ହତ୍ୟାକାରୀଙ୍କ ଥାନାରେ ଆତ୍ମସମର୍ପଣ**

ବ୍ରହ୍ମପୁର ଅଫିସ,୫।୪

ପାରିବାରିକ ବିବାଦକୁ କେନ୍ଦ୍ରକରି ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ପଛପାଖରେ ଥିବା ରାଜୀବ ଆବାସ ଯୋଜନା ଘରେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି। ସାନଭାଇଙ୍କୁ ଡମ୍ବଲ୍ସ(ବ୍ୟାୟାମ ଲୁହା)ରେ ପିଟି ମଝିଆ ଭାଇ ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ମୃତକ ହେଲେ ନେହୁରନଗର ୧୦ମ ଗଳି ରାଜୀବ ଆବାସ ଯୋଜନା ବ୍ଲକ୍ ବି'ର ୧୦୬ନଂ. ଘରେ ରହୁଥିବା ସୁରେନ୍ଦ୍ର ବେହେରା ଓରଫ୍ ବୁଲୁ (୩୧)। ସାନ ଭାଇଙ୍କୁ ହତ୍ୟା କରିବା ପରେ ମଝିଆ ଭାଇ ପୂର୍ଣ୍ଣ ବେହେରା (୩୫) ଥାନାରେ ଆତ୍ମସମର୍ପଣ କରିଛନ୍ତି। ମୃତକଙ୍କ ମା' ସୀମା ବେହେରାଙ୍କ ଅଭିଯୋଗ କ୍ରମେ ନଂ.୯୪/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଘଟଣା ସ୍ଥଳରୁ ରକ୍ତଭିଜା ଡମ୍ବଲ୍ସ ଜବତ କରିଛି।

ପ୍ରକାଶ ଯେ, ସୀମାଙ୍କ ସହ ତାଙ୍କର ୩ ପୁଅ ନେହରୁନଗର ସ୍ଥିତ ଘରେ ରହୁଥିଲେ। ବୁଧବାର ସକାଳୁ ମା' ସୀମା ନିଜ କାମରେ ବାହାରକୁ ଚାଲିଯାଇଥିଲେ। ବଡ଼ପୁଅ ମଧ୍ୟ ଜଣେ ଭିନ୍ନକ୍ଷମ ହୋଇଥିବା ବେଳେ ସେ ବାହାରକୁ ଯାଇଥିଲେ। ସୀମା ସକାଳ ପ୍ରାୟ ୯ଟା ବେଳେ ଘରକୁ ଫେରି ଦେଖିଲା ବେଳକୁ ପୁଅ ସୁରେନ୍ଦ୍ର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଚଟାଣରେ ପଡ଼ିଥିଲେ। ତୁରନ୍ତ ସେ ଥାନାକୁ ଯାଇ ଖବର ଦେଇଥିଲେ। ସେତେବେଳେ ମଝିଆ ପୁଅ ପୂର୍ଣ୍ଣ ଥାନାରେ ବସିଥିବା ବେଳେ ସେ ଏକ ଡମ୍ବଲ୍ସରେ ସାନଭାଇ ସୁରେନ୍ଦ୍ରଙ୍କ ମୁଣ୍ଡକୁ ଛେଚି ହତ୍ୟା କରିବା ପରେ ଆତ୍ମସମର୍ପଣ କରିଥିବା ନେଇ ସେ ଜାଣିବାକୁ ପାଇଥିଲେ।

ସୂଚନାଯୋଗ୍ୟ, ରାଜୀବ ଆବାସ ଯୋଜନାରେ ମିଳିଥିବା ଘର ମା' ସୀମାଙ୍କ ନାମରେ ଥିବାବେଳେ ଏହାର ନୋମିନି ଭାବେ ସାନଭାଇ ସୁରେନ୍ଦ୍ରଙ୍କ ନାମ ରହିଥିଲା। ଏଥିରେ ପୂର୍ଣ୍ଣ ପ୍ରତିଶୋଧ ପରାୟଣ ହୋଇ ସୁରେନ୍ଦ୍ରଙ୍କୁ ହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ୧୦ ବର୍ଷ ଜେଲ

**ଛାତ୍ରୀଙ୍କୁ ଯୌନ ନିର୍ଯାତନା ମାମଲା**

ସୁନ୍ଦରଗଡ଼,୫।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ପ୍ରିଜାଇଡିଂ ଅଫିସର ମହେନ୍ଦ୍ର କୁମାର ସୂତ୍ରଧର ବୁଧବାର ୧୧ଜଣ ଛାତ୍ରୀଙ୍କୁ ଅସଦାଚରଣ ମାମଲାର ଶୁଣାଣି କରିଛନ୍ତି। ଲେଫ୍ରିପଡ଼ା ରାଏଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଦେବାନନ୍ଦ ପଟେଲ(୬୨)ଙ୍କୁ ୧୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୪୭ହଜାର ଟଙ୍କା ଜରିମାନା ଓ ଏହା ଅନାଦାୟ ଅଧିକ ୬ ମାସ ଜେଲ ଦଣ୍ଡ ଲାଗି ରାୟରେ ଆଦେଶ କରିଛନ୍ତି। ଏଥିସହିତ ପୀଡ଼ିତା ୧୧ଛାତ୍ରୀଙ୍କୁ ମୋଟ ୨୮ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ କରିବାକୁ ଅଦାଲତ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଲେଫ୍ରିପଡ଼ା ବ୍ଲକ ରାଏଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବାବେଳେ ଦେବାନନ୍ଦ ବିଭିନ୍ନ ସମୟରେ ପଞ୍ଚମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଆସୁଥିଲେ। ଏପରିକି ବିଭିନ୍ନ ଅନ୍ୟ ୧୧ ଛାତ୍ରୀଙ୍କୁ ମଧ୍ୟ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ପୀଡିତା ଛାତ୍ରୀମାନେ ବିଦ୍ୟାଳୟର ଜଣେ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କୁ ଲିଖିତ ଭାବେ ଜଣାଇଥିଲେ। ହେଲେ ଏଥିରେ କୌଣସି ସୁଫଳ ମିଳି ନ ଥିଲା। ଫଳରେ ପୀଡିତା ଛାତ୍ରୀଙ୍କ ମଧ୍ୟରୁ ଜଣେ ପ୍ରଥମେ ନିଜ ମାଆଙ୍କୁ ଜଣାଇଥିଲେ। ଏହା ପରେ ସେହି ଛାତ୍ରୀଙ୍କ ବାପା ପ୍ରଧାନଶିକ୍ଷକଙ୍କ ଏଭଳି କାର୍ଯ୍ୟକଳାପ ବିରୋଧରେ ୨୦୧୫ ନଭେମ୍ବର ୩୦ରେ ଲେଫ୍ରିପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଲେଫ୍ରିପଡ଼ା ଥାନାରେ ପୋକ୍‌ସୋ ଆଇନର ବିଭିନ୍ନ ଧାରାରେ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା। ବିଭିନ୍ନ ସାକ୍ଷ୍ୟ ପ୍ରମାଣର ଆଧାରରେ ଅଦାଲତ ଅଭିଯୁକ୍ତଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ।

# ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଯୁବତୀଙ୍କୁ ହତ୍ୟା

ଦେବଗଡ଼, ୫।୪(ଡି.ଏନ୍.ଏ.)

ଦେବଗଡ଼ ପୌରାଞ୍ଚଳର ପ୍ରଧାନପାଟ ରାସ୍ତାରେ ଥିବା ଭାରତ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଜଣେ ଯୁବତୀଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ଛୁରାମାଡ଼ ଓ ପଥରରେ ଛେଚି ହତ୍ୟା କରାଯାଇଛି। ମୃତା ଯୁବତୀ ହେଲେ ସମ୍ବଲପୁର ଜିଲା କୁଚିଣ୍ଡାର ରୀତା ସାହୁ। ସେ ଏହି ଫାଇନାନ୍ସ କମ୍ପାନୀ କାର୍ଯ୍ୟାଳୟରେ ଜଣେ କର୍ମଚାରୀ ଭାବେ କିଛିମାସ ପୂର୍ବେ ଯୋଗ ଦେଇଥିଲେ। ରାତି ପ୍ରାୟ ୧୧ଟାରେ ଅଫିସ କାର୍ଯ୍ୟ ସାରି ଭିତିରିଆସାହିସ୍ଥିତ ଭଡା ଘରକୁ ଯିବା ଲାଗି କାର୍ଯ୍ୟାଳୟ ଫାଟକ ସମ୍ମୁଖକୁ ଆସିଥିଲେ। ସ୍କୁଟିରେ ବସି ଷ୍ଟାର୍ଟ କରିବା ବେଳକୁ ୨ଜଣ ଦୁର୍ବୃତ୍ତ ତାଙ୍କୁ ଠେଙ୍ଗା ଓ ଛୁରିରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ସେ ସ୍କୁଟି ସହିତ ତଳେ ପଡ଼ି ଚିତ୍କାର କରିଥିଲେ। ଚିତ୍କାର ଶୁଣି ଅନ୍ୟ କର୍ମଚାରୀମାନେ କାର୍ଯ୍ୟାଳୟରୁ ବାହାରକୁ ଆସିବା ବେଳକୁ ଦୁର୍ବୃତ୍ତ ଦ୍ୱୟ ମୁଖ୍ୟ ଫାଟକକୁ ବାହାର ପଟୁ ବନ୍ଦ କରି ଦେବା ସହ ରୀତାଙ୍କ ମୁଣ୍ଡକୁ ପଥରରେ ଛେଚି ଫେରାର୍ ହୋଇଯାଇଥିଲେ। ଗଲାବେଳେ ସେମାନେ ହାତରେ ପିନ୍ଧିଥିବା ଗ୍ଲୋଭ୍ସ ଓ ହତ୍ୟାରେ ବ୍ୟବହୃତ ଛୁରିକୁ ଘଟଣାସ୍ଥଳରେ ଫିଙ୍ଗି ଦୌଡି ପଳାଇଥିଲେ। କର୍ମଚାରୀମାନେ ରୀତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ସହ ଦେବଗଡ଼ ଆଦର୍ଶ ଥାନା ପୋଲିସକୁ ସୂଚନା ଦେଇଥିଲେ। ମାତ୍ର ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନାପାଇ ଦେବଗଡ଼ ଆଦର୍ଶ ଥାନା ଇନ୍ସପେକ୍ଟର ସୁରେନ୍ଦ୍ର କୁମାର ନାୟକ ଓ ସରୋଜ କୁମାର ସେଠୀ ସଦଳବଳ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ପ୍ରମୋଦ କୁମାର ରଥ ବୁଧବାର ସକାଳେ ଡାକ୍ତରଖାନା ଓ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ପ୍ରକ୍ରିୟା ତଦାରଖ କରିଥିଲେ। ଅପରାହ୍ନରେ ଅନୁଗୋଳରୁ ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳରେ ପହଞ୍ଚି ଏସ୍‌ଡିପିଓ ଅନିଲ କୁମାର ବେଉରିଆଙ୍କ ଉପସ୍ଥିତିରେ ତଦନ୍ତ ଚଳାଇଥିଲେ। ଘଟଣାସ୍ଥଳରୁ ମିଳିଥିବା ଛୁରି ଏବଂ ହ୍ୟାଣ୍ଡ ଗ୍ଲୋଭ୍ସରୁ ଏହା ସୁପରିକଳ୍ପିତ ଏବଂ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ଜଣାପଡୁଥିଲେ ହେଁ ଏହାର ପ୍ରକୃତ କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି। ମୃତା ରୀତାଙ୍କ ମା' ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଦେବଗଡ଼ ଏସ୍‌ପି ରଥ କହିଛନ୍ତି।



ପୋଲିସ, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି। ଯୁବତୀଙ୍କ ଫାଇଲ ଫଟୋ(ଇନ୍‌ସେଟ୍)

# ଚିଲିକାରେ ଫସିଲା ଯାତ୍ରୀବାହୀ ଡଙ୍ଗା

କୃଷ୍ଣପ୍ରସାଦ,୫।୪(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଜହ୍ନିକୁଦାରୁ ସାତପଡ଼ାକୁ ଯାଉଥିବା ଏକ ଯାତ୍ରୀବାହୀ ଡଙ୍ଗା ବୁଧବାର ଚିଲିକାରେ ଫସିଯାଇଥିଲା। ଫଳରେ ଏଥିରେ ଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ଅନ୍ୟ ଦୁଇଟି ଡଙ୍ଗା ପହଞ୍ଚିବା ସହ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ସୂଚନା ମୁତାବକ, ଅପରାହ୍ନ ୪ଟା ୪୫ରେ ୬୦ଜଣ ଯାତ୍ରୀ ଏବଂ ୨୦ଟି ବାଇକ୍ ନେଇ ଏକ ଯାତ୍ରୀବାହୀ ଡଙ୍ଗା ଜହ୍ନିକୁଦାରୁ ସାତପଡ଼ା ଅଭିମୁଖେ ବାହାରିଥିଲା। କିଛି ବାଟ ଯିବା ପରେ ଚିଲିକାରେ ଥିବା ଏକ ଢିପରେ ଲାଗିଯାଇଥିଲା। ପ୍ରାୟ ୨ଘଣ୍ଟା ପରେ ଅନ୍ୟ ଦୁଇଟି ଡଙ୍ଗା ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଏଥିସହ ଢିପରେ ଲାଗିଥିବା ଡଙ୍ଗାକୁ ଖସାଯାଇଥିଲା। ବହୁ ଦିନ ଧରି ଯାତାୟତ କରୁଥିବା ଯାତ୍ରୀବାହୀ ଡଙ୍ଗା ଚାନେଲକୁ ଖୋଳାଯାଉ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଛି ବୋଲି କୁହାଯାଇଛି। ଅନ୍ୟପଟେ ସାତପଡ଼ାରୁ ଜହ୍ନିକୁଦା ପର୍ଯ୍ୟନ୍ତ ଚିଲିକାରେ ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଦାବି ହୋଇଆସୁଛି।



ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। **–ଶ୍ରୀମା**



# ନୂଆ ଏସୀୟ ବ୍ୟବସ୍ଥା



ମହମ୍ମଦ ସୋଲିମାନ

ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଭାବେ ଗଢ଼ିତୋଳିବାରେ ବିଚାର କରିଥିଲେ। ସେ ଏକ ରଣନୀତିକ ଢାଞ୍ଚା ଗଢ଼ିଥିଲେ, ଯାହା ଭୂରାଜନୈତିକ ତଥା ଆର୍ଥିକ ଏକତାର ପୂର୍ବାଭାସ ଥିଲା ଏବଂ ଏବେ ଏସିଆ ଓ ଆଫ୍ରିକାର କେତେକ ଅଞ୍ଚଳରେ ତାହା ଦେଖିବାକୁ ମିଳୁଛି। ଦକ୍ଷିଣ ଏସିଆ ଓ ମଧ୍ୟପୂର୍ବ ଦେଶଗୁଡ଼ିକ ପଶ୍ଚିମ ଏସିଆରେ ସାମିଲ ହୋଇଥିବାରୁ, ଏକ ନୂଆ ମହାଦେଶୀୟ ବ୍ୟବସ୍ଥା ସେମାନଙ୍କ ଶକ୍ତିରେ ବୈଶ୍ୱିକ ସମନ୍ୱୟ ପୁନର୍ଗଠନ କରିପାରିଲା। ଅଗଷ୍ଟ ୨୦୦୭ରେ ତାଙ୍କ ପ୍ରଥମ ଭାରତଗସ୍ତ ସମୟରେ ଆବେ 'ଦୁଇ ସାଗରର ସଙ୍ଗମ' ଶୀର୍ଷକ ବକ୍ତବ୍ୟ ଭାରତର ପାର୍ଲାମେଣ୍ଟରେ ଉପସ୍ଥାପନ କରିଥିଲେ, ଯାହା ଥିଲା ଲାଭଦାୟକ। ବକ୍ତବ୍ୟର ଏହି ଶୀର୍ଷକ ୧୬୫୫ରେ ମୋଗଲ ରାଜକୁମାର ଦାରା ଶିକୋଙ୍କ ଲିଖିତ ପୁସ୍ତକରୁ ଆବେ ଉଦ୍ଧାର କରିଥିଲେ, ଯାହା ଇସଲାମ ଏବଂ ପଡ଼ୋଶୀ ରାଷ୍ଟ୍ରର ଧର୍ମ ଓ ସଭ୍ୟତା ନିର୍ମାତା ଭାବେ ଇସଲାମ ଓ ହିନ୍ଦୁ ଧର୍ମରେ ଥିବା ସମାନତାକୁ ଉପସ୍ଥାପନ କରିଥିଲା। ପ୍ରଶାନ୍ତ ଓ ଭାରତ ମହାସାଗର ମଧ୍ୟରେ ବି ବହୁ ସମାନତା ଅଛି ବୋଲି ଆବେ ଦର୍ଶାଇଥିଲେ। ସେ କହିଥିଲେ, ସ୍ୱାଧୀନତା ଓ ସମୃଦ୍ଧିର ଉକ୍ତ ସାଗରଗୁଡ଼ିକର ପରିବର୍ତ୍ତନ କେବଳ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ବା ଇଣ୍ଡୋ ପାସିଫିକକୁ ବଦଳାଇବ ନାହିଁ, ବରଂ ପୂରା ଏସିଆକୁ ପରିବର୍ତ୍ତନ କରିଦେବ।

କିନ୍ତୁ ଗତବର୍ଷ ଜୁଲାଇରେ ଆବେଙ୍କୁ ହତ୍ୟା କରାଯାଇଥିଲା। ଦେଖିବାକୁ ଗଲେ ସେ ସମୁଦ୍ର ସମ୍ପର୍କିତ ବକ୍ତବ୍ୟ ଠାରୁ ଅଧିକ ଚିନ୍ତାକରିଥିଲେ। ତାଙ୍କର ବ୍ୟାପକ ଲକ୍ଷ୍ୟ ଥିଲା ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତ ଓ ଜାପାନ ମଧ୍ୟରେ ଏକ ସବୁଠୁ ପରିଣାମୀ ଦ୍ୱିପାକ୍ଷିକ ସମ୍ପର୍କ ଗଢିବା। ଚାଇନାର ଉତ୍‌ଥାନର ବୈଶ୍ୱିକ ଓ ଆଞ୍ଚଳିକ ପ୍ରଭାବକୁ ଚିହ୍ନଟ କରିଥିବା ଆବେ ପ୍ରଥମ ଏସୀୟ ନେତା ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ନୂଆ ଶକ୍ତି ସମନ୍ୱୟ ସୃଷ୍ଟି କରିବାରେ ଥିଲେ ଜଣେ ଅଗ୍ରଦୂତ। ଇଣ୍ଡୋ ପାସିଫିକର ଭୂରାଜନୈତିକ ଦୃଷ୍ଟିକୋଣକୁ ସମ୍ପ୍ରସାରିତ କରିବା ସହ ତାହାକୁ ପଶ୍ଚିମାମୁଖୀ କରି ଭାରତ ମହାସାଗର ଆଡକୁ ବଢ଼ାଇଥିଲେ। ଏହା କରି ଆଞ୍ଚଳିକ ରଣନୀତିକ କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆଣିବାରେ ସେ ସାହାଯ୍ୟ କରିଥିଲେ। ୨୦୦୭ର ଆବେଙ୍କ ବକ୍ତବ୍ୟ ସେତେବେଳେ ୱାଶିଂଟନରେ ଜ୍ଞାନାଭାବକୁ ସାମ୍ନାକୁ ଆଣିଥିଲା, କାରଣ ତାଙ୍କ ଦୃଷ୍ଟିକୋଣ ସମ୍ପର୍କରେ ଆମେରିକା ଚିନ୍ତା କରିପାରି ନ ଥିଲା। ଆମେରିକା ସେତେବେଳେ ସନ୍ତ୍ରାସବାଦ ବିରୋଧୀ ଯୁଦ୍ଧକୁ ନେଇ ଅସୁବିଧାରେ ଗତି କରୁଥିଲା। ଲମ୍ବା ସମୟ ଧରି ତାହା ବ୍ୟୟବହୁଳ ଇରାକ ଓ ଆଫଗାନିସ୍ତାନରେ ଯୁଦ୍ଧରେ ଲିପ୍ତ ଥିଲା। ତେବେ ସେ ସମୟରେ ଆବେ ଚାଇନାର ପାରସ୍ପରିକ ସହଯୋଗକୈନ୍ଦ୍ରିକ ବିଶ୍ୱ ଗଠନ ମନୋଭାବର ବିରୋଧୀ ଭାବେ ସାମ୍ନାକୁ ଆସିଥିଲେ। ଜାପାନର ଚୁକ୍ତିରେ ଇଣ୍ଡୋ ପାସିଫିକକୁ ପୁନର୍ବିଚାର କରିବାକୁ ଚାହିଁଥିଲେ। ସମଗ୍ର ୟୁରାସିଆନ୍ ଏବଂ ଆଫ୍ରିକାନ୍ ରିମ୍‌ଲାଣ୍ଡରେ ବ୍ୟାପକ ପ୍ରତିରକ୍ଷା ଓ ବାଣିଜ୍ୟିକ ଚୁକ୍ତି ମାଧ୍ୟମରେ ସହଯୋଗ ବଢାଇ ସମଗ୍ର ଏସିଆର ଦୃଷ୍ଟିକୋଣକୁ ଅନୁଭବ କରିବା ଆବେ ଓ ତାଙ୍କ ଉତ୍ତରାଧିକାରୀମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଦୃଷ୍ଟିକୋଣର କେନ୍ଦ୍ରରେ ଭାରତ- ପ୍ରଶାନ୍ତମହାସାଗରୀୟ ଶକ୍ତିକୁ ସ୍ଥାପିତ କରି ସେମାନେ ଊନବିଂଶ ଶତାବ୍ଦୀର ଆମେରିକୀୟ ଆଡମିରାଲ ଆଲଫ୍ରେଡ୍ ମାହାନ ଏବଂ ବ୍ରିଟିଶ ଐତିହାସିକ ଜୁଲିଆନ କର୍ବେଟଙ୍କ ଅନ୍ତର୍ଦୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ମାହାନ ଏବଂ କର୍ବେଟ ଆଧୁନିକ ନୌରଣନୀତିର ବିଦ୍ଧାଣୀ ଥିଲେ। ଜାତୀୟ କ୍ଷେତ୍ରରେ ଅତି ଦରକାରୀ ଉତ୍ସ ଭାବେ ସେମାନେ ସାମୁଦ୍ରିକ ଶକ୍ତିକୁ ଦେଖିଥିଲେ। ସମାଦ୍ରିକ ଶକ୍ତି ସମ୍ପର୍କରେ ମାହାନ ଏବଂ କର୍ବେଟଙ୍କ ଲେଖା ସମେତ ବିଂଶ ଶତାବ୍ଦୀର ରାଜନୈତିକ ବିଶେଷଜ୍ଞ ନିକୋଲାସ ସ୍ପିକମ୍ୟାନଙ୍କ ଭୂରାଜନୈତିକ ଦୃଷ୍ଟିକୋଣ ଆବେଙ୍କ ବ୍ୟାପକ ଏସିଆ ଦୃଷ୍ଟିକୋଣ ପାଇଁ ବୌଦ୍ଧିକ ଭିତ୍ତିଭୂମି ଯୋଗାଇଦେଇଥିଲା।



ଏବେ ଆବେଙ୍କ ଇଣ୍ଡୋ-ପାସିଫିକ୍‌ର ସର୍ଜନା ଏବେ ଚତୁର୍ରାଷ୍ଟ୍ରୀୟ ସୁରକ୍ଷା ଆଲୋଚନାକୁ ବାଟ କଢ଼ାଇ ନେଇଛି। ଏହା କ୍ୱାଡ୍ ନାମରେ ଜଣାଶୁଣା। ଏହା ଏକ ମାନବୀୟ ଅଭିଯାନରୁ ସୃଷ୍ଟି ହୋଇଥିଲା। ୨୦୦୪ରେ ଇଣ୍ଡୋନେସିଆରେ ବିଧ୍ୱଂସକ ସୁନାମି ପରେ ଆମେରିକା, ଅଷ୍ଟ୍ରେଲିଆ, ଭାରତ ଓ ଜାପାନ ମିଳିତ ଭାବେ ରିଲିଫ କାର୍ଯ୍ୟ ସଞ୍ଚାଳନ କରୁଥିବା ସମୟରେ କ୍ୱାଡ ଚିନ୍ତା କରାଯାଇଥିଲା। ୨୦୧୭ରେ ଆବେ ପୁନର୍ନିର୍ବାଚିତ ହେବା ପରେ ତାଙ୍କ ଭୂରାଜନୈତିକ ଦୃଷ୍ଟିକୋଣ ପାଇଁ ଏହାକୁ ପୁନର୍ବାର ଏକ ପ୍ରେରକ ଭାବେ ପ୍ରସ୍ତାବ ବାଢ଼ିଥିଲେ। କିନ୍ତୁ କ୍ୱାଡ ଥିଲା ଆରମ୍ଭ ମାତ୍ର। ଏହା ପରେ ଅନେକ କ୍ଷେତ୍ରରେଏହାକୁ ଅନୁସରଣ କରାଯାଇଛି। ଏସବୁ ମଧ୍ୟରେ ଅଷ୍ଟ୍ରେଲିଆ, ଆମେରିକା ଓ ଇଂଲଣ୍ଡ ମଧ୍ୟରେ ଅକୁସ ପ୍ରତିରକ୍ଷା ଚୁକ୍ତି; ଆମେରିକା, ଅଷ୍ଟ୍ରେଲିଆ ଓ ଜାପାନ ମଧ୍ୟ ତ୍ରିପାକ୍ଷିକ ରଣନୀତିକ ଆଲୋଚନା; ଅଷ୍ଟ୍ରେଲିଆ, ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ତ୍ରିଦେଶୀୟ ସହଯୋଗ ଏବଂ ଇଟାଲୀ- ଜାପାନ- ଇଂଲଣ୍ଡ ମଧ୍ୟରେ ଫାଇଟର ଜେଟ୍ ପ୍ରୋଜେକ୍ଟ ଅନ୍ୟତମ। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳଗୁଡ଼ିକରେ ସ୍ଥିରତା ଏବଂ ସୁରକ୍ଷା ବୃଦ୍ଧି କରିବା ପାଇଁ ଏ ସମସ୍ତ ପଦକ୍ଷେପର ଲକ୍ଷ୍ୟ ରହିଛି। ଏହି ଅଞ୍ଚଳ କିଭଳି ଏକ ରଣନୀତିକ ଭୌଗୋଳିକ କ୍ଷେତ୍ରରେ ପରିବର୍ତ୍ତନ ହେଉଛି ତାହା ବି ଦର୍ଶାଉଛି।

ଇରାକ ଯୁଦ୍ଧ ପରେ ଏବଂ ଆରବ ଦେଶଗୁଡ଼ିକରେ ସରକାରଙ୍କ ବିରୋଧରେ ଦେଖାଯାଇଥିବା ସଶସ୍ତ୍ର ବିଦ୍ରୋହ ପରେ ଆରବ ଦେଶଗୁଡ଼ିକ ସେମାନଙ୍କ ମେଣ୍ଟ ଓ ଭାଗୀଦାରିକୁ ସମ୍ପ୍ରସାରିତ କରିବା ସହ ଆମେରିକା,ଏସୀୟ ଦେଶ ଯଥା ଚାଇନା, ଜାପାନ, ଭାରତ, ଇଣ୍ଡୋନେସିଆ ଏବଂ ଦକ୍ଷିଣ କୋରିଆ ଉପରେ ନିର୍ଭରଶୀଳତା ହ୍ରାସ କରି ନିଜର ଅଭାବ ପୂରଣ କରିବା ସକାଶେ ଆଗେଇଛନ୍ତି। ଉଦାହରଣସ୍ୱରୂପ, ସଂଯୁକ୍ତ ଆରବ ସଂଘ( ୟୁଏଇ) ଓ ସାଉଦି ଆରବ ଏବେ ଭାରତର ଯଥାକ୍ରମେ ତୃତୀୟ ଓ ଚତୁର୍ଥ ବାଣିଜ୍ୟିକ ଭାଗୀଦାରି। ଜାପାନ ଟେକ୍‌ନୋଲୋଜି, ସ୍ୱଚ୍ଛ ଶକ୍ତି ଓ ମହାକାଶ ଗବେଷଣା କ୍ଷେତ୍ରରେ ଏକ ବିଶ୍ୱସ୍ତ ଆଞ୍ଚଳିକ ନେତୃତ୍ୱ ପାଳନ୍ତିଛି। ବର୍ତ୍ତମାନ ଇଜିପ୍ଟ ଓ ପ୍ରାଚ୍ୟ ଦେଶଗୁଡ଼ିକୁ ଟେକ୍‌ନୋଲୋଜି ଓ ଅସ୍ତ୍ରଶସ୍ତ୍ର ଯୋଗାଇବାରେ ଦକ୍ଷିଣ କୋରିଆ ହେଉଛି ଏକ ପ୍ରମୁଖ ଦେଶ। ପ୍ରତିରକ୍ଷା ଓ ବାଣିଜ୍ୟ ଚୁକ୍ତିକୁ ମଜଭୁତ କରିବା ସହ ଶକ୍ତି ବୃଦ୍ଧି କରି ପ୍ରାଚ୍ୟ ଦେଶଗୁଡ଼ିକ ମଧ୍ୟପ୍ରାଚ୍ୟର ଏକତା ଓ ଏସୀୟ ଆର୍ଥିକ କ୍ଷେତ୍ରକୁ ଗତିଶୀଳ କରିଛି।

ଆବେ ଚାଇନାର କ୍ଷମତା ବୃଦ୍ଧିକୁ ରୋକିବା ପାଇଁ ଏସିଆ ପ୍ରଶାନ୍ତମହାସାଗରୀୟ ଅଞ୍ଚଳ, ରଣନୀତି ଦ୍ୱାରା ପ୍ରୟାସ କରୁଥିଲା ବେଳେ ଏବଂ ଅନେକ ବିଶେଷଜ୍ଞ (ମୁଁ ମଧ୍ୟ ଏଥିରେ ସାମିଲ) ଆଞ୍ଚଳିକ ଶକ୍ତି ମଧ୍ୟରେ ସନ୍ତୁଳନ ପ୍ରତିଷ୍ଠା କରିବା ସକାଶେ ଚେଷ୍ଟା କରି ଆସୁଅଛୁ। ମଧ୍ୟପ୍ରାଚ୍ୟର ଭୂରାଜନୈତିକ କ୍ଷେତ୍ରକୁ ସମ୍ପ୍ରସାରିତ କରି ସେଥିରେ ଭାରତ ଏବଂ ଅନ୍ୟ ଦକ୍ଷିଣ ଏସୀୟ ଦେଶଗୁଡ଼ିକୁ ସାମିଲ କରି ଏହା କରିବାକୁ ପ୍ରୟାସ ଜାରି ରହିଛି। ଇସ୍ରାଏଲ, ୟୁଏଇ ଓ ବାହାରିନ ମଧ୍ୟରେ ଆବ୍ରାହମ୍ ଚୁକ୍ତି; ନେଗେଭ ଫୋରମ, ଆଇ୨ ୟୁ୨ (ଭାରତ, ଇସ୍ରାଏଲ ଏବଂ ଆମେରିକା ଓ ୟୁଏଇ) ଏବଂ ଫ୍ରାନ୍ସ, ୟୁଏଇ ଓ ଭାରତ ମଧ୍ୟରେ ତ୍ରିପାକ୍ଷିକ ଢାଞ୍ଚା ସବୁ ଭାରତ, ଇସ୍ରାଏଲ ଏବଂ ଆରବ ଦେଶଗୁଡ଼ିକ ମଧ୍ୟରେ ଏକ ଇଣ୍ଡୋ -ଆବ୍ରାହାମିକ୍ ମେଣ୍ଟର ପ୍ରତିବଦ୍ଧତାକୁ ସୂଚିତ କରେ। ମଧ୍ୟପ୍ରାଚ୍ୟର ରାଜନୈତିକ ଏବଂ ଆର୍ଥିକ କ୍ଷେତ୍ରକୁ ଭାରତ ପ୍ରବେଶ କରିଛି। 'ଦୁଇ ସାଗରର ସଙ୍ଗମ' ଅଭିଭାଷଣରେ ଆବେ ଯାହା ଉପସ୍ଥାପନ କରିଥିଲେ ଏହା ତାହାର ଏକ ଦ୍ରୁତ ଅଗ୍ରଗତିକୁ ପ୍ରତିପାଦିତ କରିଛି। ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ପଶ୍ଚିମ ଏସିଆର ମଧ୍ୟପ୍ରାଚ୍ୟ ଓ ଆରବ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କରୁ ବୁଝାପଡୁଛି ଯେ, ଏକ ନୂଆ ମହାଦେଶୀୟ ଏସୀୟ ବ୍ୟବସ୍ଥା ଗଢ଼ିଉଠିବା ଆରମ୍ଭ ହୋଇଛି।

**ବୈଶ୍ୱିକ ରଣନୀତି ପରାମର୍ଶଦାତା,**
**ମ୍ୟାକ୍- ଲାର୍ଟି ଆସୋସିଏଟସ୍**

## ଏଇ ଭାରତରେ

ବିଶ୍ୱରେ ସବୁଠୁ ଜନବହୁଳ ଦେଶ ହେବାକୁ ଯାଉଥିବା ଭାରତରେ ପ୍ରତିବର୍ଷ ୧୪ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ଖାଦ୍ୟଶସ୍ୟ ନଷ୍ଟ ହେଉଛି ବୋଲି ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ପ୍ରକାଶ କରିଛି। କୃଷି ଉତ୍ପାଦ ୨୭୦ ମିଲିୟନ ଥିବା ବେଳେ ବୈଶ୍ୱିକ କ୍ଷୁଧା ସୂଚକାଙ୍କରେ ୧୧୯ ତମ ସ୍ଥାନରେ ରହିଛି ଭାରତ। ଏହାର ବଡ଼ କାରଣ ହେଉଛି ଶୀତଳ ଭଣ୍ଡାର ଅଭାବ। ତେବେ ଖାଦ୍ୟଶସ୍ୟ ନଷ୍ଟକୁ ରୋକିବା ପାଇଁ ଏକ ଛୋଟ ପ୍ରୟାସ କରିଛନ୍ତି ଚେନ୍ନାଇର ଛାତ୍ରୀ ମହେକ ପରଭେଜ। କୃଷକମାନଙ୍କ ଉତ୍ପାଦିତ ଖାଦ୍ୟ ଶସ୍ୟକୁ ସୁରକ୍ଷିତ କରି ରଖିବା ଲାଗି ସେ ସୌର ଶକ୍ତି ଚାଳିତ ଏକ କୁଲ୍‌ରୁମ୍ ନିର୍ମାଣ କରିଛନ୍ତି। ଏଥିରେ ଉତ୍ପାଦିତ ଖାଦ୍ୟକୁ ପାରମ୍ପରିକ ଷ୍ଟୋରେଜଠାରୁ ୩ଗୁଣ ଅଧିକ ସମୟ ଫ୍ରେଶ୍ ରଖାଯାଇପାରୁଛି। ଆଶ୍ଚର୍ଯ୍ୟର କଥା ମହେକ ତାଙ୍କ ଫାର୍ମରେ ଖାଦ୍ୟଶସ୍ୟ ନଷ୍ଟ ହେଉଥିବା ଦେଖି ୬ଷ୍ଠ ଶ୍ରେଣୀରୁ ଏଭଳି ଏକ କୁଲ୍‌ରୁମ୍ ବା ରେଫ୍ରିଜରେଟର ନିର୍ମାଣ ଆରମ୍ଭ କରିଥିଲେ। ୬ ବର୍ଷ ପରେ ସେ ଟେକ୍ନୋଲୋଜିରେ ସଫଳ ହୋଇପାରିଛନ୍ତି। ଏହି କୁଲ୍‌ରୁମ୍‌ରେ ବାଷ୍ପୀକରଣ, ଶୀତଳୀକରଣ ଓ ଜଳୀୟବାଷ୍ପ ଧାରଣ କରିବା ଭଳି ଟେକ୍‌ନିକ୍ ପ୍ରୟୋଗ ହୋଇଛି। ଏହା ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରୁଛି। ଏଥିପାଇଁ ମହେକଙ୍କୁ ଲେକ୍ସସ ଡିଜାଇନ ଆୱାର୍ଡ, ଭାରତ-୨୦୨୩ ପ୍ରଦାନ କରାଯାଇଛି। ଏହି ପରିବେଶ ଉପଯୋଗୀ କୁଲ୍‌ରୁମ୍ ଆଗାମୀ ଦିନରେ କୃଷକମାନଙ୍କୁ ଲାଭ ଦେବ ବୋଲି କହନ୍ତି ୧୯ ବର୍ଷୀୟା ମହେକ।

## ୨୫ ବର୍ଷ ତଳର ଧରିତ୍ରୀ

୬ ଏପ୍ରିଲ ୧୯୯୮

- ଦକ୍ଷିଣ-ପଶ୍ଚିମ ଇରାନର ଡାହାରମହଲ-ଭା-ବଖତିଆରା ଗ୍ରାମରେ ଆକସ୍ମିକ ବନ୍ୟାଜଳ ମାଡ଼ିଆସିବାରୁ ମାଟି ଅତଡ଼ା ଖସି ୫୦ ମୃତ।
- ପାକିସ୍ତାନରେ ଘୋର ଆର୍ଥିକ ସଙ୍କଟ ଦେଖାଦେଇଥିବାରୁ ସରକାରୀ ସ୍ତରରେ ବ୍ୟାପକ ଖର୍ଚ୍ଚକାଟଛାଣ୍ଟ କରିବା ପାଇଁ ପ୍ରଧାନମନ୍ତ୍ରୀ ନୱାଜ ସରିଫ ନିଷ୍ପତ୍ତି ନେଇଛନ୍ତି।
- ବୃତ୍ତି ଋଣ (ଲୋନ-ଷ୍ଟାଇପେଣ୍ଡ) ପରିଶୋଧରେ ଖିଲାପ ପାଇଁ ରାଜ୍ୟର ପ୍ରାୟ ୪୫୦୦ ମେଧାବୀ ଛାତ୍ରୀଛାତ୍ରଙ୍କ ବିରୁଦ୍ଧରେ ସାର୍ଟିଫିକେଟ କେସ ରୁଜୁ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | 7 | | 3 | 5 | 8 |
| 7 | 9 | | | | | | | |
| 8 | | | | 1 | 5 | | | |
| | 6 | | | | | 7 | | |
| 1 | | 3 | | | 6 | 5 | | 4 |
| | | | | 3 | | | | |
| | | 7 | 5 | | | | 8 | |
| | | | | | | | 2 | |
| | | | | 2 | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 4 | 1 | 5 | 7 | 3 | 2 | 6 |
| 2 | 5 | 3 | 9 | 6 | 8 | 7 | 1 | 4 |
| 7 | 6 | 1 | 3 | 4 | 2 | 5 | 9 | 8 |
| 3 | 1 | 6 | 4 | 9 | 5 | 2 | 8 | 7 |
| 9 | 8 | 7 | 6 | 2 | 3 | 4 | 5 | 1 |
| 5 | 4 | 2 | 8 | 7 | 1 | 9 | 6 | 3 |
| 6 | 2 | 8 | 7 | 3 | 9 | 1 | 4 | 5 |
| 4 | 7 | 5 | 2 | 1 | 6 | 8 | 3 | 9 |
| 1 | 3 | 9 | 5 | 8 | 4 | 6 | 7 | 2 |

ଗତକାଲିର ଉତ୍ତର

# ଦୁଃଖକୁ ସୁଖ ପ୍ରାୟ ମଣି



ଡ. ପବିତ୍ର ସୁବୁଦ୍ଧି

ବିଭୀଷିକାମୟ ମହାଭାରତ ଯୁଦ୍ଧର ଯବନିକା ପଡ଼ିଛି। ଧର୍ମରାଜ ଯୁଧିଷ୍ଠିର ହସ୍ତିନାପୁର ସିଂହାସନରେ ଅଭିଷିକ୍ତ ହୋଇଛନ୍ତି। ଏଥର ମହାଭାରତର ମହାନାୟକ ଶ୍ରୀକୃଷ୍ଣଙ୍କର ଦ୍ୱାରକା ପ୍ରତ୍ୟାବର୍ତ୍ତନର ବେଳ। ରଥ ପ୍ରସ୍ତୁତ। ପ୍ରଭୁ ଶ୍ରୀକୃଷ୍ଣ ପ୍ରିୟ ସଖା ପଞ୍ଚପାଣ୍ଡବ ଓ ପ୍ରିୟ ସଖୀ ଦ୍ରୌପଦୀଙ୍କଠାରୁ ବିଦାୟନେଇ ମହାରାଣୀ କୁନ୍ତୀଙ୍କ ନିକଟରେ ପହଞ୍ଚିଛନ୍ତି ମେଲାଣି ପାଇଁ। କିନ୍ତୁ ଏ କି ଦୃଶ୍ୟ ଦେଖୁଛନ୍ତି ଲୀଳାମୟ ଶ୍ରୀକୃଷ୍ଣ। ମହାରାଣୀ କୁନ୍ତୀ ଯେ କଇଁ କଇଁ ହୋଇ କାନ୍ଦୁଛନ୍ତି। ଶ୍ରୀକୃଷ୍ଣ ପଚାରିଲେ – ''ପିଉସୀ ମା'! ଏଭଳି ଏକ ଅତୀବ ଆନନ୍ଦ ମୁହୂର୍ତ୍ତରେ ଆପଣ କାନ୍ଦୁଛନ୍ତି କାହିଁକି? ଏବେ ତ କୁରୁବଂଶ ଧ୍ୱଂସ ହୋଇଛି। ଆପଣଙ୍କ ପୁତ୍ରମାନେ ନିଷ୍କଣ୍ଟକ ରାଜ୍ୟ ଭୋଗ କରୁଛନ୍ତି।'' ଉତ୍ତରରେ କୁନ୍ତୀ ଅତ୍ୟନ୍ତ ଦୁଃଖାଭିଭୂତ ହୋଇ କହିଲେ, ''ହେ ପ୍ରିୟ କୃଷ୍ଣ! ଆପଣ ଆମ୍ଭମାନଙ୍କୁ ଅନେକ ବିପତ୍ତିରୁ ରକ୍ଷା କରିଛନ୍ତି। ମୋ ପୁତ୍ରମାନଙ୍କୁ ବିଷାକ୍ତ ପିଷ୍ଟକରୁ, ଭୟଙ୍କର ଅଗ୍ନିରୁ, ମାନବ ଭକ୍ଷମାନଙ୍କ କବଳରୁ, ଅଜ୍ଞାତ ବନବାସ ସମୟରେ ବହୁ ବିପଦରୁ ଏବଂ କୁରୁକ୍ଷେତ୍ର ଯୁଦ୍ଧସ୍ଥଳରେ ଅନେକ ରଥୀ ମହାରଥୀଙ୍କର ଅବ୍ୟର୍ଥ ଅସ୍ତ୍ରଶସ୍ତ୍ରରୁ ବଞ୍ଚାଇଛନ୍ତି। ଏବେ ଏବେ ମଧ୍ୟ ଆପଣ ଆମ୍ଭମାନଙ୍କୁ ଅଶ୍ୱତ୍ଥାମାଙ୍କର ବ୍ରହ୍ମାସ୍ତ୍ର କବଳରୁ ମୁକ୍ତି ଦେଇଛନ୍ତି। ଏସବୁ ସତ୍ତ୍ୱେ ହେ ଜଗଦ୍‌ଗୁରୁ! ବିଦାୟ ବେଳାରେ ମୁଁ ଆପଣଙ୍କୁ ଏତିକି ପ୍ରାର୍ଥନା କରୁଛି ଯେ, ସେ ସମସ୍ତ ବିପଦ ଆମ୍ଭମାନଙ୍କ ପାଖକୁ ବାରମ୍ବାର ଆସୁ। ଚକିତ କୃଷ୍ଣ ପଚାରିଲେ, ''କାହିଁକି ପିଉସୀ ମା'?'' ଉତ୍ତରରେ କୁନ୍ତୀ ଯାହା କହିଲେ, ତାହା ସମସ୍ତଙ୍କ ଭିତରେ ଏକ ଦିବ୍ୟ ଗଭୀର ଭକ୍ତିଭାବ ଓ ସୂକ୍ଷ୍ମ ପରାମାର୍ଥିକ ଚେତନା ପ୍ରକାଶ କରିବା ପାଇଁ ଯଥେଷ୍ଟ। କୁନ୍ତୀ କହିଲେ, ''ଏ ବିପଦ ସବୁ ବାରମ୍ବାର ଆମ୍ଭ ନିକଟକୁ ଆସିଲେ, ଆମେ ଆପଣଙ୍କୁ ବାରମ୍ବାର ସ୍ମରଣ କରିବୁ। ଆପଣଙ୍କୁ ବାରମ୍ବାର ସ୍ମରଣକଲେ ଆପଣ ଆମକୁ ବାରମ୍ବାର ଦର୍ଶନ ଦେବେ। ହେ ଯୋଗେଶ୍ୱର ! ଆପଣଙ୍କୁ ପୁନଃ ପୁନଃ ଦର୍ଶନ କରିବାର ଅର୍ଥ ଆମ୍ଭେମାନେ ଆଉ ଜନ୍ମ ମୃତ୍ୟୁ ଚକ୍ରରେ ଘୂରିବୁଲିବୁ ନାହିଁ, ମୁକ୍ତି ପାଇଯିବୁ।''

ମହାରାଣୀ କୁନ୍ତୀଙ୍କର ଏ ମହାନ୍ ପ୍ରାର୍ଥନା ଦୁଃଖ ଓ ନୈରାଶ୍ୟରେ ଗତି କରୁଥିବା ଆଧୁନିକ ମଣିଷମାନଙ୍କ ମଧ୍ୟରେ ମଧ୍ୟ ଅନ୍ତର୍ଜ୍ଞାନ ସୃଷ୍ଟିକରେ। ଆପଣମାନେ ପ୍ରଖ୍ୟାତ ୱିମ୍ବେଲଡନ୍ ଟେନିସ ଖେଳାଳି ଆର୍ଥର ଆସେଙ୍କ ନାଁ ଶୁଣିଥିବେ। ଜଣେ ବିଶ୍ୱବିଜୟୀ ଟେନିସ୍ ଖେଳାଳି ଭାବେ ସେ ଥିଲେ ବେଶ୍ ପ୍ରସିଦ୍ଧ। ମାତ୍ର ହଠାତ୍ ସେ ଏକ ମରଣାନ୍ତକ ରୋଗରେ ପୀଡ଼ିତ ହୋଇ ପଡ଼ିଲେ। ବଞ୍ଚିବାର ଆଶା ବହୁତ କ୍ଷୀଣ ଥିଲା। ଏ ଖବରରେ ସମଗ୍ର ଟେନିସ୍ ଜଗତ ସ୍ତବ୍ଧ ହୋଇଗଲା। ସାରା ପୃଥିବୀର କୋଣ ଅନୁକୋଣରୁ ତାଙ୍କର ବନ୍ଧୁ ଓ ପ୍ରଶଂସକମାନେ ତାଙ୍କ ଆରୋଗ୍ୟ କାମନାକରି ଅସଂଖ୍ୟ ସମବେଦନାମୂଳକ ପତ୍ର ପଠାଇବାକୁ ଲାଗିଲେ। ଜଣେ ପ୍ରଶଂସକ ତାଙ୍କର ଏ ଦୁଃଖରେ ଅତ୍ୟନ୍ତ ମ୍ରିୟମାଣ ହୋଇ ଚିଠିଏ ଲେଖିଥିଲେ। ସେ ଏ ଚିଠିରେ ସମସ୍ତଙ୍କଠାରୁ ପାଦେ ଆଗେଇଯାଇ ଲେଖିଥିଲେ – ''ହେ ମୋର ଅତି ପ୍ରିୟ ଟେନିସ୍ ତାରକା! ପୃଥିବୀରେ ଏତେ ଲୋକ ଥାଉଁ ଥାଉଁ ଈଶ୍ୱର ଏ ଭୟଙ୍କର ବ୍ୟାଧି ଦେବାକୁ ଆପଣଙ୍କ ଭଳି ଜଣେ ମହାନ୍ ମଣିଷକୁ କାହିଁକି ଚୟନ କଲେ?'' ଏ ଚିଠିର ଉତ୍ତରରେ



ଆର୍ଥର ଯାହା ଲେଖିଥିଲେ ତାହା କୋଟି କୋଟି ମଣିଷଙ୍କ ପାଇଁ ଆଜି ବି ପ୍ରଣିଧାନଯୋଗ୍ୟ। ରୋଗ ଶଯ୍ୟାରେ ଶୋଇ ଆର୍ଥର ଲେଖିଥିଲେ– ''ହେ ମୋର ପ୍ରିୟ ବନ୍ଧୁ, ଆପଣଙ୍କ ସମବେଦନା ପାଇଁ ଶତ ଧନ୍ୟବାଦ। ଆପଣ ଜାଣନ୍ତି ସମଗ୍ର ପୃଥିବୀରେ ପ୍ରାୟ ୫ କୋଟି ପିଲା ଟେନିସ୍ ଖେଳିବାକୁ ଆରମ୍ଭ କରିଥାନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୫୦ଲକ୍ଷ ପିଲା ଟେନିସ୍ ଖେଳିବାକୁ ପଡ଼ିଆରେ ପହଞ୍ଚନ୍ତି। ବଡ଼ ହେବା ପରେ ସେମାନଙ୍କ ମଧ୍ୟରୁ ମାତ୍ର ୫ ଲକ୍ଷ ପିଲା ବୃତ୍ତିଗତ ଭାବେ ଏହି ଖେଳ ଖେଳିଥାନ୍ତି। ଆଉ ସେମାନଙ୍କ ମଧ୍ୟରୁ ପ୍ରତିଯୋଗିତା ପାଇଁ ମାତ୍ର ୫୦ହଜାର ମଇଦାନକୁ ଓହ୍ଲେଇଥାନ୍ତି। ତନ୍ମଧ୍ୟରୁ ମାତ୍ର ୫ ହଜାର ଗ୍ରାଣ୍ଡ ସ୍ଲାମ୍ (ପ୍ରତିଯୋଗିତାର ଶେଷ ପର୍ଯ୍ୟାୟ)ରେ ପହଞ୍ଚନ୍ତି। ପୁଣି ବଛାବଛି ପରେ ସେମାନଙ୍କ ମଧ୍ୟରୁ ମାତ୍ର ୫୦ଜଣ ବିଶ୍ୱ ବିଖ୍ୟାତ ୱିମ୍ବେଲଡନ କପ୍ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୪ଜଣ ସେମିଫାଇନାଲରେ ପ୍ରବେଶ କରନ୍ତି। ଶେଷରେ ମାତ୍ର ୨ଜଣ ଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି। ସବାଶେଷରେ ସେ ୨ଜଣଙ୍କ ମଧ୍ୟରୁ କେବଳ ଜଣେ ବିଜୟୀ ହୋଇ ୱିମ୍ବେଲଡନ୍ କପ୍ ହାସଲ କରିଥାଏ। ହେ ମୋର ପ୍ରିୟ ବନ୍ଧୁ! କୋଟି କୋଟି ଟେନିସ୍ ଖେଳାଳିଙ୍କୁ ପଛରେ ପକାଇ ଦୟାମୟ ଈଶ୍ୱର ଯେତେବେଳେ ବିଜେତା ହିସାବରେ 'ୱିମ୍ବେଲଡନ୍ କପ୍'ଟି ମୋ ହାତରେ ଧରାଇ ଦେଇଥିଲେ, ସେହି ସୁଖଦ ମୁହୂର୍ତ୍ତରେ ମୁଁ ତ ଈଶ୍ୱରଙ୍କୁ ପଚାରି ନ ଥିଲି, ସଂସାରରେ ଏତେ ଲୋକ ଥାଉ ଥାଉ ମୋତେ କାହିଁକି ଆପଣ ବିଜେତା ଭାବେ ଚୟନ କଲେ? ଆଉ ଆଜି ଯେତେବେଳେ ଏ ଦୁଃଖ ଯନ୍ତ୍ରଣା ଭୋଗୁଛି, ସେତେବେଳେ ତାଙ୍କୁ କାହିଁକି ପଚାରିବି – ଆପଣ କାହିଁକି ମୋତେ ଏ ରୋଗ ଦେବାକୁ ଚୟନ କଲେ?

ଆର୍ଥରଙ୍କ ଏହି ମର୍ମସ୍ପର୍ଶୀ ଚିଠିଟି ବାସ୍ତବରେ ଆଖିରେ ଆଖିଏ ଲୁହ ଆଣିଦିଏ। ଅନ୍ୟପକ୍ଷରେ ରୋଗ ଓ ଶୋକରେ ଶଢୁଥିବା କୋଟି କୋଟି ଅସହାୟ ମଣିଷଙ୍କୁ ଏହା ଏକ ଅବିଶ୍ୱସନୀୟ ଆଶ୍ୱାସନା ଦିଏ। ଜୀବନର ସମସ୍ତ ନିରୁତା ଯନ୍ତ୍ରଣାକୁ ଗଭୀର ଭାବେ ଅନୁଭବ କରି ତା'ରି ଭିତରେ ଜୀବନର ଜୟଗୀତି ଗାଇବା ସତରେ କେତେ ମଣିଷଙ୍କ ପକ୍ଷରେ ସମ୍ଭବ? ସୁଖ ଆମ୍ଭମାନଙ୍କୁ ଆନନ୍ଦ ଦିଏ, ମାତ୍ର ଦୁଃଖ ଆମକୁ ପରୀକ୍ଷା କରେ, ବଳଶାଳୀ କରେ। ସଫଳତା ଆମ ମନରେ ଉତ୍ସାହ ଓ ଉଦ୍ଦୀପନା ଭରିଦିଏ, ମାତ୍ର ବିଫଳତା ଆମକୁ ବିନମ୍ର କରିଦିଏ। ସମ୍ପଦ ଆମକୁ ସୁଖ ଦିଏ, ମାତ୍ର ବିପଦ ଆମକୁ ଶିକ୍ଷା ଦିଏ। ସୁଖ ଓ ଦୁଃଖ, ସଫଳତା ଓ ବିଫଳତା, ସମ୍ପଦ ଓ ବିପଦକୁ ସମାନ ଭାବରେ ଗ୍ରହଣ କରିନେବା ମଣିଷର କର୍ତ୍ତବ୍ୟ। କାରଣ ଏସବୁ ଈଶ୍ୱରଙ୍କର ଲୀଳା। ଆମ ମାପକାଠିରେ ନା ତାଙ୍କୁ ମାପିହେବ, ନା ପ୍ରଶ୍ନ କରିହେବ କୌଣସି ଲୀଳାର କାରଣ ଜାଣିବା ପାଇଁ? ଏହାଛଡ଼ା ନିରାଶାରେ ଭାଙ୍ଗିପଡ଼ିଲେ ବଞ୍ଚିବାର ଶେଷ ଆଶା ଟିକକ ମଉଳିଯିବ। ବିପଦ ଭିତରେ ସମ୍ପଦ ଲୁଚି ରହିଥାଏ ବୋଲି ଜ୍ଞାନୀଜନମାନେ ମତବ୍ୟକ୍ତ କରିଥାନ୍ତି। ବାଦଲ ଫାଟିଲେ ବର୍ଷା ହୁଏ। ମାଟି ଗୁଣ୍ଡ ହେଲେ କ୍ଷେତ ହସିଉଠେ। ମଞ୍ଜି ଫାଟିଲେ ଗଜା ହୁଏ। ଗଜା ଫାଟିଲେ ଚାରା କଅଁଳେ। ଶାମୁକା ଦି'ଫାଳ ହେଲେ ମୁକ୍ତା ବାହାରେ। ବିପଦର ଜଣେ ମାତ୍ର ବନ୍ଧୁ ଅନ୍ତର୍ଯ୍ୟାମୀ ପରମେଶ୍ୱର। ସେହି ବନ୍ଧୁ ହିଁ ସମ୍ପଦ, ବିପଦ ସର୍ବ କ୍ଷଣର ବନ୍ଧୁ। ବିପଦ ବ୍ୟକ୍ତିକୁ ଏହି ଅମୃତ ଉପଲବ୍ଧି ଆଣି ଦେଇଥାଏ ଯେ, ଭାଙ୍ଗିବା ଗଢ଼ିବା ସବୁ ତାଙ୍କରି ଲୀଳା।

**–ପ୍ରାଧ୍ୟାପକ, ନୀଳମାଧବ କଲେଜ, କଣ୍ଟିଲୋ**
**ମୋ: ୬୩୭୦୬୪୫୭୮୯**

# ସୁଧାର ଆବଶ୍ୟକ



ଇବ୍ରାର ଖାଁ

ସୁସ୍ଥ ନିରାମୟ ଜୀବନଯାପନ ପାଇଁ ସ୍ୱଚ୍ଛ, ସମୃଦ୍ଧ ସମାଜର ଆବଶ୍ୟକତା ରହିଛି। ସମାଜରେ ନୀତି, ନୈତିକତାର ବିଘଟନ ଘଟିଲେ ସାମାଜିକ ଜୀବନ ବିଶୃଙ୍ଖଳିତ ହୋଇ ଯେଉଁ ଅସ୍ଥିରତା ସୃଷ୍ଟି ହୁଏ, ସେଥିରେ ମଣିଷ ପତନ ଆଡ଼କୁ ଟାଣି ହୋଇଯାଏ। ସ୍ୱାର୍ଥକୈନ୍ଦ୍ରିକ ମାନସିକତାରେ ଆକ୍ରାନ୍ତ ମଣିଷ ହୀନମନ୍ୟତାର ଶିକାର ହୋଇ ସମସ୍ତ ମାନବୀୟ ଗୁଣକୁ ପରିହାର କରି ଯେଉଁ କାର୍ଯ୍ୟମାନ ସମ୍ପାଦନ କରେ, ତାହା ସମାଜର ସର୍ବାଙ୍ଗୀନ ବିକାଶରେ ବାଧକ ସାଜିଥାଏ। ଭୌତିକ ସୁଖ ପ୍ରତି ପ୍ରଲୁବ୍ଧ ମଣିଷ ଭୋଗ ବିଳାସକୁ ଜୀବନର ଉପଜୀବ୍ୟ ରୂପେ ଗ୍ରହଣ କରିନେଉଥିବାରୁ ପାପ ପୁଣ୍ୟର ବିଚାର ନ କରି ଯେପରି ଛଳନାତ୍ମକ ଚରିତ୍ରର ଆବରଣ ତଳେ ରହି ସମାଜରେ ନିଜକୁ ଉପସ୍ଥାପିତ କରୁଛି, ତାହା ସବୁ ଅନର୍ଥର ମୂଳ କାରଣ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଦୃଷ୍ଟିରୁ ସାମାଜିକ ନ୍ୟାୟ ସାଙ୍ଗକୁ ଆଦର୍ଶ ମୂଲ୍ୟବୋଧ ପରାହତ ହୋଇ ସାମାଜିକ ଜୀବନରେ ଯେଉଁ ଘୃଣା, ଦ୍ୱେଷ, ସନ୍ଦେହ, ସଂଶୟ ଓ ଅବିଶ୍ୱାସର ବାତାବରଣ ସୃଷ୍ଟି ହେଉଛି; ସେଥିରେ ଶାନ୍ତି ସହାବସ୍ଥାନ ବ୍ୟାହତ ହେବା ସହ ପରସ୍ପର ପ୍ରତି ଥିବା ସ୍ନେହ, ଶ୍ରଦ୍ଧା, ସଦ୍‌ଭାବ, ବନ୍ଧୁତା ଆଉ ଭାଇଚାରା ଏବଂ ସମ୍ପର୍କର ନିବିଡ଼ତାରେ ସଙ୍କଟମୟ ସ୍ଥିତି ଉତ୍ପନ୍ନ ହେବାରେ ଲାଗିଛି।

ସମାଜର ଉନ୍ନତିରେ ଦେଶ ଓ ଜାତିର ବିକାଶ ସମ୍ଭବ ହୋଇଥାଏ। ସଂସ୍କୃତି ସମ୍ପନ୍ନ ସମାଜରେ ମହାନ୍ ପରମ୍ପରା ଏବଂ ଆଦର୍ଶ ମୂଲ୍ୟବୋଧର ଅପୂର୍ବ ସମନ୍ୱୟ ସଂଘଟିତ ହୋଇ ଜନମାନସରେ ମାନବବୋଧର ଯେଉଁ ଉଦ୍‌ବେଳନ ସୃଷ୍ଟି ହୁଏ, ସେଥିରେ ଜନଗଣଙ୍କ ହୃଦୟରେ ସ୍ନେହ, ପ୍ରେମ, ଶ୍ରଦ୍ଧା, ସହନଶୀଳତା, ଶିଷ୍ଟାଚାର, ଶାଳୀନତା ସହ ଦୟା ଓ କରୁଣାଭାବ ଉଦ୍ରେକ ହୋଇ ବ୍ୟକ୍ତିକୈନ୍ଦ୍ରିକ ଜୀବନରେ ମାନବିକତାର ମହନୀୟତା ପରିସ୍ଫୁଟ ହୋଇଥାଏ। ଫଳରେ ସମାଜରେ ବିଭିନ୍ନ ଜାତି, ଧର୍ମ, ସମ୍ପ୍ରଦାୟ ଓ ବର୍ଗର ଲୋକମାନଙ୍କ ଭିତରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇ ଭିନ୍ନତା ମଧ୍ୟରେ ଏକତା ପ୍ରତିଷ୍ଠିତ ହୋଇଥାଏ। ଏହି କାରଣରୁ ପରିବାର ବ୍ୟତୀତ ପ୍ରତିବେଶୀ ଓ ପଡ଼ୋଶୀମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା, ଗଭୀର ଆସ୍ଥା ଆଉ ଅତୁଟ ବିଶ୍ୱାସ ସହ ଅନାବିଳ ଆକର୍ଷଣ ଦେଖିବାକୁ ମିଳିଥାଏ। କିନ୍ତୁ ଏହି କିଛି ଦଶନ୍ଧି ହେଲା ଘଟିଯାଉଥିବା ଘଟଣା ପ୍ରବାହକୁ ଅବଲୋକନ କଲେ ସମାଜର ଯେଉଁ ବୀଭତ୍ସ ଚିତ୍ର ସବୁ ପରିଦୃଷ୍ଟ ହୁଏ ତାହା ନିଶ୍ଚୟ ଉଦ୍‌ବେଗଜନକ। ଏହା ଯେକେହି ସ୍ୱୀକାର କରିବେ। ମଣିଷପଣିଆକୁ ଭୁଲି ମଣିଷ ଯେତେସବୁ ଅପସଂସ୍କୃତିକୁ ଆପଣେଇ ଯେପରି ଅମାନବୀୟ କାର୍ଯ୍ୟମାନ ସମ୍ପାଦନ କରିଚାଲିଛି, ତାହା ସୁସ୍ଥ ସମାଜ ପାଇଁ ମୋଟେ ଶୁଭଙ୍କର ନୁହେଁ।

ଶିକ୍ଷାନୁଷ୍ଠାନମାନଙ୍କରେ ଗୁରୁ-ଛାତ୍ରୀଙ୍କ ସମ୍ପର୍କରେ ରହିଥିବା ପବିତ୍ରତା କ୍ରମେ ଅପସରି ଯାଉଥିବାରୁ କିଛି ଛାତ୍ରୀ ଆଉ ଶିକ୍ଷକଙ୍କ ମଧ୍ୟରେ ଗଢ଼ି ଉଠୁଥିବା ଅରୁଚିକର ପ୍ରେମ ବ୍ୟାପାରକୁ ନେଇ ଶୈକ୍ଷିକ ପରିବେଶ ଯେପରି କଳୁଷିତ ହେବାରେ ଲାଗିଛି ତାହା ନିଶ୍ଚୟ ନିନ୍ଦନୀୟ। ଆଉ କିଛି ଶିକ୍ଷକ କୋମଳମତି ଛାତ୍ରୀମାନଙ୍କୁ ଉତ୍ପୀଡ଼ନ ଦେଇ ଦଣ୍ଡିତ ହେବାର ବହୁ ଦୃଷ୍ଟାନ୍ତ ରହିଛି। ଗୁରୁ-ଛାତ୍ରଙ୍କ ମଧ୍ୟରେ ରହିଥିବା ସ୍ନେହ, ଶ୍ରଦ୍ଧା, ଭକ୍ତି, ଭୟ ଏବଂ ଆତ୍ମୀୟତା ଏବେ ଅବକ୍ଷୟମୁଖୀ ହୋଇ ପଡ଼ିଥିବାରୁ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ଛାତ୍ରଙ୍କୁ ପ୍ରତିରୋଧ କରିବାକୁ ଯାଇ ଅନେକ ଶିକ୍ଷକ ମରଣାନ୍ତକ ଆକ୍ରମଣର ଶିକାର ହେଉଥିବାର ଅନେକ ପ୍ରମାଣ ରହିଛି। ଏବେ ଚୋରା ମଦ ବ୍ୟବସାୟୀ ଏବଂ ବାଲି ଓ ଜମି ମାଫିଆମାନେ ପୋଲିସ କର୍ମଚାରୀ ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ସଙ୍ଗବଦ୍ଧ ଆକ୍ରମଣ କରୁଛନ୍ତି। ମଦ ଆଉ ମାଦକ ଦ୍ରବ୍ୟର ପ୍ରାବଲ୍ୟ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଯୁବସମାଜକୁ ପଥଭ୍ରଷ୍ଟ କରିଦେଉଥିବାରୁ ସମାଜରେ ଅପରାଧ ପ୍ରବଣତା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ସମାଜରେ ନାରୀ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ନାରୀ ସୁରକ୍ଷାକୁ ନେଇ ପ୍ରଭୂତ ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଅପରାଧୀମାନଙ୍କ ଉପରେ ତା'ର କୌଣସି ପ୍ରଭାବ ପଡୁ ନ ଥିବା ମନେହୁଏ। ଦୁର୍ନୀତିର ଚେର ସମାଜର ସବୁ ସ୍ତରକୁ ବ୍ୟାପିଯାଇଛି। ସମାଜର ଏଭଳି ଅବସ୍ଥା ଭିତରେ ରହି ଆମେ ଏକବିଂଶ ଶତାବ୍ଦୀରେ ସଫଳତା ଆଡ଼କୁ କେତେଦୂର ଅଗ୍ରସର ହୋଇପାରିବା ତାହାହିଁ ଆଜିର ପ୍ରଶ୍ନ। ତେଣୁ ଆମେ ସମସ୍ତେ ନିଜ ନିଜର ଆତ୍ମସମୀକ୍ଷା କରି ସମାଜରେ ସୁସ୍ଥ ପରିବେଶକୁ ଫେରାଇ ଆଣିବା ପାଇଁ ଉଦ୍ୟମ ନ କଲେ ମାନବ ଜମାଜ ତିଷ୍ଠି ରହିବା ଅସମ୍ଭବ ହୋଇପଡ଼ିବ।

**–ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଜ, ଖୋର୍ଦ୍ଧା**

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ରର ହତ୍ୟା

ମହାଶୟ,

ଗଣତନ୍ତ୍ରର ଉଦ୍ଭବ ଗଣରୁ। ଗଣ ସ୍ୱେଚ୍ଛାଚାରୀ ହେଲେ, ଅନ୍ୟାୟକୁ ଆଶ୍ରୟ ଦେଲେ, ସତ୍ୟ, ଧର୍ମକୁ ଛାଡ଼ି ଅସତ୍ୟ ଅଧର୍ମକୁ ଆବୋରିଲେ, ଗଣର ଉତ୍ଥାନରେ ଈର୍ଷାନ୍ୱିତ ହୋଇ ମତ ରଖିଲେ, ନୋଟ ନେଇ ଭୋଟ ଦେଲେ, ବିରୋଧୀରେ ଅଛୁ ବୋଲି ଭଲ କାମ ଓ ବ୍ୟବସ୍ଥାକୁ ବିରୋଧ କଲେ ଗଣତନ୍ତ୍ର ଦୁର୍ବଳ ହେବ। ଆସନ୍ତୁ ଗଣତନ୍ତ୍ରର ଦୃଢ଼ତା ପାଇଁ ଅନ୍ୟାୟ, ଅସତ୍ୟ ବିରୋଧରେ ଲଢ଼ିବା। ସମାଜରେ ସମାନ ଅଧିକାର, ସମାନ ଆଇନ, ସମାନ କାମକୁ ସମାନ ମଜୁରି ଓ ସମାନ ଦ୍ରବ୍ୟକୁ ସମାନ ମୂଲ୍ୟ ପାଇଁ ଲଢ଼େଇ କରିବା ଦରକାର। ଅସ୍ପୃଶ୍ୟତା ଓ ଜାତିପ୍ରଥା ନିବାରଣ, ସକଳ ପ୍ରକାର ନିଶା ନିବାରଣ କ୍ଷେତ୍ରରେ ସଂଗ୍ରାମ କରି ବିଶେଷକରି 'ରିଜର୍ଭେଶନ' ଆକ୍ଟ ବିଲୋପ ପାଇଁ ପଦକ୍ଷେପ ନେଇ ଗଣତନ୍ତ୍ରକୁ ସୁଦୃଢ଼ କରିବା ଦରକାର।

**–ପ୍ରହ୍ଲାଦ ସାହୁ, ବଡ଼ଇଚ୍ଛାପୁର, ଜଟଣୀ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅଧରେ ଫୁଟେ ଯେତେ ବଧୂଳି
ଗଗନେ ଚମକାଇ ବିଜୁଳି
ଧରଇ ନୂଆରୂପ ସକଳ ସରଜନା
ସକଳ ଗଇରିକ ଗୋଧୂଳି।

–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ



ଇଣ୍ଡିଆନ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଆସୋସିଏଶନ ଜାପାନ(ଆଇସିଆଇଜେ)ର ଅଧ୍ୟକ୍ଷ ଜଗମୋହନ ଏସ୍ ଚନ୍ଦ୍ରାଣିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୋକିଓଠାରେ ସାକ୍ଷାତ କରିଛନ୍ତି



ଟୋକିଓଠାରେ ଅନୁଷ୍ଠିତ ବିଜ୍‌ନେସ୍ ମିଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।



ଜାପାନରେ ଅବସ୍ଥାପିତ ପ୍ରବାସୀ ଭାରତୀୟ ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କୁ ଶୁଭେଚ୍ଛା ଜଣାଉଛନ୍ତି।

# ଖୋର୍ଦ୍ଧା ଜିଲା ଭାଜପା ସଭାପତିଙ୍କ ହୋଟେଲ ସିଲ୍

## ୫.୫ କୋଟି ଟଙ୍କା ଋଣ ଖିଲାପ ମହଙ୍ଗା ପଡ଼ିଲା

ଖୋର୍ଦ୍ଧା ଅଫିସ,୫।୪

ଋଣ ଖିଲାପ ଅଭିଯୋଗରେ ବୁଧବାର ଖୋର୍ଦ୍ଧା ଜିଲା ଭାଜପା ସଭାପତି ରଶ୍ମିରଞ୍ଜନ ମହାପାତ୍ରଙ୍କ ମୁକୁନ୍ଦପ୍ରସାଦସ୍ଥିତ ସୂର୍ଯ୍ୟମୁଖୀ ହୋଟେଲକୁ ସିଲ୍ କରାଯାଇଛି। ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି) ଭୁବନେଶ୍ୱର ସର୍କଲ ଅଧିକାରୀ, ସ୍ଥାନୀୟ ଆସିଷ୍ଟାଣ୍ଟ କଲେକ୍ଟର ଶରତ ଚନ୍ଦ୍ର ଦେହୁରି ଓ ପୋଲିସ ଉପସ୍ଥିତିରେ ଉକ୍ତ ହୋଟେଲକୁ ସିଲ୍ କରାଯାଇଥିଲା। ତେବେ ହୋଟେଲ ପରିସରରେ ଭାଜପା ଜିଲା କାର୍ଯ୍ୟାଳୟ ଏବଂ ବାର୍ ଆଣ୍ଡ ରେଷ୍ଟୁରାଣ୍ଟ ଚାଲିଥିଲା। ଚଢ଼ାଉ ବେଳେ ପରିସରରେ ଭାଜପା ପତାକା ଗଦା ହୋଇଥିବା ମଧ୍ୟ ଦେଖିବାକୁ ମିଳିଛି।

ସୂଚନା ମୁତାବକ, ପିଏନବିର ଜଟଣୀ ଅରଗୁଳ ବ୍ରାଞ୍ଚରୁ ରଶ୍ମି ୨୦୧୭ରେ ଋଣ ଆଣିଥିଲେ। ମୂଳଧନ ଓ ସୁଧକୁ ମିଶାଇ ପ୍ରାୟ ସାଢ଼େ ୫କୋଟି ଟଙ୍କା ହେବ ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ବାରମ୍ବାର ନୋଟିସ ସତ୍ତ୍ୱେ ରଶ୍ମି ଏଥିପ୍ରତି କର୍ଣ୍ଣପାତ କରି ନ ଥିଲେ। ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ହୋଟେଲକୁ ନିଜ କବ୍‌ଜାକୁ ନେବାକୁ ଜିଲା ପ୍ରଶାସନକୁ ଅନୁରୋଧ କରିଥିଲେ। ବୁଧବାର ପୂର୍ବାହ୍ନରେ ପିଏନ୍‌ବି ଭୁବନେଶ୍ୱର ସର୍କଲ ପକ୍ଷରୁ ଅଧିକାରୀମାନେ ହୋଟେଲରେ ପହଞ୍ଚିଥିଲେ। ପ୍ରଶାସନ ପକ୍ଷରୁ ଆସିଷ୍ଟାଣ୍ଟ କଲେକ୍ଟର ଦେହୁରି ମାଜିଷ୍ଟ୍ରେଟ ଭାବେ ଉପସ୍ଥିତ ଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ଥାନାଧିକାରୀ ତାରିକ ଅହମ୍ମଦ, ଅତିରିକ୍ତ ଆଇଆଇସି କୃଷ୍ଣଚନ୍ଦ୍ର ସ୍ୱାଇଁ, ଏସ୍‌ଆଇ ପି.ଏଲ୍. ବେହେରାଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ମୁତୟନ ରହିଥିଲେ। ପିଏନ୍‌ବି ଅଧିକାରୀ ହୋଟେଲରେ ତନ୍ନତନ୍ନ ଯାଞ୍ଚ କରିଥିଲେ। ୪ ମହଲାବିଶିଷ୍ଟ ଏହି ହୋଟେଲରେ ୧୪ରୁ ଊର୍ଦ୍ଧ୍ୱ ରୁମ୍ ରହିଛି। ତଳ ମହଲାରେ ବାର୍ ଆଣ୍ଡ ରେଷ୍ଟୁରାଣ୍ଟ ଚାଲିଥିବା ବେଳେ ଦୁଇ ମହଲା ଲୋକଙ୍କ ପାଇଁ ଉଦ୍ଦିଷ୍ଟ ରହିଥିଲା। ହୋଟେଲ ପରିସରରେ ରଶ୍ମି ଭାଜପା ଜିଲା କାର୍ଯ୍ୟାଳୟ କରିଥିବା ବେଳେ ଅନେକଥର ସାଙ୍ଗଠନିକ ବୈଠକ, କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଛି। ଚଢ଼ାଉ ବେଳେ ୬ଟି ରୁମ୍‌ରେ ଲୋକେ ରହିଥିଲେ। ସେମାନଙ୍କୁ ତୁରନ୍ତ ରୁମ୍ ଖାଲି କରିବାକୁ କୁହାଯାଇଥିଲା। ପରେ ସମସ୍ତ କୋଠରି ସିଲ୍ କରାଯିବା ସହ ମୁଖ୍ୟ ଫାଟକରେ ଜଉମୁଦ ଦେଇ ସିଲ୍ କରିଥିଲେ। ତେବେ ଚଢ଼ାଉ ବେଳେ ହୋଟେଲ ପରିସରରେ ଚାଲିଥିବା ସୂର୍ଯ୍ୟମୁଖୀ ବାର୍ ଲାଗି ରୁମ ଲିଜ୍ ନେଇଥିବା ମାଲିକ ସୁଦର୍ଶନ ସୁନ୍ଦରାୟ ଏବଂ ବ୍ୟାଙ୍କ କର୍ତ୍ତୃପକ୍ଷ ମୁହାଁମୁହିଁ ହୋଇଥିଲେ। ଏଠାରେ ବାର୍ ଖୋଲିବା ପାଇଁ ହୋଟେଲ ମାଲିକଙ୍କ ସହ ଚୁକ୍ତିନାମା ଏବଂ ଅନ୍ୟ କାଗଜପତ୍ର ଦେଖାଇଥିଲେ। ବାର୍‌ରେ ଲକ୍ଷାଧିକ ଟଙ୍କାର ବିଦେଶୀ ମଦ ରହିଥିବାରୁ ତାହାକୁ ଅନ୍ୟତ୍ର ସ୍ଥାନାନ୍ତର ଲାଗି ସମୟ ମାଗିଥିଲେ। ତେବେ ହୋଟେଲକୁ ବ୍ୟାଙ୍କ ନିଜ କବ୍‌ଜାକୁ ନେଇଯାଇଥିବାରୁ ବାର୍ ଖୋଲିବା କିମ୍ବା ସାମଗ୍ରୀ ନେଇପାରିବେ ନାହିଁ ବୋଲି ମନା କରିଥିଲେ। ଏ ସମ୍ପର୍କରେ ଆସିଷ୍ଟାଣ୍ଟ କଲେକ୍ଟର ଦେହୁରି କହିଛନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିଲି। ଋଣ ଖିଲାପ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ହୋଟେଲକୁ ସିଲ୍ ଲାଗି ଜିଲାପାଳଙ୍କୁ ଜଣାଇଥିଲେ। ପ୍ରଶାସନର ନିର୍ଦ୍ଦେଶକ୍ରମେ ବ୍ୟାଙ୍କ କର୍ତ୍ତୃପକ୍ଷ ପୋଲିସ ଉପସ୍ଥିତିରେ ସିଲ୍ କରିଥିଲେ ବୋଲି ସେ କହିଛନ୍ତି।



ସୂର୍ଯ୍ୟମୁଖୀ ହୋଟେଲ

# ଏନ୍‌ସିଇଆର୍‌ଟି ପାଠ୍ୟକ୍ରମ ପରିବର୍ତ୍ତନକୁ ବିରୋଧ

ଭୁବନେଶ୍ୱର,୫।୪(ବ୍ୟୁରୋ)

**କେନ୍ଦ୍ର ସରକାର ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାମ୍ପ୍ରଦାୟିକତାକୁ ପ୍ରୋତ୍ସାହିତ କରୁଛନ୍ତି: ଏଆଇଡିଏସ୍‌ଓ**

ଏନ୍‌ସିଇଆର୍‌ଟିର ଦଶମ ଏବଂ ଦ୍ୱାଦଶ ଶ୍ରେଣୀର ଇତିହାସ, ନଗର ବିଜ୍ଞାନ, ହିନ୍ଦୀ ଓ ରାଜନୀତି ବିଜ୍ଞାନ ପୁସ୍ତକଗୁଡ଼ିକରେ ହୋଇଥିବା ପରିବର୍ତ୍ତନକୁ ଏଆଇଡିଏସ୍‌ଓ ପକ୍ଷରୁ ବିରୋଧ କରାଯାଇଛି। କେନ୍ଦ୍ର ସରକାର ପୁଣିଥରେ ଏକ ଅଗଣତାନ୍ତ୍ରିକ ପଦକ୍ଷେପ ନେଇଥିବା ସଂଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦକ ସୌରଭ ଘୋଷ, ଓଡ଼ିଶା ରାଜ୍ୟ ପରିଷଦ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ କହିଛନ୍ତି। ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରିବାକୁ ଯାଇ ଭାଜପା ନେତୃତ୍ୱାଧୀନ ମୋଦି ସରକାର ଦଶମ ଓ ଦ୍ୱାଦଶ ଶ୍ରେଣୀର ପାଠ୍ୟପୁସ୍ତକରୁ ସେହି ବିଷୟବସ୍ତୁଗୁଡ଼ିକୁ ହଟାଇ ଦେଇଛନ୍ତି, ଯାହାକୁ ପଢ଼ି ଛାତ୍ରୀଛାତ୍ର ଦେଶର ସ୍ୱାଧୀନତା ଆନ୍ଦୋଳନ, ସଂସ୍କୃତି, ଐତିହ୍ୟ, ବିବିଧତା ସହ ଇତିହାସ ବିଷୟରେ ଜାଣିପାରୁଥିଲେ। ୨୦୨୩-୨୪ର ନୂତନ ଶିକ୍ଷା ବର୍ଷରେ ଗଣତାନ୍ତ୍ରିକ ରାଜନୀତି(ନଗର ବିଜ୍ଞାନ) ପୁସ୍ତକରୁ 'ଗଣତନ୍ତ୍ର ଏବଂ ବିବିଧତା', 'ଲୋକଙ୍କ ସଂଘର୍ଷ ଏବଂ ଆନ୍ଦୋଳନ', 'ଗଣତନ୍ତ୍ରର ଆହ୍ୱାନ', ଭାରତୀୟ ଇତିହାସରୁ 'ମୋଗଲ ଶାସକ ଓ ତାଙ୍କର ଦରବାର', 'ଔପନିବେଶିକ ସହର ବିଭାଜନ' ବିଷୟକୁ ହଟାଇ ଦିଆଯାଇଛି। ସେହିଭଳି ଅଧ୍ୟାୟ ୩ର ୟୁନିଟ-୩ ଓ ୫ରୁ 'ଔପନିବେଶିକ ସହର', 'ବିଭାଜନ' ନାମକ ବିଷୟବସ୍ତୁ ଆଉ ରାଜନୀତି ବିଜ୍ଞାନରେ ପଢ଼ାଯିବ ନାହିଁ। ଦ୍ୱାଦଶ ଶ୍ରେଣୀ ନଗର ବିଜ୍ଞାନରେ ସମସାମୟିକ ଅଧ୍ୟାୟ 'ଶୀତଳ ଯୁଦ୍ଧର ଯୁଗ', 'ସ୍ୱାଧୀନ ଭାରତର ରାଜନୀତିରେ ଗଣ ଆନ୍ଦୋଳନର ଉତ୍ଥାନ', 'ଗୋଟିଏ ଦଳର ପ୍ରାଧାନ୍ୟର ସମୟ' ଏବଂ ହିନ୍ଦୀରେ 'ଫିରାକ ଗୋରଖପୁରୀଙ୍କ ଗଜଲ'ର କିଛି ଅଂଶ, ସୂର୍ଯ୍ୟକାନ୍ତ ତ୍ରିପାଠୀ ନିରାଲାଙ୍କ 'ଗୀତ ଗାନେ ଦୋ' କବିତା, 'ଚାର୍ଲି ଚାପଲିନ ଔର୍ ହମ୍ ସବ୍', ଏକାଦଶ ଶ୍ରେଣୀରୁ ଗଜାନନ ମାଧବ ମୁକ୍ତିବୋଧଙ୍କ ଦ୍ୱାରା ଲିଖିତ 'ନଏ ଜନ୍ମକି କୁଣ୍ଡଲି', ନରେନ୍ଦ୍ର ଶର୍ମାଙ୍କ ଦ୍ୱାରା ରଚିତ 'ନିନ୍ଦ ଉଚଟ ଜାତି ହେ' ଭଳି ବିଷୟ ବର୍ତ୍ତମାନ ପଢ଼ା ଯିବ ନାହିଁ। କେନ୍ଦ୍ର ସରକାରଙ୍କ ଏହି ପଦକ୍ଷେପକୁ ଅଗଣତାନ୍ତ୍ରିକ ଦର୍ଶାଇବା ସହ ଭାଜପା ସରକାର ଇତିହାସକୁ ବିକୃତ କରୁଥିବା ଏଆଇଡିଏସ୍‌ଓ ଅଭିଯୋଗ କରିଛି। ଶିକ୍ଷା ଉପରେ ଗୋଟିଏ ପରେ ଗୋଟିଏ ଯୋଜନାବଦ୍ଧ ଆକ୍ରମଣ କରାଯାଉଛି। ଏହା ମାଧ୍ୟମରେ ଏହି ସରକାରଙ୍କ ଉଦ୍ଦେଶ୍ୟ ହେଉଛି ଏପରି ଏକ ଯୁକ୍ତିହୀନ ସଂକୀର୍ଣ୍ଣ ପିଢ଼ି ପ୍ରସ୍ତୁତ କରିବା, ଯେଉଁମାନେ ନିଜର ପ୍ରକୃତ ସାହିତ୍ୟ, ବିଜ୍ଞାନ ଏବଂ ଇତିହାସ ସମ୍ପର୍କରେ ଜାଣି ପାରିବେ ନାହିଁ। ପ୍ରଚାର ମାଧ୍ୟମ ଦ୍ୱାରା ଏଭଳି ଭାବରେ ଜାତି ଓ ଧର୍ମକୁ ଭିତ୍ତିକରି ବିଭାଜନ ସୃଷ୍ଟି କରାଯାଉଛି, ଯେଉଁଥିପାଇଁ ବିଭିନ୍ନ ସ୍ଥାନରେ ଦଙ୍ଗା ଘଟୁଛି। ବର୍ତ୍ତମାନ ସରକାରଙ୍କ ଶିକ୍ଷାର ସାମ୍ପ୍ରଦାୟୀକରଣ ନୀତି ଅନୁଯାୟୀ, ସରକାର ପ୍ରଗତିଶୀଳ ପାଠ୍ୟକ୍ରମକୁ ହଟାଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାମ୍ପ୍ରଦାୟିକ ଭାବନାକୁ ପ୍ରୋତ୍ସାହନ ଦିଆଯାଉଥିବା ସଂଗଠନ ପକ୍ଷରୁ କୁହାଯାଇଛି।

# ୭ ଘଣ୍ଟା ଅଟକ ରହିଲେ ବନ କର୍ମଚାରୀ

ଉଦଳା, ୫।୪(ଡି.ଏନ.ଏ.)

- ଗ୍ରାମବାସୀଙ୍କ ଜିଦ୍ ଆଗରେ ନଇଁଲା ବନ ବିଭାଗ
- ଉଚ୍ଛେଦ ହେଲେ ୨୮ ଲୋଧା ପରିବାର

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଦୀର୍ଘଦିନ ହେବ ବସବାସ କରୁଥିବା ଲୋଧା ସମ୍ପ୍ରଦାୟ ପରିବାରଗୁଡ଼ିକୁ ଉଚ୍ଛେଦ ଦାବି ନେଇ ଉତ୍ତେଜନା ଲାଗି ରହିଥିଲା। ବୁଧବାର ଅଖଣ୍ଡ ଶିକାର ରୋକିବା ଲାଗି ସଚେତନତା କାର୍ଯ୍ୟକ୍ରମରେ ବନବିଭାଗ ଅଧିକାରୀ ଏବଂ କର୍ମଚାରୀ ଉଦଳା ଥାନା ଅଧୀନ ଅମ୍ବିକାଦେଇପୁର ଗ୍ରାମକୁ ଯାଇଥିବା ବେଳେ ଏହି ଉତ୍ତେଜନା ଉଗ୍ରରୂପ ଧାରଣ କରିଥିଲା। ଉତ୍ତ୍ୟକ୍ତ ଗ୍ରାମବାସୀ ବନବିଭାଗ ଅଧିକାରୀ ଏବଂ କର୍ମଚାରୀଙ୍କୁ ୭ ଘଣ୍ଟାରୁ ଅଧିକ ସମୟ ଅଟକ ରଖିଥିଲେ। ପରେ ବନବିଭାଗ ପକ୍ଷରୁ ୨୮ ଲୋଧା ପରିବାରର ଝୁମ୍ପୁଡ଼ି ଘର ଭାଙ୍ଗି ଉଚ୍ଛେଦ କରାଯିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା।

ସୂଚନା ଅନୁଯାୟୀ, ଶିମିଳିପାଳ ଆଭ୍ୟନ୍ତରୀଣ ଅଞ୍ଚଳ ଅମ୍ବିକାଦେଇପୁର ଗ୍ରାମ ନିକଟରେ ଲୋଧା ସମ୍ପ୍ରଦାୟର ୩୦ରୁ ଅଧିକ ପରିବାର ବସବାସ କରନ୍ତି। ଏହି ପରିବାରର ସଦସ୍ୟ ଅଭୟାରଣ୍ୟ ମଧ୍ୟରେ ବ୍ୟାପକ ଭାବେ ଶିକାର ଏବଂ ଗଛକାଟି ନଷ୍ଟ କରୁଛନ୍ତି। ଦୀର୍ଘଦିନ ଧରି ଏଭଳି ଚାଲିଥିବା ବେଳେ ଏହାକୁ ନେଇ ଅମ୍ବିକାଦେଇପୁର ଗ୍ରାମବାସୀ ବାରମ୍ବାର ବନବିଭାଗ ନିକଟରେ ଅଭିଯୋଗ କରି ଆସୁଥିଲେ। ହେଲେ ଅଭିଯୋଗ ପ୍ରତି କେହି କର୍ଣ୍ଣପାତ କରୁ ନ ଥିଲେ। ବୁଧବାର ଜନସଚେତନତା କାର୍ଯ୍ୟକ୍ରମ ସକାଶେ ଗାଁକୁ ଆସିଥିବା ଉଦଳା, ଦେବକୁଣ୍ଡ ଏବଂ ଡୁକୁରା ବନବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ଗ୍ରାମବାସୀ ଅଟକ ରଖିଥିଲେ। ତୁରନ୍ତ ଲୋଧା ସମ୍ପ୍ରଦାୟ ପରିବାରଙ୍କୁ ଶିମିଳିପାଳରୁ ଉଚ୍ଛେଦ କରିବା ଜିଦ୍‌ରେ ଅଡ଼ି ବସିଥିଲେ। ଖବରପାଇ ଶିମିଳିପାଳ ଏସ୍‌ଟିଆରର ସାଉଥ୍ ଡିଭିଜନ୍ ଏସିଏଫ୍ ବିଦ୍ୟା ସାଗର ଏବଂ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ସମେତ ଉଦଳା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିଥିଲେ। ପରେ ଲୋଧା ସମ୍ପ୍ରଦାୟର ୨୮ ପରିବାରକୁ ବନବିଭାଗ ଉଚ୍ଛେଦ କରିବାରୁ ୭ ଘଣ୍ଟାରୁ ଅଧିକ ସମୟ ଧରି ଅଟକ ଥିବା ବନ କର୍ମଚାରୀଙ୍କୁ ଗ୍ରାମବାସୀ ଛାଡ଼ି ଦେଇଥିଲେ। ଉଚ୍ଛେଦ ହୋଇଥିବା ଲୋଧା ପରିବାରଗୁଡ଼ିକ ବଣିଆବସା ଅଞ୍ଚଳକୁ ଚାଲିଯାଇଛନ୍ତି। ଆଗାମୀ ଦିନରେ ସେମାନେ ତହସିଲଦାରଙ୍କୁ ଭେଟିବା ସହିତ ସରକାରୀସ୍ତରରେ ସେମାନଙ୍କୁ ଜାଗା ପ୍ରଦାନ କରାଯିବ ବୋଲି ବନବିଭାଗ ଅଧିକାରୀ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।



ଉତ୍ତ୍ୟକ୍ତ ଗ୍ରାମବାସୀ ହୋହଲ୍ଲା କରୁଛନ୍ତି।

# ୧୦ ଲକ୍ଷର ବ୍ରାଉନସୁଗାର ଜବତ: ଜଣେ ଗିରଫ

**ପୁରୀ ଅଫିସ, ୫।୪:** ପୁରୀ ଅବକାରୀ ବିଭାଗ ବୁଧବାର ବ୍ରାଉନ ସୁଗାର କାରବାର ଅଭିଯୋଗରେ କୋଣାର୍କ ଅଞ୍ଚଳର ଅଜୟ ନାୟକ (୪୫)ଙ୍କୁ ଗିରଫ କରିଛି। ଅଜୟଙ୍କ ନିକଟରୁ ୧୦୦ ଗ୍ରାମ ବ୍ରାଉନ ସୁଗାର ସମେତ ଏକ ସ୍କୁଟି (ନଂ. ଓଡି ୦୨ସିଏଫ ୩୨୮୫) ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ. ୧/୨୩-୨୪) ରୁଜୁ ହୋଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। କୋଣାର୍କ ବଜାରରେ ବ୍ରାଉନସୁଗାର କାରବାର ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ କୋଣାର୍କ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ କୋଣାର୍କ ବଜାରସ୍ଥିତ ଯାତ୍ରୀନିବାସ ନିକଟ ମୁଖ୍ୟରାସ୍ତାରେ ଚଢ଼ାଉ କରି ଅଭିଯୁକ୍ତ ଅଜୟଙ୍କୁ ଗିରଫ କରି ଥାନାକୁ ଆଣିବା ପରେ କୋର୍ଟ ଚାଲାଣ କରିଛି।


## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. MSM-IOH-SBP-5-23

**କାର୍ଯ୍ୟର ନାମ :** 16 (ଷୋହଳ) ମାସ ଅବଧି ନିମନ୍ତେ ସମ୍ବଲପୁର କୋଚିଙ୍ଗ୍ ଡିପୋଠାରେ କୋଚ୍‌ଗୁଡ଼ିକର ସିକ୍ ରକ୍ଷଣାବେକ୍ଷଣ (Sick Maintenance) ଏବଂ ନନ୍-କୋର (Non-Core) କାର୍ଯ୍ୟକଳାପର ବହିଃସ୍ରୋତ (Outsourcing)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 59,13,295.10, EMD : ₹ 1,18,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 5,900/-, କାର୍ଯ୍ୟ ଶେଷ ହେବା ଅବଧି: 16 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.20.04.2023ରିଖ 1500 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର, ସମ୍ବଲପୁର

PR-10/O/23-24

## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-TLHR-310, ତା.29.03.2023ରିଖ

**କାର୍ଯ୍ୟର ନାମ:** ଏକ ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/ ତାଳଚେର ଅଧିକାର କ୍ଷେତ୍ରରେ ଦୂରସଂଚାର ଆଞ୍ଚଳିକ (Zonal) କାର୍ଯ୍ୟ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର କାର୍ଯ୍ୟ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 48,85,826.25, EMD (ଟଙ୍କାରେ): 97,700/-।

ବିଡ୍ ଆରମ୍ଭ ହେବା ତାରିଖ: ତା.06.04.2023 ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.20.04.2023 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ଼

PR-09/O/23-24

## ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/22-23/E-Tender/176,ତା.28.03.2023ରିଖ

(1) ଟେଣ୍ଡର ସଂ.etender-North-KUR-476-2022,ତା.24.03.2023ରିଖ

**ବିବରଣୀ:** ଅମୃତ ଭାରତ ଷ୍ଟେସନ ସମ୍ବନ୍ଧୀୟ ଖୋର୍ଦ୍ଧା ରୋଡ଼ ମଣ୍ଡଳର କେନ୍ଦୁଝରଗଡ଼ ରେଳ ଷ୍ଟେସନଠାରେ ପାସେଞ୍ଜର ଲିଫ୍ଟଗୁଡ଼ିକ ସହିତ ସମସ୍ତ ପ୍ଲାଟଫର୍ମକୁ ସଂଯୋଗ କରୁଥିବା 12.0 mtr ପ୍ରସ୍ଥ ବିଶିଷ୍ଟ ଫୁଟ୍ ଓଭର ବ୍ରିଜ୍ (FOB) ର ପ୍ରସ୍ତାବିତ ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 402.37 ଲକ୍ଷ, EMD (ଟଙ୍କାରେ) : 3,51,200/-।

(2) ଟେଣ୍ଡର ସଂ.etender-CEN-KUR-492-2022, ତା. 27.03.2023ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଲିଙ୍ଗରାଜ ଟେମ୍ପଲ ରୋଡ଼ ଷ୍ଟେସନର ପ୍ରସ୍ତାବିତ ଉନ୍ନୟନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 531.70 ଲକ୍ଷ, EMD (ଟଙ୍କାରେ) : 4,15,900/-।

(3) ଟେଣ୍ଡର ସଂ.etender-South-KUR-493-22, ତା.27.03.2023ରିଖ

**ବିବରଣୀ:** ଖୋର୍ଦ୍ଧା ରୋଡ଼ ମଣ୍ଡଳର ଖୋର୍ଦ୍ଧା ରୋଡ଼ ଠାରୁ କୁହୁରି ଷ୍ଟେସନ ମଧ୍ୟରେ 35 ଗୋଟି ଷ୍ଟୋନ୍ ସ୍ଲାବ୍ ପୋଲଗୁଡ଼ିକର RCC ବାକ୍ସ ପୋଲରେ ପ୍ରସ୍ତାବିତ ପରିବର୍ତ୍ତନ ଏବଂ ପୁନଃନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 907.36 ଲକ୍ଷ, EMD (ଟଙ୍କାରେ): 6,03,700/-।

ଶେଷ ହେବା ଅବଧି: 06(ଛଅ) ମାସ (କ୍ରମ ସଂ.1 ଏବଂ 2 ପାଇଁ) ଏବଂ 15(ପନ୍ଦର) ମାସ (କ୍ରମ ସଂ.3 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.17.04.2023 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଙ୍ଗ)/ ଖୋର୍ଦ୍ଧା ରୋଡ଼

PR-11/O/23-24

## ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.eT-M-DC-CD-BBS-220-2023

**କାର୍ଯ୍ୟର ନାମ:** ଦୁଇ ବର୍ଷ ସମୟ ଅବଧି ନିମନ୍ତେ କୋଚିଙ୍ଗ୍ ଡ଼ିପୋ, ଭୁବନେଶ୍ୱର ଠାରେ ଡ଼ିପୋ ପରିସର (Depot Premises) ସଫା କରିବା।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 1,85,11,857.42, EMD (ଟଙ୍କାରେ): 2,42,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ: ତା.07.04.2023ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.21.04.2023ରିଖ 1530 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛି।

ସିନିୟର କୋଚିଙ୍ଗ୍ ଡ଼ିପୋ ଅଫିସର/ ଭୁବନେଶ୍ୱର

PR-18/O/23-24

## ଦ.ପୂ. ରେଳପଥ - ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ସିନିୟର ଡିଇଇ (ଜି)/ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଖୋଲା ଟେଣ୍ଡର- ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। କ୍ର.ସଂ.-୧। ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ ତାରିଖ: ୦୪-ଇଏଲ୍-ଡବ୍ଲୁଟି-୨୦୨୩-୨୪, ୦୧।୦୪।୨୦୨୩। କାର୍ଯ୍ୟର ନାମ: ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ବିଭିନ୍ନ ଷ୍ଟେଶନ (ଏସ୍‌ଆଇଏନ୍‌ଆଇ-୦୧, ଆରକେଏସ୍‌ଏନ୍-୦୧, ସିବିଏସ୍‌ଏ-୦୨, ଜିଏମ୍‌ଏଚ୍-୦୧, ଡିପିଏସ୍-୦୨, ବିଜେଏମ୍‌ଡି-୦୧, କେଆର୍‌ଏଲ୍‌ଆଇ-୦୧)ଠାରେ ୦୯ ଗୋଟି ଏସ୍କାଲେଟରର ବ୍ୟବସ୍ଥା ଏବଂ ୧୦ ବର୍ଷ ପାଇଁ ୦୯ ଗୋଟି ଏସ୍କାଲେଟରର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା। ଟେଣ୍ଡର ମୂଲ୍ୟ: ₹୮,୪୭,୭୭,୩୭୫.୭୪। ଇଏମ୍‌ଡି: ₹୫,୭୩,୯୦୦। କ୍ର.ସଂ.-୨। ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ ତାରିଖ: ୦୫-ଇଏଲ୍-ଡବ୍ଲୁଟି-୨୦୨୩-୨୪, ୦୧।୦୪।୨୦୨୩। କାର୍ଯ୍ୟର ନାମ: ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ ବିଭିନ୍ନ ଷ୍ଟେଶନ (ସିକେପି-୦୨ ଏବଂ ଏମ୍‌ଓୟୁ-୦୧)ଠାରେ ୦୩ ଗୋଟି ଏସ୍କାଲେଟରର ବ୍ୟବସ୍ଥା ଏବଂ ସିନିୟର ଡିଇଇ(ଜି)/ସିକେପିଙ୍କ କ୍ଷେତ୍ରାଧିକାର ଅଧୀନରେ ୧୦ ବର୍ଷ ପାଇଁ ୦୩ ଗୋଟି ଏସ୍କାଲେଟରର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା। ଟେଣ୍ଡର ମୂଲ୍ୟ: ₹୨,୮୨,୫୯,୧୨୫.୨୪। ଇଏମ୍‌ଡି: ₹୨,୯୧,୩୦୦। କ୍ର.ସଂ.-୩। ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏବଂ ତାରିଖ: ୦୬-ଇଏଲ୍-ଡବ୍ଲୁଟି-୨୦୨୩-୨୪, ୦୧।୦୪।୨୦୨୩। କାର୍ଯ୍ୟର ନାମ: ଅମୃତ ଭାରତ ଷ୍ଟେଶନ ଯୋଜନା ଅଧୀନରେ କିପି ଷ୍ଟେଶନଠାରେ ୦୧ ଗୋଟି ଏସ୍କାଲେଟରର ବ୍ୟବସ୍ଥା ଏବଂ ଏଡିଇଇ(ଜି)/ବିଏନ୍‌ଡିଏମ୍‌ଙ୍କ କ୍ଷେତ୍ରାଧିକାର ଅଧୀନରେ ୧୦ ବର୍ଷ ପାଇଁ ୦୧ ଗୋଟି ଏସ୍କାଲେଟରର ବ୍ୟାପକ ବାର୍ଷିକ ରକ୍ଷଣାବେକ୍ଷଣ ଠିକା। ଟେଣ୍ଡର ମୂଲ୍ୟ: ₹୯୪,୧୯,୭୦୮.୪୨। ଇଏମ୍‌ଡି: ₹୧,୮୮,୪୦୦। ଟେଣ୍ଡର କାଗଜପତ୍ର ମୂଲ୍ୟ: ଶୂନ୍ୟ (ପ୍ରତ୍ୟେକ କ୍ର.ସଂ. ୧ରୁ ୩ ପାଇଁ)। ବନ୍ଦହେବା/ଖୋଲାଯିବା ତାରିଖ: ୧୦।୦୫।୨୦୨୩ (ପ୍ରତ୍ୟେକ କ୍ର.ସଂ. ୧ରୁ ୩ ପାଇଁ)। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ୍‌ରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ ଦସ୍ତାବିଜ ଅପ୍‌ଲୋଡ୍ କରାଯିବା ଜରୁରୀ।

(PR-15)

See Career Appointment on every Wednesday & Saturday

## BHUBANESWAR DEVELOPMENT AUTHORITY

AKASH SHOVA BUILDING
SACHIVALAYA MARG, BHUBANESWAR - 751001
Visit us at: http://www.bda.gov.in

### INVITATIONS FOR BIDS (IFB)

**Bid Identification No. 366** — **dated. 04.4.2023**

**No.CAD-35:** Executive Engineer, Division-IV, BDA, Bhubaneswar on behalf of Bhubaneswar Development Authority invites percentage rate bids in Double Cover system conforming to the Detailed Tender Call Notice (DTCN) from manufacturer & OEM of Flag Mast, light fixtures or their authorized dealer with valid H.T. license registered under Government of Odisha, having PAN and valid EPF & ESI registration No., GST Certificate for the work as indicated in the table below.

| Sl. No. | Name of Work | Estimated Cost (in Rs.) | EMD (in Rs.) | Cost of Tender Paper | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Provision of Indian Tricolour Flag Mast System in APJ Abdul Kalam Park, Zone K-8, Kalinga Nagar, Bhubaneswar | 16,77,000.00 | 16,800.00 | 6000.00 + 18% GST | 30 days |

1.The Bid documents will be available in the website: https://tendersodisha.gov.in from 07.4.2023 to 17.4.2023 up to 17.00 Hours. 2. Bids shall be received only "On line" on or before 17.4.2023 upto 17.00 Hours. The bidder must possess compatible Digital Signature Certificate (DSC) of Class-III. 3.Other details can be seen in the bidding documents. 4. The authority reserves the right to cancel any or all bids without assigning any reason. 5. Any addendum/ corrigendum/cancellation shall only be uploaded in the website: https://tendersodisha.gov.in

**Sd/- Executive Engineer, Division-IV, BDA**
**OIPR-13033/11/0003/2324**

## TPWODL

**TP WESTERN ODISHA DISTRIBUTION LIMITED**
**(A Tata Power & Odisha Govt. Joint venture)**
**Corporate Office : Burla, Dist.-Sambalpur (Odisha)-768017**

### NOTICE INVITING TENDER

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

1. **TPWODL/PM/O/SER/183: Performance Based Operation and Maintenance Contract for 33KV Grids & Feeders.**
2. **TPWODL/PJ/O/SU/001: Supply of 8MVA, 33/11KV Power Transformer.**
3. **TPWODL/SD/O/SER/184: Rate Contract for General Civil Works at DSS Deogarh.**

Interested bidders to submit Tender Participation Fee and Authorization Letter through email on or before **15th April 2023** (for Sl. No.1 & 2) & **13th April 2023** (for Sl. No.3), **15:00Hrs** respectively, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website **www.tpwesternodisha.com.** Further details for participating in tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd /- **Chief-Contracts and Stores**

## GOVERNMENT OF ODISHA
## AGRICULTURE DEPARTMENT
## OFFICE OF THE EXECUTIVE ENGINEER (AGRIL.)
## DHENKANAL DIVISION, DHENKANAL

**No. 410** — **Date: 04.04.2023**

### INVITATION FOR BIDS (IFB)
### e-Procurement Notice

**Bid Identification Number / Tender Call Notice No. E E (A) D/D - 01 of 2023-24**

No. L-04: The Executive Engineer (Agril.), Dhenkanal Division, Dhenkanal who has been authorised as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil Construction Work in Dhenkanal and Angul District under Dhenkanal Division. The costs of the projects are approximately from 5.00 lakhs to 25.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from **www.tendersorissa.gov.in** from 17.04.2023 at 10.00 hours to 26.04.2023 at 16.00 hours. The bid will be opened on 29.04.2023 at 11.00 hours in the O/o. Executive Engineer (Agril.), Dhenkanal Division, Dhenkanal. All other details regarding term and conditions, corrigendum from time to time if any, DTCN etc. can be seen and downloaded from **www.tendersorissa.gov.in**.

Email ID: **eeagri.dhenkanal@gmail.com**

**Sd./- Executive Engineer (Agril)**
**Dhenkanal Division, Dhenkanal**
**OIPR-01446/11/0001/2324**

## OFFICE OF THE CDM & PHO CUM DISTRICT MISSION DIRECTOR, NUAPADA
## (District Programme Management Unit, NHM)

Telefax: 06678-223908, E-mail: nhmnuapada@gmail.com

Letter No. 1346 — Date: 04.04.2023

### TENDER CALL NOTICE

No. E-11: Sealed tenders are invited from authorized registered organisation/agencies/company/suppliers for providing of Techno Managerial Man Power Services to DHH, SDH, CHCs & PHCs of Nuapada district as per requirement on an outsourcing basis as follows.

1. Techno Managerial Man Power Services

The Request for Proposal (RFP) document details for above services are available in the district website: **www.nuapada.nic.in**. Interested bidder may download the same from the website and submit the proposal in prescribed format along with all relevant documents. The tenders should reach the office of the undersigned by 26th April 2023 (till 5 P.M.) through Regd. Post/Speed Post/Courier only. The tender document (Technical Bid) will be opened at 11.00 A.M. on 29.04.2023. The undersigned reserves the right to reject any or all the tenders without assigning any reason thereof.

**Sd./- CDM & PHO cum DMD, Nuapada**
**OIPR-10055/11/0002/2324**

# ପଛୁଆ ବର୍ଗ ଗଣନା ପାଇଁ ଜିଲାସ୍ତରୀୟ ପ୍ରଶିକ୍ଷଣ

**ଯାଜପୁର ଟାଉନ,୫।୪(ଡି.ଏନ.ଏ.):**

ଯାଜପୁର ଜିଲାରେ ପଛୁଆ ବର୍ଗ ଜାତି ଜନଗଣନା ପାଇଁ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ଅଧକ୍ଷତାରେ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବୁଧବାର ପୂର୍ବାହ୍ନରେ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଜିଲାର ସମସ୍ତ ବିଡିଓ, ପୌରପରିଷଦ ନିର୍ବାହୀ ଅଧିକାରୀ, ଏବିଡିଓ ଓ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନର ଏବଂ ପୌରାଞ୍ଚଳସ୍ତରୀୟ ମାଷ୍ଟର ଟ୍ରେନର ଭାବେ ନିୟୋଜିତ କରାଯାଇଛି। ଏଥିସହିତ ବ୍ଲକସ୍ତରୀୟ ଏବଂ ସହରାଞ୍ଚଳସ୍ତରୀୟ ପ୍ରଶିକ୍ଷଣ ଶିବିରରେ ଗଣନାକରୀ ଏବଂ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ତାଲିମ ପ୍ରଦାନ କରାଯାଇଛି।

ଜିଲାପାଳ ରାଠୋର ରାଜ୍ୟରେ ଆଗାମୀ ମେ'୧ରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଉତ୍ଥାପନ କରିବା ସହ ଜିଲାରେ ଏହି ଜନଗଣନା ଯେଭଳି ଶତପ୍ରତିଶତ ସ୍ୱଚ୍ଛ ଓ ନିର୍ମଳ ଭାବରେ ହୋଇପାରିବ ସେଥିପାଇଁ କାର୍ଯ୍ୟରେ ନିୟୋଜିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନିଷ୍ଠାର ସହ ଦାୟିତ୍ୱ ସମ୍ପାଦନ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।



ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଜିଲାପାଳ ଓ ଅନ୍ୟ ଅଧିକାରୀ।

ଏହି ଜନଗଣନା କାର୍ଯ୍ୟକ୍ରମକୁ ତଦାରଖ କରିବା ନିମନ୍ତେ ଜିଲା ପର୍ଯ୍ୟବେକ୍ଷକ ଭାବେ ନିୟୋଜିତ ହୋଇଥିବା ରାଜ୍ୟ ସାମାଜିକ ନିରାପତା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅତିରିକ୍ତ ସଚିବ ଦୀପକ କୁମାର ରାଉତରାୟ ପ୍ରଶିକ୍ଷଣ କର୍ମଶାଳାରେ ଗୋଗଦେଇ ସାମାଜିକ, ଅର୍ଥନୈତିକ ଓ ପଛୁଆବର୍ଗଙ୍କ ସାମାଜିକ ସ୍ଥିତି ସରକାରଙ୍କର ଜାଣିବା ମୁଖ୍ୟ ଆଭିମୁଖ୍ୟ ବୋଲି କହିଥିଲେ। ଏହି ମହତ କାର୍ଯ୍ୟରେ ଗଣନାକାରୀ ଓ ସୁପରଭାଇଜରଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିବା ସହ ନିର୍ଭୁଲ ଜନଗଣନା ପାଇଁ ପରାମର୍ଶ ଦେଇଥିଲେ।

କର୍ମଶାଳାରେ ଅତିରିକ୍ତ ଜିଲାପାଳ ଦୁଖବନ୍ଧୁ ନାୟକ ଏବଂ ଜିଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରଶ୍ମିରେଖା ପ୍ରଧାନ ଯୋଗଦେଇ ମୁଖ୍ୟତଃ ପଛୁଆ ବର୍ଗ ଲୋକଙ୍କ ବୃତ୍ତି, ଶିକ୍ଷାଗତ ଯୋଗ୍ୟତା ସହିତ ସେମାନଙ୍କ ପରିବାରର ଲୋକମାନେ କେଉଁ ପ୍ରକାର ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଛନ୍ତି ତାହା ଜାଣିବା ଓ ସେ ସମ୍ବନ୍ଧରେ ବିସ୍ତୃତ ତଥ୍ୟ ଆଇସିଆର୍ ସର୍ଭେ ଫର୍ମ ମାଧ୍ୟମରେ ଆଦାୟ କରାଯିବ ବୋଲି ବକ୍ତବ୍ୟ ରଖିଥିଲେ। ଜଣେ ସୁପରଭାଇଜରଙ୍କ ଅଧୀନରେ ସର୍ବାଧିକ ୧୦ ଗଣନାକାରୀ କାର୍ଯ୍ୟ କରିବେ। କର୍ମଶାଳାରେ ମାଷ୍ଟର ଟ୍ରେନର ଭାବେ ଡେପୁଟି କଲେକ୍ଟର କାଜଲ ପ୍ରଧାନ ଯୋଗଦେଇ ଆଇସିଆର୍ ସର୍ଭେ ଫର୍ମ ବ୍ୟବହାର କରି ଗଣନାକାରୀ ଘରଘର ବୁଲି କିପରି ତଥ୍ୟ ସଂଗ୍ରହ କରିବେ ସେ ସମ୍ବନ୍ଧରେ ପାୱାର ପଏଣ୍ଟ ମାଧମରେ ବିସ୍ତୃତ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ରବିନାରାୟଣ ବେହେରାଙ୍କ ସମେତ ବ୍ଲକ୍‌ସ୍ତରୀୟ ଓ ସହରାଞ୍ଚଳସ୍ତରୀୟ ବିଭିନ୍ନ ବିଭାଗୀୟ ନିଯୁକ୍ତ ମାଷ୍ଟର ଟ୍ରେନରମାନେ ଉପସ୍ଥିତ ଥିଲେ। ଏପ୍ରିଲ ୬ରୁ ୧୩ ତାରିଖ ଏବଂ ଏପ୍ରିଲ ୧୮ରୁ ୨୪ତାରିଖ ୨ଟି ପର୍ଯ୍ୟାୟରେ ଗଣନାକାରୀ ଓ ସୁପରଭାଇଜରଙ୍କୁ ବ୍ଲକ୍‌ସ୍ତରୀୟ ଏବଂ ସହରାଞ୍ଚଳସ୍ତରୀୟ ମାଷ୍ଟର ଟ୍ରେନର ପ୍ରଶିକ୍ଷଣ ପ୍ରଦାନ କରିବେ। ପ୍ରକାଶଥାଉକି, ଅଙ୍ଗନୱାଡି କର୍ମୀଙ୍କୁ ଜିଲାରେ ଗଣନାକାରୀଭାବେ ନିୟୋଜିତ କରାଯାଇଥିବାବେଳେ ଆଇସିଏସ୍ ସୁପରଭାଇଜର ଏବଂ ସମ୍ପୃକ୍ତ ବିଭାଗୀୟ କର୍ମଚାରୀଙ୍କୁ ସର୍ଭେ କାର୍ଯ୍ୟ ପରିଚାଳନା ପାଇଁ ନିୟୋଜିତ କରାଯାଇଛି।

## ସଂକ୍ଷେପରେ

### ନାଟ୍ୟକଳାକୁ ବଞ୍ଚାଇ ରଖିଛି ଗ୍ରାମାଞ୍ଚଳ ସଙ୍ଗଠନ

କେନ୍ଦ୍ରାପଡ଼ା ଅଫିସ, ୫।୪- କେନ୍ଦ୍ରାପଡା ବ୍ଲକ ଘାଘରାଡିହାଠାରେ ମା'ବାସନ୍ତୀ ଦୁର୍ଗା ଡ୍ରାମାଟିକ କ୍ଲବର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ନାଟ୍ୟ ନିର୍ଦ୍ଦେଶକ ଅକ୍ଷୟ କୁମାର ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିମାନେ କେନ୍ଦ୍ରାପଡ଼ା ଜିଲାର ଲୋକକଳାକୁ ଗ୍ରାମାଞ୍ଚଳ ସଙ୍ଗଠନ ବଞ୍ଚାଇ ରଖିଛନ୍ତି ବୋଲି ମତ ଦେଇଛନ୍ତି। ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ସଭାପତି ରାଜେଶ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି କହିଲେ, କେନ୍ଦ୍ରାପଡ଼ା ଜିଲାରେ ରାମଲୀଳାର ଜନକ ବୈଶ ସଦାଶିବ ଜନ୍ମ ଗ୍ରହଣ କରିଥିଲେ। କେବଳ ରାମଲୀଳା ମଧ୍ୟରେ ଏହା ସୀମିତ ନ ରହିଛି ଗ୍ରାମାଞ୍ଚଳର ଯୁବବର୍ଗ ଅଭିନୟ ପରମ୍ପରାକୁ ନାଟକ ପ୍ରଦର୍ଶନ ମଧ୍ୟରେ ଦେଖାଇଥାନ୍ତି। ଜିଲାର କଣ୍ଢେଇ ନାଚଠାରୁ ପାଲା ପର୍ଯ୍ୟନ୍ତ ୨୬ ପ୍ରକାର ଲୋକକଳାକୁ ଏହି କଳାକାରମାନେ ଧାରାବାହିକ ଭାବେ ଉଜ୍ଜିବିତ ରଖି ଆସିଛନ୍ତି ବୋଲି ମୁଖ୍ୟଅତିଥି ଦାସ କହିଥିଲେ। ଜିଲା ପରିଷଦ ସଭ୍ୟ ପ୍ରିୟଦର୍ଶନୀ ତରାଇ, ଶିକ୍ଷାବିତ୍ ରବିନ୍ଦ୍ର ଶର୍ମା, ସର୍ବେଶ୍ୱର ପରିଡା, ବୁଦ୍ଧିଜୀବୀ ପରେଶ ଦାସ, ସରପଞ୍ଚ ଅଜିତ କୁମାର ପରିଡା, ସମିତି ସଭ୍ୟ ନିରଞ୍ଜନ ବାରିକ, ଶଶାଙ୍କ ଶେଖର ବିଶ୍ୱାଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଅନୁଷ୍ଠାନର ନିରବଚ୍ଛିନ୍ନ ଭାବେ ସାଙ୍ଗଠନିକ କାର୍ଯ୍ୟ ସହ ଲୋକକଳାକୁ ପ୍ରଶଂସା କରିଥିଲେ। ଉତ୍ସବରେ ସ୍ଥାନୀୟ ଅଞ୍ଚଳର ୨ ହଜାରରୁ ଦର୍ଶକ ସାମିଲ ହୋଇଥିଲେ।

### ଗୋରୁ ବୋଝେଇ ଗାଡ଼ି ଜବତ

ଭଣ୍ଡାରିପୋଖରୀ,୫।୪(ସ୍ୱ.ପ୍ର.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଛତାବର ଟୋଲ୍‌ଗେଟ ନିକଟରୁ ବୁଧବାର ବେଆଇନ ଗୋରୁ ବୋଝେଇ ୨ ପିକ୍‌ଅପ୍ ଭ୍ୟାନ ଜବତ ହୋଇଛି। ଏହି ଗାଡ଼ି ଦୁଇଟି କଟକରୁ ବାଲେଶ୍ୱର ଅଭିମୁଖେ ଆସୁଥିଲା ବେଳେ ପାଣିକୋଇଲିଠାରୁ ବଜରଙ୍ଗ ଦଳର ସଦସ୍ୟମାନେ ଏହାକୁ ଧରିବା ପାଇଁ ଚେଷ୍ଟା କରିଥିଲେ। ଅପରାହ୍ନ ୩ଟା ବେଳେ ଛତାବର ଟୋଲ୍‌ଗେଟଠାରେ ବଜରଙ୍ଗୀ ଦଳର ସଦସ୍ୟ ଓ ସ୍ଥାନୀୟ ଲୋକେ ଗାଡ଼ି ଦୁଇଟିକୁ ଅଟକାଇଥିଲେ। ତେବେ ଏସ୍କଟ ଦେଇ ଆସୁଥିବା ମାଫିଆମାନେ ଘଟଣାସ୍ଥଳରୁ ଖସିଯିବାକୁ ସକ୍ଷମ ହୋଇଥିଲେ। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଥିବା ବେଳେ ଅତି ଅମାନୁଷିକ ଭାବେ ବୋଝେଇ ହୋଇଥିବା ଗୋରୁଗୁଡ଼ିକୁ ଉଦ୍ଧାର କରିଥିଲେ। ୨ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି।



ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଭାଲୁଖାଇ ଛକ ନିକଟରେ ବୁଧବାର ଏକ ଟ୍ରେଲର ଟ୍ରକ୍ ପଛରେ ପିଟିହେବା ପରେ ଜଳିଯାଇଛି।

## ଫେରିଘାଟ ନିଲାମ ପରେ ବାତିଲ

**ମହାକାଳପଡ଼ା,୫।୪(ଡି.ଏନ.ଏ.)**

ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତ ବାହାକୁଦ ମହାନଦୀ-ମୂଷାଡିଆ ଫେରି ଘାଟ ନିଲାମର ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି। ନିଲାମ ପ୍ରକ୍ରିୟାରେ ୩ ବିଡର ହେମନ୍ତ ପରିଡ଼ା, ସଞ୍ଜୟ ଶୁକ୍ଳା ଓ ଶମ୍ଭୁ ମାଇତି ଅଂଶ ଗ୍ରହଣ କରିଥିଲେ। ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ୬୧ ଲକ୍ଷ ୭୩ ହଜାର ଟଙ୍କାରୁ ନିଲାମ ଡାକ ଆରମ୍ଭ ହୋଇଥିଲା। ଶମ୍ଭୁ ମାଇତି ୮୨ ଲକ୍ଷ ୨୦ ହଜାର ଟଙ୍କାରେ ନିଲାମ ଡାକିଥିଲେ ମଧ ଅନ୍ୟ ବିଡର ଏହି ସର୍ବୋଚ୍ଚ ନିଲାମ ଅର୍ଥ ଉପରକୁ ଗଲେ ନାହିଁ। ଫଳରେ ପ୍ରଶାସନ ଶମ୍ଭୁଙ୍କ ନାମ ଘୋଷଣା କରିଥିଲେ। ଅପରପକ୍ଷେ ସମୁଦାୟ ନିଲାମ ଅର୍ଥର ୯୦ ପ୍ରତିଶତ ଅର୍ଥ ଅପରାହ୍ନ ୩ଟା ସୁଦ୍ଧା ପଞ୍ଚାୟତ ପାସ୍‌ବୁକ୍‌ରେ ଜମା କରିବା ପାଇଁ ପ୍ରଶାସନ ନିଲାମଧାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ନିର୍ଦ୍ଧାରିତ ସମୟ ଭିତରେ ସେ ଟଙ୍କା ଜମା କରି ନ ପାରିବାରୁ ସେହି ନିଲାମ ବାତିଲ ହୋଇଛି ବୋଲି ବିଡିଓ ଘୋଷଣା କରିଥିଲେ।

## ବୟସ ସୀମା ସ୍ପଷ୍ଟକଲା ଗଣଶିକ୍ଷା ବିଭାଗ

# ୫ରୁ ୭ବର୍ଷ ମଧ୍ୟରେ ପ୍ରଥମ ଶ୍ରେଣୀ ନାମଲେଖା

**ଭୁବନେଶ୍ୱର,୫।୪(ବ୍ୟୁରୋ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ନାମଲେଖା ବୟସକୁ ନେଇ ଦ୍ୱନ୍ଦ୍ୱ ଉପୁଜୁଥିଲା। ଏହାକୁ ନେଇ ଅଭିଭାବକ ମଧ୍ୟରେ ଅସନ୍ତୋଷ ଦେଖାଦେଖାଯିବା ପରେ ବିଭାଗ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଦ୍ୱନ୍ଦ୍ୱ ଦୂର କରାଯାଇଛି। ପ୍ରି ପାଇମେରୀ ଶ୍ରେଣୀରେ ନାମ ଲେଖାଉଥିବା ଛାତ୍ରୀଛାତ୍ରଙ୍କ ବୟସ ସଂପୃକ୍ତ ଶିକ୍ଷାବର୍ଷର ମାର୍ଚ୍ଚ ୩୧ ସୁଦ୍ଧା ୩ରୁ ୫ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ ବୋଲି ଦର୍ଶାଯାଇଛି। ସେହିପରି ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଚାହଁଥିବା ଛାତ୍ରୀଛାତ୍ରଙ୍କ ବୟସ ୫ରୁ ୭ ବର୍ଷ ହୋଇଥିବା ଆବଶ୍ୟକ ବୋଲି ଚିଠିରେ ଉଲ୍ଲେଖ ରହିଛି। ତେବେ ବିଶେଷ ଆବଶ୍ୟକତା ଥିବା ୩ରୁ ୯ ବର୍ଷର ଶିଶୁଙ୍କ କ୍ଷେତ୍ରରେ ଏହି ନିୟମ କୋହଳ କରାଯାଇଛି। ନିକଟବର୍ତ୍ତୀ ବିଦ୍ୟାଳୟରେ ଆସନ ଉପଲବ୍ଧ ଥିଲେ ସେମାନେ ଯେକୌଣସି ଶ୍ରେଣୀରେ ନାମ ଲେଖାଇପାରିବେ। ତେବେ ଆର୍ଥିକ ଅନଗ୍ରସର ବର୍ଗ (ଇଡବ୍ଲ୍ୟୁଏସ୍)ଙ୍କ ଆୟ ପ୍ରମାଣ ପତ୍ର ପାଇଁ ବାର୍ଷିକ ଆୟ ୧ଲକ୍ଷ ୮୦ ହଜାରରୁ କମ୍ ହୋଇଥିଲେ ଉକ୍ତ ପ୍ରମାଣପତ୍ର ବୈଧ ବୋଲି ଗ୍ରହଣ କରାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ମାରଣା ଷଣ୍ଢର ଆତଙ୍କ, ୪ ଗୁରୁତର

**ଡେରାବିଶ,୫।୪(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅଞ୍ଚଳରେ ବୁଧବାର ଏକ ମାରଣା ଷଣ୍ଢ ଆତଙ୍କ ସୃଷ୍ଟି କରିଛି। ଏହି ଷଣ୍ଡ ଆକ୍ରମଣରେ ୪ଜଣ ଗୁରୁତର ହୋଇ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ନୀଳକଣ୍ଠପୁର (୨)ର ପୁଷ୍ପଲତା ମହାରଣା ଓ ହୃଷିକେଶ ପୃଷ୍ଟି, ଆରାଖଣ୍ଡ ଗ୍ରାମର ମୁକୁନ୍ଦି ମଲ୍ଲ (୮୦) ଏବଂ ଶ୍ୟାମସୁନ୍ଦରପୁର ଗ୍ରାମର କାଳିନ୍ଦୀ ମଲ୍ଲିକ (୮୦)। ମାରଣା ଷଣ୍ଢ ଆତଙ୍କରେ ଅରାଖଣ୍ଡ ସମେତ ନୀଳକଣ୍ଠପୁର-୨, ଶ୍ୟାମସୁନ୍ଦରପୁରରେ କୋକୁଆ ଭୟ ସୃଷ୍ଟି ହୋଇଛି। ଷଣ୍ଡଟି ଯେ କୌଣସି ବ୍ୟକ୍ତିଙ୍କୁ ଦେଖିଲେ ତାଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରୁଥିବା ଦେଖଣାହାରୀ କହିଛନ୍ତି। ଏଥିପାଇଁ ଗ୍ରାମବାସୀ ଘରୁ ପଦାକୁ ବାହାରୁ ନାହାନ୍ତି। ଅଧିକାଂଶ କବାଟ ନ ଖୋଲି ଘରେ ଭିତରେ ରହିଛନ୍ତି। ଏ ସଂକ୍ରାନ୍ତରେ ବନ ସମ୍ପଦ କାର୍ଯ୍ୟାଳୟର ଅଧିକାରୀ କୈଳାସ ଚନ୍ଦ୍ର ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲା। ଷଣ୍ଢ ବନ୍ୟପ୍ରାଣୀ ହୋଇ ନ ଥିବାରୁ ଏ ଦିଗରେ ସେମାନେ କୌଣସି ପଦକ୍ଷେପ ନେଇ ପାରିବେ ନାହିଁ ବୋଲି କହିଛନ୍ତି। ମାରଣା ଷଣ୍ଢ ଦାଉରୁ ଲୋକମାନଙ୍କୁ ରକ୍ଷା କରିବାକୁ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ପାଇଁ ସାମାଜିକ କର୍ମୀ ରାଜକିଶୋର ମଲ୍ଲଙ୍କ ସମେତ ଅଞ୍ଚଳବାସୀ ସମସ୍ତେ ଦାବି କରିଛନ୍ତି।

# ୫ ହତ୍ୟା ଅଭିଯୁକ୍ତ ଗିରଫ

**ଆନନ୍ଦପୁର,୫।୪(ସ୍ୱ.ପ୍ର)**

**ଶାଳଦେଇ ବାଲିଘାଟ ବିବାଦରୁ ହତ୍ୟାକାଣ୍ଡ ଘଟଣା**

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଶାଳଦେଇ ଗ୍ରାମରେ ବାଲିଘାଟକୁ ନେଇ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ପୋଲିସ ବୁଧବାର ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ମାନେ ଶାଳଦେଇ ଗ୍ରାମର ହରେକୃଷ୍ଣ ବୋଇତେଇ(୪୨), ତରୁଆଁ ଗ୍ରାମର ଅମରେଶ ରାଉତ(୩୦), ସ୍ଥାନୀୟ ବଡ଼ପଦନା ଗ୍ରାମର ଭାଗିରଥି ପଲେଇ(୩୫), ଅଞ୍ଜନ ରାଉତ(୩୫) ଓ ସନ୍ତୋଷ ସାହୁ। ଏସ୍‌ଡିପିଓ ପ୍ରଶାନ୍ତ ବେହେରାଙ୍କ ଉପସ୍ଥିତିରେ ରାମଚନ୍ଦ୍ରପୁର ଥାନା ଅଧିକାରୀ ଅବିନାଶ ପରିଡ଼ା ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛନ୍ତି। ସୂଚନା ଅନୁଯାୟୀ, ରାମଚନ୍ଦ୍ରପୁର ଥାନା ଶାଳଦେଇ ଗ୍ରାମରେ ବାଲିଘାଟକୁ କେନ୍ଦ୍ର କରି ଗତ ମାର୍ଚ୍ଚ ୨୨ରେ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଗ୍ରାମର ମଲି ଜେନା ନାମକ ଜଣେ ମହିଳା ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଦୀର୍ଘ ୮ ଦିନ ଜୀବନ ସହ ସଂଘର୍ଷ କରି ମୃତ୍ୟୁବରଣ କରିଥିଲେ। ପରିବାର ଲୋକ ଅଭିଯୁକ୍ତଙ୍କ ଗିରଫ ଦାବି କରି ମହିଳାଙ୍କ ଶବକୁ ୨୦ ନମ୍ବର ଜାତୀୟ ରାଜପଥ ସୁଆଁପଦା ଛକରେ ଅବରୋଧ କରିଥିଲେ।

# ସଂଗ୍ରାମୀ ସ୍ମାରକୀ ସ୍ତମ୍ଭର ପୁନରୁଦ୍ଧାର କରାଯିବ

**ଚଣ୍ଡିଖୋଲ,୫।୪(ଡି.ଏନ.ଏ.):**

ବଡ଼ଚଣାରେ ସାଧୀନତା ସଂଗ୍ରାମୀମାନଙ୍କୁ ସମ୍ମାନ ଜଣାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସ୍ୱାଧୀନତା ସଂଗ୍ରାମୀ ସ୍ମାରକୀ ସ୍ତମ୍ଭ ସ୍ଥାପନ କରିଛି ବିଜୁ ଜନତା ଦଳ। ୨୦୧୮ରେ ଏହି ସ୍ତମ୍ଭ ସ୍ଥାପନ ପରେ ବିଶିଷ୍ଟ ସାଧୀନତା ସଂଗ୍ରାମୀ ଭବାନୀ ଚରଣ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଏଥିରେ ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନୀଳମଣି ସାମଲ ଓ କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଯୋଗ ଦେଇଥିଲେ। ସେହିପରି ବୈରୀ ଓ ଚମ୍ପାପୁରଠାରେ ୨ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରି ପୂଜ୍ୟ ପୂଜାକୁ ଗୁରୁତ୍ୱଦେବା ସହ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଉଦ୍ୟମକ୍ରମେ ଏହାକୁ ଗାନ୍ଧୀ ମାର୍ଗ ନାମରେ ନାମିତ କରାଯାଇଛି। ତେଣୁ ଯେଉଁଠାରେ ସ୍ମାରକୀ ସ୍ତମ୍ଭଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି ସେ ସବୁର ପୁନରୁଦ୍ଧାର କରାଯିବ। ଏନେଇ ଏକ ପ୍ରେସ୍ ଇସ୍ତାହାର ମାଧ୍ୟମରେ ବଡ଼ଚଣା ବିଜେଡି ସଭାପତି ଅରବିନ୍ଦ ସାମଲ, ପଞ୍ଚାୟତ ସମିତି ଅଧକ୍ଷା ମିନତି ସେନାପତି, ଉପାଧକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲା ପରିଷଦ ସଭ୍ୟ ସସ୍ମିତା ମହାନ୍ତି, ଯତୀନ୍ଦ୍ର ନାୟକ, ଜୟଶ୍ରୀ ସାମଲ, ବିଜେଡି ସାଧାରଣ ସମ୍ପାଦକ ବିପିନ ବିହାରୀ ଜେନା, ଉପସଭାପତି ନିରଞ୍ଜନ ସେନାପତି, ମିହିର ସ୍ୱାଇଁ, ପଞ୍ଚାନନ ଧଳ ପ୍ରମୁଖ ପ୍ରକାଶ କରିଛନ୍ତି। ସଭାପତି ସାମଲ କହିଛନ୍ତି, ବିରୋଧୀଦଳମାନେ କେବେବି ସ୍ୱାଧୀନତା ସଂଗ୍ରାମୀଙ୍କ ନିମନ୍ତେ କିଛି କରିନାହାନ୍ତି। କେବଳ ସମାଲୋଚନା କରି ଶିଖିଛନ୍ତି। କେବଳ ସେତିକି ନୁହେଁ ସ୍ୱାଧୀନତା ସଂଗ୍ରାମର ମାଟି ବାଲି ପଡ଼ିଆରେ ପ୍ରତ୍ୟେକ ସମୟରେ ସଂଗ୍ରାମୀଙ୍କ ସ୍ମୃତିରେ ବହୁ କାର୍ଯ୍ୟକ୍ରମ ବିଜେଡି ପକ୍ଷରୁ କରାଯାଇଛି। ଯାଜପୁର ଜିଲାରେ ଏକ ମାତ୍ର ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ ଏବେବି ବଡ଼ଚଣାରେ ସକ୍ରିୟ। ବଡ଼ଚଣା ବିଧାୟକ ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଯେଉଁ କାର୍ଯ୍ୟକ୍ରମ କରନ୍ତି ସେଠାରେ ସାମଲଙ୍କ ଦ୍ୱାରା କରାଇଥାନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

# ଗିରଫ ଜିଏସ୍‌ଟି ଅଧିକାରୀଙ୍କ ବିପୁଳ ସମ୍ପତ୍ତି

**ଭୁବନେଶ୍ୱର,୫।୪ (ବ୍ୟୁରୋ)**

**ଲକରରୁ ମିଳିଲା ୧ କେଜିରୁ ଊର୍ଦ୍ଧ୍ୱ ସୁନା**

ଲାଞ୍ଚ ମାମଲାରେ ଗିରଫ ହୋଇ ଜେଲରେ ଥିବା ସି.ଟି. ଆଣ୍ଡ୍ ଜିଏସ୍‌ଟି (ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ପ୍ରବର୍ତ୍ତନ ଏକକ) ପାରାଦୀପ ଏନ୍‌ଫୋର୍ସମେଣ୍ଟ ୟୁନିଟ୍ ଅଧିକାରୀ ଚିତ୍ତରଞ୍ଜନ ମହାନ୍ତି ଠୁଳ କରିଥିବା ବିପୁଳ ସମ୍ପତ୍ତି ଠାବ ହେବାରେ ଲାଗିଛି। ବୁଧବାର ତାଙ୍କ ନାମରେ ଥିବା ୨ଟି ବ୍ୟାଙ୍କ ଲକର୍‌ରୁ ଭିଜିଲାନ୍ସ ଟିମ୍ ୧ କେଜିରୁ ଊର୍ଦ୍ଧ୍ୱ ସୁନା ଓ ପୁଳା ପୁଳା ଟଙ୍କା ପାଇଛି, ଯାହାକୁ ନେଇ ଅଧିକ ଚର୍ଚ୍ଚା ଲାଗି ରହିଛି। ଭିଜିଲାନ୍ସର ସୂଚନା ଅନୁଯାୟୀ, କଟକ ସିଡିଏସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଓ ପଞ୍ଜାବ ଆଣ୍ଡ୍ ସିଣ୍ଡ୍ ବ୍ୟାଙ୍କର ଗୋଟିଏ ଲେଖାଏ ମୋଟ୍ ୨ଟି ଲକରରୁ ୧.୦୬୦ କେଜି ସୁନା ମିଳିଛି। ଏଥିରେ ୨୬ ଲକ୍ଷ ଟଙ୍କାର ୧୯ଟି ସୁନା ବିସ୍କୁଟ ରହିଛି। ଫଳରେ ଚିତ୍ତରଞ୍ଜନଙ୍କ ନିକଟରୁ ଠାବ ହୋଇଥିବା ସୁନାର ପରିମାଣ ୧.୧୩୫ କେଜିରେ ପହଞ୍ଚିଛି। ଏହାର ମୂଲ୍ୟ ୬୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସେହିପରି ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଲକର୍‌ରୁ ନଗଦ ୫.୪ ଲକ୍ଷ ଟଙ୍କା ମଧ ମିଳିଛି। ପୂର୍ବରୁ ମିଳିଥିବା ଟଙ୍କାକୁ ମିଶାଇଲେ ୬.୫୯ ଲକ୍ଷ ଟଙ୍କା ହୋଇଛି। ଏଥିସହ ଚିତ୍ତରଞ୍ଜନ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ବ୍ୟାଙ୍କ ଓ ଜୀବନବୀମା ଜମା ଏବଂ ମ୍ୟୁଚୁଆଲ୍ ଫଣ୍ଡ୍‌ରେ ୧.୦୪ କୋଟି ଟଙ୍କା, କଟକ ସିଡିଏସ୍ଥିତ ୭୦ ଲକ୍ଷ ଟଙ୍କାର କୋଠା, ୧୫ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ, ଗୋଟିଏ ଦୁଇ ଚକିଆ ଯାନ ଏବଂ ୧୧.୩୦ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ କରାଯାଇଛି। ତେବେ ଏଯାଏ ମିଳିଥିବା ମୋଟ ସମ୍ପତ୍ତିର ପରିମାଣ ୩ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ଏଥିରୁ କେତେ ଆୟ ବହିର୍ଭୂତ ସମ୍ପତ୍ତି ସେନେଇ ହିସାବ ବା ତଥ୍ୟ ଦିଆଯାଇନାହିଁ। ଅଧିକ ଅନୁସନ୍ଧାନ ଚାଲିଥିବାରୁ ଆହୁରି ସମ୍ପତ୍ତି ମିଳିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନା ଅନୁଯାୟୀ, ଏକ ଜିଏସ୍‌ଟି ମାମଲା ବନ୍ଦ କରିବାକୁ ଜଣେ ବ୍ୟବସାୟୀଙ୍କଠାରୁ ୮୦ ହଜାର ଲାଞ୍ଚ ନେବାବେଳେ ଗତ ମାର୍ଚ୍ଚ ୩୧ରେ ଚିତ୍ତରଞ୍ଜନ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିଲେ। ଏହାପରେ ପାରାଦୀପସ୍ଥିତ ଅଫିସ୍ ସମେତ କଟକ ସିଡିଏସ୍ଥିତ ଘର ଏବଂ କେନ୍ଦ୍ରାପଡ଼ା ଜିଲା କପିଳେଶ୍ୱରସ୍ଥିତ ପୈତୃକ ଘରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୪/୨୦୨୩) ରୁଜୁ କରାଯାଇ ଚିତ୍ତରଞ୍ଜନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ତାଙ୍କୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ବୃତ୍ତିହରା ହୋଇ ଦାଦନ ଖଟିବାକୁ ଯୁବକ ଯାଉଛନ୍ତି

**ପଟ୍ଟାମୁଣ୍ଡାଇ,୫।୪(ସ୍ୱ.ପ୍ର.)**

## କମାରଶାଳ ଚଳାଇଲେ ପେଟ ପୂରୁନି

ଯୁଗ ସହ ତାଳ ଦେଇ ନ ପାରିବାରୁ ଆଜି ଅନେକ କୌଳିକ ବୃତ୍ତି ହଜିଯିବାକୁ ବସିଲାଣି। ଅନ୍ୟସବୁ କୌଳିକ ବୃତ୍ତି ପରି ଚାଷୀମାନଙ୍କ ହାତ ବାରିଶି ସାଜୁଥିବା କମାରଶାଳରେ ଆଗଭଳି ଠକ୍‌ଠକ୍ ଶବ୍ଦ କମିବାରେ ଲାଗିଲାଣି। ଏହାକୁ ନେଇ ଲୁହାରେ ନିଜର ଲହୁ ଢ଼ାଳୁ ଥିବା କମାର ପରିବାର ଏବେ ଚିନ୍ତାରେ ପଡ଼ିଛନ୍ତି। ତେଣୁ କମାର ଶାଳ ଚଳାଇଲେ ସମ୍ପ୍ରଦାୟର ଲୋକଙ୍କ ପେଟ ଅପୋଷା ରହିଛି। ଫଳରେ ବୃତ୍ତିହରା କମାର ଯୁବକମାନେ ଦାଦନ ଖଟିବାକୁ ଯାଉଛନ୍ତି।

ପଟ୍ଟାମୁଣ୍ଡାଇର କମାର ଦୀନବନ୍ଧୁ ଓଝା କୁହନ୍ତି, ଚାଷ କାର୍ଯ୍ୟ ଅବ୍ୟବହିତ ପୂର୍ବରୁ ଲଙ୍ଗଳ, କୋଦାଳ ସହ ଅନ୍ୟ ଚାଷ ଉପକରଣ ପାଇଁ ବରାଦ ଆସେ। ହେଲେ ଆଧୁନିକ ଜ୍ଞାନକୌଶଳ ଯୋଗୁ ଚାଷୀମାନେ ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ରପାତି ସହାୟତାରେ ଚାଷ କାର୍ଯ୍ୟ କରି କମ୍ ସମୟ ଓ ପରିଶ୍ରମରେ ଅଧିକ କାମ ହାସଲ କରି ପାରୁଛନ୍ତି। ଏବେ ଆଧୁନିକ ସଭ୍ୟତାରେ ଏସବୁ ସାମଗ୍ରୀ ହାଟ ବଜାରରେ ସୁବିଧାରେ ମିଳୁଥିବାରୁ ଗାଁ ଗଣ୍ଡାରେ କମାର ଶାଳ ଅଲୋଡ଼ା ହୋଇ ଧୀରେ ଧୀରେ ଲୋପ ପାଇବାକୁ ବସିଛି। ଆଗରୁ କମାରଶାଳ ଚଳାଇ ଜୀବନ ନିର୍ବାହ କରୁଥିବା ସମ୍ପ୍ରଦାୟର ଲୋକେ ଏବେ ବୃତ୍ତିହରା ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି ବୋଲି ସେ କହିଛନ୍ତି। ନୀଳକଣ୍ଠପୁର ଗ୍ରାମର କାରିଗର ସୁଶାନ୍ତ କୁମାର ଓଝା କୁହନ୍ତି, ପୂର୍ବପୁରୁଷରୁ ଚାଲି ଆସୁଥିବା କମାର କାମ ଆଜି ବୁଡ଼ି ଯିବାକୁ ବସିଲାଣି। କମାରଶାଳ ଚଳାଇବା ପାଇଁ ଆବଶ୍ୟକ ହେଉଥିବା କାଠ କୋଇଲା କିଣିବାକୁ ପଡୁଛି। ଏହା ବର୍ତ୍ତମାନ ମହଙ୍ଗା ହେବା ସହ ସହଜରେ ଉପଲବ୍ଧ ମଧ ହେଉନାହିଁ। ଫଳରେ କମାରଶାଳ ଚଳାଇବା କଷ୍ଟକର ହୋଇପଡୁଛି। ଅନ୍ୟପକ୍ଷେ ପୂର୍ବଭଳି ଗ୍ରାହକଙ୍କ ଭିଡ଼ ପରିଲକ୍ଷିତ ହେଉ ନ ଥିବାରୁ ଆଶା ଜନକ ବେପାର ମଧ ହୋଇପାରୁନାହିଁ। ଦିନକୁ ଦିନ ଅତ୍ୟାଧୁନିକ କୃଷି ଉପକରଣର ଚାହିଦା ବୃଦ୍ଧି ପାଉଥିବାରୁ କମାରଶାଳର କାରିଗର ହାତବାନ୍ଧି ବସିଛନ୍ତି। ବିଲୁପ୍ତ ହେବାକୁ ବସିଥିବା କମାରଶାଳର କାରିଗରମାନଙ୍କୁ ପ୍ରୋତ୍ସାହନ ଦେଇ ସରକାର ଏହି କଳାକୁ ବଞ୍ଚାଇ ନ ରଖିଲେ ଏହା ସମୟ ସହିତ ତାଳ ନ ଦେଇ ବୁଡ଼ିଯିବ। ବୁଦ୍ଧିଜୀବୀ ବିଦ୍ୟାଧର ଦାଶ କୁହନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅତ୍ୟାଧୁନିକ ଯନ୍ତ୍ରପାତି ଟ୍ରାକ୍ଟର, ପାୱାରଟିଲର ଓ ଧାନକଟା ମେଶିନରେ ଚାଷ କାର୍ଯ୍ୟ ହେବା ଫଳରେ କିଛିବର୍ଷ ଧରି ସ୍ଥାନୀୟ ଅଞ୍ଚଳର ବହୁ କମାରଶାଳ ବନ୍ଦ ହୋଇଗଲାଣି। ଦିନ ଥିଲା, ଗାଁ ଗହଳିରେ କମାରଶାଳ ଦେଖିବାକୁ ମିଳୁଥିଲା। ଏବେ କ୍ୱଚିତ କମାରଶାଳ ଦେଖିବାକୁ ମିଳୁଛି। ଚାଷୀମାନେ ତାଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କୋଦାଳ, ଲଙ୍ଗଳ, ଶଗଡ଼ ବଳା, କୁରାଢ଼ି, ଧାନକଟା ଦା', ଶାବଳ, କଟୁରି, ଖଣତି ପାଇଁ କମାରଶାଳାର କାରିଗର ଉପରେ ନିର୍ଭର କରିବାକୁ ପଡୁଥିଲା। ଫଳରେ କମାରମାନେ ଲୁହା ଜିନିଷ ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। କେଉଁ ଆବହମାନ କାଳରୁ ଏହି କୌଳିକ ବୃତ୍ତି ଚାଲି ଆସୁଥିଲା ବେଳେ ବର୍ତ୍ତମାନ ତାହା ବୁଡ଼ି ଯିବାକୁ ବସିଲାଣି।



କମାରଶାଳରେ ଜଣେ ବ୍ୟକ୍ତି ଲୁହା ସାମଗ୍ରୀ ତିଆରି କରୁଛନ୍ତି।

## ସଂକ୍ଷେପରେ

### ନାଟ୍ୟକଳାକୁ ବଞ୍ଚାଇ ରଖିଛି ଗ୍ରାମାଞ୍ଚଳ ସଙ୍ଗଠନ

କେନ୍ଦ୍ରାପଡ଼ା ଅଫିସ, ୫।୪- କେନ୍ଦ୍ରାପଡା ବ୍ଲକ ଘାଘରାଡିହାଠାରେ ମା'ବାସନ୍ତୀ ଦୁର୍ଗା ଡ୍ରାମାଟିକ କ୍ଲବର ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ନାଟ୍ୟ ନିର୍ଦ୍ଦେଶକ ଅକ୍ଷୟ କୁମାର ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥିମାନେ କେନ୍ଦ୍ରାପଡ଼ା ଜିଲାର ଲୋକକଳାକୁ ଗ୍ରାମାଞ୍ଚଳ ସଙ୍ଗଠନ ବଞ୍ଚାଇ ରଖିଛନ୍ତି ବୋଲି ମତ ଦେଇଛନ୍ତି । ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜେଡି ସଭାପତି ରାଜେଶ କୁମାର ଦାସ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି କହିଲେ, କେନ୍ଦ୍ରାପଡ଼ା ଜିଲାରେ ରାମଲୀଳାର ଜନକ ବୈଶ ସଦାଶିବ ଜନ୍ମ ଗ୍ରହଣ କରିଥିଲେ । କେବଳ ରାମଲୀଳା ମଧ୍ୟରେ ଏହା ସୀମିତ ନ ରହିଛି ଗ୍ରାମାଞ୍ଚଳର ଯୁବବର୍ଗ ଅଭିନୟ ପରମ୍ପରାକୁ ନାଟକ ପ୍ରଦର୍ଶନ ମଧ୍ୟରେ ଦେଖାଇଥାନ୍ତି । ଜିଲାର କଣ୍ଢେଇ ନାଚଠାରୁ ପାଲା ପର୍ଯ୍ୟନ୍ତ ୨୬ ପ୍ରକାର ଲୋକକଳାକୁ ଏହି କଳାକାରମାନେ ଧାରାବାହିକ ଭାବେ ଉଜ୍ଜିବିତ ରଖି ଆସିଛନ୍ତି ବୋଲି ମୁଖ୍ୟଅତିଥି ଦାସ କହିଥିଲେ । ଜିଲା ପରିଷଦ ସଭ୍ୟ ପ୍ରିୟଦର୍ଶିନୀ ତରାଇ, ଶିକ୍ଷାବିତ୍ ରବିନ୍ଦ୍ର ଶର୍ମା, ସର୍ବେଶ୍ୱର ପରିଡା, ବୁଦ୍ଧିଜୀବୀ ପରେଶ ଦାସ, ସରପଞ୍ଚ ଅଜିତ କୁମାର ପରିଡା, ସମିତି ସଭ୍ୟ ନିରଞ୍ଜନ ବାରିକ, ଶଶାଙ୍କ ଶେଖର ବିଶ୍ୱାଳ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଅନୁଷ୍ଠାନର ନିରବଚ୍ଛିନ୍ନ ଭାବେ ସାଙ୍ଗଠନିକ କାର୍ଯ୍ୟ ସହ ଲୋକକଳାକୁ ପ୍ରଶଂସା କରିଥିଲେ । ଉତ୍ସବରେ ସ୍ଥାନୀୟ ଅଞ୍ଚଳର ୨ ହଜାରରୁ ଦର୍ଶକ ସାମିଲ ହୋଇଥିଲେ ।

### ୫ରୁ ୭ବର୍ଷ ମଧ୍ୟରେ ପ୍ରଥମ ଶ୍ରେଣୀ ନାମଲେଖା

**ବୟସ ସୀମା ସ୍ପଷ୍ଟ କଲା ଗଣଶିକ୍ଷା ବିଭାଗ**

ଭୁବନେଶ୍ୱର,୫।୪(ବ୍ୟୁରୋ): ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ନାମଲେଖା ବୟସକୁ ନେଇ ଦ୍ୱନ୍ଦ୍ୱ ଉପୁଜୁଥିଲା । ଏହାକୁ ନେଇ ଅଭିଭାବକ ମଧ୍ୟରେ ଅସନ୍ତୋଷ ଦେଖାଦେଖାଯିବା ପରେ ବିଭାଗ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଦ୍ୱନ୍ଦ୍ୱ ଦୂର କରାଯାଇଛି। ପ୍ରି ପାଇମେରୀ ଶ୍ରେଣୀରେ ନାମ ଲେଖାଉଥିବା ଛାତ୍ରୀଛାତ୍ରଙ୍କ ବୟସ ସଂପୃକ୍ତ ଶିକ୍ଷାବର୍ଷର ମାର୍ଚ୍ଚ ୩୧ ସୁଦ୍ଧା ୩ରୁ ୫ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ ବୋଲି ଦର୍ଶାଯାଇଛି। ସେହିପରି ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଚାହିଁଥିବା ଛାତ୍ରୀଛାତ୍ରଙ୍କ ବୟସ ୫ରୁ ୭ ବର୍ଷ ହୋଇଥିବା ଆବଶ୍ୟକ ବୋଲି ଚିଠିରେ ଉଲ୍ଲେଖ ରହିଛି। ତେବେ ବିଶେଷ ଆବଶ୍ୟକତା ଥିବା ୩ରୁ ୯ ବର୍ଷର ଶିଶୁଙ୍କ କ୍ଷେତ୍ରରେ ଏହି ନିୟମ କୋହଳ କରାଯାଇଛି। ନିକଟବର୍ତ୍ତୀ ବିଦ୍ୟାଳୟରେ ଆସନ ଉପଲବ୍ଧ ଥିଲେ ସେମାନେ ଯେକୌଣସି ଶ୍ରେଣୀରେ ନାମ ଲେଖାଇପାରିବେ। ତେବେ ଆର୍ଥିକ ଅନଗ୍ରସର ବର୍ଗ (ଇଡବ୍ଲ୍ୟୁଏସ୍)ଙ୍କ ଆୟ ପ୍ରମାଣ ପତ୍ର ପାଇଁ ବାର୍ଷିକ ଆୟ ୧ଲକ୍ଷ ୮୦ ହଜାରରୁ କମ୍ ହୋଇଥିଲେ ଉକ୍ତ ପ୍ରମାଣପତ୍ର ବୈଧ ବୋଲି ଗ୍ରହଣ କରାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ଆଦର୍ଶ କୃଷି ଉଦ୍ୟାନ ନାହିଁ

କେନ୍ଦ୍ରାପଡ଼ା ଅଫିସ, ୫।୪

- ନୋଳସାହିର ୬୦ ଏକରରେ ପ୍ରକଳ୍ପ ହୋଇଥାନ୍ତା
- ୮ ବର୍ଷ ପୂର୍ବେ ୨ କୋଟି ବ୍ୟୟବରାଦ ହୋଇଥିଲା
- ନଡ଼ିଆ ଗଛ ରୋପଣ ଅନିୟମିତତାର ତଦନ୍ତ ହେବ

ରାଜ୍ୟର ପ୍ରତି ଜିଲାରେ ଆଦର୍ଶ କୃଷି ଉଦ୍ୟାନ ପ୍ରତିଷ୍ଠା ହୋଇଛି। ଉଦ୍ୟାନ କୃଷି ମିଶନ ଅଧୀନରେ ଉଦ୍ୟାନରେ ଉନ୍ନତ ଧରଣର ଆମ୍ବ, ନଡ଼ିଆ, ପିଜୁଳି, ଅମୃତଭଣ୍ଡା, ସପୁରି ଆଦି ସହ ଫୁଲ ଚାରା ଘରୋଇ ବଗିଚା ପାଇଁ ସୁଲଭ ମୂଲ୍ୟରେ ଚାଷୀ ପାଉଛନ୍ତି। ତେବେ କୃଷିଭିତ୍ତିକ କେନ୍ଦ୍ରାପଡ଼ା ଜିଲାରେ ଏହି ଉଦ୍ୟାନ ପ୍ରତିଷ୍ଠା ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ଅଦ୍ୟାବଧି ସଫଳ ହୋଇନାହିଁ। ଏପରି ପ୍ରକଳ୍ପ ପାଇଁ ଗତ ୮ବର୍ଷ ପୂର୍ବେ ଉଦ୍ୟମ ଆରମ୍ଭ ହୋଇଥିଲା। କୃଷି ଉଦ୍ୟାନ ପାଇଁ ଡେରାବିଶ ବ୍ଲକ ନୋଳସାହିଠାରେ ୬୦ ଏକର ଜମି ଚିହ୍ନଟ ହୋଇଥିଲା। ପ୍ରାଚୀର, ଫଳ, ଫୁଲ ପାଇଁ ୨ କୋଟି ଟଙ୍କା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବ୍ୟୟବରାଦ ହୋଇଥିଲା। ଏହାସତ୍ତ୍ୱେ ପ୍ରକଳ୍ପକୁ ତ୍ୱରାନ୍ୱିତ କରାଯାଇ ପାରିନାହିଁ। ପ୍ରଶାସନିକ ଅସହଯୋଗ ପ୍ରକଳ୍ପକୁ ଆରମ୍ଭ ପୂର୍ବରୁ ମାରି ଦିଆଗଲା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ, ଚାଷୀ ଓ କୃଷକ ନେତାମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ କୃଷକ ନେତା ଗୟାଧର ଧଳ, ବିଧୁଭୂଷଣ ମହାପାତ୍ର, ସାମାଜିକ କର୍ମୀ ମନୋଜ ନାୟକ, ବୁଦ୍ଧିଜୀବୀ ପ୍ରଭାତ ପରିଡା, ରାଧାକାନ୍ତ ମହାନ୍ତି ପ୍ରମୁଖ କହିଛନ୍ତି, ଖଣି ଓ ଶିଳ୍ପ ବିହୀନ କେନ୍ଦ୍ରାପଡ଼ା ଜିଲାର ଅର୍ଥନୀତି କୃଷି ଉପରେ



ନୋଳସାହିରେ ପ୍ରସ୍ତାବିତ ଆଦର୍ଶ କୃଷି ଉଦ୍ୟାନ ଅଞ୍ଚଳ।

ନିର୍ଭରଶୀଳ। ଜିଲାର ସମତଳ ଓ ଉର୍ବର ମାଟି, ପରିବେଶ, ପ୍ରବାହିତ ୭ ନଦୀ ସହ ଉପଯୁକ୍ତ ପରିମାଣର ବର୍ଷା ଜଳ ବିଭିନ୍ନ ପ୍ରକାର ଫଳ, ଫୁଲ, ପନିପରିବା ପରି ଅର୍ଥକରୀ ଫସଲ ପାଇଁ ଉପଯୁକ୍ତ। ଫସଲ ପାଇଁ ଆବଶ୍ୟକ ପରିବେଶ ଥିଲେ ମଧ୍ୟ ଚାଷୀଙ୍କ ପାଇଁ ଉନ୍ନତ ଚାରା, ବୈଜ୍ଞାନିକ ପଦ୍ଧତିର ତାଲିମ, ସରକାରୀ ରିହାତିରେ କୃଷି ଯନ୍ତ୍ରପାତି ଆଦି ସମସ୍ୟା ସୃଷ୍ଟି କରିଛି। ଏସବୁର ସମାଧାନ ଜିଲାର ଆଦର୍ଶ କୃଷି ଉଦ୍ୟାନ ପ୍ରତିଷ୍ଠା ଦ୍ୱାରା କିଛି ମାତ୍ରାରେ ସମାଧାନ ହୋଇ ପାରିଥାନ୍ତା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ନୋଳସାହିଠାରେ ଚିହ୍ନଟ ୬୦ ଏକର ଜମିରେ ଆଦର୍ଶ କୃଷି ଉଦ୍ୟାନ ପାଇଁ ପ୍ରାଥମିକ ସ୍ତରରେ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏଥିସହ ଭିତ୍ତିଭୂମି ପ୍ରତିଷ୍ଠା, ୪ ପାଖରେ ପାଚେରି ନିର୍ମାଣ, ଉନ୍ନତ କିସମର ଚାରା ସୃଷ୍ଟି ପାଇଁ ପ୍ରାୟ ୨ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ତେବେ କୌଣସି କାରଣରୁ ଏହି ଅଦର୍ଶ କୃଷି ଉଦ୍ୟାନ ପ୍ରତିଷ୍ଠା ସମ୍ଭବ ହୋଇପାରିନାହିଁ। ଅପରପକ୍ଷରେ ଗ୍ରାମାଞ୍ଚଳରେ ଫଳ ଚାରା ରୋପଣ ନାମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ଗତ ୫ ବର୍ଷ ମଧ୍ୟରେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ହୋଇଥିବା ଦର୍ଶାଯାଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ନଡ଼ିଆ ଗଛ ରୋପଣ ପାଇଁ ଏହି ଅର୍ଥ ବିନିଯୋଗ ହୋଇଥିବା ବେଳେ ଗରଦପୁର ଓ ଡେରାବିଶ ବ୍ଲକ ଅଞ୍ଚଳର ବହୁ ହିତାଧିକାରୀ ଅର୍ଥ ଉଠାଇ ଥିଲେ ମଧ୍ୟ ଗଛର ଚିହ୍ନବର୍ଣ୍ଣ ନାହିଁ। ସେହିପରି ହିତାଧିକାରୀଙ୍କ ଜମି ନ ଥିବା ସତ୍ତ୍ୱେ ନଡ଼ିଆ ଗଛ ରୋପଣ କରିଥିବା ନେଇ ଟଙ୍କା ଉଠାଯାଇଛି। ଏହାର ତଦନ୍ତ ହେଲେ ବିଭାଗର ଚାରାରୋପଣ ଦୁର୍ନୀତି ପଦାକୁ ଆସିବ। ସେହିପରି ଜିଲାରେ ଆଦର୍ଶ କୃଷି ଉଦ୍ୟାନ ପ୍ରତିଷ୍ଠା କରି ଚାଷୀଙ୍କୁ ସହଯୋଗ ଦେବା ପାଇଁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଉଦ୍ୟାନ କୃଷି ବିଭାଗ ଉପନିର୍ଦ୍ଦେଶକ ଦେବଦାସ ଦତ୍ତ କହିଛନ୍ତି, ପ୍ରସ୍ତାବିତ ଆଦର୍ଶ କୃଷି ଉଦ୍ୟାନ ଅଞ୍ଚଳ ବନ ବିଭାଗ ଅଧୀନରେ ଅଛି। ବନ ବିଭାଗର ଅନୁମତି ବିନା କାର୍ଯ୍ୟ ଆରମ୍ଭ ସମ୍ଭବ ନୁହେଁ। ଏପରି ପ୍ରକଳ୍ପ ପ୍ରତିଷ୍ଠା ନେଇ ଉଦ୍ୟମ ଓ ପ୍ରକ୍ରିୟା ଅବ୍ୟାହତ ଅଛି। ନଡ଼ିଆ ଗଛ ରୋପଣରେ ଅନିୟମିତତା ସମ୍ପର୍କରେ ତଦନ୍ତ ହେବ ବୋଲି ସେ ମତ ଦେଇଛନ୍ତି।

# ଗିରଫ ଜିଏସ୍‌ଟି ଅଧିକାରୀଙ୍କ ବିପୁଳ ସମ୍ପତ୍ତି

**ଲକରରୁ ମିଳିଲା ୧ କେଜିରୁ ଊର୍ଦ୍ଧ୍ୱ ସୁନା**

ଭୁବନେଶ୍ୱର,୫।୪ (ବ୍ୟୁରୋ)

ଲାଞ୍ଚ ମାମଲାରେ ଗିରଫ ହୋଇ ଜେଲରେ ଥିବା ସି.ଟି. ଆଣ୍ଡ ଜିଏସ୍‌ଟି (ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ପ୍ରବର୍ତ୍ତନ ଏକକ) ପାରାଦୀପ ଏନ୍‌ଫୋର୍ସମେଣ୍ଟ ୟୁନିଟ୍ ଅଧିକାରୀ ଚିତ୍ତରଞ୍ଜନ ମହାନ୍ତି ଠୁଳ କରିଥିବା ବିପୁଳ ସମ୍ପତ୍ତି ଠାବ ହେବାରେ ଲାଗିଛି। ବୁଧବାର ତାଙ୍କ ନାମରେ ଥିବା ୨ଟି ବ୍ୟାଙ୍କ ଲକରରୁ ଭିଜିଲାନ୍ସ ଟିମ୍ ୧ କେଜିରୁ ଊର୍ଦ୍ଧ୍ୱ ସୁନା ଓ ପୁଳା ପୁଳା ଟଙ୍କା ପାଇଛି, ଯାହାକୁ ନେଇ ଅଧିକ ଚର୍ଚ୍ଚା ଲାଗି ରହିଛି। ଭିଜିଲାନ୍ସର ସୂଚନା ଅନୁଯାୟୀ, କଟକ ସିଡିଏସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଓ ପଞ୍ଜାବ ଆଣ୍ଡ ସିଣ୍ଡ ବ୍ୟାଙ୍କର ଗୋଟିଏ ଲେଖାଏ ମୋଟ୍ ୨ଟି ଲକରରୁ ୧.୦୬୦ କେଜି ସୁନା ମିଳିଛି। ଏଥିରେ ୨୬ ଲକ୍ଷ ଟଙ୍କାର ୧୯ଟି ସୁନା ବିସ୍କୁଟ ରହିଛି। ଫଳରେ ଚିତ୍ତରଞ୍ଜନଙ୍କ ନିକଟରୁ ଠାବ ହୋଇଥିବା ସୁନାର ପରିମାଣ ୧.୧୩୫ କେଜିରେ ପହଞ୍ଚିଛି। ଏହାର ମୂଲ୍ୟ ୬୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସେହିପରି ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଲକର୍‌ରୁ ନଗଦ ୫.୪ ଲକ୍ଷ ଟଙ୍କା ମଧ୍ୟ ମିଳିଛି। ପୂର୍ବରୁ ମିଳିଥିବା ଟଙ୍କାକୁ ମିଶାଇଲେ ୬.୫୯ ଲକ୍ଷ ଟଙ୍କା ହୋଇଛି। ଏଥିସହ ଚିତ୍ତରଞ୍ଜନ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ବ୍ୟାଙ୍କ ଓ ଜୀବନବୀମା ଜମା ଏବଂ ମ୍ୟୁଚୁଆଲ୍ ଫଣ୍ଡରେ ୧.୦୪ କୋଟି ଟଙ୍କା, କଟକ ସିଡିଏସ୍ଥିତ ୭୦ ଲକ୍ଷ ଟଙ୍କାର କୋଠା, ୧୫ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ, ଗୋଟିଏ ଦୁଇ ଚକିଆ ଯାନ ଏବଂ ୧୧.୩୦ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ କରାଯାଇଛି। ତେବେ ଏଯାଏ ମିଳିଥିବା ମୋଟ ସମ୍ପତ୍ତିର ପରିମାଣ ୩ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ଏଥିରୁ କେତେ ଆୟ ବହିର୍ଭୂତ ସମ୍ପତ୍ତି ସେନେଇ ହିସାବ ବା ତଥ୍ୟ ଦିଆଯାଇନାହିଁ। ଅଧିକ ଅନୁସନ୍ଧାନ ଚାଲିଥିବାରୁ ଆହୁରି ସମ୍ପତ୍ତି ମିଳିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ସୂଚନାଅନୁଯାୟୀ, ଏକଜିଏସ୍‌ଟିମାମଲା ବନ୍ଦ କରିବାକୁ ଜଣେ ବ୍ୟବସାୟୀଙ୍କଠାରୁ ୮୦ ହଜାର ଲାଞ୍ଚ ନେବାବେଳେ ଗତ ମାର୍ଚ୍ଚ ୩୧ରେ ଚିତ୍ତରଞ୍ଜନ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିଲେ। ଏହାପରେ ପାରାଦୀପସ୍ଥିତ ଅଫିସ୍ ସମେତ କଟକ ସିଡିଏସ୍ଥିତ ଘର ଏବଂ କେନ୍ଦ୍ରାପଡ଼ା ଜିଲା କପିଳେଶ୍ୱରସ୍ଥିତ ପୈତୃକ ଘରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୪/୨୦୨୩) ରୁଜୁ କରାଯାଇ ଚିତ୍ତରଞ୍ଜନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ତାଙ୍କୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ତହସିଲଦାରଙ୍କ ଗାଡ଼ି ଧକ୍କାରେ ଯୁବକ ଆହତ

ବଡ଼ସାହି,୫।୪(ଡି.ଏନ.ଏ.)

ମୟୂରଭଞ୍ଜ ଜିଲା ବଡ଼ସାହି-ପ୍ରତାପପୁର ରାସ୍ତାର ବାଲିଆ ସାହି ନିକଟରେ ବଡ଼ସାହି ତହସିଲଦାରଙ୍କ ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକ ଆହତ ହୋଇଛନ୍ତି। ତେବେ ଦୁର୍ଘଟଣା ପରେ ତହସିଲଦାର ମାନବିକତା ଦୃଷ୍ଟିରୁ ଆହତ ଯୁବକଙ୍କ ଚିକିତ୍ସା ପାଇଁ କୌଣସି ପଦକ୍ଷେପ ନେଇ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ତହସିଲଦାର ଯେଉଁ ଗାଡ଼ିରେ ଯାଉଥିଲେ ସେହି ଗାଡ଼ିର ଇନ୍ସ୍ୟୁରାନ୍ସ ମାର୍ଚ୍ଚ ମାସରେ ଶେଷ ହୋଇଯାଇଥିବା ସୂଚନା ମିଳିଛି।

# ବୃତ୍ତିହରା ହୋଇ ଦାଦନ ଖଟିବାକୁ ଯୁବକ ଯାଉଛନ୍ତି

**କମାରଶାଳ ଚଳାଇଲେ ପେଟ ପୂରୁନି**

ପଟ୍ଟାମୁଣ୍ଡାଇ,୫।୪(ସ୍ୱ.ପ୍ର.)

ଯୁଗ ସହ ତାଳ ଦେଇ ନ ପାରିବାରୁ ଆଜି ଅନେକ କୌଳିକ ବୃତ୍ତି ହଜିଯିବାକୁ ବସିଲାଣି। ଅନ୍ୟସବୁ କୌଳିକ ବୃତ୍ତି ପରି ଚାଷୀମାନଙ୍କ ହାତ ବାରିଶି ସାଜୁଥିବା କମାରଶାଳରେ ଆଗଭଳି ଠକ୍‌ଠକ୍ ଶବ୍ଦ କମିବାରେ ଲାଗିଲାଣି। ଏହାକୁ ନେଇ ଲୁହାରେ ନିଜର ଲହୁ ଢ଼ାଳୁ ଥିବା କମାର ପରିବାର ଏବେ ଚିନ୍ତାରେ ପଡ଼ିଛନ୍ତି। ତେଣୁ କମାର ଶାଳ ଚଳାଇଲେ ସମ୍ପ୍ରଦାୟର ଲୋକଙ୍କ ପେଟ ଅପୋଷା ରହିଛି। ଫଳରେ ବୃତ୍ତିହରା କମାର ଯୁବକମାନେ ଦାଦନ ଖଟିବାକୁ ଯାଉଛନ୍ତି।

ପଟ୍ଟାମୁଣ୍ଡାଇର କମାର ଦୀନବନ୍ଧୁ ଓଝା କୁହନ୍ତି, ଚାଷ କାର୍ଯ୍ୟ ଅବ୍ୟବହିତ ପୂର୍ବରୁ ଲଙ୍ଗଳ, କୋଦାଳ ସହ ଅନ୍ୟ ଚାଷ ଉପକରଣ ପାଇଁ ବରାଦ ଆସେ। ହେଲେ ଆଧୁନିକ ଜ୍ଞାନକୌଶଳ ଯୋଗୁ ଚାଷୀମାନେ ବିଭିନ୍ନ ଅତ୍ୟାଧୁନିକ ଯନ୍ତ୍ରପାତି ସହାୟତାରେ ଚାଷ କାର୍ଯ୍ୟ କରି କମ୍ ସମୟ ଓ ପରିଶ୍ରମରେ ଅଧିକ କାମ ହାସଲ କରି ପାରୁଛନ୍ତି। ଏବେ ଆଧୁନିକ ସଭ୍ୟତାରେ ଏସବୁ ସାମଗ୍ରୀ ହାଟ ବଜାରରେ ସୁବିଧାରେ ମିଳୁଥିବାରୁ ଗାଁ ଗଣ୍ଡାରେ କମାର ଶାଳ ଅଲୋଡ଼ା ହୋଇ ଧୀରେ ଧୀରେ ଲୋପ ପାଇବାକୁ ବସିଛି। ଆଗରୁ କମାରଶାଳ ଚଳାଇ ଜୀବନ ନିର୍ବାହ କରୁଥିବା ସମ୍ପ୍ରଦାୟର ଲୋକେ ଏବେ ବୃତ୍ତିହରା ହୋଇ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି ବୋଲି ସେ କହିଛନ୍ତି। ନୀଳକଣ୍ଠପୁର ଗ୍ରାମର କାରିଗର ସୁଶାନ୍ତ କୁମାର ଓଝା କୁହନ୍ତି, ପୂର୍ବପୁରୁଷରୁ



କମାରଶାଳରେ ଦୀନବନ୍ଧୁ ଓଝା କାମ କରୁଛନ୍ତି।

ଚାଲି ଆସୁଥିବା କମାର କାମ ଆଜି ବୁଡ଼ି ଯିବାକୁ ବସିଲାଣି। କମାରଶାଳ ଚଳାଇବା ପାଇଁ ଆବଶ୍ୟକ ହେଉଥିବା କାଠ କୋଇଲା କିଣିବାକୁ ପଡୁଛି। ଏହା ବର୍ତ୍ତମାନ ମହଙ୍ଗା ହେବା ସହ ସହଜରେ ଉପଲବ୍ଧ ମଧ୍ୟ ହେଉନାହିଁ। ଫଳରେ କମାରଶାଳ ଚଳାଇବା କଷ୍ଟକର ହୋଇପଡୁଛି। ଅନ୍ୟପକ୍ଷେ ପୂର୍ବଭଳି ଗ୍ରାହକଙ୍କ ଭିଡ଼ ପରିଲକ୍ଷିତ ହେଉ ନ ଥିବାରୁ ଆଶା ଜନକ ବେପାର ମଧ୍ୟ ହୋଇପାରୁନାହିଁ। ଦିନକୁ ଦିନ ଅତ୍ୟାଧୁନିକ କୃଷି ଉପକରଣର ଚାହିଦା ବୃଦ୍ଧି ପାଉଥିବାରୁ କମାରଶାଳର କାରିଗର ହାତବାନ୍ଧି ବସିଛନ୍ତି। ବିଲୁପ୍ତ ହେବାକୁ ବସିଥିବା କମାରଶାଳର କାରିଗରମାନଙ୍କୁ ପ୍ରୋତ୍ସାହନ ଦେଇ ସରକାର ଏହି କଳାକୁ ବଞ୍ଚାଇ ନ ରଖିଲେ ଏହା ସମୟ ସହିତ ତାଳ ନ ଦେଇ ବୁଡ଼ିଯିବ। ବୃଦ୍ଧିଜୀବୀ ବିଦ୍ୟାଧର ଦାଶ କୁହନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅତ୍ୟାଧୁନିକ ଯନ୍ତ୍ରପାତି ଟ୍ରାକ୍ଟର, ପାୱାରଟିଲର ଓ ଧାନକଟା ମେଶିନରେ ଚାଷ କାର୍ଯ୍ୟ ହେବା ଫଳରେ କିଛିବର୍ଷ ଧରି ସ୍ଥାନୀୟ ଅଞ୍ଚଳର ବହୁ କମାରଶାଳ ବନ୍ଦ ହୋଇଗଲାଣି। ଦିନ ଥିଲା, ଗାଁ ଗହଳିରେ କମାରଶାଳ ଦେଖିବାକୁ ମିଳୁଥିଲା। ଏବେ କ୍ୱଚିତ କମାରଶାଳ ଦେଖିବାକୁ ମିଳୁଛି। ଚାଷୀମାନେ ତାଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କୋଦାଳ, ଲଙ୍ଗଳ, ଶଗଡ଼ ବଳା, କୁରାଢ଼ି, ଧାନକଟା ଦା', ଶାବଳ, କଟୁରି, ଖଣତି ପାଇଁ କମାରଶାଳାର କାରିଗର ଉପରେ ନିର୍ଭର କରିବାକୁ ପଡୁଥିଲା। ଫଳରେ କମାରମାନେ ଲୁହା ଜିନିଷ ବିକ୍ରି କରି ନିଜ ପରିବାର ପ୍ରତିପୋଷଣ କରୁଥିଲେ। କେଉଁ ଆବହମାନ କାଳରୁ ଏହି କୌଳିକ ବୃତ୍ତି ଚାଲି ଆସୁଥିଲା ବେଳେ ବର୍ତ୍ତମାନ ତାହା ବୁଡ଼ି ଯିବାକୁ ବସିଲାଣି।

## ମାରଣା ଷଣ୍ଢର ଆତଙ୍କ, ୪ ଗୁରୁତର

ଡେରାବିଶ,୫।୪(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅଞ୍ଚଳରେ ବୁଧବାର ଏକ ମାରଣା ଷଣ୍ଢ ଆତଙ୍କ ସୃଷ୍ଟି କରିଛି। ଏହି ଷଣ୍ଢ ଆକ୍ରମଣରେ ୪ଜଣ ଗୁରୁତର ହୋଇ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ସେମାନେ ହେଲେ ନୀଳକଣ୍ଠପୁର (୨) ର ପୁଷ୍ପଲତା ମହାରଣା ଓ ହୃଷିକେଶ ପୃଷ୍ଟି, ଆରାଖଣ୍ଡ ଗ୍ରାମର ମୁକୁନ୍ଦି ମଲ୍ଲ (୮୦) ଏବଂ ଶ୍ୟାମସୁନ୍ଦରପୁର ଗ୍ରାମର କାଳିନ୍ଦୀ ମଲ୍ଲିକ (୮୦) । ମାରଣା ଷଣ୍ଢ ଆତଙ୍କରେ ଅରାଖଣ୍ଡ ସମେତ ନୀଳକଣ୍ଠପୁର-୨, ଶ୍ୟାମସୁନ୍ଦରପୁରରେ କୋକୁଆ ଭୟ ସୃଷ୍ଟି ହୋଇଛି। ଷଣ୍ଢଟି ଯେ କୌଣସି ବ୍ୟକ୍ତିଙ୍କୁ ଦେଖିଲେ ତାଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରୁଥିବା ଦେଖଣାହାରୀ କହିଛନ୍ତି। ଏଥିପାଇଁ ଗ୍ରାମବାସୀ ଘରୁ ପଦାକୁ ବାହାରୁ ନାହାନ୍ତି। ଅଧିକାଂଶ କବାଟ ନ ଖୋଲି ଘରେ ଭିତରେ ରହିଛନ୍ତି । ଏ ସଂକ୍ରାନ୍ତରେ ବନ ସମ୍ପଦ କାର୍ଯ୍ୟାଳୟର ଅଧିକାରୀ କୈଳାସ ଚନ୍ଦ୍ର ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲା । ଷଣ୍ଢ ବନ୍ୟପ୍ରାଣୀ ହୋଇ ନ ଥିବାରୁ ଏ ଦିଗରେ ସେମାନେ କୌଣସି ପଦକ୍ଷେପ ନେଇ ପାରିବେ ନାହିଁ ବୋଲି କହିଛନ୍ତି। ମାରଣା ଷଣ୍ଢ ଦାଉରୁ ଲୋକମାନଙ୍କୁ ରକ୍ଷା କରିବାକୁ ପ୍ରଶାସନ ପଦକ୍ଷେପ ଗ୍ରହଣ କରିବା ପାଇଁ ସାମାଜିକ କର୍ମୀ ରାଜକିଶୋର ମଲ୍ଲଙ୍କ ସମେତ ଅଞ୍ଚଳବାସୀ ସମସ୍ତେ ଦାବି କରିଛନ୍ତି ।

## ବାର୍ଷିକ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ

ପାଟକୁରା,୫।୪(ଡି.ଏନ୍.ଏ.)

ଗରଦପୁର ବ୍ଲକ କଳାବୁଦା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ୩୦ତମ ବାର୍ଷିକ ଓ କ୍ରୀଡ଼ା ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୋପବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ବିଜେଡିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରମାନଙ୍କୁ ଉତ୍ତମ ଚରିତ୍ର ଗଠନ ସହ ଉଚ୍ଚଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନବଘନ ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାଳୟ କିପରି ପ୍ରତିଷ୍ଠା ହେଲା, ବିଦ୍ୟାଳୟର ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ମୁଖ୍ୟ ଅତିଥି ସମାଧାନ ଦିଗରେ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସାମାଜିକ କର୍ମୀ ଶୈଳେନ୍ଦ୍ର ମହାନ୍ତି, କଳାବୁଦା ପଞ୍ଚାୟତ ସରପଞ୍ଚ ପ୍ରଜ୍ଞା ପ୍ରିୟଦର୍ଶିନୀ ଦାସ, ମଞ୍ଜୁଳତା ଜେନା, ଅଞ୍ଜୁ ଅଗ୍ରୱାଲ, ଦୀପକ ମହାପାତ୍ର, ବ୍ଲକ ବିଜେଡି ସଭାପତି ଶଶାଙ୍କଶେଖର ପରିଡ଼ା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସୁପରାମର୍ଶ ଦେଇଥିଲେ। ତେବେ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଧନ୍ଦାମୂଳକ ଓ କମ୍ପ୍ୟୁଟର ଶିକ୍ଷା ପ୍ରଦାନ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦାବି କରିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟ ଅତିଥି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶରତ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ବୈଦ୍ୟନାଥ ସ୍ୱାଇଁ ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଶେଷରେ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ହେମନ୍ତ ସେଠୀ ଧନ୍ୟବାଦ ଦେଇଥିଲେ।




ବାସନ୍ତୀ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ବାହାକୁଦ ଫେରିଘାଟ ନିଲାମ ପରେ ବାତିଲ



ମହାକାଳପଡ଼ା,୫।୪(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ରାମନଗର ପଞ୍ଚାୟତ ବାହାକୁଦ ମହାନଦୀ-ମୂଷାଡିଆ ଫେରି ଘାଟ ନିଲାମ ବୁଧବାର ହୋଇଥିଲା । ହେଲେ ଶେଷ ମୁହୂର୍ତ୍ତରେ ତାହା ବାତିଲ ହୋଇଛି । ସୂଚନା ଅନୁଯାୟୀ, ଚଳିତ ବର୍ଷ ଏହି ଘାଟ ୮୨ଲକ୍ଷ ୨୦ହଜାର ଟଙ୍କାରେ ନିଲାମ ହୋଇଥିଲା । ରାମନଗର ପଞ୍ଚାୟତ ଅଫିସରେ ଆୟୋଜିତ ନିଲାମ ପ୍ରକ୍ରିୟା ଶେଷ ହୋଇଛି ବୋଲି ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। ଏହି ନିଲାମ ପ୍ରକ୍ରିୟାରେ ୩ ବିଡର ହେମନ୍ତ କୁମାର ପରିଡ଼ା , ସଞ୍ଜୟ କୁମାର ଶୁକ୍ଳା ଓ ଶମ୍ଭୁ ମାଇତି ଅଂଶ ଗ୍ରହଣ କରିଥିଲେ। ଚଳିତ ବର୍ଷ ପ୍ରଶାସନ ପକ୍ଷରୁ ୬୧ ଲକ୍ଷ ୭୩ ହଜାର ଟଙ୍କାରୁ ନିଲାମ ଡାକ ଆରମ୍ଭ ହୋଇଥିଲା। ଶେଷରେ ଶମ୍ଭୁ ମାଇତି ୮୨ ଲକ୍ଷ ୨୦ ହଜାର ଟଙ୍କାରେ ନିଲାମ ଡାକିଥିଲେ ମଧ୍ୟ ଅନ୍ୟ ବିଡରମାନେ ଏହି ସର୍ବୋଚ୍ଚ ନିଲାମ ଅର୍ଥ ଉପରକୁ ଗଲେ ନାହିଁ। ଫଳରେ ପ୍ରଶାସନ ଶମ୍ଭୁଙ୍କ ନାମ ଘୋଷଣା କରିଥିଲେ। ଅପରପକ୍ଷେ ସମୁଦାୟ ନିଲାମ ଅର୍ଥର ୯୦ ପ୍ରତିଶତ ଅର୍ଥ ଅପରାହ୍ନ ୩ଟା ସୁଦ୍ଧା ପଞ୍ଚାୟତ ପାସ୍‌ବୁକ୍‌ରେ ଜମା କରିବା ପାଇଁ ପ୍ରଶାସନ ନିଲାମଧାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହେଲେ ନିର୍ଦ୍ଧାରିତ ସମୟ ଭିତରେ ସେ ଟଙ୍କା ଜମା କରି ନ ପାରିବାରୁ ସେହି ନିଲାମ ବାତିଲ ହୋଇଛି ବୋଲି ବିଡିଓ ଘୋଷଣା କରିଥିଲେ ।

# ନରସିଂହପୁର ପଞ୍ଚାୟତରେ ଦୁର୍ନୀତି, ଭିଜିଲାନ୍ସ ତଦନ୍ତ ଆରମ୍ଭ

ପଟ୍ଟାମୁଣ୍ଡାଇ,୫।୪(ସ୍ୱ.ପ୍ର.)

- ୫ ବର୍ଷରେ ଖର୍ଚ୍ଚ ହୋଇଛି ୬ କୋଟିରୁ ଊର୍ଦ୍ଧ୍ୱ
- ପ୍ରକଳ୍ପ ନ ଥାଇ ମିଥ୍ୟା ବିଲ୍
- ଗୋଟିଏ ପ୍ରକଳ୍ପ ନାଁରେ ଏକାଧିକ ବିଲ୍

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ଅଧୀନ ନରସିଂହପୁର ପଞ୍ଚାୟତରେ ସରକାରୀ ଅନୁଦାନ ଅର୍ଥ ବ୍ୟାପକ ଭାବେ ବାଟମାରଣା ହୋଇଥିବା ଅଭିଯୋଗ ହୋଇଥିଲା । ଏହାର ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଛି। ବିଦ୍ୟାଳୟ ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ ନାମରେ ସର୍ବାଧିକ ବିଲ ଉଠା ହୋଇଥିବା ବେଳେ ପ୍ରକଳ୍ପ ନ ଥାଇ ମିଥ୍ୟା ବିଲ୍, ଗୋଟିଏ ପ୍ରକଳ୍ପ ନାମରେ ଏକାଧିକବାର ବିଲ୍ ପୈଠ କରାଯାଇ ଅଢେଇ ବର୍ଷ ମଧ୍ୟରେ ୨ କୋଟି ୭୬ ଲକ୍ଷ ଟଙ୍କା ସରକାରୀ ଅନୁଦାନ ଅର୍ଥ ଖର୍ଚ୍ଚ କରାଯାଇଛି । ସେହିପରି ୫ ବର୍ଷରେ ଖର୍ଚ୍ଚ ହୋଇଛି ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା । ପଞ୍ଚାୟତର ସମିତି ସଭ୍ୟା ରାଜଲକ୍ଷ୍ମୀ ବେହେରା,ବରିଷ୍ଠ ୱାର୍ଡ ସଭ୍ୟ ଅନୀଲ ମଳିକ ଓ ସଭ୍ୟା ମାନସୀ ପ୍ରିୟଦର୍ଶିନୀ, ସୂଚନା କର୍ମୀ ଧନଞ୍ଜୟ ଦାସ ନରସିଂହପୁର ପଞ୍ଚାୟତରେ ହୋଇଥିବା ଦୁର୍ନୀତକୁ ଲୋକ ଲୋଚନକୁ ଆଣିଥିଲେ । ପଞ୍ଚାୟତ ଦୁର୍ନୀତିର ତଦନ୍ତ ଭାର କେନ୍ଦ୍ରପଡ଼ା ଭିଜିଲାନ୍ସ ନେଇଥିବା ବେଳେ ଭିଜିଲାନ୍ସ ଡ଼ିଏସପି ଭାଗ୍ୟଲକ୍ଷ୍ମୀ ପୁହାନଙ୍କ ନେତୃତରେ ତଦନ୍ତ ଆରମ୍ଭ ହୋଇଛି ।

ଏହି ପଞ୍ଚାୟତରେ ଡ୍ରେନ ନିର୍ମାଣ ନାମରେ ମଧ୍ୟ ବ୍ୟାପକ ସରକାରୀ ଅନୁଦାନ ଅର୍ଥ ଚଲୁ ହୋଇଛି । ଅଡାଖଣ୍ଡ ଗ୍ରାମର ତପନ ଦାସଙ୍କ ଘରଠାରୁ ୧୫ ନଂ. କେନାଲ ପର୍ଯ୍ୟନ୍ତ ଏକ ପୁରାତନ ଡ୍ରେନକୁ ଦେଖାଇ ନୂଆ ପ୍ରକଳ୍ପ ନାମରେ ୩ ଥର ବିଲ୍ ହୋଇଛି । ଏହି ସମସ୍ତ ବିଲ୍ ଗୋଟିଏ ଆର୍ଥିକ ବର୍ଷରେ ପୈଠ ହୋଇଛି। ପ୍ରଥମେ ୨ ଲକ୍ଷ ଟଙ୍କା ୨ୟରେ ୬୩ ହଜାର ୭୦୨ ଟଙ୍କା ଓ ୩ୟରେ ୩୬ ହଜାର ୨୯୮ ଟଙ୍କା ମିଥ୍ୟା ବିଲ୍ ପୈଠ ହୋଇଥିବା ଅଭିଯୋଗ ହୋଇଛି। ସେହିପରି ଅଠରବାଟିଆ ଗ୍ରାମର ମହାରଣା ସାହି ନିକଟରେ ଡ୍ରେନ ନାମରେ ୭୦ ହଜାର ୯୫୪ ଟଙ୍କାର ବିଲ୍ ପୈଠ କରାଯାଇଛି। ସେହି ଗ୍ରାମର ଉତ୍ତମ ସେଠୀଙ୍କ ଘର ପାଖରେ ଥିବା ନଳକୂପର ଡ୍ରେନ ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କାର ବିଲ୍ ପୈଠ ହୋଇଛି । ମଠସାହି ଗ୍ରାମରେ ମଠସାହି କ୍ଲବ୍ ଠାରୁ ମଙ୍ଗଳା ମନ୍ଦିର ପର୍ଯ୍ୟନ୍ତ ୨ ଲକ୍ଷ ୮୧ ହଜାର ଟଙ୍କାର ଡ୍ରେନ ହୋଇଥିବା ଦର୍ଶାଇ ମିଥ୍ୟା ବିଲ୍ ପୈଠ କରାଯାଇଛି । ସେହିପରି ଅଇନିପଡ଼ା ଗ୍ରାମରେ ସ୍କୁଲଠାରୁ ୧୫ ନମ୍ବର କେନାଲ ପର୍ଯ୍ୟନ୍ତ ୧ ଲକ୍ଷ ୨୦ ହଜାର ୧୭୭ ଟଙ୍କାର ଡ୍ରେନ ନିର୍ମାଣ ପ୍ରକଳ୍ପ ନାମରେ ବିଲ୍ ପୈଠ କରାଯାଇଛି। ସେହି ଗ୍ରାମର ପୃଷ୍ଟି ଘର ପାଖରୁ ନଳକୂପ ଯାଏ ୧ ଲକ୍ଷ ୫୦ ହଜାର ଟଙ୍କାର ଡ୍ରେନ ପ୍ରକଳ୍ପ ନାମରେ ବିଲ୍ ହୋଇଛି । ସେହି ଗ୍ରାମର ସୁବଳ ପାଢ଼ୀ ଘର ଠାରୁ ଅଙ୍ଗୱାଡ଼ି କେନ୍ଦ୍ର ପର୍ଯ୍ୟନ୍ତ ଡ୍ରେନ ନାମରେ ୧ ଲକ୍ଷ ଟଙ୍କାର ବିଲ୍ ହୋଇଛି। ନରସିଂହପୁର ଗ୍ରାମରେ ଜଗନ ନାୟକ ଘର ଠାରୁ ନାଉରୀ ନାୟକ ଘର ପର୍ଯ୍ଯନ୍ତ ୯୨ ହଜାର ୭୬୧ ଟଙ୍କାର ଡ୍ରେନ ପ୍ରକଳ୍ପ ପାଇଁ ବିଲ୍ ପୈଠ କରାଯାଇଛି। ସେହିପରି ଅଠରବାଟିଆ ମହାରଣା ସାହି ନିକଟରେ ଏକ ୪୪ ହଜାର ୭୭୮ ଟଙ୍କାର କର୍ଲଭାର୍ଟ ନାମରେ କୌଣସି କାର୍ଯ୍ଯ ନହୋଇ ମିଥ୍ଯା ବିଲ୍ ପୈଠ ହୋଇଥିବା ଅଭିଯୋଗ ହୋଇଛି । ମଠସାହି ଗ୍ରା.ପ. ପୋଖରୀ ଠାରୁ କେନାଲ ବନ୍ଧ ପର୍ଯ୍ୟନ୍ତ ଏକ କଲ୍‌ଭଟ ନାମରେ ଆଦୌ କାମ ନ ହୋଇ ମିଥ୍ୟା ବିଲ୍ ପୈଠ ହୋଇଥିବା ଅଭିଯୋଗ ହୋଇଛି । ନାଗେଶ୍ୱର ମନ୍ଦିର ଠାରୁ ନିର୍ମଳ ଶତପଥୀ ଘର ପର୍ଯ୍ୟନ୍ତ ନୂଆ ପାଣି ପାଇପ ଲାଇନ୍ ବିଛା ଯାଇଛି ଦର୍ଶାଇ ୩ ଲକ୍ଷ ବିଲ୍ ହୋଇଛି । ସେହିପରି ଅଇନିପଡା ଗ୍ରାମରେ ପାଇପ ଲାଇନ୍ ମରାମତି ପାଇଁ ୧ ଲକ୍ଷ ଟଙ୍କା ବିଲ୍ ପୈଠ କରାଯାଇଛି। ଗ୍ରାମାଞ୍ଚଳ ପାର୍କ କାର୍ଯ୍ୟକ୍ଷମ ହୋଇ ନ ଥିବା ବେଳେ ଉନ୍ନତିକରଣ ପାଇଁ ୧ ଲକ୍ଷ ଓ ଗ୍ରାମାଞ୍ଚଳ ପାଠାଗାର ଉପକରଣ କିଣାଯିବାକୁ ୪ ଲକ୍ଷ ୫୦ ଟଙ୍କା ବିଲ୍ ହୋଇଛି । ସେହିପରି ପୁରୁଷୋମ ମହାନ୍ତିଙ୍କ ଘର ଠାରୁ ଗଣେଶ ସାମଲ ଘର ପର୍ଯ୍ୟନ୍ତ ଫେବର୍ ବ୍ଲକ ରାସ୍ତା ସହିତ ଡ୍ରେନ ନିର୍ମାଣ ପାଇଁ ବିଲ୍ ହୋଇଛି । କିନ୍ତୁ ୨୦୨୧-୨୨ ଆର୍ଥିକ ବର୍ଷରେ ଏହି ପ୍ରକଳ୍ପ ପାଇଁ ୫୩ ହଜାର ୧୫୮ ଟଙ୍କା ବିଲ୍ ପୈଠ ହୋଇଥିଲା । ୨୦୨୨-୨୩ ଆର୍ଥିକ ବର୍ଷରେ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ଟେବୁଲ ଚେୟାର କିଣା ଯିବାକୁ ୧ ଲକ୍ଷ ୧୬ ହଜାର ଟଙ୍କା ବିଲ୍ ହୋଇଥିଲେ ହେଁ ଅନୁଦାନ ଅର୍ଥ ହଡପ ହୋଇଥିବା ଅଭିଯୋଗ ହୋଇଛି । ପାନୀୟ ଜଳ ଓ ଉନ୍ନତିକରଣ ପାଇଁ ମଧ୍ୟ ୧ ଲକ୍ଷ ୧୬ ହଜାର ୧୧୬ ଟଙ୍କା ବିଲ୍ ହୋଇଛି କିନ୍ତୁ, ୨୦୨୧-୨୨ ଆର୍ଥିକ ବର୍ଷରେ ପାନୀୟ ଜଳ ପାଇଁ ୮୨ ହଜାର ୫୪୯ ଟଙ୍କା ବିଲ୍ ହୋଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ଗ୍ରା. ପ. ଅଫିସ ଉନ୍ନତିକରଣ ପାଇଁ ୨ ଲକ୍ଷ ୮୪ ହଜାର ୪୬୩ ଟଙ୍କା ମଧ୍ୟ ବିଲ୍ ହୋଇଥିଲା। ୨୦୨୨-୨୩ ଆର୍ଥିକ ବର୍ଷରେ ପଚ୍ଛପଡା ଅଙ୍ଗନୱାଡ଼ି କେନ୍ଦ୍ରର ଉନ୍ନତି ପାଇଁ ୭୨ ହଜାର ୪୨୬ ଟଙ୍କା ବିଲ୍ ହୋଇଛି। ଅଠରବାଟିଆ ଅଗିରା ଦାଣ୍ଡ ରେ ଥିବା ପୁରାତନ ପୋଖରୀ ପୁନରୁଦ୍ଧାର ନାମରେ ୨ ଲକ୍ଷ ଟଙ୍କା ବିଲ୍ ପୈଠ କରାଯାଇଥିବା ବେଳେ, ଅଠରବାଟିଆ ସେଠୀ ସାହି ପୋଖରୀ ଖନନ ନାମରେ ୧ ଲକ୍ଷ ୧୦ ହଜାର ଟଙ୍କା ବିଲ୍ ପୈଠ ହୋଇଛି।

## ସଂକ୍ଷେପରେ

ବୟସ ସୀମା ସ୍ପଷ୍ଟ କଲା ଗଣଶିକ୍ଷା ବିଭାଗ

### ୫ରୁ ୭ବର୍ଷ ମଧ୍ୟରେ ପ୍ରଥମ ଶ୍ରେଣୀ ନାମଲେଖା

ଭୁବନେଶ୍ୱର,୫ ।୪(ବ୍ୟୁରୋ) – ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ନାମଲେଖା ବୟସକୁ ନେଇ ଦ୍ୱନ୍ଦ୍ୱ ଉପୁଜୁଥିଲା । ଏହାକୁ ନେଇ ଅଭିଭାବକ ମଧ୍ୟରେ ଅସନ୍ତୋଷ ଦେଖାଦେଖାଯିବା ପରେ ବିଭାଗ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଦ୍ୱନ୍ଦ୍ୱ ଦୂର କରାଯାଇଛି । ପ୍ରି ପାଇମେରୀ ଶ୍ରେଣୀରେ ନାମ ଲେଖାଉଥିବା ଛାତ୍ରୀଛାତ୍ରଙ୍କ ବୟସ ସଂପୃକ୍ତ ଶିକ୍ଷାବର୍ଷର ମାର୍ଚ୍ଚ ୩୧ ସୁଦ୍ଧା ୩ରୁ ୫ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ ବୋଲି ଦର୍ଶାଯାଇଛି । ସେହିପରି ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଚାହିଁଥିବା ଛାତ୍ରୀଛାତ୍ରଙ୍କ ବୟସ ୫ରୁ ୭ ବର୍ଷ ହୋଇଥିବା ଆବଶ୍ୟକ ବୋଲି ଚିଠିରେ ଉଲ୍ଲେଖ ରହିଛି । ତେବେ ବିଶେଷ ଆବଶ୍ୟକତା ଥିବା ୩ରୁ ୯ ବର୍ଷର ଶିଶୁଙ୍କ କ୍ଷେତ୍ରରେ ଏହି ନିୟମ କୋହଳ କରାଯାଇଛି । ନିକଟବର୍ତ୍ତୀ ବିଦ୍ୟାଳୟରେ ଆସନ ଉପଲବ୍ଧ ଥିଲେ ସେମାନେ ଯେକୌଣସି ଶ୍ରେଣୀରେ ନାମ ଲେଖାଇପାରିବେ । ତେବେ ଆର୍ଥିକ ଅନଗ୍ରସର ବର୍ଗ (ଇଡବ୍ଲ୍ୟୁଏସ୍)ଙ୍କ ଆୟ ପ୍ରମାଣ ପତ୍ର ପାଇଁ ବାର୍ଷିକ ଆୟ ୧ଲକ୍ଷ ୮୦ ହଜାରରୁ କମ୍ ହୋଇଥିଲେ ଉକ୍ତ ପ୍ରମାଣପତ୍ର ବୈଧ ବୋଲି ଗ୍ରହଣ କରାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।

### ଅଟୋକୁ ପିଟିଲା କାର୍, ୨ ଆହତ

ଗୋପାଳପୁର,୫।୪(ଡି.ଏନ.ଏ.)-୧୬ ନଂ ଜାତୀୟ ରାଜପଥ ଗୋଳନ୍ଥରା ଥାନା ଅଧୀନ ଗୋଳନ୍ଥରା ଚଟି ଛକ ନିକଟରେ ବୁଧବାର ଭୋରରେ ଏକ କାର ଭାରସାମ୍ୟ ହରାଇ ଡାଲା ଅଟୋକୁ ପଛରୁ ଧକ୍କା ଦେବାରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଲାଠି ଗ୍ରାମର ବାବୁଲା ସ୍ୱାଇଁ, ଓ ରୋଇ ଗାଁର ସଞ୍ଜୟ ସାହୁ। ଡାଲା ଅଟୋ (ନଂ ଓଡି୦୭ସି -୫୭୪୪)ରେ ବିଭିନ୍ନ ପ୍ରକାର ଫଳ ଲୋଡ଼ କରି ବ୍ରହ୍ମପୁରରୁ ଇଚ୍ଛାପୁର ଅଭିମୁଖେ ଯାଉଥିବା ବେଳେ ଗୋଳନ୍ଥରା ଗାଁ ଛକରେ ଏକ କାର (ନଂ ଓଆର୦୨ ବିଏକ୍ସ -୬୨୧୬) ଦ୍ରୁତ ଗତିରେ ଆସି ପଛପଟୁ ଅଟୋକିକୁ ଧକ୍କା ଦେଇଥିଲା। ଫଳରେ ଅଟୋଟି ରାଜପଥରେ ଓଲଟି ପଡିବା ସହ ଚାଳକ ଓ ବସିଥିବା ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଥିଲେ। ଗୋଳନ୍ଥରା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ବାଲୁଲା ଓ ସଞ୍ଜୟଙ୍କୁ ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ବାବୁଲାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ କାର ଓ ଅଟୋକୁ ନିଜ ହେପାଜତକୁ ନେଇଥିବା ବେଳେ କାର ଚାଳକକୁ କାବୁ କରିଥିଲା। କାର ଚାଳକ ପ୍ରଚୁର ମଦ୍ୟପାନ କରିଥିବା ଦେଖିବାକୁ ମିଳିଥିଲା।

### ନବ ନିଯୁକ୍ତ ଜିଲା ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା

କାଶୀନଗର,୫।୪: ନବ ନିଯୁକ୍ତ ଗଜପତି ଜିଲା ବିଜେଡି ସଭାପତି ଜଗବନ୍ଧୁ ଦାସଙ୍କୁ କାଶୀନଗର ବ୍ଲକ ଓ ଏନ୍ଏସି ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସମାବେଶରେ ଏନ୍ଏସି ଅଧକ୍ଷା ଏମ୍ ସୁଧାରାଣି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ଜି. ତିରୁପତି ରାଓ ମଞ୍ଚାସୀନ ହୋଇଥିବା ବେଳେ ବରିଷ୍ଠ ବିଜେଡି ନେତା ତିରୁପତି ପାଣିଗ୍ରାହୀ, କାଶୀନଗର ପଞ୍ଚାୟତ ସମିତି ଅଧକ୍ଷା ବି. ସାୟାଲ୍ମା, ଏନ୍ଏସି ଉପାଧକ୍ଷ ରଘୁରାମ ସାହୁ, ଟାଉନ୍ ବିଜେଡି ସଭାପତି ଆର୍. ଚଲପତି ରାଓ, ଯୁବ ବିଜେଡ଼ି ସଭାପତି ରାଜେଶ୍ ମିସାଲ୍, ମହିଳା ବିଜେଡି ସଭାନେତ୍ରୀ ଆର୍ . ସୁଜାତା, ଯୁବନେତା ଏମ୍ . ପ୍ରବୀଣ କୁମାର, କେ. ଜିବରତମ୍ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଆସନ ଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ଓ ସେସବୁର କାର୍ଯ୍ୟକାରିତା ଉପରେ ଆଲୋଚନା ହୋଇଥିଲା।

### କୃଷି ବିଭାଗର କ୍ଷେତ୍ର ଦିବସ

ପୋଲସରା,୫।୪(ଡି.ଏନ.ଏ.):ପୋଲସରା ବ୍ଲକ ଟିଙ୍କିପଡା ଶାସନ ସ୍ଥିତ ତୁମ୍ବେଶ୍ୱର ଶୈବପୀଠ ପରିସରରେ ବୁଧବାର ଟିଙ୍କିପଡା ଶାସନ ଅଞ୍ଚଳର କୃଷି ପରିଦର୍ଶକ ଆରତୀ ବେହେରାଙ୍କ ତତ୍ତ୍ୱାବଧାନରେ କୃଷି ବିଭାଗର କ୍ଷେତ୍ର ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଗ ଚାଷ ଅମଳ ପରବର୍ତ୍ତୀ ପରେ ଚାଷୀଙ୍କୁ ନେଇ କ୍ଷେତ୍ର ଦିବସ ପାଳିତ ହୋଇଛି। ଏଥିରେ ଜିଲା କୃଷି ଅଧିକାରୀ ଜେ ନଳିନୀ କୁମାର, ବେଗୁନିଆପଡା ବ୍ଲକ କୃଷି ଅଧିକାରୀ ରାମଲାଲ ସାମଦ, ପୋଲସରା ବ୍ଲକ କୃଷି ଅଧିକାରୀ ଅର୍ଜ୍ଜୁନ ଚରଣ ସାହୁ, ଗ୍ରାମ୍ୟ କୃଷି କର୍ମଚାରୀ ରାଜେଶ ସେଠୀ, ଅନାଦିସାହୁ, ମଣିଶଙ୍କର ଦାସ, ପ୍ରଶାନ୍ତ ସାହୁପ୍ରମୁଖ ମଞ୍ଚାସିନ ହୋଇ ଚାଷ କାର୍ଯ୍ୟକୁନେଇ ଆଲୋଚନା ହୋଇଥିଲା। କୃଷିବିଭାଗର କ୍ଷେତ୍ର ଦିବସ ଅବସରରେ ସ୍ଥାନୀୟ ସରପଞ୍ଚ ଭଗବାନ ସାହୁ, ସମିତିସଭ୍ୟ ରଞ୍ଜନ କୁମାର ସାହୁସମେତ ବହୁମହିଳା ଓ ପୁରୁଷ ଚାଷୀମାନେ ଉପସ୍ଥିତ ଥିଲେ।

# ମେ ୧ରୁ ପଛୁଆବର୍ଗଙ୍କ ସାମାଜିକ,ଶିକ୍ଷାଗତ ସ୍ଥିତି ସର୍ଭେ

ପୁର,୦୫./୦୪(ଡିଏନଏ)

ଛତ୍ରପୁର,୫।୪(ଡି.ଏନ.ଏ.)–ଓଡିଶାରେ ଥିବା ପଛୁଆ ବର୍ଗ ଲୋକଙ୍କର ସାମାଜିକ ତଥା ଶିକ୍ଷାଗତ ସ୍ଥିତି ଉପରେ ଗଞ୍ଜାମ ଜିଲାର ସର୍ଭେ ହେବ। ଏହି ଉପଲକ୍ଷେ ବୁଧବାର ଋଷିକୁଲ୍ୟା ସମ୍ମିଳନୀ କକ୍ଷଠାରେ ଜିଲାପାଳ ଦିବ୍ୟ ଜ୍ୟୋତି ପରିଡା ଓଡିଶା ପଛୁଆ ବର୍ଗର ଲୋକମାନଙ୍କର ସାମାଜିକ ଓ ଶିକ୍ଷାଗତ ସ୍ଥିତି ସଂକ୍ରାନ୍ତରେ ସର୍ଭେ ତାଲିମ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମଗ୍ର ରାଜ୍ୟରେ ଏହା ମେ ୧ ରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଏବଂ ତା ପରେ ମେ ୨୧ ରୁ ୨୫ ତାରିଖ ପର୍ଯ୍ୟନ୍ତ ଏକ ବିଶେଷ କାର୍ଯ୍ୟକ୍ରମ ଚାଲୁ ରହିବ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରତାପ ଚନ୍ଦ୍ର ପ୍ରଧାନ ଆନୁମରେଟର୍ ଓ ସୁପରଭାଇଜର୍ଙ୍କ ଭୂମିକା ଉପରେ ତାଲିମ ପ୍ରଦାନ କରିଥିଲେ। ଡେପୁଟି କଲେକ୍ଟର (ରାଜସ୍ୱ) ଦୟାସିନ୍ଧୁ ପରିଡା ସେମାନଙ୍କୁ ଦିଆ ଯାଇଥିବା କୋଡ୍ ନମ୍ବର, ଆଇସିଆର୍ ସର୍ଭେ ଫର୍ମ ସମ୍ବନ୍ଧରେ ବିସ୍ତୃତ ସୂଚନା, ଆଇସିଆର୍ ଫର୍ମର ବ୍ୟବହାର, ଠିକ୍ କୋଡ୍ ସହିତ ଆଇସିଆର୍ ସର୍ଭେ ଫର୍ମ ପୂରଣ କରିବା ବିଷୟରେ ତାଲିମ ଦେଇଥିଲେ ।

## ଗଞ୍ଜାମରେ ଦିଆଗଲା ତାଲିମ




ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଓ ଅନ୍ୟମାନେ ।

ଏନୁମରେଟର୍ ଓ ସୁପରଭାଇଜର୍ଙ୍କ ଦ୍ୱାରା ସଂଗ୍ରହ ହୋଇଥିବା ତଥ୍ୟ, ପୋର୍ଟାଲ ରେଜିଷ୍ଟ୍ରେଶନ, ମୋବାଇଲ ଆପ୍ଲିକେଶନରେ କିପରି ଟ୍ୟାଗ ହେବ ସେ ସମ୍ପର୍କରେ ବ୍ରହ୍ମପୁରରର ଡେପୁଟି କଲେକ୍ଟର ଶୁଭଶ୍ରୀ ରଥ ତାଲିମ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର (ନିଜାରତ) ଓମ୍ ପ୍ରସାଦ ପରିଡା ମଧ୍ୟ ସହଯୋଗ କରିଥିଲେ ।

ଗ୍ରାମାଞ୍ଚଳରେ ଅଙ୍ଗନୱାଡି କର୍ମୀଙ୍କୁ ଓ ପୌରାଞ୍ଚଳରେ ଅଙ୍ଗନୱାଡି କର୍ମୀ, ଟ୍ୟାକ୍ସ କଲେକ୍ଟର ଓ ୱାର୍ଡ ଅଫିସରଙ୍କୁ ଏନୁମରେଟର ଭାବେ ନିୟୋଜିତ କରାଯିବ। ସେହିଭଳି ଗ୍ରାମାଞ୍ଚଳରେ ଆଇସିଡିଏସ୍ ସୁପରଭାଇଜର୍, ମାର୍କେଟିଂ ଇନ୍ସପେକ୍ଟର, ଗ୍ରାମ ପଞ୍ଚାୟତ ଏକ୍ସଟେନେଶନ ଅଫିସର, ପ୍ରୋଗ୍ରେସ ଆସିଷ୍ଟାଣ୍ଟ, ୱେଲଫେୟାର ଏକ୍ସଟେନେଶନ ଅଫିସର ଓ ବ୍ଲକ ସୋସିଆଲ ସିକ୍ୟୁରିଟି ଅଫିସରଙ୍କୁ ଏବଂ ପୌରାଞ୍ଚଳରେ ଆଇସିଡିଏସ୍ ସୁପରଭାଇଜର୍, ମାର୍କେଟିଂ ଇନ୍ସପେକ୍ଟର, ଜୋନ୍ ଅଫିସରମାନଙ୍କୁ ସୁପରଭାଇଜର୍ ଭାବେ ନିୟୋଜିତ କରାଯିବା ସହ ପ୍ରତ୍ୟେକ ସୁପରଭାଇଜରଙ୍କ ଅଧୀନରେ ସର୍ବାଧିକ ୧୦ ଜଣ ଏନୁମରେଟର୍ କାର୍ଯ୍ୟ କରିବେ। ଏହି ତାଲିମ କାର୍ଯ୍ୟକ୍ରମରେ ଜିଲାର ସମସ୍ତ ତହସିଲଦାର, ବିଡିଓ, କାର୍ଯ୍ୟ ନିର୍ବାହୀ ଅଧିକାରୀମାନେ ଉପସ୍ଥିତ ରହି ତାଲିମ ନେଇଥିଲେ ।

ସର୍ଭେ କାର୍ଯ୍ୟକ୍ରମ ଯେପରି ନିର୍ଭୁଲ ଭାବେ ହୋଇ ପାରିବ ଏଥି ନିମନ୍ତେ ଆବଶ୍ୟକ ତାଲିମ ଠିକ୍ ଭାବରେ ଦେବାକୁ ମାଷ୍ଟର ଟ୍ରେନର୍ମାନଙ୍କୁ ଅତିରିକ୍ତ ଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ପରାମର୍ଶ ଦେଇଥିଲେ। ସର୍ଭେ ସେଣ୍ଟରଗୁଡ଼ିକୁ ଆବଶ୍ୟକ ସାମଗ୍ରୀ ନୋଡାଲ ଅଫିସର୍ମାନେ ଯୋଗାଇ ଦେବାକୁ କୁହାଯାଇଥିଲା। ପଛୁଆ ବର୍ଗ ଲୋକମାନଙ୍କର ବର୍ତ୍ତମାନ ଥିବା ସାମାଜିକ ଓ ଶିକ୍ଷାଗତ ସ୍ଥିତି ସମ୍ବନ୍ଧରେ ସ୍ୱଷ୍ଟ ଚିତ୍ର ହାସଲ କରିବା ହେଉଛି ଏହି ସର୍ଭେର ମୂଳ ଲକ୍ଷ୍ୟ।

### ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଆସିକା,୫।୪ (ଡି.ଏନ.ଏ.)

ଆସିକା ବିଜୁ ପଟ୍ଟନାୟକ ଛକଠାରେ ବୁଧବାର ଭଞ୍ଜନଗର ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୁର୍ଘଟଣା ଜନିତ ମୃତ୍ୟୁ ତାଲିକାରେ ଗଞ୍ଜାମ ଜିଲା ସର୍ବାଧିକ ସ୍ଥାନରେ ରହିଥିବାରୁ ଏହାକୁ କିଭଳି ରୋକାଯାଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଶୁଳପାଣି ଶତପଥି, ପୋଲିସ ଇନିସପେକ୍ଟର ବିଶ୍ୱରଞ୍ଜନ ନାୟକ, ଘରୋଇ ବସ ମାଲିକ ସଂଘ ସଂପାଦକ ସନ୍ତୋଷ କୁମାର ପୋଲାଇ, ମୁନା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ନିଶାସକ୍ତ ଅବସ୍ଥାରେ ଗାଡି ଚାଳନା କରିବା, ନିର୍ଦ୍ଧାରିତ ଯାତ୍ରୀଙ୍କଠାରୁ ଅଧିକ ଯାତ୍ରୀ ପରିବହନ କରିବା, ୧୮ ବର୍ଷରୁ କମ ବୟସ୍କଙ୍କୁ ଗାଡି ନଦେବା ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା ବେଳେ ଏଥିରେ ବ୍ୟତିକ୍ରମ କଲେ ରହିଥିବା ବିଭିନ୍ନ ଆଇନଗତ ଦଣ୍ଡ ସମ୍ପର୍କରେ ସଚେତନ କରାଯାଇଥିଲା। ଏତଦ ଅବସରରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଦୁର୍ଘଟଣାକୁ ରୋକିବା ନେଇ ସାଧାରଣରେ ସଚେତନତା ସୃଷ୍ଟି କରାଯାଇଥିଲା।

# କାଜୁ ଜଙ୍ଗଲରୁ ୨୦ ଲଗ୍ ଶାଳ,ଶାଗୁଆନ କାଠ ଜବତ

ଗଣିଆ,୫।୪(ଡି.ଏନ୍.ଏ)

ଗଣିଆ ବନାଞ୍ଚଳ ତରଫରୁ ଚଡାଉ କରାଯାଇ ଆଡକଟା ପଞ୍ଚାୟତ ଧୂଆଁମଡା ଗ୍ରାମ ନିକଟ କାଜୁ ଜଙ୍ଗଲରୁ ବୁଧବାର ଅପରାହ୍ନରେ ୨୦ ଲଗ୍ ଶାଳ ଓ ଶାଗୁଆନ କାଠ ଜବତ କରାଯାଇଛି । ଜବତ କାଠଗୁଡିକ ମଧ୍ୟରେ ୧୦ ଲଗ୍ ଶାଳ ଓ ୧୦ ଲଗ୍ ଶାଗୁଆନ ରହିଛି । ବ୍ୟବସାୟୀମାନେ ବାହାରକୁ ଚୋରା ଚାଲାଣ କରିବା ନିମନ୍ତେ କାଠଗଣ୍ଡିଗୁଡିକୁ ଧୂଆଁମଡା ଗ୍ରାମ ନିକଟ କାଜୁ ଜଙ୍ଗଲରେ ଗଚ୍ଛିତ ରଖିଥିଲେ । ବିଶେଷସୂତ୍ରରୁ ଖବର ପାଇ ଗଣିଆ ବନାଞ୍ଚଳ ଅଧିକାରୀ ସୋନାଲି ସିଓଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ସରିତା ବରାଳ, ସନ୍ତୋଷ ପ୍ରଧାନ, ଫରେଷ୍ଟଗାର୍ଡ ଧରଣୀଧର ନାୟକ, ଦୀପିକା କାଲ ପହଞ୍ଚି ୨୦ ଲଗ୍ କାଠ ଜବତ କରିଥିଲେ । ଜବତ କାଠଗୁଡିକୁ ବନାଞ୍ଚଳ କାର୍ଯ୍ୟାଳୟ ପରିସରକୁ ଅଣାଯାଇଥିଲା । ଜବତ କାଠଗୁଡିକର ଆନୁମାନିକ ମୂଲ୍ୟ ପ୍ରାୟ ୫୦ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବିଭାଗୀୟ ଅଧିକାରୀଙ୍କ ତରଫରୁ ସୂଚନା ମିଳିଛି । ତେବେ ଏ ନେଇ ବନବିଭାଗ ତରଫରୁ ଏକ ମାମଲା ରୁଜୁ କରାଯିବା ସହ କାଠ ବ୍ୟବସାୟୀମାନଙ୍କୁ ଗିରଫ ପାଇଁ ତଦନ୍ତ ଜାରି ରହିଛି ।

### ନୂତନ ଥାନା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

ଆର.ଉଦୟଗିରି,୫।୪(ଡି.ଏନ.ଏ.)

ମୋହନା ଥାନାରେ ବୁଧବାର ନୂତନ ଥାନା ଅଧିକାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ଗଞ୍ଜାମ ଜିଲା ଦିଗପହଣ୍ଡି ଓ ଗୋଳନ୍ଥରା ଥାନାରେ ବହୁ ବର୍ଷ ଧରି କାର୍ଯ୍ୟ କରି ସୁନାମ ଅର୍ଜନ କରିବା ସହ ଲୋକଙ୍କୁ ନ୍ୟାୟ ଦେଇ ଲୋକପ୍ରିୟ ହୋଇପାରିଥିଲେ। ସେ ଗତ ଦୁଇ ମାସ ପୂର୍ବେ ଗଜପତି ଜିଲାକୁ ବଦଳି ହୋଇଥିଲେ। ମୋହନା ଥାନାଧିକାରୀ ପ୍ରଶାନ୍ତ କୁମାର ନିର୍ଶିକାଙ୍କୁ ଏସ୍ପି ସ୍ୱାତୀ ଏସ. କୁମାର ଜିଲା ମୁଖ୍ୟାଳୟକୁ ବଦଳି କରି ନୂତନ ଭାବେ ଥାନାଧିକାରୀ ଭାବେ ବସନ୍ତ କୁମାର ସେଠୀଙ୍କୁ ମୋହନାରେ ନିଯୁକ୍ତି ଦେଇଛନ୍ତି।

# ବଧୂହତ୍ୟା ଅଭିଯୋଗରେ ସ୍ୱାମୀ, ଶାଶୁ, ଶ୍ୱଶୁର ଗିରଫ

ଖଣ୍ଡପଡ଼ା,୫।୪(ସ୍ୱ.ପ୍ର)

ଖଣ୍ଡପଡ଼ା ଥାନା ଅଧୀନ ବେଶାଗାଡ଼ିଆ ଗ୍ରାମର ପୂଜା ମଳିକ(୨୬)ଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ହତ୍ୟା କରାଯାଇଥିବା ମୃତ ମହିଳାଙ୍କ ମାଆ ଜୟନ୍ତୀ ମଳିକ ଖଣ୍ଡପଡ଼ା ଥାନାରେ ମଙ୍ଗଳବାର ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଆଧାରରେ ପୋଲିସ ୩ ଜଣଙ୍କ ନାମରେ ବିଭିନ୍ନ ଦଫାରେ ଏକ ମାମଲା(ନଂ.୬୬/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ପୋଲିସ ମୃତ ମହିଳାଙ୍କ ସ୍ୱାମୀ ରାଜୁ ମଳିକ, ଶାଶୁ ଶଇଳ ମଳିକ ଓ ଶ୍ୱଶୁର କାଠିଆ ମଳିକଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ରମେଶ କୁମାର ଦେବତାଙ୍କଠାରୁ ପ୍ରକାଶ ।

ଗତ ୫ବର୍ଷ ତଳେ ଖଣ୍ଡପଡ଼ା ବ୍ଲକ ଅଧୀନ ବନମାଳୀପୁର ଗ୍ରାମର ବିଦ୍ୟାଧର ମଳିକଙ୍କ ଝିଅ ପୂଜାଙ୍କ ସହ ରାଜୁଙ୍କ ବିବାହ ସମ୍ପନ୍ନ ହୋଇଥିଲା । ବିବାହ ସମୟରେ ବର ପକ୍ଷଙ୍କ ଦାବି ମୁତାବକ ନଗଦ ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ, ସୁନା ଗହଣା ଆଦି ପ୍ରଦାନ କରାଯାଇଥିଲା । ମାତ୍ର ଅଧିକ ଯୌତୁକ ଦାବିରେ ଶାଶୁଘର ପରିବାରବର୍ଗ ପୂଜାଙ୍କୁ ନିର୍ଯାତନା ଦେଇ ଆସୁଥିବା ନେଇ ମୃତ ମହିଳାଙ୍କ ମାଆ ଜୟନ୍ତୀ ମଳିକ ଅଭିଯୋଗ କରିଥିଲେ । ପୂଜାଙ୍କ ମୃତ୍ୟୁ ପାଇଁ ସ୍ୱାମୀ, ଶାଶୁ, ଶ୍ୱଶୁର ଦାୟୀ ବୋଲି ଜୟନ୍ତୀ ଖଣ୍ଡପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ମୃତ ମହିଳାଙ୍କ ଏକ ୩ ବର୍ଷର ପୁଅ ଅଛନ୍ତି । ତାଙ୍କୁ ପୋଲିସ ଉଦ୍ଧାର କରି ନୟାଗଡସ୍ଥିତ ସିଡବ୍ଲୁସି କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବ ବୋଲି ଆଇଆଇସି ଦେବତା କହିଛନ୍ତି ।

# ପ୍ରବଳ ବର୍ଷାରେ ପୂର୍ତ୍ତ ବିଭାଗ କୋଠା ଛାତ ପଡ଼ିଲା

ଭଞ୍ଜନଗର, ୫।୪(ଡି.ଏନ.ଏ)

ଭଞ୍ଜନଗର କଲେଜ ରୋଡରେ ପ୍ରାୟ ସାଢେ ୩ କୋଟି ଟଙ୍କା ବ୍ୟୟରେ ପୂର୍ତ୍ତ ବିଭାଗ ପକ୍ଷରୁ ଏକ କୋଠା ନିର୍ମାଣ ଚାଲିଛି। ମଙ୍ଗଳବାର ଅପରାହ୍ନରେ ଦ୍ୱିତୀୟ ମହଲା ଛାତ ପଡୁଥିବା ସମୟରେ ପ୍ରବଳ ବର୍ଷା ହୋଇଥିଲା। ଏହି ସମୟରେ କାମ ଅଧା ହୋଇଥିଲା। ଉକ୍ତ ଛାତ ଉପରେ ପଲିଥିନ ଘୋଡା ଯିବା କଥା କିନ୍ତୁ ଠିକାଦାର ଏ ନେଇ ପ୍ରସ୍ତୁତ ହୋଇ ନ ଥିବାରୁ ଘୋଡାଇ ପାରି ନ ଥିଲେ। ପରେ ପଲିଥିନ ନେଇ ପକାଇଥିଲେ କିନ୍ତୁ ତାହା ସବୁ ଆଡ ଘୋଡାଇ ହୋଇ ନ ଥିଲା। ବର୍ଷାରେ ସିମେଣ୍ଟ ବାଲି ଗୋଡି ଧୋଇ ହୋଇ ଯାଇଥିଲା। ବର୍ଷା ଛାଡୁ ଛାଡୁ ପୁଣି ତା ଉପରେ ବଳକା ଛାତ କାମ ହୋଇଥିଲା। କିନ୍ତୁ ଛାତ ଉପରେ ଥିବା ପାଣିକୁ ବାହାର କରାଯାଇ ନ ଯାଇ ତା ଉପରେ ହିଁ ପୁଣି ଛାତ ପକାଯାଇଥିଲା। ଛାତ ପଡୁଥିବା ସମୟରେ ସନ୍ଧ୍ୟାରେ ପୁଣି ବର୍ଷା ହୋଇଥିଲା। ବାରମ୍ବାର ବର୍ଷା ହେବା ଦ୍ୱାରା ଛାତର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ପୂର୍ତ୍ତ ବିଭାଗ କନିଷ୍ଠ ଯନ୍ତ୍ରୀ ଗୋପାଳ ଚନ୍ଦ୍ର ବେହେରାଙ୍କ ସହ ଯୋଗାଯୋଗ କରିବାରୁ ବର୍ଷା ପାଣି ପଡ଼ିଲେ ମଧ୍ୟ ଛାତର କୌଣସି ଅସୁବିଧା ହେବନାହିଁ। ବର୍ଷା ସମୟରେ ଚାରିଆଡ଼େ ପଲିଥିନ ଘୋଡା ଯାଇଥିଲା। ଅପରପକ୍ଷେ ସେଠାରେ ଦାୟିତ୍ୱରେ ଥିବା ପୂର୍ତ୍ତ ବିଭାଗର ଜଣେ କର୍ମଚାରୀ କହିଛନ୍ତି, ପଲିଥିନ ଥିଲେ ତ ଛାତ ଘୋଡାଇବୁ।

## ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ, ଅସୁବିଧା ନାହିଁ କହିଲେ ଯନ୍ତ୍ରୀ



ବର୍ଷା ପାଣି ଗଚ୍ଛିତ ଥିବା ବେଳେ ଛାତ ପଡୁଛି ।

# ଶ୍ରୀ ନୀଳମାଧବ ଜୀଉଙ୍କ ପୀଠରେ ଦୟଣାଚୋରି ନୀତି ସମ୍ପନ୍ନ

ଖଣ୍ଡପଡା,୫।୪(ସ୍ୱ.ପ୍ର.)

ଜଗନ୍ନାଥ ସଂସ୍କୃତିର ଆଦିପୀଠ କଣ୍ଟିଲୋ ଶ୍ରୀନୀଳମାଧବ ପୀଠରେ ଶ୍ରୀଜୀଉଙ୍କ ଦୟଣା ଚୋରୀ ନୀତି ବୁଧବାର ପବିତ୍ର ଚୈତ୍ରମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ରାତିରେ ସମ୍ପନ୍ନ ହୋଇଛି । ଶ୍ରୀଜୀଉଙ୍କ ପାରମ୍ପରିକ ସନ୍ଧ୍ୟାନୀତି ଓ ଦକ୍ଷିଣ ଘର ଭୋଗ ପରେ ନୀଳମାଧବ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହମଙ୍କୁ ମହାପ୍ରଭୁଙ୍କ ଆଜ୍ଞାମାଳଲାଗି କରାଯାଇ ପରେ ସୁସଜ୍ଜିତ ବିମାନରେ ଠାକୁରଙ୍କୁ ବିଜେ କରାଯାଇଥିଲା । ଏହାପରେ ଘଣ୍ଟ, ଘଣ୍ଟା କାହାଳୀ ପରୁଆରରେ ସିଂହଦ୍ୱାର ନିକଟସ୍ଥ ଦୟଣାଚୋରୀ ବଗିଚାକୁ ବିଜେ କରାଯାଇଥିଲା । ବଗିଚା ପରିସରରେ ଶ୍ରୀଜୀଉଙ୍କୁ ବିଜେ କରାଯାଇ ପୁରୋଧା ପ୍ରସନ୍ନ ମିଶ୍ରଙ୍କ ଦ୍ୱାରା ପୂଜାର୍ଚ୍ଚନା ସହିତ ହୋମଯଜ୍ଞ କରାଯାଇଥିଲା । ପ୍ରସାଦ ଲାଗି କରାଯାଇ ବନ୍ଦାପନା ଓ ଚାମର ଆଲଟ କରାଯାଇଥିଲା । ଠାକୁରଙ୍କ ଶ୍ରୀହସ୍ତରେ ଦୟଣା ଗଛ ରଖାଯାଇ ଯଥାବିଧି ନୀତି ସମ୍ପନ୍ନ ହୋଇଥିଲା । ମଦନମୋହନ ମନ୍ଦିରକୁ ପ୍ରତ୍ୟାବର୍ତନ କଲାପରେ ରାତ୍ର ଧୂପ ଓ ବଡ଼ସିଂହାର ପରେ ଦେବ ଦେବୀଙ୍କ ଶ୍ରୀ ଅଙ୍ଗରେ ଦୟଣା ଲାଗି କରାଯାଇ ଶୀତଳ ଭୋଗ ଅର୍ପଣ କରାଯାଇଥିଲା । ମୁଖ୍ୟପୂଜକ ପ୍ରସନ୍ନ ମିଶ୍ର ଓ ମହାପତ୍ରୀ କୁଳମଣି ମିଶ୍ର ସମସ୍ତ କାର୍ଯ୍ୟ ସମ୍ପାଦନା କରିଥିଲେ । ଏହି ନୀତି ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

# ରାବଣଙ୍କ ଦ୍ୱାରା ସୀତା ହରଣ

## ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ଷଷ୍ଠ ରଜନୀ



ଦଶପଲ୍ଲା,୫।୪(ଡି.ଏନ୍.ଏ.)

ମହାବୀର କ୍ଷେତ୍ର ଦଶପଲ୍ଲା ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରାର ଷଷ୍ଠ ଦିବସରେ ପ୍ରଭୁ ଶ୍ରୀ ରଘୁନାଥଙ୍କ ମନ୍ଦିରରେ ସୁପଣଖା ନାସାକର୍ଣ୍ଣଛେଦନ, ଖର, ଦୂଷଣ, ତ୍ରିଶିରାଙ୍କ ସହିତ ଯୁଦ୍ଧ , ମାୟାମୃଗ ଓ ସୀତା ହରଣ ନୀତି ପାରମ୍ପରିକ ରୀତିରେ ଶେଷ ହୋଇଛି । ରାତିରେ ମୂଖ୍ୟମଞ୍ଚରେ କଳାକାରମାନଙ୍କ ଦ୍ୱାରା ରାମଲୀଳା ମଞ୍ଚସ୍ଥ ହୋଇଥିଲା । ପ୍ରଭୁ ରାମଚନ୍ଦ୍ର ବନବାସରେ ଶ୍ରୀରାମ ଲକ୍ଷ୍ମଣ ପଞ୍ଚବଟୀର ମନୋରମ ପତ୍ର କୁଟୀରରେ ଅବସ୍ଥାନ କରୁଥିଲେ। ସେ ସମୟରେ ଲଙ୍କାପତି ରାବଣର ଭଉଣୀ ସୁପଣଖା ରାକ୍ଷାସୀ ଶ୍ରୀରାମଙ୍କ ପ୍ରତି ଆକର୍ଷିତ ହୋଇ, ଏକ ସୁନ୍ଦର ନାରୀ ରୂପ ଧାରଣ କରି ପ୍ରେମ ନିବେଦନ କରିବା ସହିତ ବିବାହ ପ୍ରସ୍ତାବ ଦେଇଥିଲେ । ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣଙ୍କୁ ପଚାର ବୋଲି କହିବାପରେ ,ଲକ୍ଷ୍ମଣଙ୍କଠାରୁ ନାସ୍ତିବାଣୀ ଶୁଣି ମାତା ସୀତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟତ ହୁଅନ୍ତେ, ଲକ୍ଷ୍ମଣ ସୁପଣଖାଙ୍କ ନାସାକର୍ଣ୍ଣ ଛେଦନ କରିଥିଲେ । ତାଙ୍କର ଏଭଳି ଅବସ୍ଥା ଦେଖି, ଖର ,ଦୂଷଣ , ତ୍ରିଶିରା ଆଦି ରାକ୍ଷାସ ଭାଇ ଆସି ଶ୍ରୀ ରାମ, ଲକ୍ଷ୍ମଣଙ୍କ ସହିତ ଯୁଦ୍ଧ କରି ନିହତ ହୋଇଥିଲେ। ଏହି ଖବର ଲଙ୍କାପତି ରାବଣଙ୍କ ପାଖରେ ପହଞ୍ଚିବା ପରେ,ସେ ମାରିଚଙ୍କୁ ମାୟା ସ୍ୱର୍ଣ୍ଣ ମୃଗ ରୂପ ଧାରଣକରି ପଞ୍ଚବଟି ରେ ଭ୍ରମଣ କରି ସୀତାଙ୍କୁ ତାଙ୍କ ପ୍ରତି ଆକର୍ଷିତ କରାଇଥିଲେ । ଏହାପରେ ରାବଣ ସୀତାଙ୍କୁ ଅପହରଣ କରିଥିଲେ।

# ବ୍ୟାଙ୍କ ପାଖରୁ ୧୭ ଲକ୍ଷ ଲୁଟ ଘଟଣା, ୬ ଗିରଫ

ଫୁଲବାଣୀ ଅଫିସ, ୫।୪

ଫୁଲବାଣୀ ସହର ଆକ୍ସିସ ବ୍ୟାଙ୍କ ପାଖରୁ ୧୭ ଲକ୍ଷ ୫୦ ହଜାର ଟଙ୍କା ଲୁଟ୍ ଘଟଣାରେ କନ୍ଧମାଳ ଜିଲା ପୋଲିସ କଳାହାଣ୍ଡି ପୋଲିସ ସହାୟତାରେ ଲୁଟେରା ଗ୍ୟାଙ୍ଗର ୬ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଗଞ୍ଜାମ ଜିଲା ଆସିକା ଥାନା ପକଲାପାଲି ଅଞ୍ଚଳର ଏ.କିଶୋର ଓରଫ୍ ଏ.ଶ୍ରୀକାନ୍ତ, ଆଇବି କ୍ୟାମ୍ପ ଅଞ୍ଚଳର ଏ.ହରି ଓରଫ୍ ଆଙ୍କଟେସ, କିଶୋରଙ୍କ ମା' ଏମ୍.ଲିଲି, ହରିଙ୍କ ବାପା ଏମ୍.ପାଣ୍ଡୁ, ଆସିକା ଅଞ୍ଚଳର ସରସ୍ୱତୀ ଓରଫ୍ ସରଶା ଦାସ, କାର ଡ୍ରାଇଭର ଲିଟୁ ଗୌଡ଼। ବୁଧବାର ଫୁଲବାଣୀ ଟାଉନ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ନେଇ ଏସ୍ପି ଶୁଭେନ୍ଦୁ କୁମାର ପାତ୍ର ସୂଚନା ଦେଇଛନ୍ତି। ଲୁଟେରାମାନେ ଲୁଟ କରିବା ପରେ ଫେରାର ହୋଇ ଯାଇଥିଲେ। ଟାଉନ ଥାନା ପୋଲିସ ସହରର ବିଭିନ୍ନ ସିସିଟିଭି ଫୁଟେଜକୁ ସଂଗ୍ରହ କରି ତଦନ୍ତ ଆରମ୍ଭ କରିଥିଲା। ଜଣେ ଏଏସ୍ଆଇ ଲୁଟେରାଙ୍କୁ ଚିହ୍ନିବାରୁ ସେମାନଙ୍କୁ ଧରିବା ପାଇଁ ସହରର ଚାରିଆଡେ ନାକାବନ୍ଦୀ କରା ଯାଇଥିଲା । ମଙ୍ଗଳବାର ସନ୍ଧ୍ୟାରେ ଆସ୍କା ଅଞ୍ଚଳରୁ ଏକ କାରକୁ ଲୁଟେରାମାନେ ଖସାଇ ନେଇଥିଲା । ପୋଲିସ ଖବର ପାଇବା ପରେ ସେମାନଙ୍କୁ ପିଛା କରିଥିଲା । ଗାଡିଟି କଳାହାଣ୍ଡି ଜିଲା କେସିଙ୍ଗା ଆଡକୁ ଯାଉଥିବା ଦେଖି କେସିଙ୍ଗା ପୋଲିସକୁ ଖବର ଦିଆଯାଇଥିଲା । ରାତି ୧୦ଟାରେ ପୋଲିସ ଏହି ଲୁଟେରା ଗ୍ୟାଙ୍ଗକୁ ଧରିଥିଲା । ସେମାନଙ୍କ ପାଖରୁ ଲୁଟ ହୋଇଥିବା ସମସ୍ତ ଟଙ୍କା, ୭ଟି ଫୋନ, ଡିକି ଭାଙ୍ଗିବାକୁ ଚାବି, କାର, ବାଇକ ଜବତ୍ କରାଯାଇଛି । ଏମାନଙ୍କ ନାମରେ ସମ୍ବଲପୁର, ପୁରୀ, ନୟାଗଡ, ଭଦ୍ରକ, ବିହାର ଆଦି ଅଞ୍ଚଳରେ ମାମଲା ରହିଛି । ଘଟଣାର ଆହୁରି ତଦନ୍ତ ପାଇଁ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଏସ୍ପି କହିଛନ୍ତି । ଖବରଦାତା ସମ୍ମିଳନୀରେ ଫୁଲବାଣୀ ଏସ୍ଡିପିଓ ସୁପ୍ରଶନ୍ନ ମଲ୍ଲିକ, ଥାନାଧିକାରୀ ଅଶୋକ କୁମାର ଗିରି, ଗୋଚ୍ଛପଡା ଥାନାଧିକାରୀ ରଂଜିତ କୁମାର ମୁନୀଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ସୁଚନାଯୋଗ୍ୟ, ଗତ ୩ ତାରିଖରେ ବ୍ୟବସାୟୀ ଶାସ୍କର ପାତ୍ରଙ୍କ ଭାଇ ଅଶ୍ୱିନୀ ଏବଂ କର୍ମଚାରୀ ରମେଶ ପ୍ରଧାନ ଏକ ବ୍ୟାଗରେ ଟଙ୍କା ଧରି ଜମା କରିବାକୁ ପ୍ରଥମେ ଷ୍ଟେଟ ବ୍ୟାଙ୍କ ଯାଇଥିଲେ । ସେଠାରେ ଟଙ୍କା ଜମା କରିବା ପରେ ବାକି ୧୭ ଲକ୍ଷ ୫୦ ହଜାର ଟଙ୍କା ଧରି ଆକ୍ସିସ ବ୍ୟାଙ୍କକୁ ବାହାରି ଥିଲେ । ବ୍ୟାଙ୍କ ଠାରୁ ମାତ୍ର ୨୦/୩୦ ମିଟର ଦୂରରେ ଏକ ବାଇକରେ ଦୁଇ ଜଣ ଯୁବକ ପଛରୁ ଆସି ସ୍କୁଟିକୁ ଗୋଇଠା ମାରିଥିଲେ। ଫଳରେ ଟଙ୍କା ନେଇ ଯାଉ ଥିବା ବ୍ୟବସାୟୀ ଏବଂ କର୍ମଚାରୀ ତଳେ ପଡି ଯାଇଥିଲେ ।



ଗିରଫ ଲୁଟେରା ଗ୍ୟାଙ୍ଗ ସଦସ୍ୟ ।

## ସଂକ୍ଷେପରେ

### ବାଘନଟାରେ ମହାବୀର ଜୟନ୍ତୀ



ପାଣିକୋଇଲି,୫।୪(ଡି.ଏନ.ଏ.): କୋରେଇ ବ୍ଲକ ଅନ୍ତର୍ଗତ କରଦା ପଞ୍ଚାୟତର ବାଘନଟା ଗ୍ରାମରେ ମହାବୀର ଜୟନ୍ତୀ ଓ ଅହୋରାତ୍ର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ମହାବୀର ମନ୍ଦିର ପ୍ରାଙ୍ଗଣରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜନାର୍ଦ୍ଦନ ସେନାପତିଙ୍କ ସଞ୍ଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବହୁ କୀର୍ତ୍ତନ ଦଳ ଭାଗ ନେଇ ନାମଯଜ୍ଞରେ ସାମିଲ ହୋଇଥିଲେ।

### ବେଦାନ୍ତ ଫେଙ୍କର ପକ୍ଷରୁ ଟେଲରିଂ ପ୍ରଶିକ୍ଷଣ, କିଟ୍ ପ୍ରଦାନ

କାଳିଆପାଣି,୫।୪(ଡି.ଏନ.ଏ.): ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଁସୋଳ ପଞ୍ଚାୟତ କଲରଙ୍ଗୀ ଗ୍ରାମର ମହିଳାମାନଙ୍କୁ ବେଦାନ୍ତ ଫେଙ୍କର କମ୍ପାନୀ ପକ୍ଷରୁ ୨ ମାସ ଟେଲରିଂ ପ୍ରଶିକ୍ଷଣ ପ୍ରଦାନ ପରେ ସୋମବାର ଏକ କାର୍ଯ୍ୟକ୍ରମରେ ସିଲାଇ ନିମନ୍ତେ ବିଭିନ୍ନ କିଟ୍ ପ୍ରଦାନ କରାଯାଇଛି। କଲରଙ୍ଗୀ ଗ୍ରାମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କମ୍ପାନୀର କଲରଙ୍ଗୀ ଖଣି ପ୍ରବନ୍ଧକ ସାରସ୍ୱତ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଟେଲରିଂ ମାଧ୍ୟମରେ ମହିଳାମାନେ ନିଜେ ସ୍ୱାବଲମ୍ବୀ ହେବା ସହ ପରିବାରକୁ ଆର୍ଥିକ ସହାୟତା ଯୋଗାଇବାରେ ସହାୟକ ହେବେ ବୋଲି ପ୍ରକାଶ କରିଥିଲେ। ପରେ ମହିଳାଙ୍କୁ କିଟ୍ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ଓ କେତେଜଣ ସାମାଜିକ କର୍ମୀ ଉପସ୍ଥିତ ଥିଲେ।

### ଚୋରଦା ଯୋଗ କେନ୍ଦ୍ରର ବାର୍ଷିକ ଉତ୍ସବ

ଯାଜପୁର ରୋଡ,୫।୪(ଡି.ଏନ.ଏ.): ନିୟମିତ ଯୋଗାଭ୍ୟାସରେ ଶରୀର ଓ ମନ ସୁସ୍ଥ ରହିଥାଏ ବୋଲି କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ପ୍ରକାଶ କରିଛନ୍ତି । ଆଇନଜୀବୀ ବିବେକାନନ୍ଦ ମହାନ୍ତିଙ୍କ ପରିଚାଳନାରେ ବୁଧବାର ଚୋରଦା ଯୋଗ କେନ୍ଦ୍ରର ପଞ୍ଚମ ବାର୍ଷିକ ଉତ୍ସବରେ ଅତିରିକ୍ତ ଜିଲାପାଳ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଯୋଗଗୁରୁ ବଟକୃଷ୍ଣ ପ୍ରଧାନଙ୍କୁ ପ୍ରଶଂସା କରିଥିଲେ। ସାମାଜିକ କର୍ମୀ ଓ ସଙ୍ଗଠକ ବିଦ୍ୟାଧର ମହାନ୍ତି, କାଉନସିଲର ମନୀନ୍ଦ୍ର କୁମାର ସାହୁ, ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଚନ୍ଦ୍ରମଣି ସାମଲ, ବରିଷ୍ଠ ଖବରଦାତା ଚିନ୍ତାମଣି ପାଢ଼ୀ ଅତିଥି ଭାବେ ଯୋଗଦେଇ ଯୋଗର ବିଭିନ୍ନ ଉପକାରିତା ବିଷୟରେ ପରାମର୍ଶ ଦେଇଥିଲେ । ଏହି ଅବସରରେ ପ୍ରେସ ଫୋରମର ସଭାପତି ଅଭୟ ପତି ଜାତୀୟ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ କୁ ନିର୍ବାଚିତ ହେଇଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ରବିନାରାୟଣ ପଣ୍ଡା, କମଳ ଲୋଚନ ସାହୁ, ଲୋକନାଥ ରାଉତ, କୈଳାସ ବେହେରା, ରାଜେନ୍ଦ୍ର ପାଣିଗ୍ରାହୀ, ନିରଞ୍ଜନ ଜେନା, ଦିଲ୍ଲୀପ ସାହୁ, ବିଜୟ ଦାସ, ଲିପୁ ବରାଳ, ଅଞ୍ଜଳି ସାହୁ, କୁନି ପୁହାଣ, ସନ୍ଧ୍ୟାରାଣୀ ଜେନା, ପ୍ରଭାସିନୀ ଜେନା, ସୁସ୍ମିତା ମହାନ୍ତି, ପୂର୍ବତନ ବାୟୁ ସେନା ଅଧିକାରୀ ମହେଶ୍ୱର ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଗୋରୁ ବୋଝେଇ ଗାଡ଼ି ଜବତ

ଭଣ୍ଡାରିପୋଖରୀ,୫।୪(ସ୍ୱ.ପ୍ର.): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଛତାବର ଟୋଲ୍‌ଗେଟ ନିକଟରୁ ବୁଧବାର ବେଆଇନ ଗୋରୁ ବୋଝେଇ ୨ ପିକ୍‌ଅପ୍ ଭ୍ୟାନ ଜବତ ହୋଇଛି। ଏହି ଗାଡ଼ି ଦୁଇଟି କଟକରୁ ବାଲେଶ୍ୱର ଅଭିମୁଖେ ଆସୁଥିଲା ବେଳେ ପାଣିକୋଇଲିଠାରୁ ବଜରଙ୍ଗ ଦଳର ସଦସ୍ୟମାନେ ଏହାକୁ ଧରିବା ପାଇଁ ଚେଷ୍ଟା କରିଥିଲେ। ଅପରାହ୍ନ ୩ଟା ବେଳେ ଛତାବର ଟୋଲ୍‌ଗେଟଠାରେ ବଜରଙ୍ଗୀ ଦଳର ସଦସ୍ୟ ଓ ସ୍ଥାନୀୟ ଲୋକେ ଗାଡ଼ି ଦୁଇଟିକୁ ଅଟକାଇଥିଲେ। ତେବେ ଏସ୍କଟ ଦେଇ ଆସୁଥିବା ମାଫିଆମାନେ ଖସିଯିବାକୁ ସକ୍ଷମ ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଗାଡ଼ି ଦୁଇଟିକୁ ଜବତ କରିଥିବା ବେଳେ ବୋଝେଇ ହୋଇଥିବା ଗୋରୁଗୁଡ଼ିକୁ ଉଦ୍ଧାର କରିଥିଲେ। ୨ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଥିବା ବେଳେ ଉଦ୍ଧାର ୧୨ ଗୋରୁଙ୍କୁ ମଇତାପୁର ଗୋ ଶାଳାକୁ ପଠାଇ ଦିଆଯାଇଛି।

# ଜଙ୍ଗଲ ଜମି କିସମ ପରିବର୍ତ୍ତନ ଏକ ବାହାନା

**ରେଙ୍ଗାଲି ବହୁମୁଖୀ ଯୋଜନା**

- ଘୁଞ୍ଚି ଚାଲିଛି ସମୟ ସୀମା
- ୨୦୨୬ ଜୁନ ସୁଦ୍ଧା ସାରିବାକୁ ପ୍ରସ୍ତାବ

ଯାଜପୁର ଅଫିସ,୫।୪



ରେଙ୍ଗାଲି ଡ୍ୟାମ୍ ବାମପାର୍ଶ୍ୱ କେନାଲ।

ବ୍ରାହ୍ମଣୀ ନଦୀ ଉପରେ ଜାପାନ ଇଣ୍ଟରନ୍ୟାଶନାଲ କୋଅପରେଟିଭ ଏଜେନ୍ସି(ଜେଆଇସିଏ) ବା ଜାଇକା ଅଧୀନ ରେଙ୍ଗାଲି ବହୁମୁଖୀ ଯୋଜନା ସାରିବାକୁ ବିଭାଗୀୟ ସମୟସୀମା ଘୁଞ୍ଚି ଘୁଞ୍ଚି ଚାଲିଛି। ୨ ବର୍ଷ ତଳେ ୨୦୨୪ରେ ଏହି ପ୍ରକଳ୍ପ ସାରିବାକୁ ବିଭାଗୀୟ ପ୍ରତିଶ୍ରୁତି ମିଳିଥିବାବେଳେ ଏବେ ତାହା ୨୦୨୬ ଜୁନ ପର୍ଯ୍ୟନ୍ତ ଘୁଞ୍ଚେଇବାକୁ ପ୍ରସ୍ତାବ ଦିଆଯାଇଛି। ଜଙ୍ଗଲ ଜମି କିସମ ପରିବର୍ତ୍ତନ ସମସ୍ୟାକୁ ବାହାନା କରି ଏଭଳି ପଦକ୍ଷେପ ନିଆଯାଇଥିବା ବିଭାଗୀୟ ରିପୋର୍ଟରେ ସ୍ପଷ୍ଟ ହୋଇଛି। ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ହେଲା ଏହି ପ୍ରକଳ୍ପର ପରିକଳ୍ପନା କରାଯାଇ ଶେଷ ହେବାର ନାମ ଧରୁ ନ ଥିବାରୁ ସମ୍ପୃକ୍ତ ଚାଷୀମାନଙ୍କ ମଧ୍ୟରେ ଜଳସେଚନ ଆଶା କ୍ଷୀଣ ହେବାରେ ଲାଗିଛି ବୋଲି ମତପ୍ରକାଶ ପାଇଛି।

ଜାଇକା ଜରିଆରେ ବନ୍ୟା ନିୟନ୍ତ୍ରଣ, ଜଳ ବିଦ୍ୟୁତ୍ ପ୍ରକଳ୍ପ ଓ ଜଳସେଚନ ଏହି ବୃହତ୍ ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ରହିଛି । ଏଥିପାଇଁ ରାଇଟ୍ ବ୍ୟାଙ୍କ କେନାଲ(ଆରବିସି) ଓ ଲେଫ୍ଟ ବ୍ୟାଙ୍କ କେନାଲ(ଏଲ୍‌ବିସି) ନାମରେ ଦୁଇଟି କେନାଲ ନିର୍ମାଣ କାର୍ଯ୍ୟ ଚାଲିଛି । ଲେଫ୍ଟ ବ୍ୟାଙ୍କ କେନାଲ ଅର୍ଥାତ୍ ବାମ ପାର୍ଶ୍ୱ କେନାଲ ଯାଜପୁର ଜିଲାକୁ ପ୍ରବେଶ କରିଛି । ରେଙ୍ଗାଲି ବାମପାର୍ଶ୍ୱ କେନାଲର ଦୈର୍ଘ୍ୟ ୧୪୧ କିମି ଏବଂ ଏଥିରେ ୧,୧୪,୩୦୦ ହେକ୍ଟର ଜମିରେ ପାଣି ମାଡ଼ିବାକୁ ପରିକଳ୍ପନା କରାଯାଇଛି। ୨୦୧୫ ମାର୍ଚ୍ଚରେ କେନାଲ ସିଷ୍ଟମ କାର୍ଯ୍ୟକାରୀ କରିବାକୁ ଜାଇକା ସହ ୨୨୫୦ କୋଟି ଟଙ୍କାର ଋଣ ଚୁକ୍ତି ହୋଇଥିଲା । ଏହି କେନାଲ ଜରିଆରେ ଢେଙ୍କାନାଳ, ଯାଜପୁର ଓ କେନ୍ଦୁଝର ଜିଲାର ୩୯,୪୧୬ ହେକ୍ଟର ଜମିରେ ପାଣି ମାଡ଼ିବ ବୋଲି ଧାର୍ଯ୍ୟ ହୋଇଥିଲା । ହେଲେ ଜଙ୍ଗଲ ଜମି କିସମ ପରିବର୍ତ୍ତନ କରିବାରେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ମନୋଭାବ ଯୋଗୁ ଏହି ଲକ୍ଷ୍ୟ ବହୁମାତ୍ରାରେ ପରାହତ ହୋଇଛି। ଏହି କେନାଲର ଆରଡି ୧୦୦.୪୯ କିମିଠାରୁ ୧୦୭ କିମି ପର୍ଯ୍ୟନ୍ତ ସଂଯୋଗ ହୋଇ ପାରିନାହିଁ। ତେଣୁ ଏହି କାର୍ଯ୍ୟକୁ ୨୦୨୩ ଜୁନ ସୁଦ୍ଧା ଶେଷ କରିବାକୁ ବିଭାଗୀୟ ସମୀକ୍ଷା ବୈଠକରେ ପରାମର୍ଶ ଦିଆଯାଇଛି। ଏହାବାଦ୍ ଜଙ୍ଗଲ ଜମି କିସମ ପରିବର୍ତ୍ତନ ଡିସେମ୍ବର ସୁଦ୍ଧା ଏବଂ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ ୨୦୨୪ ଜାନୁୟାରୀ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ୧୬୮୬.୫୦ ହେକ୍ଟର ଜଙ୍ଗଲ କିସମ ଜମି ପରିବର୍ତ୍ତନ ହୋଇଛି। ଏହା ସହ ୪୨୩ ହେକ୍ଟର ନୂତନ ଜଙ୍ଗଲ କିସମ ଜମି ପରିବର୍ତ୍ତନ ପ୍ରସ୍ତାବ ଦିଆଯାଉଛି। ଏଥିପାଇଁ ସମ୍ପୃକ୍ତ ଜିଲାପାଳଙ୍କ ଅନୁମତି ନିଆଯାଇ ଆବଶ୍ୟକ ସର୍ଭେ କାର୍ଯ୍ୟ ୨୦୨୩ ମେ ସୁଦ୍ଧା ସାରିବାକୁ ନିର୍ଦ୍ଦେଶ ହୋଇଛି। ଅନ୍ୟପକ୍ଷେ ଡାହାଣ ପାର୍ଶ୍ୱ କେନାଲ ପାଇଁ ୧୬୮୬.୫୦ ହେକ୍ଟର ଜଙ୍ଗଲ ଜମି କିସମ ପରିବର୍ତ୍ତନ ପାଇଁ ଅନୁମତି ହାସଲ ହୋଇଛି। ଏହାବାଦ୍ ୪୨୩ ହେକ୍ଟର ନୂତନ ଜଙ୍ଗଲ କିସମ ଜମି ପରିବର୍ତ୍ତନ ପ୍ରକ୍ରିୟା ଜାରି ରହିଛି ବୋଲି ବିଭାଗୀୟ ସୂତ୍ରରୁ ଜଣାପଡିଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ୨୦୦୩ରୁ ଦ୍ୱିତୀୟ ପର୍ଯ୍ୟାୟ ପରିବେଶ ଅନୁମତି ପାଇଁ ଆବେଦନ କରିଥିଲେ ହେଁ ତାହା ଦୀର୍ଘ ୨୦ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ରେଙ୍ଗାଲି ବହୁମୁଖୀ ଯୋଜନା ପାଇଁ ୧୯୯୩ରେ ଜଳ ସମ୍ପଦ ବିଭାଗ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ମୋଟ ୨୧୫୯.୪୩ ହେକ୍ଟର ଜଙ୍ଗଲ ଜମିକୁ କିସମ ପରିବର୍ତ୍ତନ କରିବାକୁ ପରିବେଶ ଅନୁମତି ଲୋଡ଼ା ଯାଇଥିଲା । ସେଥିରୁ ୨୧।୧୧।୧୯୯୬ରେ ପ୍ରଥମ ପର୍ଯ୍ୟାୟ ଭାବେ ୨୧୦୭.୪୦୪ ହେକ୍ଟର ଜଙ୍ଗଲ ଜମି ପାଇଁ ପରିବେଶ ଅନୁମତି ମିଳିଥିଲା। ଏହାପରେ ୨୦୦୩ରେ ପୁଣି ଦ୍ୱିତୀୟ ପର୍ଯ୍ୟାୟ ଜଙ୍ଗଲ ଜମି ପାଇଁ ପରିବେଶ ଅନୁମତିଦେବାକୁ ଆବେଦନ ହୋଇଥିଲା। ତେବେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ (ଏମ୍‌ଓଇଏଫ୍) ୨୧ଟି ସର୍ତ୍ତରେ ଏହାକୁ ଅନୁମତି ଦେବାକୁ ପ୍ରସ୍ତାବ ରଖିଥିଲା। ଫଳରେ ଜଳ ସମ୍ପଦ ବିଭାଗ ପକ୍ଷରୁ ସମସ୍ତ ସର୍ତ୍ତକୁ ପାଳନ କରାଯାଇ ଅନୁଗୋଳ, ଢେଙ୍କାନାଳ, ଆଠଗଡ଼, କଟକ ଓ କେନ୍ଦୁଝର ଡିଭିଜନର ୧୨୯୫.୩୮୬୨ ହେକ୍ଟର ଜଙ୍ଗଲ ଜମିକୁ କିସମ ପରିବର୍ତ୍ତନ କରିବାକୁ ପୁଣି ୨୦୧୪ରେ ଆବେଦନ ହୋଇଥିଲା, ଯାହାକି ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ପାରିନାହିଁ । ଏ ସଂକ୍ରାନ୍ତରେ ୨୪।୩।୨୦୨୩ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସମୀକ୍ଷା ବୈଠକ ହୋଇଥିଲା। ବୈଠକର ରିପୋର୍ଟ ଅନୁସାରେ ଆଗାମୀ ଦିନରେ ଅନୁପାଳନ କରିବାକୁ ଜଳ ସମ୍ପଦ ବିଭାଗ ପକ୍ଷରୁ ଅଧସ୍ତନ ସଚିବ ବି.ସି. ରାଉତ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ସୂଚନା ଦେଇଛନ୍ତି।

## ଦୁର୍ଘଟଣାର ୧୭ ଦିନ ପରେ ଯୁବକ ମୃତ

ରଗଡି,୫।୪(ଡି.ଏନ.ଏ.) :



ଯାଜପୁର ଜିଲା । କୋରେଇ ବ୍ଲକ ଅନ୍ତର୍ଗତ ଅସନଝର ପଞ୍ଚାୟତ ସୋଲବନ୍ଧି ଗ୍ରାମର ଶରତ ରାଉତ(୩୨) ଦୁର୍ଘଟଣାର ୧୭ ଦିନ ପରେ ବୁଧବାର ପୂର୍ବାହ୍ନ ସାଢେ ୯ଟାରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୧୯ ତାରିଖ ସୋଲବନ୍ଧି ରାସ୍ତାରେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହୋଇଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ଗ୍ରାମବାସୀଙ୍କ ସହଯୋଗରେ ଯାଜପୁର ମେଡିକାଲ ଏବଂ ପରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ତାଙ୍କ ମୃତ୍ୟୁ ଖବର ପାଇ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, କୋରେଇ ବିଧାୟକ ଅଶୋକ କୁମାର ବଳ, କୋରେଇ ବ୍ଲକ ସଭାପତି ଭକ୍ତବତ୍ସଳ ସ୍ୱାଇଁ, ଅନ୍ଧାରୀ ପଞ୍ଚାୟତର ସରପଞ୍ଚ ରାଜେନ୍ଦ୍ର କୁମାର ରାଉତରାୟ, କନ୍ତର ସରପଞ୍ଚ ସାରଙ୍ଗ ପ୍ରଧାନଙ୍କ ସମେତ ଚୈତନ୍ୟ ବାରିକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭିକାରୀ ଚରଣ ବରାଳ, ବିଜୟ କୁମାର ଖଟୁଆ, ଅଭିମନ୍ୟୁ ରାଉତ ଶୋକବ୍ୟକ୍ତ କରିଛନ୍ତି। ଶରତଙ୍କ ଗୋଟିଏ ଝିଅ ଓ ପୁଅ ଅଛନ୍ତି ।

# ସରକାରୀ ଜମିରୁ ରାତିଅଧିଆ ମୋରମ ଲୁଟ୍

**ବ୍ୟାସନଗର ତହସିଲରେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ଅଣାୟତ୍ତ**

କୋରେଇ,୫।୪(ଡି.ଏନ.ଏ.):



ସରକାରୀ ଜମିରୁ ମୋରମ ଖୋଳାଯାଇଛି ।

ଯାଜପୁର ଜିଲା ବ୍ୟାସନଗର ତହସିଲରେ ଲଘୁ ଖଣିଜ ସମ୍ପଦ ଚୋରା ଚାଲାଣ ବନ୍ଦ ହେବାର ନାଁ ଧରୁନାହିଁ। ବାଲି, ମାଟି, ମୋରମ, ମାଙ୍କଡା ପଥର ଆଦି ଚୋରାଚାଲାଣ କରି ମାଫିଆ ଅନେକ କୋଟି ଟଙ୍କା କମାଉଛନ୍ତି। ବ୍ୟାସନଗର ତହସିଲର କିଛି କର୍ମଚାରୀ ମଧ୍ୟ ଏଥିରେ ମାଫିଆଙ୍କୁ ସହଯୋଗ କରି ମୋଟା ଅଙ୍କର ମୁନାଫା ନେଉଥିବା ଆଲୋଚନା ହେଉଛି। ତହସିଲ ଅଧୀନ ପଛିକୋଟ ଆରଆଇ ସର୍କଲର ଆଖପାଖ ଅଞ୍ଚଳରେ ଜଙ୍ଗଲ ଓ ସରକାରୀ ଜମିରୁ ରୀତିମତ ମୋରମ ଚୋରି ହେଉଥିବା ଅଭିଯୋଗ ହେଉଛି। ହେଲେ ରାଜସ୍ୱ ବିଭାଗ ଏହାର ଟେର୍ ପାଉନାହିଁ।

ଏହି ଆରଆଇ ସର୍କଲ ପରମାନନ୍ଦପୁର ମୌଜା ଖାତା ନଂ.୪୮୦ ଏବଂ ପ୍ଲଟ ନଂ.୧୫୬୭ ସରକାରୀ ଜମିରୁ ମଙ୍ଗଳବାର ରାତିରେ ସ୍ଥାନୀୟ କିଛି ମାଫିଆ ଟ୍ରାକ୍ଟର ଯୋଗେ ଶତାଧିକ ଟ୍ରିପ୍ ମୋରମ ଚୋରାଚାଲାଣ କରିଛନ୍ତି। ଏହି ମୋରମକୁ ଟ୍ରିପ ପିଛା ୧୫୦୦ ଟଙ୍କାରେ କିଣି ପଛିକୋଟ ପଞ୍ଚାୟତ କଡ଼ମା ଗ୍ରାମର କିଛି ଠିକାଦାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) କାର୍ଯ୍ୟରେ ବ୍ୟବହାର କରୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଖୋଳା ଯାଉଥିବା ସ୍ଥାନଗୁଡ଼ିକରେ ବିଶାଳ କାୟ ଗର୍ତ୍ତ ସୃଷ୍ଟି ହେଉଥିବାବେଳେ ସରକାରଙ୍କ କୋଟିକୋଟି ଟଙ୍କାର ରାଜସ୍ୱ ହାନି ଘଟୁଛି।

ସେହିପରି ରଗଡ଼ି କାମୁଡ଼େଇ ଗ୍ରାମ ଉନ୍ନୟନ ରାସ୍ତା ନିର୍ମାଣ ଆଳରେ ଠିକାଦାର ତହସିଲର ବିନା ଅନୁମତିରେ ମା' କାମୁଡେଇ ନିକଟରେ ଥିବା ସରକାରୀ ଜମିରୁ ରାସ୍ତାର ମୂଳଦୁଆ ପାଇଁ ବିପୁଳ ମୋରମ ତାଡ଼ିନେଉଛନ୍ତି। ଏଥିସହିତ ପ୍ରତିଦିନ ଡ୍ରମ୍ପର ଯୋଗେ ୨/୩ ଟ୍ରିପ ସ୍ଥାନୀୟ ଅଞ୍ଚଳରେ ଗାଡ଼ି ପିଛା ୨ ହଜାରରେ ବିକ୍ରି କରି ରାସ୍ତା ନିର୍ମାଣରେ ନିଯୁକ୍ତ କରିଥିବା କିଛି ଯୁବକଙ୍କୁ ଦରମା ଆକାରରେ ଦେଉଥିବା ଆଲୋଚନା ହେଉଛି। ଏନେଇ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଠିକାଦାରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ମାଫିଆ ଓ କେତେଜଣ ରାଜସ୍ୱ କର୍ମଚାରୀଙ୍କ ସଲାସୁତୁରା ପାଇଁ ୩ ବର୍ଷ ମଧ୍ୟରେ ପଛିକୋଟ ଏବଂ କନ୍ତୋର ଆରଆଇ ସର୍କଲରୁ ମୋରମ ଓ ମାଙ୍କଡା ପଥର ଉପରେ ସରକାର ପ୍ରାୟ ୩ କୋଟି ଟଙ୍କାର ରାଜସ୍ୱ ହରାଇଥିବା ଆକଳନ କରାଯାଇଛି। ଏହାର ଏକ ଭିଜିଲାନ୍ସ ତଦନ୍ତ କରାଗଲେ ବାସ୍ତବ ସତ୍ୟ ପଦାକୁ ଆସିପାରନ୍ତା ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି। ଏନେଇ ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝିଙ୍କୁ ପଚାରିବାରୁ ସେ ଏହାର ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ନେବେ ବୋଲି କହିଛନ୍ତି।

## କଳାକାରଙ୍କ କଳା ସ୍ମୃତି ହୋଇ ରହିଥାଏ

ବରୀ,୫।୪(ଡି.ଏନ.ଏ.):

କଳାକାର ମରିଯାଏ, କିନ୍ତୁ ତାଙ୍କର କଳା ସବୁଦିନେ ଅଭୁଲା ହୋଇ ରହିଥାଏ। ସମାଜର ପରିବର୍ତ୍ତନ, ସାମାଜିକ ବ୍ୟବସ୍ଥା ଏବଂ କଳାପ୍ରେମୀଙ୍କୁ ଗୋଟିଏ ସୁତା ଖିଅରେ ଯୋଡ଼ି ରଖିବାର ମାଧ୍ୟମ ହୋଇଥାନ୍ତି ଜଣେ କଳାକାର। ସେ କଳା ପ୍ରଦର୍ଶନ ବେଳେ ନା ମନେ ରଖନ୍ତି ନିଜ ପରିବାରକୁ ନା ମନେ ରଖନ୍ତି ନିଜକୁ। କଳା କ୍ଷେତ୍ରରେ ନିଜେ ହଜିଯିବା ସହ ଦର୍ଶକଙ୍କୁ ହଜାଇବା କ୍ଷେତ୍ରରେ ତାଙ୍କର ଲକ୍ଷ୍ୟ ଥାଏ ବୋଲି ବରୀ ବ୍ଲକ୍ ମେଦୁଆକୂଳ ଗ୍ରାମର ଅଭିନେତା ତଥା ନିର୍ଦ୍ଦେଶକ ନକୁଳ ଚରଣ ବେହେରାଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଏହି ମତ ରଖିଛନ୍ତି। ସଭାରେ ଅର୍ଜୁନ ଚରଣ ରାଉତ ଅଧ୍ୟକ୍ଷତା କରିଥିଲେ। ବିଷ୍ଣୁଚରଣ ମହାନ୍ତି, ପୂର୍ବତନ ସରପଞ୍ଚ ବାବାଜୀ ଚରଣ ଦାସ, ମକରଧ୍ୱଜ ସାହୁ, ଡ. ନୃସିଂହ ବେହେରା, ସରପଞ୍ଚ ଧୀରେନ୍ଦ୍ର କୁମାର ଜେନା, ଡ. ଭାଗ୍ୟଧର ସାହୁ, ମନ୍ମଥ ନାଥ ଦାସ, ତରୁଣକାନ୍ତ ଦାସ, ହରିହର ପଣ୍ଡା, ଇଂ. ରବୀନ୍ଦ୍ର ଦାସ ଓ ଶିକ୍ଷକ ଦିଲୀପ କୁମାର ଦାସ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରା କଳା କ୍ଷେତ୍ରରେ ନିଜର ନିଷ୍ଠା ଓ ଏକାଗ୍ରତା ପାଇଁ ଅମର ହୋଇ ରହିବେ ବୋଲି କହିଥିଲେ।

# ହନୁମାନଙ୍କ ବାର୍ଷିକ ଉତ୍ସବ



ହନୁମାନଙ୍କ ବାର୍ଷିକ ଉତ୍ସବରେ ପୂଜାର୍ଚ୍ଚନା ଚାଲିଛି ।

ପାଣିକୋଇଲି,୫।୪(ଡି.ଏନ.ଏ.):

ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଞ୍ଚାୟତର ଓଚିନ୍ଦା ରୋଡ୍‌ରେ ଥିବା ମା'ନେଙ୍କୁରୁଣୁଣୀଙ୍କ ପୀଠରେ ହନୁମାନଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହନୁମାନଙ୍କ ପ୍ରତିମୂର୍ତ୍ତି ନିକଟରେ ଯଜ୍ଞ ଓ ନାମଯଜ୍ଞ କରାଯାଇଥିଲା। ପୂଜକ ପରମାନନ୍ଦ ଶତପଥୀ, ରାଧାକାନ୍ତ ଶତପଥୀ ଓ ପ୍ରଶନ୍ନ ପଣ୍ଡା ଯଜ୍ଞ କାର୍ଯ୍ୟ କରିଥିଲେ। ମନୋଜ ବେହେରା ସସ୍ତ୍ରିକ କର୍ତ୍ତାଭାବେ ଯୋଗ ଦେଇଥିଲେ। ମା'ଙ୍କ ପ୍ରତ୍ୟକ ଦିନର ସେବକ ନେଙ୍କୁରୀ ମାଝି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଯଜ୍ଞ କମିଟି ପକ୍ଷରୁ ଉତ୍ସବ ମହାରାଣା, ସତ୍ୟାନନ୍ଦ ମହାରଣା, ଦୀପକ ବେହେରା, କୁଳମଣି ଦାସ, ନରୋତ୍ତମ ସାମଲ, ସୁକାନ୍ତ ପ୍ରଧାନ, ସୋମନାଥ ନାୟକ, ବିଶ୍ୱଜିତ ମହାନ୍ତି, ଶୋଭିନ ପରିଡ଼ା, ମନୋଜ ବେହେରା, ସନ୍ତୋଷ ପାତ୍ର, ସରୋଜ ଶତପଥୀ, ଭାସ୍କର ସାହୁ, ବ୍ରହ୍ମାନନ୍ଦ ସାହୁ ଓ ମାୟାଧର ସାହୁଙ୍କ ସମେତ ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟ ଉପସ୍ଥିତ ରହି ସହାୟତା କରିଥିଲେ।

# ଆମ୍ବେଡକର ଜୟନ୍ତୀ ପାଳନ ପ୍ରସ୍ତୁତି



ବୈଠକରେ ଉପସ୍ଥିତ ଜିଲା ମୂଳ ନିବାସୀ ୟୁନାଇଟେଡ ଫୋରମ ସଦସ୍ୟ ।

ପାଣିକୋଇଲି,୫।୪(ଡି.ଏନ.ଏ.):

ବାବା ସାହେବ ଭିମରାଓ ଆମ୍ବେଡକରଙ୍କ ଜୟନ୍ତୀକୁ ଜିଲାସ୍ତରୀୟ ଭାବେ ପାଳନ କରାଯିବାକୁ ନେଇ ପାଣିକୋଇଲି ଦାଣ୍ଡି ଦଳିତ ସାହିରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ମୂଳ ନିବାସୀ ୟୁନାଇଟେଡ ଫୋରମ ପକ୍ଷରୁ ଅନୁଷ୍ଠିତ ବୈଠକରେ ଜିଲାର ସମସ୍ତ ବ୍ଲକରୁ ବାଇକ୍ ଶୋଭାଯାତ୍ରା ଆସି ପାଣିକୋଇଲିରେ ପହଞ୍ଚିବା ପରେ ଜୟନ୍ତୀ ପାଳନ କରାଗିବାକୁ ସ୍ଥିର କରାଯାଇଛି। ଜିଲା ସଭାପତି ଆର୍ତ୍ତତ୍ରାଣ ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲା ଉପସଭାପତି ଶ୍ରୀଧର ଯେନା, ସମ୍ପାଦକ ବାପି ଯେନା, ପ୍ରଭାରୀ ଶାସ୍ତ୍ରୀ ବାହାଦୂର ପ୍ରଧାନ, ମଧୁସୂଦନ ଖୁଣ୍ଟିଆ, ରାମ ଚନ୍ଦ୍ର ବାରିକ, ଶସ୍ମିତା ଯେନା, ମନୋଜ ମଲିକ, ସୁରେନ୍ଦ୍ର ମଲିକ, ବିକାଶ ମଲିକ, କାର୍ତ୍ତିକ ମଲିକ, ସହଦେବ ମଲିକ, ନଣ୍ଡା ମଲିକ ଓ ପରମାନନ୍ଦ ଯେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବ୍ୟାସନଗର ସହର ବନ୍ଦ ଚେତାବନୀ

**ବ୍ୟାସନଗର କ୍ରିୟାନୁଷ୍ଠାନ କମିଟିର ଆନ୍ଦୋଳନ**

ଯାଜପୁର ରୋଡ,୫।୪(ଡି.ଏନ.ଏ.) :




ବ୍ୟାସନଗର କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଧାରଣାରେ ବସିଛନ୍ତି ।

ବ୍ୟାସନଗର ସହରର ସର୍ବାଙ୍ଗୀନ ବିକାଶ ପାଇଁ ବ୍ୟାସନଗର କମିଟି ୨୦୦୧ରୁ ଗଢି ଉଠିଛି। ଏହି କମିଟି ଜରିଆରେ ବିଭିନ୍ନ ଆନ୍ଦୋଳନ ଓ ଦାବି ଉପସ୍ଥାପନ କରି ଅନେକ କାର୍ଯ୍ୟ ହାସଲ ହୋଇ ପାରିଛି। ହେଲେ ବର୍ତ୍ତମାନ ବ୍ୟାସନଗର ସହରର ବିକାଶରେ ପ୍ରଶାସନିକ ଟାଳଟୁଲ ନୀତି ସହରବାସୀଙ୍କୁ ଅତିଷ୍ଠ କରିଛି। ସହରକୁ ଦୁଇଭାଗ କରୁଥିବା ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନ ରେଲୱେ ଲାଇନର ସାଇ ମନ୍ଦିର ନିକଟରେ ଫ୍ଲାଏ ଓଭର ବ୍ରିଜ କିମ୍ବା ଗଳିପୋଲ ନିର୍ମାଣ ସହ ରେଳ ଜଙ୍କସନ୍ ଓ ସମସ୍ତ ରେଳଗାଡି ଯାଜପୁର ରୋଡ ଷ୍ଟେଶନରେ ରହିବା, ରେଳଷ୍ଟେଶନର ନାମ ପରିବର୍ତ୍ତନ କରାଯାଇ ନିୟୁ ବ୍ୟାସନଗର ରଖିବା, ବ୍ୟାସ ସରୋବର ବିକାଶ ଉପରେ ଏନଜିଟିର ସ୍ଥଗିତାଦେଶକୁ ହଟାଇବା, ବ୍ୟାସନଗରଠାରେ ୧୦୦ ଶଯ୍ୟା ବିଶିଷ୍ଟ ମଲ୍ଟି ସ୍ପେଶିଆଲିଷ୍ଟ ହସ୍ପିଟାଲ ନିର୍ମାଣ, ହୋଲଡିଂ ଟିକସ ବୃଦ୍ଧି ଇତ୍ୟାଦି ଦାବିଗୁଡିକୁ ନେଇ ବୁଧବାର କମିଟି ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହେମନ୍ତ ସାହୁଙ୍କୁ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ଦୁର୍ଯ୍ୟୋଧନ ରାଉତ, ଚନ୍ଦ୍ରଶେଖର ପଣ୍ଡା, ପ୍ରମୋଦ କୁମାର ପରିଡା, ଚନ୍ଦ୍ରମଣି ସାମଲ, ହୃଦାନନ୍ଦ ସାମଲ ପ୍ରମୁଖ ବକ୍ତବ୍ୟ ରଖି ବ୍ୟାସନଗରର ବିକାଶରେ ପ୍ରଶାସନର ଟାଳଟୁଲ ନୀତିକୁ ସମାଲୋଚନା କରିଥିଲେ। ଏହାସହ ରାଜନୈତିକ ଦଳରୁ ଊର୍ଦ୍ଧ୍ୱରେ ରହି ସମସ୍ତେ ଏକାଠି ହୋଇ ସହରର ବିକାଶ ପାଇଁ ଲଢିବାକୁ ଆହ୍ୱାନ ଦେଇଥିଲେ। ତେବେ ଦାବିଗୁଡିକ ଉପରେ ପ୍ରଶାସନ ଯଦି କୌଣସି ଠୋସ ପଦକ୍ଷେପ ନ ନେବ ତେବେ ଆଗାମୀ ଦିନରେ ବ୍ୟାସନଗର ସହରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ ବୋଲି ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ।

## ସଂକ୍ଷେପରେ

### ଦିନକରେ ୫୩ ଟ୍ରେନ୍‌ରୁ ପଣ୍ୟ ଖଲାସ
#### ପାରାଦୀପ ବନ୍ଦର ରେକର୍ଡ

**ପାରାଦୀପ,୫।୪ (ସ୍ୱ.ପ୍ର.):** ପାରାଦୀପ ବନ୍ଦର ପକ୍ଷରୁ ମଙ୍ଗଳବାର ସର୍ବାଧିକ ୫୩ଟି ଟ୍ରେନ୍‌ରୁ ପଣ୍ୟ ଖଲାସ କରାଯାଇଛି, ଯାହା ଏ ପର୍ଯ୍ୟନ୍ତ ସର୍ବାଧିକ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଫେବୃୟାରୀ ୧ରେ ୫୨ ଟ୍ରେନରୁ ପଣ୍ୟ ଖଲାସ ହୋଇଥିଲା। ଏପରି ସଫଳତା ପାଇଁ ବନ୍ଦର ଅଧ୍ୟକ୍ଷ ପି. ଏଲ୍. ହାରାନ୍ଧ ରେଲୱେ ଟିମ୍‌କୁ ଶୁଭେଚ୍ଛା ଜଣାଇଛନ୍ତି।

### ଅଲଣା ପଞ୍ଚାୟତ ଗୃହଭଙ୍ଗାକୁ ନେଇ ବିଡିଓଙ୍କୁ ଅଭିଯୋଗ

**ନାଉଗାଁ, ୫।୪(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଅନ୍ତର୍ଗତ ଅଲଣା ପଞ୍ଚାୟତରେ ବିନା ବୈଠକରେ ପଞ୍ଚାୟତରେ ଥିବା ପୁରୁଣା ଗୃହ ଭଙ୍ଗାଯିବାକୁ ନେଇ ବିଡିଓ ରଶ୍ମିରେଖା ମଲିକଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ପଞ୍ଚାୟତର ନାଏବ ସରପଞ୍ଚ ରଶ୍ମିତା ପାତ୍ର ଓ ଅନ୍ୟ ୱାର୍ଡ ସଭ୍ୟାସଭ୍ୟ ଉକ୍ତ ଅଭିଯୋଗ ପତ୍ରରେ ସ୍ୱାକ୍ଷର କରିଛନ୍ତି। ଅଭିଯୋଗ ମୁତାବକ, ୨୦୨୧-୨୨ ଆର୍ଥିକ ବର୍ଷରେ ପଞ୍ଚାୟତର ପୁରୁଣା ଗୃହ ଭଙ୍ଗାଯିବା ପାଇଁ କୌଣସି ଅଧିବେଶନ କି ବୈଠକରେ ଆଲୋଚନା କରାଯାଇନାହିଁ କିନ୍ତୁ ପଞ୍ଚାୟତର ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ମନମୁଖି ଭାବେ ଉକ୍ତ ପୁରୁଣା ଗୃହକୁ ଭାଙ୍ଗୁଛନ୍ତି। ଏହାକୁ ତଦନ୍ତ କରାଯାଇ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ବିଡିଓ ରଶ୍ମିରେଖା ମଲିକଙ୍କୁ ପଚାରିବାରେ ତଦନ୍ତ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ବନ୍ଦର ଏମ୍‌ସିଏଚ୍‌ପି ପାଖରେ ବସ୍-ଟ୍ରକ୍ ଦୁର୍ଘଟଣା

**ପାରାଦୀପ,୫।୪(ସ୍ୱ.ପ୍ର.):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରେ ଥିବା ଏମ୍‌ସିଏଚ୍‌ପି (ମେକାନାଇଜ୍ କୋଲ୍ ହ୍ୟାଣ୍ଡଲିଂ ପ୍ଲାଣ୍ଟ) ପାଖରେ ବୁଧବାର ସକାଳେ ଏକ ଓଏସ୍‌ଆର୍‌ଟିସି ବସ୍ ଦୁର୍ଘଟଣା ଘଟିଥିଲା। ବସ୍‌ରେ ଡ୍ୟୁଟି କରିବାକୁ ଯାଉଥିବା ୩୦ରୁ ଅଧିକ ଶ୍ରମିକ ଓ କର୍ମଚାରୀ ଏଥିରେ ଥିଲେ। ହେଲେ କାହାର ବିଶେଷ କ୍ଷତି ହୋଇନାହିଁ। ବସ୍‌ର ଷ୍ଟିୟରିଂ ଫେଲ ହେବାରୁ ଆଗରେ ଥିବା ଏକ ଟ୍ରକ୍ ସହ ଧକ୍କା ହୋଇଥିଲା। ଗାଡ଼ିର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି।

### ସରପଞ୍ଚ ଉପନିର୍ବାଚନ, ୫ ପ୍ରାର୍ଥୀପତ୍ର ଦାଖଲ ଗଡ଼ବିଶୁନିପୁର ପଞ୍ଚାୟତ

**ଏରସମା,୫।୪(ସ୍ୱ.ପ୍ର.):** ଏରସମା ବ୍ଲକ ଅନ୍ତର୍ଗତ ଗଡ଼ବିଶୁନିପୁର ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ହେବାକୁ ଯାଉଥିବା ଉପନିର୍ବାଚନର ପ୍ରାର୍ଥୀପତ୍ର ଦାଖଲ ବୁଧବାର ୨ୟ ଦିନରେ ପହଞ୍ଚିଛି। ଏବେ ସୁଦ୍ଧା ୫ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ କାମଦେବ ପ୍ରଧାନ, ପ୍ରଭାତୀ ପ୍ରଧାନ, ବସନ୍ତ ଗୁରୁ, ରାଜେଶ କୁମାର ପ୍ରଧାନ ଓ ସସ୍ମିତା ପ୍ରଧାନ। ଆସନ୍ତା ୩ ତାରିଖ ପ୍ରାର୍ଥୀପତ୍ର ଦାଖଲର ଶେଷ ତାରିଖ ରହିଛି। ସୂଚନାଯୋଗ୍ୟ, ଏହି ପଞ୍ଚାୟତର ସରପଞ୍ଚ ରମେଶ କୁମାର ପ୍ରଧାନଙ୍କ ଅକାଳ ବିୟୋଗ ଘଟିବାରୁ ସେହି ପଦବୀ ପୂରଣ ପାଇଁ ଉପନିର୍ବାଚନ କରାଯାଉଛି।

# ମୁଖ୍ୟାଳୟରେ ସରକାରୀ କର୍ମଚାରୀ ରହୁନାହାନ୍ତି

**ଜଗତ୍‌ସିଂହପୁର ଅଫିସ, ୫।୪**


ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ।

## ସରକାରୀ ଗାଡ଼ିର ଦୁରୁପଯୋଗ ହେଉଛି

ଜଗତ୍‌ସିଂହପୁର ଜିଲାରେ କାର୍ଯ୍ୟରତ ସରକାରୀ କର୍ମଚାରୀମାନଙ୍କ ମଧ୍ୟରୁ ଅନେକ ମୁଖ୍ୟାଳୟରେ ରହୁନାହାନ୍ତି। ଏପରି କି ଜିଲା ମୁଖ୍ୟାଳୟରେ ମଧ୍ୟ ରହୁ ନ ଥିବା ଗୁରୁତର ଅଭିଯୋଗ ହେଉଛି। କେବଳ ଏତିକି ନୁହେଁ, କେତେଜଣ ସରକାରୀ ଗାଡ଼ିର ଦୁରୁପଯୋଗ ସାଙ୍ଗକୁ ହାତପୁରା ଛୁଟି ନେବା ଅଭିଯୋଗ ନେଉଛନ୍ତି। ଏହାସତ୍ତ୍ୱେ ସେମାନଙ୍କ ଉପରେ କୌଣସି ଅଙ୍କୁଶ ରହୁନି।

ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ଅତୀତରେ ଏନେଇ ବହୁ ଅଭିଯୋଗ ହେଲା ପରେ ୨୦୧୯ ଜୁଲାଇରେ ତତ୍କାଳୀନ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇଥିଲେ। ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଅଧିକାରୀ ଓ କର୍ମଚାରୀମାନେ ଯେପରି ସେମାନଙ୍କ ମୁଖ୍ୟାଳୟରେ ରହିବେ ସେନେଇ ନିର୍ଦ୍ଦେଶନାମା ଜାରି କରିଥିଲେ। ସେତେବେଳେ ସେ କହିଥିଲେ, କର୍ମଚାରୀମାନେ ମୁଖ୍ୟାଳୟରେ ରହିଲେ ଲୋକଙ୍କ ପ୍ରତି ସେମାନଙ୍କ ଆତ୍ମୀୟତା ଓ ଅଙ୍ଗୀକାରବଦ୍ଧତା ବଢ଼ିବ। କିନ୍ତୁ ପରବର୍ତ୍ତୀ ସମୟରେ ଯଥା ପୂର୍ବ ତଥା ପର ଅନୁଭବ ହୋଇଥିଲା। ଜିଲାପାଳଙ୍କ ଏହି ନିର୍ଦ୍ଦେଶ ପାଣିର ଗାର ହୋଇଯାଇଥିଲା। ତାଙ୍କ ପରେ ପାରୁଲ ପଟୱାରୀ ଜିଲାପାଳ ଭାବେ ଯୋଗ ଦେଇଥିଲେ ସୁଦ୍ଧା ପୂର୍ବପରି ସରକାରୀ ଅଧିକାରୀ ଓ କର୍ମଚାରୀମାନେ କଟକ, ଭୁବନେଶ୍ୱର ଆଦିରୁ ଏଠାକୁ ଯାତାୟାତ କରୁଛନ୍ତି। ନାନା ବାହାନା ନେଇ ଏହି ଅଧିକାରୀ ଓ କର୍ମଚାରୀମାନେ ମୁଖ୍ୟାଳୟରେ ରହୁନାହାନ୍ତି। ଅନେକ ସମୟରେ ଶୁକ୍ରବାର ଅପରାହ୍ଣରୁ ସୋମବାର ଅପରାହ୍ଣ ପର୍ଯ୍ୟନ୍ତ ଏବଂ ଛୁଟି ଦିନ ଥିଲେ ତା'ପୂର୍ବ ଦିନରୁ ମଧ୍ୟ ଆଗୁଆ କଟକ, ଭୁବନେଶ୍ୱର ଆଦି ଘରକୁ ଚାଲି ଯାଉଛନ୍ତି। କେବଳ ଏତିକି ନୁହେଁ ଏହି ଅଧିକାରୀ, କର୍ମଚାରୀ ଓ ଯନ୍ତ୍ରୀମାନେ ସରକାରୀ କାରର ଦୁରୁପଯୋଗ କରିବାକୁ ପଛାଉନାହାନ୍ତି। ସରକାର ସେମାନଙ୍କୁ ମୋଟା ଅଙ୍କର ଦରମା ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ଯୋଗାଇଦେଇଛନ୍ତି । ଏହା ସତ୍ତ୍ୱେ ସେମାନେ ସରକାରୀ ଅର୍ଥରେ କଟକ, ଭୁବନେଶ୍ୱର ଯାତାୟାତ କରିବା ଦୁର୍ଭାଗ୍ୟଜନକ କଥା। ସରକାରୀ କର୍ମଚାରୀଙ୍କ ଏଭଳି ମାନସିକତା ସରକାରଙ୍କ ବାସ୍ତବ ଲକ୍ଷ୍ୟ ପୂରଣରେ ଅନ୍ତରାୟ ସୃଷ୍ଟି କରୁଛି। ଆଗକୁ ଖରାଦିନ ଯୋଗୁ ସକାଳ ୭ରୁ ଅପରାହ୍ଣ ୧ଟା ପର୍ଯ୍ୟନ୍ତ କାର୍ଯ୍ୟାଳୟ ଚାଲିବ। ଏହା ମଧ୍ୟ ବିଗତ ବର୍ଷଗୁଡ଼ିକ ପରି ଏହି ଅସାଧୁ ସରକାରୀ କର୍ମଚାରୀମାନଙ୍କୁ ବେଶ ସୁହାଇବ। ଅଧିକାଂଶ ସରକାରୀ କାର୍ଯ୍ୟାଳୟର ଅଧିକାରୀ ଓ ଯନ୍ତ୍ରୀମାନେ ଶୀତତାପ ନିୟନ୍ତ୍ରିତ କୋଠରୀରେ କାମ କରୁଛନ୍ତି। ସେମାନେ ବ୍ୟବହାର କରୁଥିବା କାର ମଧ୍ୟ ଶୀତତାପ ନିୟନ୍ତ୍ରିତ। ତେବେ କାର୍ଯ୍ୟାଳୟ କିମ୍ବା କ୍ଷେତ୍ର ପରିଦର୍ଶନରେ କୌଣସି ଅସୁବିଧା ନ ଥିବା ବେଳେ ନାନା ବାହାନା ନେଇ ମୁଖ୍ୟାଳୟରେ ଅନୁପସ୍ଥିତ ରହିବା ଦୁଃଖଦାୟକ ଘଟଣା ବୋଲି କୁହାଯାଉଛି। ସରକାରୀ କର୍ମଚାରୀଙ୍କ ଏହି ମାନସିକତା ପ୍ରକାରାନ୍ତରେ ଲୋକଙ୍କୁ ଅସୁବିଧାରେ ପକାଉଥିବା ସାଧାରଣରେ ଅଭିଯୋଗ ହୋଇଛି । ଏଭଳି କର୍ମଚାରୀମାନଙ୍କୁ ତୁରନ୍ତ ଚିହ୍ନଟ କରି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି। ସେମାନଙ୍କ ମୋବାଇଲ ଟାୱାର ଲୋକେଶନ୍, ସିଡିଆର୍ (କଲ ଡିଟେଲ ରେକର୍ଡ) ସଂଗ୍ରହ କରାଗଲେ କେଉଁମାନେ କେଉଁଠି କେତେ ସମୟ ରହିଛନ୍ତି ଜଣାପଡ଼ିଯିବ। ଏଥିସହ ସେମାନେ ବ୍ୟବହାର କରୁଥିବା ସରକାରୀ ଗାଡ଼ି ସମ୍ପର୍କରେ ମଧ୍ୟ ତଥ୍ୟ ମଗାଯାଉ। କେତେଜଣ କର୍ମଚାରୀ ଦୈନିକ ସରକାରୀ ଗାଡ଼ିରେ ପ୍ରତ୍ୟହ ଭୁବନେଶ୍ୱର, କଟକ ଆଦିରୁ ଯାତାୟାତ କରୁଛନ୍ତି। ଏହି ଗାଡ଼ି ଓ ତେଲ ଖର୍ଚ୍ଚ ମଧ୍ୟ ସରକାର ବହନ କରୁଛନ୍ତି। ଜିଲାପାଳ ଏହା ଉପରେ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଜିଲାପାଳ ପାରୁଲ ପଟ୍ଟୱାରୀଙ୍କ ମୋବାଇଲ୍ ନଂ.୯୪୩୭୦୦୫୪୯୬କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।

# ଓଡ଼ିଶାର ନୌପରିବହନ ବ୍ୟବସ୍ଥା ଐତିହାସିକ


ନୌବାଣିଜ୍ୟ ଦିବସରେ ଉପସ୍ଥିତ ଅତିଥିମାନେ।

**ପାରାଦୀପ,୫।୪(ସ୍ୱ.ପ୍ର.)**

## ୱେଟ୍ ବେସିନ୍‌ଠାରେ ନୌବାଣିଜ୍ୟ ଦିବସ

ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ପକ୍ଷରୁ ବୁଧବାର ନିଷିଦ୍ଧାଞ୍ଚଳର ୱେଟ୍ ବେସିନ୍‌ଠାରେ ପୌବାଣିଜ୍ୟ ଦିବସ ପାଳିତ ହୋଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବନ୍ଦର ଉପାଧ୍ୟକ୍ଷ ଏ. କେ. ବୋଷ, ମୁଖ୍ୟ ଭିଜିଲାନ୍ସ ଅଧିକାରୀ ପ୍ରୀତି ମାହାତୋ, କୋଷ୍ଟଗାର୍ଡ ଡିଆଇଜି ୱାଇ. କେ. ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ନୌପରିବହନ ବା ନୌବାଣିଜ୍ୟ ପରମ୍ପରା ଓଡ଼ିଶାର ଐତିହାସିକ ବୋଲି ଅତିଥି ବୋଷ କହିଥିଲେ। ବିଶ୍ୱର ପ୍ରମୁଖ ଅର୍ଥନୀତି ଓ ପଣ୍ୟ ପରିବହନ ଏବେ ଜଳପଥରେ ହେଉଛି। ଦେଶର ୧୨ଟି ବୃହତ୍ତ ବନ୍ଦର ମଧ୍ୟରେ ପାରାଦୀପ ଦ୍ୱିତୀୟ ସ୍ଥାନରେ ଅଛି। କୋଷ୍ଟାଲ ପରିବହନ ପାଇଁ କେନ୍ଦ୍ର ସରକାର ସାଗରମାଳା ଯୋଜନାରେ ନଦୀ ଭିତ୍ତିକ ବନ୍ଦର ନିର୍ମାଣ କାର୍ଯ୍ୟ ଆରମ୍ଭ କଲେଣି। ତେଣୁ ଏହାର ଭବିଷ୍ୟତ ଉଜ୍ଜ୍ୱଳମୟ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମକୁ ବନ୍ଦର ଉପସଂରକ୍ଷକ ଅଲେଖ ଚନ୍ଦ୍ର ସାହୁ ସଞ୍ଚାଳନ କରିଥିଲେ।

# ଜିଲା ଓକିଲ ସଂଘ ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ



ଶପଥଗ୍ରହଣ ଉତ୍ସବରେ ନବନିର୍ବାଚିତ କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

**ଜଗତ୍‌ସିଂହପୁର ଅଫିସ, ୫।୪**

ଜଗତ୍‌ସିଂହପୁର ଜିଲା ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନଙ୍କ ଶପଥ ଗ୍ରହଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଜଜ୍‌ଙ୍କ କୋର୍ଟ ପରିସରରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲା ଓ ଦୌରାଜଜ୍ ଅନୁପ କୁମାର ଚନ୍ଦନ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାର ବରିଷ୍ଠ ଆଇନଜୀବୀ ରବୀନ୍ଦ୍ରନାଥ ମହାନ୍ତି ଓ ଗୋରାଚାନ୍ଦ କାନୁନ୍‌ଗୋ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନବନିର୍ବାଚିତ ସଭାପତି ଦେବେନ୍ଦ୍ରନାଥ ସ୍ୱାଇଁ, ସମ୍ପାଦକ ନରେଶ ଦାସ, ଉପସଭାପତି ସରୋଜ କୁମାର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଜ୍ଞାନ ରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ରାଉତ, କାର୍ଯ୍ୟକାରୀ କମିଟି ସଭ୍ୟ ଅମିୟ କୁମାର ମହାପାତ୍ର, ପ୍ରତାପ କୁମାର ପଣ୍ଡା, ପର୍ଶୁରାମ ରାଉତ, ପ୍ରକାଶ କୁମାର ରାୟ, ରୁଦ୍ରନାରାୟଣ ନାୟକ, ମୁରଲିଧର ଜେନା ଓ ମହେଶ୍ୱତା ଜେନା ପ୍ରମୁଖଙ୍କୁ ଆଇନଜୀବୀ ମହାନ୍ତି, କାନୁନ୍‌ଗୋଙ୍କ ସମେତ ଦୋଳଗୋବିନ୍ଦ ଦାଶ, ଯୁଧିଷ୍ଠିର ମିଶ୍ର, ବନବିହାରୀ ଶତପଥୀ, ରାଜକିଶୋର ବେହେରା, ସୁବ୍ରତ ଶତପଥୀ, ଗଗନ ଚନ୍ଦ୍ର ଦାଶ ଓ ରବୀନ୍ଦ୍ର କୁମାର ସ୍ୱାଇଁ ଶପଥପାଠ କରାଇଥିଲେ। ନୂଆ କର୍ମକର୍ତ୍ତାଙ୍କୁ ଶ୍ରୀକାନ୍ତ ନନ୍ଦ, ବିଳାସ ଚନ୍ଦ୍ର ଲେଙ୍କା, ସୌରୀପ୍ରସାଦ ସ୍ୱାଇଁ, ଅତୁଲ ଚନ୍ଦ୍ର ଦାସ, ଭଜହରି କର, ସୁଧୀର କୁମାର ଖୁଣ୍ଟିଆ, ସଲିଲ ଘୋଷ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସଂଘ ପୂର୍ବତନ ସଭାପତି ପ୍ରମୋଦ କୁମାର ସ୍ୱାଇଁ। ନବନିର୍ବାଚିତ ସଭାପତି ସ୍ୱାଇଁ ନିଜର ଅଭିଭାଷଣ ଦେଇଥିବାବେଳେ ସମ୍ପାଦକ ଦାସ ଧନ୍ୟବାଦ ଦେଇଥିଲେ। ଜିଲା ମୋହରିର ସଂଘର କର୍ମକର୍ତ୍ତାମାନେ ମଧ୍ୟ ନୂଆ କର୍ମକର୍ତ୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଓକିଲ ସଂଘର ଆଇନଜୀବୀମାନେ ଉପସ୍ଥିତ ଥିଲେ।

### ମହିଳାଙ୍କୁ ଉନ୍ନତମାନର ମାଛ ଚାଷ ପ୍ରଶିକ୍ଷଣ

**ରାଜନଗର,୫।୪(ଡି.ଏନ୍.ଏ.)**

ମହିଳାଙ୍କ ସ୍ୱାବଲମ୍ବୀ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉନ୍ନତମାନର ମାଛଚାଷକୁ ଗୁରୁତ୍ୱ ଦିଆଯାଉଛି। ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ୍ କାର୍ଯ୍ୟାଳୟ ସଭାଗୃହରେ ଜିଲା ମତ୍ସ୍ୟ ବିଭାଗ ପକ୍ଷରୁ ଏସ୍‌ଏଫ୍‌ଟି ବିକାଶ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ମାଛଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବ୍ଲକ୍ ଅଧ୍ୟକ୍ଷା ପ୍ରତିଭା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ମତ୍ସ୍ୟ ଅଧିକାରୀ ଶଶାଙ୍କ ଶେଖର ସାହୁ, ଜିଲା ଅତିରିକ୍ତ ମତ୍ସ୍ୟ ଅଧିକାରୀ ଏମ୍‌ଡି ଫିରୋଜ, ରାଜନଗର ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ ମୋନାଲିସା ରାଉତ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ୩୧ଟି ସ୍ୱୟଂ ସହାୟକ ଗୋଷ୍ଠୀର ୭୦ଜଣ ମହିଳା ପଞ୍ଚାୟତ ପୋଖରୀରେ ଉନ୍ନତ ମାଛଚାଷ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ। କାର୍ଯ୍ୟକ୍ରମରେ ବିପିସି ସାଗରିକା ମଲ୍ଲିକ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ସମନ୍ୱିତ ଖାଦ୍ୟ ପରିଚାଳନା, ଉପଯୋଗିତାକୁ ଗୁରୁତ୍ୱ


ପୋଷଣ କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଅଙ୍ଗନୱାଡି କର୍ମୀ ଓ ଅନ୍ୟମାନେ।

**ବିରିଡି, ୫।୪ (ଡି.ଏନ.ଏ)**

## ବ୍ଲକସ୍ତରୀୟ ୫ମ ପୋଷଣ ପକ୍ଷ ଉଦ୍‌ଯାପିତ

ବିରିଡି ବ୍ଲକ ଆଇସିଡିଏସ୍ ଆନୁକୂଲ୍ୟରେ ବୁଧବାର କେନ୍ଦ୍ର ସରକାର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଏବଂ ରାଜ୍ୟ ସରକାର ମହିଳା ଓ ଶିଶୁବିକାଶ ବିଭାଗ ମହାୟତାରେ ୨୦୨୩ ୫ମ ପୋଷଣ ପକ୍ଷ ଉଦ୍‌ଯାପିତ ହୋଇଛି। ଏହା ୧୪ଦିନ ଧରି ଚାଲିଥିଲା। ଏହି ଉପଲକ୍ଷେ ଆୟୋଜିତ ଆଇସିଡିଏସ୍ ସମ୍ମିଳନୀ କକ୍ଷରେ ଏକ ସଭା ଓ ପୋଷଣ ଜାତୀୟ ଖାଦ୍ୟ ପ୍ରଦର୍ଶନୀ ହୋଇଥିଲା। ଏଥିରେ ବିରିଡି ସିଡିପିଓ ନଳିନୀ ବେହେରା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମମତା ପାତ୍ର, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ବିରିଡି ସିଏଚସିର ଅଧ୍ୟକ୍ଷ ଡା. ରାକେଶ କୁମାର ମହାନ୍ତି, ବିଏସ୍‌ଏସ୍‌ଓ ମମତା ଜେନା, ପୋଷଣ ସଂଯୋଜକ ପ୍ରକାଶ ପାଣିଗ୍ରାହୀ, ସୁପରଭାଇଜର ଧନେଶ୍ୱରୀ ନାୟକ, ପ୍ରତିମା ସ୍ୱାଇଁ, କୁନିବାଳା ମହାନ୍ତି, ସୁକାନ୍ତୀବାଳା ପୃଷ୍ଟି ଓ ରମଣୀ ଲାକ୍ରା ପ୍ରମୁଖ ଯୋଗ ଦେଇଥିଲେ। ଏହି ସଚେତନତା ସଭାରେ ଅତିଥିମାନେ ସମନ୍ୱିତ ଖାଦ୍ୟ ପରିଚାଳନା ଓ ଏହାର ଉପଯୋଗିତା ଉପରେ ଆଲୋଚନା କରିଥିଲେ। କିପରି ମା', ଶିଶୁ, କିଶୋରୀ ବାଳିକାମାନେ ଅପପୁଷ୍ଟିରୁ ରକ୍ଷା ପାଇପାରିବେ ଏବଂ କେଉଁ କେଉଁ ଖାଦ୍ୟରେ ଅଧିକ ପୋଷଣ ଥାଏ ତା' ଉପରେ ଆଲୋଚନା କରିଥିଲେ। ବିଶେଷକରି ମାଣ୍ଡିଆ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଅଧିକ ତୈଳ ଓ ମସଲା ଜାତୀୟ ଖାଦ୍ୟଠାରୁ ଦୂରରେ ରହିବାକୁ ଉପସ୍ଥିତ ମା', ଛାତ୍ରୀଛାତ୍ର, କିଶୋରୀ ବାଳିକା ଓ ଅଙ୍ଗନୱାଡି କର୍ମୀଙ୍କୁ ପରାମର୍ଶ ଦିଆଯାଇଥିଲା। ଏଥିସହ ପୂର୍ବରୁ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ର ଓ ମା'ମାନଙ୍କୁ ସାର୍ଟିଫିକେଟ ସହ ପୁରସ୍କୃତ କରାଯାଇଥିଲା। ପ୍ରଦର୍ଶନୀରେ ଭଲ ପୋଷଣ ଖାଦ୍ୟ ପ୍ରଦର୍ଶିତ କରିଥିବା ଅଙ୍ଗନୱାଡି କର୍ମୀଙ୍କୁ ସାର୍ଟିଫିକେଟ ଦିଆଯାଇଥିଲା।

# ଭଟଣା ଗାଁରେ ପାଲାମଣ୍ଡପ ନିର୍ମାଣକୁ ବିରୋଧ

**ନାଉଗାଁ, ୫।୪ (ସ୍ୱ.ପ୍ର.)**

## ବିଡିଓ, ତହସିଲଦାର, ଜିଲାପାଳଙ୍କୁ ଅଭିଯୋଗ

ନାଉଗାଁ ତହସିଲ ଅନ୍ତର୍ଗତ ଓଷକଣା ପଞ୍ଚାୟତ ଭଟଣା ଗାଁରେ ନିର୍ମାଣ କରାଯାଉଥିବା ପାଲାମଣ୍ଡପକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ମଣ୍ଡପ ନିର୍ମାଣକୁ ନେଇ ବୁଧବାର ବିଡିଓ ରଶ୍ମିରେଖା ମଲିକ, ତହସିଲଦାର ଜେ. କଳ୍ପନାଙ୍କ ସମେତ ଜିଲାପାଳ ପାରୁଲ ପଟ୍ଟୱାରୀଙ୍କ ଅଭିଯୋଗ ଶୁଣାଣି ପୋର୍ଟାଲରେ ଅଭିଯୋଗ କରାଯାଇଛି। ଅଭିଯୋଗ ମୁତାବକ, ପୁରୁଣା ଭଟଣାର ଖାତା ନଂ. ୫୬୯ , ପ୍ଲଟ ନଂ. ୧୧୫୭ ଓ ୧୧୫୮ ଯାହାର କିସମ ରାସ୍ତା ରହିଛି। ସରକାରଙ୍କ ନିୟମାନୁସାରେ, କିସମ ରାସ୍ତା ଥିଲେ ତାହା ପରିବର୍ତ୍ତନ କରାଯାଇ ପାରିବ ନାହିଁ। ଯଦି ରାସ୍ତାରେ ପାଲାମଣ୍ଡପ ନିର୍ମାଣ କରାଯାଏ, ତେବେ ଭବିଷ୍ୟତରେ ରାସ୍ତା ସମ୍ପ୍ରସାରଣ ହେଲେ ସେଥିରେ ବାଧା ଉପୁଜିବ। ସେହିପରି ରାସ୍ତା ଉପରେ କୌଣସି ନିର୍ମାଣ କାମ କରାଯାଇପାରିବ ନାହିଁ। ଉକ୍ତ ଗ୍ରାମରେ ଅନେକ ସରକାରୀ ସ୍ଥାନ ରହିଥିବା ବେଳେ ରାସ୍ତା ଉପରେ କାହା ନିର୍ଦ୍ଦେଶରେ ପାଲାମଣ୍ଡପ ନିର୍ମାଣ କରାଯାଉଛି, ତାହା ତଦନ୍ତସାପେକ୍ଷ ବୋଲି ଅଭିଯୋଗରେ ଦର୍ଶାଯାଇଛି। ଉକ୍ତ ଅଭିଯୋଗରେ କ୍ରାନ୍ତିଶିଖା ପରିଡ଼ା, ରଥ ସାହୁ, ଦେବବ୍ରତ ସ୍ୱାଇଁ, ଯୋଗେନ୍ଦ୍ର ବିଶ୍ୱାଳ ପ୍ରମୁଖ ଶତାଧିକ ଗ୍ରାମବାସୀଙ୍କ ସ୍ୱାକ୍ଷର ରହିଛି। ଅଭିଯୋଗ ପାଇବା ପରେ ଏହାର ତଦନ୍ତ କରାଯିବ ବୋଲି ବିଡିଓ ରଶ୍ମିରେଖା ମଲିକ ଓ ତହସିଲଦାର ଜେ.କଳ୍ପନା କହିଛନ୍ତି।

# ଗ୍ରାମୀଣ ମୃତ୍ତିକା ପରୀକ୍ଷା କେନ୍ଦ୍ର ଉଦ୍‌ଘାଟିତ


କେନ୍ଦ୍ର ଉଦ୍‌ଘାଟନ ଅବସରରେ ଜିଲାପାଳ ପାରୁଲ ପଟ୍ଟୱାରୀ ଓ ଅନ୍ୟମାନେ।

**ବିରିଡି, ୫।୪ (ଡି.ଏନ.ଏ.)**

ବିରିଡି ବ୍ଲକ ଗୋପୀନାଥପୁରଠାରେ ଥିବା ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ କୃଷି ଓ ସଶକ୍ତିକରଣ ବିଭାଗ ଦ୍ୱାରା ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଯୋଜନା ମାଧ୍ୟମରେ ଗ୍ରାମୀଣ ମୃତ୍ତିକା ପରୀକ୍ଷା କେନ୍ଦ୍ର ବୁଧବାର ଉଦ୍‌ଘାଟିତ ହୋଇଛି। ଏହାକୁ ଜଗତ୍‌ସିଂହପୁର ଜଲପାଳ ପାରୁଲ ପଟ୍ଟୱାରୀ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ମୁଖ୍ୟ କୃଷି ଅଧିକାରୀ ନବକିଶୋର ମହାପାତ୍ର, ବ୍ଲକ କୃଷି ଅଧିକାରୀ ପ୍ରଜ୍ଞା ପ୍ରିୟଦର୍ଶିନୀ, ଭିଏଡବ୍ଲ୍ୟୁ ଅନୁସ୍ମିତା ସେଠୀ, ମୃତ୍ତିକା ରସାୟନ ଅଧିକାରୀ ଗାୟତ୍ରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ଅତ୍ୟାଧୁନିକ ଯନ୍ତ୍ରପାତି ସାହାର୍ଯ୍ୟରେ ମାଟିର ଉପଯୁକ୍ତ ମାନ ପରୀକ୍ଷଣ କରାଯିବ। ମାଟିର ଉର୍ବରତା ବୃଦ୍ଧି ପାଇଁ ଆବଶ୍ୟକ ମୌଳିକ ପଦାର୍ଥର ଠିକ୍ ଭାବେ ମାନ ନିରୂପଣ କରାଯାଇ ଅଧିକ ଫସଲ ଉତ୍ପାଦନ ବୃଦ୍ଧି ପାଇଁ ଆବଶ୍ୟକ ରସାୟନିକ ସାର, ଜୈବିକ ସାର ଓ ଖଣିଜ ପଦାର୍ଥର ମୂଲ୍ୟାଙ୍କନ କରାଯିବ। ଠିକ୍ ପରିମାଣର ବ୍ୟବହାର ପ୍ରଣାଳୀ କମ୍ପ୍ୟୁଟର ମାଧ୍ୟମରେ ସୂଚନା ଦିଆଯିବାର କାର୍ଯ୍ୟକ୍ରମ ରହିଛି। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ରାଜ୍ୟ ସରକାରଙ୍କ ପକ୍ଷରୁ ମାଗଣା ମୃତ୍ତିକା ପରୀକ୍ଷା କରାଯିବ ବୋଲି ବ୍ଲକ କୃଷି ଅଧିକାରୀ ପ୍ରିୟଦର୍ଶିନୀ କହିଛନ୍ତି।

# ଚଇତିଘୋଡ଼ା ନାଚର ପରମ୍ପରା ହଜିଯିବାକୁ ବସିଲାଣି

**ବିରିଡି, ୫।୪ (ଡି.ଏନ.ଏ.)**

ଉତ୍କୃଷ୍ଟ କଳାର ଦେଶ ବୋଲି ଉତ୍କଳ। ଅନନ୍ୟ ଏହାର କଳା, କୀର୍ତ୍ତିରାଜି, ସଂସ୍କୃତି, ନୃତ୍ୟ, ସଙ୍ଗୀତ ଲୋକକଥା ଓ ପରମ୍ପରା। ସେଥି ମଧ୍ୟରୁ ସତ୍ୟନାରାୟଣ ପାଲା, ଘୋଡାନାଚ, ଦାସକାଠିଆ ଗୀତ, ଘଣ୍ଟପାଟୁଆ ନାଚ, ସଖୀ ନାଚ, ଦଣ୍ଡନାଚ, କଣ୍ଢେଇ ନାଚ, କେଳା କେଳୁଣୀ ନାଚ ଇତ୍ୟାଦି ଦିନେ ଓଡ଼ିଆମାନଙ୍କର ଜୀବନ ଜୀବିକା ସହ ଜଡିତ ଥାଇ ସୃଷ୍ଟି କରିଥିଲା ସମଗ୍ର ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ। ଏସବୁ ମଧ୍ୟରେ ଚଇତି ଘୋଡ଼ା ନାଚ ଯାହା ଓଡ଼ିଶାର କୈବର୍ତ୍ତ ସମ୍ପ୍ରଦାୟର ପ୍ରମୁଖ ଲୋକନୃତ୍ୟ। ତାହା ଏବେ ହଜିଯିବାକୁ ବସିଛି।

କେଉଟ ବା କୈବର୍ତ୍ତମାନେ ସାଧାରଣତଃ ବିଭିନ୍ନ ବର୍ଗରେ ବିଭକ୍ତ। ଯଥା କେଉଟ, ଧୀବର, ନାଆରି, ରାଢ଼ି, ମାଛୁଆ, ଶିଶୁଲି, କେଦାର, ମହ୍ଲା ଓ ନାଉରି ଇତ୍ୟାଦି। ଚଇତି ଘୋଡ଼ା ନାଚ ପବିତ୍ର ଚୈତ୍ର ପୂର୍ଣ୍ଣମୀ ଅବସରରେ ଅନୁଷ୍ଠିତ ହୋଇଥାଏ। ଏହିଦିନ କୈବର୍ତ୍ତମାନେ ସେମାନଙ୍କର ଇଷ୍ଟ ଦେବୀ ମା' ବାସୁଳୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ସେମାନେ ବାରଖଣ୍ଡି ବାଉଁଶ ପାତିଆରେ ଘୋଡ଼ାର ଶରୀର ସଦୃଶ ଏକ ପ୍ରତିକୃତି ନିର୍ମାଣ କରି କୁସୁମ କାଠରେ ନିର୍ମିତ ଘୋଡ଼ାର ମୁଣ୍ଡକୁ ସେଥିରେ ମଣ୍ଡନ କରିଥାନ୍ତି। ପାଟବସ୍ତ୍ର ଦ୍ୱାରା ଘୋଡ଼ାର ଶରୀରକୁ ଆବୃତ୍ତ କରିବା ସହ ମସ୍ତକରେ ସୋଲର ମୁକୁଟ ଫୁଲ, ସିନ୍ଦୂର ଦେଇ ଯଥାବିଧି ପୂଜାର୍ଚ୍ଚନା କରିଥାନ୍ତି। ପ୍ରଥମେ ଭୋଗ ରୂପେ ପୋଡ଼ାମାଛକୁ ବାସୁଳୀଙ୍କୁ ଅର୍ପଣ କରାଯିବା ପରେ ପିଠାପଣା, ଫଳମୂଳ ଇତ୍ୟାଦି ଭୋଗ ଲାଗିଥାଏ। ପରେ ବାସୁଳୀଙ୍କ ବନ୍ଦନାରୁ ଆରମ୍ଭ ହୁଏ ନୃତ୍ୟ ପରିବେଷଣ। ଏହି ନୃତ୍ୟ ସାଧାରଣତଃ ଗାୟକ ପାଳିଆ, ରାଉତ, ରାଉତାଣୀଙ୍କ ଦ୍ୱାରା ପରିବେଷଣ କରାଯାଏ। ଏଥିସହ ମହୁରୀ, ଢୋଲ ଓ ନାଗରାର ସୁଲଳିତ ସ୍ୱର ରହିଥାଏ। ଚୈତ୍ର ପୂର୍ଣ୍ଣମୀରୁ ଆରମ୍ଭ ହୋଇ ଏହି ନୃତ୍ୟ ପ୍ରାୟ ମାସେ ଧରି ଚାଲିଥାଏ। ଗାୟକ ବିଭିନ୍ନ ପୌରାଣିକ ବିଷୟବସ୍ତୁ ଗାୟନ କରୁଥିଲାବେଳେ ପାଳିଆ ପାଳି ଧରିଥାନ୍ତି। ରାଉତ ଓ ରାଉତାଣୀ ମନୋରଞ୍ଜନଧର୍ମୀ ଢଗଢମାଳି ଗୀତ ସହ ନୃତ୍ୟ ପରିବେଷଣ କରିଥାନ୍ତି। ଏଥିପାଇଁ କୌଣସି ବହି ନ ଥିବାବେଳେ କୈବର୍ତ୍ତ ପୁରାଣ, କୈବର୍ତ୍ତ ଗୀତା, କୈବର୍ତ୍ତ ସଂହିତା, ରାମାୟଣ ଓ ମହାଭାରତରୁ ବିଷୟବସ୍ତୁ ଉଦ୍ଧାର କରି ନୃତ୍ୟ ପରିବେଷଣ କରାଯାଏ। ଏହାସହ ସମାଜ ସଂସ୍କାରଧର୍ମୀ କାହାଣୀକୁ ଗୀତ ନୃତ୍ୟ ମାଧ୍ୟମରେ ଉପସ୍ଥାପନ କରାଯାଇଥାଏ।


ଘୋଡ଼ାନାଚର ଏକ ଦୃଶ୍ୟରେ କଳାକାରମାନେ।

ଐତିହାସିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଘୋଡ଼ାନାଚର ଉତ୍ପତ୍ତି ସମ୍ବନ୍ଧରେ କୌଣସି ବିଧିବଦ୍ଧ ପ୍ରମାଣ ମିଳିପାରିନାହିଁ। ପ୍ରଥମ କିମ୍ବଦନ୍ତୀ ଅନୁଯାୟୀ, ଅତୀତରେ କୈବର୍ତ୍ତମାନେ ସାଧାରଣତଃ ଓଡ଼ିଶାର ରାଜାମାନଙ୍କ ଅଧୀନରେ ନୌସେନା ରୂପେ କାର୍ଯ୍ୟ କରୁଥିଲେ। ଏଥିସହ ସୁଦୂର ଜାଭା, ସୁମାତ୍ରା, ବାଲି ଓ ଇଣ୍ଡୋନେସିଆ ସହ ସେମାନଙ୍କର ବାଣିଜ୍ୟିକ ସମ୍ପର୍କ ଥିଲା। ସେଠାରୁ ସେମାନେ ଘୋଡ଼ାମାନ ନୌକାରେ ଆଣି ଓଡ଼ିଆ ପାଇକ ଓ ସାମନ୍ତମାନଙ୍କୁ ବିକ୍ରି କରୁଥିଲେ। ସେହି ପୁରୁଣା ସ୍ମୃତିକୁ ମନେ ପକାଇ ସେମାନେ ଘୋଡା ନାଚ ପରିବେଷଣ କରିଥାନ୍ତି। ଦ୍ୱିତୀୟ କିମ୍ବଦନ୍ତୀ ଅନୁଯାୟୀ, ଯୋଜନଗନ୍ଧାଙ୍କର ପିତା ଥିଲେ ଜଣେ କୈବର୍ତ୍ତ ରାଜା। ସେ ନିଜ ନାତି ବ୍ୟାସଦେବଙ୍କ ପାଇଁ ସୁଦୂର ବିନ୍ଧ୍ୟାଞ୍ଚଳରୁ ଏକ ଘୋଡା ଆଣିଥିଲେ। ଏହି ଘୋଡାର ସ୍ମୃତିରୁ ଦିନେ ସୃଷ୍ଟି ହେଲା ଘୋଡାନାଚ, ତୃତୀୟ କଥା ଅନୁଯାୟୀ ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଙ୍କୁ ନୌକା ପାର କରିଥିବା ଧୀବରଙ୍କୁ ଏକ ଘୋଡ଼ା ପୁରସ୍କାର ମିଳିଥିଲା। ସେହିଦିନ ଥିଲା ଚୈତ୍ର ପୂର୍ଣ୍ଣମୀ। ଠିକ୍ ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଧୀବରମାନେ ଏହି ପର୍ବ ପାଳନ କରିଆସୁଛନ୍ତି। କୁଳ ପରମ୍ପରାକୁ ଆଦରି ଅନେକ କଳାକାର ଏଥିସହ ସମ୍ପୃକ୍ତ ଥିବାବେଳେ ଏବେ ଏଥିରୁ ଯୁବ ପିଢ଼ି ଦୂରେଇ ଯାଉଛନ୍ତି। କଳାକାରମାନଙ୍କୁ ସ୍ୱଳ୍ପ ପାରିଶ୍ରମିକ, ସରକାରୀ ପ୍ରୋତ୍ସାହନର ଅଭାବ ଓ ତାଙ୍କର ଆର୍ଥିକ ଦୁର୍ଗତି ଯୋଗୁ ଏହା ଲୀନ ହେବାକୁ ବସିଛି। ଏହି ଲୋକନୃତ୍ୟକୁ ବଞ୍ଚାଇ ରଖିବାକୁ ସରକାରୀ ଓ ବେସରକାରୀ ସ୍ତରରେ ପ୍ରୟାସ ହେବା ଆବଶ୍ୟକ। କୈବର୍ତ୍ତ ସମ୍ପ୍ରଦାୟ ବିରିଡି ବ୍ଲକ ଶଙ୍ଖାରିସାହିର ଗାୟକ ସୁରେନ୍ଦ୍ର ବେହେରା ଓ ଝରେନ୍ଦ୍ର ବେହେରା, ବରାହପୁର ଗ୍ରାମର ସୁରତ ବେହେରା, ହାଜିପୁରର ସୋବନି ବେହେରା, ନିରଞ୍ଜନ ବେହେରା କୁହନ୍ତି, ବାପା ଅଜାଙ୍କ ସମୟରେ ବାସୁଳୀଙ୍କ ପୂଜାର୍ଚ୍ଚନା ସହ ଘୋଡ଼ାନାଚ ହେଉଥିଲା। କେତେକ ଜାଗାରେ ଏହି ପରମ୍ପରା ବଞ୍ଚିଥିବାବେଳେ ଅନେକ ସ୍ଥାନରେ ଏହା ଦେଖିବାକୁ ମିଳୁନାହିଁ। ଏ ସମ୍ବନ୍ଧରେ ବିରିଡି ବିଡିଓ ହେମନ୍ତ କୁମାର ମହାନ୍ତଙ୍କୁ ପଚାରିବାରେ କେବଳ ଏହି ଶ୍ରେଣୀୟ ଗାୟକ, ପାଳିଆ କଳାକାରଙ୍କୁ ରାଜ୍ୟ ସରକାରଙ୍କ ପାଖରୁ ଭତ୍ତା ପ୍ରଦାନ କରାଯାଉଛି। ଦୈବୀଦୁର୍ବିପାକ ବେଳେ ଏହି ଶ୍ରେଣୀୟ ଲୋକମାନଙ୍କୁ ସେମାନଙ୍କର ଡଙ୍ଗା ଓ ଜାଲ ପାଇଁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦିଆଯାଏ ବୋଲି ସେ କହିଛନ୍ତି।

**ସଂକ୍ଷେପରେ**

## ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରବେଶ ଉତ୍ସବ

ଜି.ଉଦୟଗିରି,୫।୪(ଡି.ଏନ.ଏ.)- ବୁଧବାରଠାରୁ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଦେଖିବାକୁ ମିଳିଛି ପ୍ରବେଶ ଉତ୍ସବ। ସ୍କୁଲରେ ପୂର୍ଣ୍ଣ ଉପସ୍ଥାପନ ଲକ୍ଷ୍ୟରେ ଆୟୋଜନ ହୋଇଛି ସଚେତନତା ଶୋଭାଯାତ୍ରା। ଶିକ୍ଷା ପାଇବାରୁ ଯେପରି କେହି ବଞ୍ଚିତ ନହୁଅନ୍ତି ସେଥିପାଇଁ ଚାଲିଛି ପ୍ରୟାସ। ଛାତ୍ରାଛାତ୍ରୀମାନେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିବା ସହିତ ଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ସଚେତନ କରିଛନ୍ତି। ଜି. ଉଦୟଗିରି ହାତୀଶାଳ ଉପ୍ରା ବିଦ୍ୟାଳୟ, ଗ୍ରେସିଗିଂଆ, ବାକିକାମ୍ବା, ଉକେଡି ଉପ୍ରା ବିଦ୍ୟାଳୟ ସହିତ ଉଡାପଡା ଆଶ୍ରମ ସ୍କୁଲରେ ପ୍ରବେଶ ଉତ୍ସବ ପାଳନ ସହିତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହାତୀସାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଜି. ଉଦୟଗିରି ଏବିଇଓ ବୈକୁଣ୍ଠ ନାଥ ସାହୁ ଅତିଥି ଭାବେ ଯୋଗ ଦେଇ ଶିକ୍ଷା କିଭଳି ଜୀବନରୁ ଅଜ୍ଞାନ ଅନ୍ଧକାରକୁ ଦୂର କରି ଆଲୋକିତ କରିବା ସହିତ ଜୀବନକୁ ଲକ୍ଷ୍ୟସ୍ଥଳକୁ ନେଇଯାଏ ସେ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ହାତିଶାଳ ଉପ୍ରା ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସହିତ ଶିକ୍ଷକ କୃଷ୍ଣଚନ୍ଦ୍ର ଚୌଧୁରୀ, ମିନତୀ ଦେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରବେଶ ଉତ୍ସବ ଚଳିତ ମାସ ବାର ତାରିଖ ପୂର୍ଣ୍ଣ ଉପସ୍ଥାପନ ଦିବସ ଯାଏ ଚାଲିବ ବୋଲି ଏବିଇଓ କହିଛନ୍ତି।

## ମୁଣ୍ଡ ଗୁଞ୍ଜିବାକୁ ନାହିଁ ଘର

ପୋଲସରା,୫।୪-ଗରିବ ଅସହାୟ ଲୋକଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ଭୂମିହିନମାନଙ୍କୁ ଜାଗା ମିଶନରେ ଜାଗା ଯୋଗାଇଦେବାକୁ କହୁଛନ୍ତି ସରକାର। ହେଲେ ମୁଣ୍ଡ ଗୁଞ୍ଜିବାକୁ ନାହିଁ ଘର ଖଣ୍ଡେ। ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି ବିଧବା ହେମ ବେହେରା (୮୦)। ବିଧବା ଶରୀର ନଇଁ ଗଲାଣି। ୨୦ ବର୍ଷ ତଳୁ ସ୍ୱାମୀ ଆର ପାରିକୁ ଚାଲି ଗଲେଣି, ସନ୍ତାନ ମାନଙ୍କ ପାଇଁ ଅଲୋଡ଼ା। ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ୫ ନମ୍ବର ୱାର୍ଡ ବାଲିଘାଇର ହେମ ବେହେରା ଏମିତି ଅବସ୍ଥାରେ ଭିକ୍ଷାବୃତି କରି ଜୀବନ ବିତାଉଛି । ସରକାରୀ ଭାବରେ ପାଉଥିବା ୫ କେଜି ଚାଉଳ ଓ ୫୦୦ ଟଙ୍କାରେ ଅଧାମାସ ଚଳି ଯାଉଛନ୍ତି। ବାକି ଦିନରେ ଚଳନୀ ପାଇଁ ଭିକ୍ଷାବୃତ୍ତି ହିଁ ହେମଙ୍କ ଭରଷା ପାଲଟିଛି। ହେମଙ୍କ ବାସୋପଯୋଗୀ ଘର ଖଣ୍ଡିଏ ଭି ନାହିଁ। ଗ୍ରାମବାସୀଙ୍କ ସୌଜନ୍ୟରୁ ନିଜର ଛୋଟିଆ ଜାଗାରେ ଜରାଜୀର୍ଣ୍ଣ ଭାବରେ ତିଆରି ହୋଇଥିବା ଏକ ବଖୁରିଆ ଟିଣ ତଳେ ବିପଦପୂର୍ଣ୍ଣ ଭାବରେ ରହୁଛନ୍ତି ହେମ। ବର୍ଷା କିମ୍ବା ପବନ ହେଲେ ଅନ୍ୟର ବାରଣ୍ଡା କିମ୍ବା ଦୁଆର ଛଡ଼ା ହେମଙ୍କ ପାଖରେ ବିକଳ୍ପ ଆଶ୍ରୟ କିଛିନାହିଁ। ଥରେ ଦୁଇଥର ଆବାସ ପାଇଁ ଆବେଦନ କରି କରି ନୟାନ୍ତ ହେଲେଣି ହେମ। କିନ୍ତୁ ହେମଙ୍କୁ ସାହାର୍ଯ୍ୟ କରିବା ପାଇଁ ସରକାରୀ ସ୍ତରରେ ମଧ କୌଣସି ଉଦ୍ୟମ କରାଯାଇ ନାହିଁ। ଅନେକ ଅଯୋଗ୍ଯ ହିତାଧିକାରୀଙ୍କୁ ଜାଗା, ଘର, ଭତ୍ତା, ଓ ରାସନ ମିଳିଥିଲେ ମଧ ସମସ୍ତ ମାନଦଣ୍ଡ ପୁରଣ କରୁଥିବା ଅସହାୟ ହେମ କାହିଁକି ଯୋଜନାରୁ ବଞ୍ଚିତ ରହିବେ ବୋଲି ଅନେକ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ମୃତ୍ୟୁ ପୂର୍ବରୁ ମୁଣ୍ଡ ଉପରେ ଛାତଟିଏ ହୋଇଥିଲେ ଶାନ୍ତିରେ ମରିପାରିବି ବୋଲି କୋହଭରା କଣ୍ଠରେ ହେମ କହିଛନ୍ତି ।

# ପୁନରୁଦ୍ଧାର ହୋଇପାରୁନି ପରିତ୍ୟକ୍ତ ଦୁଇ ପୋଖରୀ

ପାରଳାଖେମୁଣ୍ଡି,୫।୪(ଡି.ଏନ୍.ଏ.)

ପୋଖରୀଗୁଡ଼ିକର ପୁନରୁଦ୍ଧାର ଓ ଉନ୍ନତି ପାଇଁ ସରକାର ଅନେକ ଯୋଜନା କରନ୍ତି କିନ୍ତୁ ବାସ୍ତବରେ ତାହା ଲୋକଙ୍କ କାମରେ ଆସୁ ନ ଥିବା ଅଭିଯୋଗ ହେଉଛି। କେବଳ ଠିକାଦାର ଓ ଯନ୍ତ୍ରୀ ମାଲାମାଲ ହୁଅନ୍ତି। ପାରଳାଖେମୁଣ୍ଡି ସହରର ମଝିରେ ରହିଥିବା ଦୁଇଟି ପୋଖରୀରେ ଗତ କିଛିବର୍ଷ ମଧ୍ୟରେ ଖର୍ଚ୍ଚ ହୋଇଛି ୧ କୋଟିରୁ ଅଧିକ ଟଙ୍କା କିନ୍ତୁ ଏତେ ସରକାରୀ ରାଶି ଖର୍ଚ୍ଚ ପରେ ମଧ ପୋଖରୀ ଦୁଇଟି ଲୋକଙ୍କ କାମରେ ଆସୁନି। ଯାହାକୁ ନେଇ ଦୁର୍ନୀତିର ଗନ୍ଧ ବାରିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନ ପ୍ରତିନିଧି। ସେପଟେ ପାରଳା ପୌର ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ କହିଛନ୍ତି, ପୂର୍ବରୁ ୧ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ବେଳେ ଏବେ ପୁଣି ସରକାରଙ୍କ ଆମ ପୋଖରୀ ଯୋଜନାରେ ଏହି ଦୁଇଟି ପୋଖରୀର ପୁନରୁଦ୍ଧାର କରାଯିବ।

ଓଡ଼ିଶାର ଅନ୍ୟତମ ସର୍ବ ପୁରାତନ ସହର ପାରଳାଖେମୁଣ୍ଡି ପୌର ପରିଷଦ, ୧୮୮୫ ମସିହାରେ ସ୍ଥାପିତ ଏହି ପୌର ପରିଷଦର ନାଳ ନର୍ଦ୍ଦମା, ଜଳ ନିଷ୍କାସନ ବ୍ୟବସ୍ଥା ସବୁ ପାରଳା ଗଜପତି ରାଜ ବଂଶ ଅମଳର । ବର୍ଷାଜଳର ନିଷ୍କାସନ ସହ ସୁବିନିଯୋଗ ପାଇଁ ସହର ମଧ୍ୟରେ ଓ ଏହାର ଆଖପାଖ ଅଞ୍ଚଳରେ ଅନେକ ପୋଖରୀ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ବହୁ ବର୍ଷ ପୂର୍ବେ ତିଆରି କରିଥିଲେ ସେଥି ମଧ୍ୟରୁ ଶଙ୍କୁରି ବନ୍ଧ ଓ ପଟ୍ଟନାୟକ ବନ୍ଧ ଅନ୍ୟତମ। ବର୍ଷାଦିନରେ ପାହାଡର ବର୍ଷା ପାଣି ପ୍ରଥମେ ଶଙ୍କୁରି ବନ୍ଧରେ ପ୍ରବେଶ କରେ। ସେଠି ଭର୍ତ୍ତି ହୋଇଗଲେ ସେଠୁ ପାଣି ଯାଏ ପଟ୍ଟନାୟକ ବନ୍ଧକୁ । ସେଠୁ ଭର୍ତ୍ତିହେଲେ କ୍ରମଶଃ ତଳେ ତଳେ ଥିବା ବନ୍ଧକୁ ଯାଏ, ଫଳରେ ସହରରେ ବର୍ଷା ପାଣି ସୁନିଷ୍କାସନ ସହ ବର୍ଷ ସାରା ପାଣି ସମସ୍ୟା ରହୁ ନ ଥିଲା ଓ ଭୂତଳ ଜଳ ପରିମାଣ ଭଲ ରହୁଥିଲା, ଏତେ ସୁନ୍ଦର ଦୂରଦୃଷ୍ଟି ପରିକଳ୍ପନା ନେଇ ପୋଖରୀ ସବୁ ନିର୍ମାଣ କରିଥିଲେ ତତ୍କାଳୀନ ଗଜପତି ମହାରାଜା କୃଷ୍ଣଚନ୍ଦ୍ର ଗଜପତି, କିନ୍ତୁ ଏବେକାର ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁ ଚନ୍ଦ୍ରିକା ବ୍ୟବସ୍ଥା ଗତ ଦଶ ବର୍ଷ ହେଲା ସହର ମଝିରେ ଥିବା ଏହି ଦୁଇଟି ପୋଖରୀ ସମ୍ପୂର୍ଣ୍ଣ ଭାବେ ବ୍ୟବହାର ଅନୁପଯୋଗୀ ହୋଇପଡିଛି, ଗତ କିଛିବର୍ଷ



ପରିତ୍ୟକ୍ତ ପୋଖରୀ।

### ଖର୍ଚ୍ଚ ହେଲାଣି କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା

ମଧ୍ୟରେ ଏକାଧିକ ସରକାରୀ ଯୋଜନା ମାଧ୍ୟମରେ ଶଙ୍କୁରି ବନ୍ଧରେ ଖର୍ଚ୍ଚ ହୋଇଛି ୩୪ ଲକ୍ଷ ଟଙ୍କା ଓ ପଟ୍ଟନାୟକ ବନ୍ଧରେ ଏକ କୋଟି ୩୩ ଲକ୍ଷ ଟଙ୍କା, ପୁନରୁଦ୍ଧାର, ସୌନ୍ଦର୍ଯ୍ୟକରଣ ଓ ମନୋରଞ୍ଜନ କେନ୍ଦ୍ର ପାଇଁ ଏତେ ଟଙ୍କା ଖର୍ଚ୍ଚ ପରେ ମଧ ଲୋକଙ୍କ ଟିକିଏ ବି କାମରେ ଆସୁନି ଯାହାକୁ ନେଇ ପ୍ରଶ୍ନ କରିବା ସହ ଦୁର୍ନୀତି ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ବୁଦ୍ଧିଜୀବୀମାନେ। କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଥିବା ପଟ୍ଟନାୟକ ବନ୍ଧରେ ପାଣି ରହିବା ବଦଳରେ ବନ୍ଧ ମଧ୍ୟରେ ଉଠିଛି ବଡ ବଡ ଗଛ ଆଉ ୩୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଶଙ୍କୁରି ବନ୍ଧର ଅବସ୍ଥା ନ କହିବା ଭଲ, ବନ୍ଧ ଚାରିପଟ ଅପରିଷ୍କାର ଭାବେ ଗଛ ଲତାବୁଦାରେ ପରିପୂର୍ଣ୍ଣ। ସେଠାର ପାଣି ବ୍ୟବହାର ଉପଯୋଗୀ ନୁହେଁ। ଉଭୟ ବନ୍ଧକୁ ସଂଯୋଗ କରୁଥିବା ରାସ୍ତା ହୋଇଛି ହେଲେ ଏ ଅପରିଷ୍କାର ପରିବେଶକୁ କେହି ଆସୁନାହାନ୍ତି, ତେଣୁ ଏବେ ପୁଣି କାମ କରିବା ପୂର୍ବରୁ ଆଗରୁ ହୋଇଥିବା କାମର ତଦନ୍ତ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ନଟବର ଗରାଡଙ୍କୁ ପଚାରିବାରୁ ଉଭୟ ପୋଖରୀ ଆଗାମୀ ଦିନରେ ପୁଣି ନୂଆ ଯୋଜନାରେ ସୌନ୍ଦର୍ଯ୍ୟକରଣ ହେବ।

## ରାଷ୍ଟ୍ରୀୟ ପୋଷଣ ପକ୍ଷ ଉଦ୍‌ଯାପିତ

ଶେରଗଡ଼,୫।୪(ଡି.ଏନ୍.ଏ.)

ଶେରଗଡ଼ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ପକ୍ଷରୁ ପ୍ରକଳ୍ପସ୍ତରୀୟ ରାଷ୍ଟ୍ରୀୟ ପୋଷଣ ପକ୍ଷ ଉଦଯାପିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସିଡିପିଓ ଗୀତାରାଣୀ ରାଉଳ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ନାୟକ, ବିଡିଓ ଶିବାଶିଶ ବରାଳ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ବସନ୍ତ କୁମାର ଦାଶ, ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ସେନାପତି ଯୋଗଦେଇ ପୋଷଣ କାର୍ଯ୍ୟକ୍ରମରେ ସମସ୍ତ କର୍ମୀ ବ୍ୟାପକ ସଚେତନ କରିବା ସହ ଗର୍ଭବତୀ ମହିଳାମାନଙ୍କୁ ଉପଯୁକ୍ତ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦାନ କରିବାକୁ କୁହାଯାଇଛି। ଗତ ୨୦ ମାର୍ଚ୍ଚ ଠାରୁ ଆଜି ପର୍ଯ୍ୟନ୍ତ ଅଙ୍ଗନବାଡି କେନ୍ଦ୍ରମାନଙ୍କରେ ପୋଷଣ କାର୍ଯ୍ୟକ୍ରମ ପାଳନ କରି ପ୍ରତିଯୋଗିତା ମାନ ଆୟୋଜନ କରାଯାଇ ଚୟନ କରାଯାଇଥିବା କୁନି ଶିଶୁଙ୍କୁ ପୁରସ୍କାର ସହ ମାନପତ୍ର ଦିଆଯାଇ ଥିଲା। ନିଜ ଅଙ୍ଗନବାଡି କେନ୍ଦ୍ରରେ ଭଲ କାମ କରିବା ସହ ଉତ୍ତମ ସେବା ଯୋଗାଇଥିବା ଦୁଇଜଣ କର୍ମୀ ଓ ଜଣେ ସହାୟିକାଙ୍କୁ ସମ୍ମାନିତ କରାଯାଇଥିଲା।

## ପଞ୍ଚୁଦଣ୍ଡ ମିଳନ

ପୋଲସରା(ଡି.ଏନ.ଏ.)୫।୪

ପୋଲସରା ବ୍ଲକ ଅଧୀନ ଲକ୍ଷ୍ମଣପଲ୍ଲୀଠାରେ ବୁଧବାର ପଞ୍ଚୁଦଣ୍ଡ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଞ୍ଚୁଦଣ୍ଡ ଯାତ୍ରାରେ ପୋଲସରା, ଯେମାଦେଇପୁର, ଷୋଡକ, ବିଲେଇଝୁରି, ଗୁଣ୍ଡୁପଡା ପ୍ରମୁଖ ଗ୍ରାମର ଦଣ୍ଡୁଆମାନେ ପ୍ରଥମେ ଗ୍ରାମରେ ପହଞ୍ଚି ସାହିକୁ ସାହି ଭ୍ରମଣ କରି ଉପସ୍ଥିତ ରହି ବିଧିବିଧାନ ପୂର୍ବକ ପୂଜାର୍ଚ୍ଚନା କରି ପୂର୍ବାହ୍ନରେ ଧୂଳିଦଣ୍ଡ ଖେଳି ପାଣି ଦଣ୍ଡ ଖେଳିଥିଲେ। ଉକ୍ତ ପଞ୍ଚୁ ଦଣ୍ଡ ଯାତ୍ରାମିଳନ କାର୍ଯ୍ୟକ୍ରମରେ ରାଜ୍ୟ ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ଯୋଗ ଦେଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଲକ୍ଷ୍ମଣପଲ୍ଲୀ ଗ୍ରାମବାସୀଙ୍କ ପକ୍ଷରୁ ବ୍ୟାପକ ସହଯୋଗରେ ଏହା ଅନୁଷ୍ଠିତ ହୋଇଥିଲା।

# ପାରଳାର ଗଣପର୍ବ ଗଜାମୁହାଁ

ପାରଳାଖେମୁଣ୍ଡି,୫।୪(ଡି.ଏନ୍.ଏ.)

ବାରମାସରେ ତେର ପରବ ବୋଲି କୁହାଯାଉଥିବା ଆମ ରାଜ୍ୟର ପ୍ରେତ୍ୟକ କୋଣ ଅନୁକୋଣରେ କିଛି ନା କିଛି ସ୍ଥାନୀୟ ପୂଜାପର୍ବ ପାଳନ କରାଯାଏ। ଆଉ ଏସବୁ ପୂଜାପର୍ବର ସ୍ଥାନୀୟ ବିଶେଷତଃ ଅଲଗା। ଏହିପରି ଏକ ନିଆରା ପର୍ବ ହେଉଛି ପରଳାଖେମୁଣ୍ଡିର ଗଣପର୍ବ ଗଜାମୁହାଁ। ଏଥିପାଇଁ ଚୈତ୍ରମାସର ପ୍ରତି ମଙ୍ଗଳବାରରେ ଏଠାକାର ପ୍ରେତ୍ୟକ ଗଳି କନ୍ଦି ଉତ୍ସବମୁଖର ହୁଏ । ସାହି ସାହିରେ ବାହାରେ ଗଜାମୁହାଁ। ବସନ୍ତର ମଳୟ ସାଙ୍ଗକୁ ଶଙ୍ଖ, ହୁଳହୁଳି, ଧ୍ୱନି ଲୋକଙ୍କ ମନରେ ଭରିଦିଏ ଏକ ଅଲଗା ଉନ୍ମୋଦନା। ବାହାରେ ରହୁଥିବା ପାରଳା ବାସିନ୍ଦାମାନେ ମଧ ଏହି ପର୍ବରେ ବହୁ ସଂଖ୍ୟାରେ ଆସି ସାମିଲ ହୋଇଥାନ୍ତି। ଶତାଧିକ କାଳରୁ ପାଳିତ ହୋଇଆସୁଥିବା ଏହି ପର୍ବରେ ଗୁଡ଼ ପାଗ ହୋଇଥିବା ଲିଆର ଏକ ବିରାଟ ମୁହାଁରେ ମା'ଙ୍କ ପ୍ରତିମାକୁ ସ୍ଥାପନ କରି ପୂଜା କରାଯାଏ। ଭକ୍ତମାନେ ଏହି ପ୍ରତିମାକୁ ଧରି ନାଚି ନାଚି ବୁଲନ୍ତି। ପ୍ରେତ୍ୟକ ଘର ଦାଣ୍ଡରେ ଗୃହିଣୀମାନେ ହଳଦି ପାଣିରେ ମୁହାଁଧାରୀଙ୍କ ଗୋଡ଼ ଧୋଇ ମା'ଙ୍କ ପୂଜାର୍ଚ୍ଚନା କରନ୍ତି।

ନଅଙ୍କ ଦୁର୍ଭିକ୍ଷ ସମୟରେ ମହାମାରୀ ଓ ଖାଦ୍ୟ ଅଭାବରୁ ତ୍ରାହି ପାଇବାପାଇଁ ଲୋକମାନେ ମା' କଦମ୍ବଖଣ୍ଡିଙ୍କ ଶରଣ ପସିବାରୁ ସେ ଏପରି ପୂଜା କରିବାକୁ ସପ୍ନାଦେଶ ଦେଇଥିଲେ। ଆଦେଶ ଅନୁଯାୟୀ କଟିକା ସାହିରେ ପ୍ରଥମେ ଆରମ୍ଭ କରାଯାଇ ମା'ଙ୍କୁ ଶୀତଳ ପଣା ଦିଆଯାଇଥିଲା। ପରେ ଏହି ପୂଜା ପାଳନ କରାଗଲା। ପାରଳାଖେମୁଣ୍ଡିରୁ ବାହାରିଥିବା ଏହି ପର୍ବ ବର୍ତ୍ତମାନ ଜୟପୁର, ଗୁଣୁପୁର, ବ୍ରହ୍ମପୁର ଆଦି ବିଭିନ୍ନ ସ୍ଥାନ ବ୍ୟାପି ଯାଇଛି । ତଥାପି ପାରଳା ଗଜାମୁହାଁର ସ୍ଥାନ ସ୍ୱତନ୍ତ୍ର।



ମୁହାଁରେ ତିଆରି କରାଯାଇଥିବା ମା'ଙ୍କ ପ୍ରତିମା।

## ହିତାଧିକାରୀଙ୍କୁ ଭତ୍ତା ମିଳୁନଥିବା ଅଭିଯୋଗ

ପୋଲସରା,୫।୪:

ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ୫ ନମ୍ବର୍ ୱାର୍ଡ ବାଲିଘାଇ ଗ୍ରାମର ୪୦ରୁ ଉର୍ଦ୍ଧ୍ୱ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ବାଲିଘାଇ ଗ୍ରାମର ସସ୍ମିତା ବିଷୋୟୀ, ଦୁଃଖୀ ପ୍ରଧାନ, କେଶରୀ ପୋଲେଇ, ନାରାୟଣ ପ୍ରଧାନ, ଅର୍ନ୍ତଜ୍ଜାମି ପ୍ରଧାନ, ମଞ୍ଜୁ ଜେନା, ସଜନୀ ଜେନା, ଜ୍ଜୁଗତା ଜେନା, ରଞ୍ଜିତା ରାଉତ, ପ୍ରଫୁଲ୍ଲ ଜେନା, ସନ୍ତୋଷ ଭଞ୍ଜ, ଶଶି ରାଉତ, କୁନି ରାଉତ, ଶାନ୍ତିଲତା ସ୍ୱାଇଁ, ମଞ୍ଜୁଳା ସ୍ୱାଇଁ, ମୋହନ ସ୍ୱାଇଁ, କୁମାରୀ ଭଞ୍ଜ, ସୁଦୁରୁ ସ୍ୱାଇଁ ଅଭିଯୋଗ କରିଛନ୍ତି । ପୋଲସରା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ୧୯ ୱାର୍ଡରେ ଅନେକ ହିତାଧିକାରୀ ୪ ମାସ ହେବ ବାର୍ଦ୍ଧକ୍ୟ ଭତ୍ତା ପାଇବାରୁ ନାହାନ୍ତି। ପଞ୍ଚାୟତରେ ୧୩,୪୩୮ ଜଣ ସରକାରଙ୍କ ପକ୍ଷରୁ ଭତ୍ତା ପାଉଥିବା ବେଳେ ଶତାଧିକ ବଞ୍ଚିତ ଅଛନ୍ତି। ଏ ସମ୍ପର୍କରେ ପୋଲସରା ବିଡିଓ କୈଳାସ ଚନ୍ଦ୍ର ମୁର୍ମୁ ଓ ଏନ୍ଏସି ସିଓ ଅଂଶୁମେଳି ସାହୁଙ୍କୁ ଯୋଗାଯୋଗ କରିବାରୁ କୌଣସି ଉତ୍ତର ମିଳି ପାରିନାହିଁ।

# ପୋଷଣ ପକ୍ଷ ପାଳିତ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ଆସିକା,୫।୪(ଡି.ଏନ.ଏ)

ଆସିକା ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ବୁଧବାର ଦିନ ବ୍ଲକ ସଭା ଗୃହରେ ପଞ୍ଚମ ରାଷ୍ଟ୍ରୀୟ ପୋଷଣ ପକ୍ଷ ପାଳିତ ହୋଇଥିଲା। ସିଡିପିଓ ଭାରତୀ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ, ମେଡିକାଲ ଅଫିସର, ପୋଷଣ ସଂଯୋଜକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଶିଶୁର ସୁନ୍ଦର ସ୍ୱାସ୍ଥ୍ୟ ଓ ରୋଗମୁକ୍ତ ରଖିବା ପାଇଁ ସେମାନଙ୍କ ଲାଗି ଉତ୍ତମ ଖାଦ୍ୟ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଶେଷ କରି ମାଣ୍ଡିଆ ଜାତୀୟ ଖାଦ୍ୟର ବ୍ୟବହାର ସମ୍ପର୍କରେ ଆଲୋଚନା ହୋଇଥିଲା। ଏତଦ ଅବସରରେ କିଶୋରୀ ବାଳିକା, ସୁନ୍ଦର ଶିଶୁ ସ୍ୱାସ୍ଥ୍ୟ ପ୍ରତିଯୋଗିତା ଓ ସକ୍ଷମ ଅଙ୍ଗନବାଡି କେନ୍ଦ୍ର ପରିଚାଳନାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗିଙ୍କୁ ସମ୍ମାନିତ କରାଯାଇଥିଲା।

# ମା' ଦଣ୍ଡକାଳୀଙ୍କ ପଞ୍ଚୁଦଣ୍ଡ ମିଳନ ଯାତ୍ରା ଉଦ୍‌ଯାପିତ



ଯାତ୍ରାସ୍ଥଳରେ ମାଁ ଦଣ୍ଡକାଳୀଙ୍କ ପୂଜାର୍ଚ୍ଚନା ।

ଦିଗପହଣ୍ଡି,୫।୪(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ଫାସିଗୁଡ଼ା ଗାଁରେ ମାଁ ଦଣ୍ଡକାଳୀଙ୍କ ପଞ୍ଚୁଦଣ୍ଡ ମହାମିଳନ ପୂଜା ମହୋତ୍ସବ ଉଦ୍‌ଯାପତ ହୋଇଯାଇଛି। ଫାସିଗୁଡା ଗ୍ରାମବାସୀଙ୍କ ସମ୍ମିଳିତ ସହଯୋଗରେ ପୁରୁଷୋତ୍ତମପୁର, କୋଳିଦାସପୁର, କବିସୂର୍ଯ୍ୟନଗର, ମୋରାବାଇ, ବାବନପୁର ଆଦି ଗ୍ରାମର ସମୁଦାୟ ୫ ଟି ଦଣ୍ଡଯାତ୍ରା ଦଳ ଏଥିରେ ଭାଗ ନେଇଥିଲେ। ଏହି ପଞ୍ଚୁ ଦଣ୍ଡନାଚ ଦେଖିବା ପାଇଁ ଆଖପାଖ ଗ୍ରାମାଞ୍ଚଳର ସହସ୍ରାଧିକ ଲୋକଙ୍କ ସମାଗମ ହୋଇଥିଲା। ସେହିପରି ପଞ୍ଚୁ ଦଣ୍ଡ ଯାତ୍ରାରେ ମା'ଙ୍କ ସାନ୍ଧ୍ୟ ଆଳତି ସମୟରେ ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀ ବିଧାୟକ ରମେଶ ଚନ୍ଦ୍ର ଜେନା, ଦିଗପହଣ୍ଡି ଏନ୍ଏସି ଅଧକ୍ଷ ପ୍ରଫୁଲ୍ଲ ପଣ୍ଡା, ଛାତ୍ର କଂଗ୍ରେସ ଗଞ୍ଜାମ ଜିଲା ସଭାପତି ବିକାଶ ପଶୁପାଳକ, ଜିଲା କଂଗ୍ରେସ ସମ୍ପାଦକ କେ .କୁନା, କାଉନସିଲର ତଥା ଦିଗପହଣ୍ଡି ନଗର କଂଗ୍ରେସ ସଭାପତି ଦୀପକ କୁମାର ମିଶ୍ର, ପୂର୍ବତନ ସରପଞ୍ଚ କେ .ହରିବନ୍ଧୁ ରେଡ୍ଡୀ, ଉଷାନ୍ତ ସାହୁ, ଅସିତ ସାହୁ, ପିତାମ୍ବର ଗୌଡ, ସରପଞ୍ଚ ପ୍ରତିନିଧି ଦେବହରି ଗୌଡ଼, ଦିଗପହଣ୍ଡି ବ୍ଲକ ଉପାଧକ୍ଷା ସୁକାନ୍ତି ପ୍ରଧାନ, ଫାସିଗୁଡ଼ା ପଞ୍ଚାୟତ ସରପଞ୍ଚ ଗୌରୀ କୁମାରୀ ବିଷୋୟୀ, ସାମାଜିକ କର୍ମୀ ରଞ୍ଜନ ପାଣିଗ୍ରାହୀଙ୍କ ସମେତ ବହୁ ସଂଖ୍ୟକ ସରପଞ୍ଚ, ସମିତି ସଭ୍ୟ ପଞ୍ଚୁ ଦଣ୍ଡ ଯାତ୍ରା ସ୍ଥଳରେ ପହଞ୍ଚି ମା'ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ସେହିପରି ମଧରାତ୍ରରେ ୫ଟି ଦଣ୍ଡଯାତ୍ରା ଦଳ ପକ୍ଷରୁ ଗ୍ରାମର ଭିନ୍ନ ଭିନ୍ନ ସାହିରେ ସାମାଜିକ ନାଟକ ପରିବେଷଣ କରାଯାଇଥିଲା।

# ଭାଜପା ଜିଲା ଅନୁସୂଚିତ ଜାତି ମୋର୍ଚ୍ଚା କାର୍ଯ୍ୟକାରିଣୀ ବୈଠକ

ଛତ୍ରପୁର, ୫।୪(ଡି.ଏନ.ଏ.)

ସ୍ଥାନୀୟ ଶିବ କୁମାର ପଟ୍ଟନାୟକ ରିଡିଙ୍ଗ ରୁମ୍ ପରିସରରେ ଭାରତୀୟ ଜନତା ପାର୍ଟିର ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା କାର୍ଯ୍ୟକାରୀ ବୈଠକ ସଭାପତି ତଥା ଛତ୍ରପୁର ନିର୍ବାଚନ ମଣ୍ଡଳୀର ଯୁବ ନେତା ପ୍ରଶାନ୍ତ କୁମାର କରଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ତଥା ପୂର୍ବତନ ଏମ୍‌ପି ବିଭୁ ପ୍ରସାଦ ତରାଇ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି ନେତା ଓ କର୍ମୀଙ୍କୁ ବିଭିନ୍ନ ଗୁରୁମନ୍ତ୍ର ଦେଇଛନ୍ତି। ଜିଲାରେ ଥିବା ଅନୁସୂଚିତ ଜାତି ମୋର୍ଚ୍ଚାର ଅଧିକରୁ ଅଧିକ ଜନସାଧାରଣ ଭାରତୀୟ ଜନତା ପାର୍ଟିରେ ଯେପରି ସାମିଲ ହେବେ ସେଥିଲାଗି ଦଳୀୟ କର୍ମକର୍ତ୍ତାମାନେ କାର୍ଯ୍ୟ କରିବା ନିମନ୍ତେ କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନୁସୂଚିତ ଜାତି ମୋର୍ଚ୍ଚା ଲୋକଙ୍କ ନିମନ୍ତେ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନାଗୁଡିକ କରିଛନ୍ତି, ସେଥିରେ ବହୁ ଦଳିତ ଲୋକମାନେ ଅଧିକ ଲାଭବାନ ହୋଇଛନ୍ତି । ଏହି ବାର୍ତ୍ତା ଲୋକଙ୍କ ନିକଟରେ କିପରି ପହଞ୍ଚିବ ସେଥି ନିମନ୍ତେ ସେ ପରାମର୍ଶ ଦେଇଥିଲେ। ଏଥିରେ ଭାରତୀୟ ଜନତା ପାର୍ଟିର ଗଞ୍ଜାମ ଜିଲା ସଭାପତି ବିଭୂତି ଭୂଷଣ ଜେନା, ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ରାଘବ ମଲ୍ଲିକ, ରାଜ୍ୟ ସମ୍ପାଦକ କୃଷ୍ଣ ଚନ୍ଦ୍ର ନାୟକ ଓ କୀର୍ତ୍ତନ ଦାସ, ଏନ୍ଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ, ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସଦସ୍ୟ ବିଜୟଲକ୍ଷ୍ମୀ ବାଳା, ଭାଜପା ଜିଲା ସମ୍ପାଦକ ଭୀମସେନ ବେହେରା, ସାଧାରଣ ସମ୍ପାଦକ ଗଙ୍ଗାଧର ଶତପଥୀ, ଓବିସି ମୋର୍ଚ୍ଚା ଜିଲା ସଭାପତି ବି. ଶଙ୍କର ରେଡ୍ଡୀ, ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ସରୋଜ ଦାଶ, ସୁମନ୍ତ ଦାଶ ଓ ଭାଜପା ଛତ୍ରପୁର ମଣ୍ଡଳ ସଭାପତି ସଞ୍ଜିତ କୁମାର ରାଉଳ ପ୍ରମୁଖ ଯୋଗଦେଇଥିଲେ।



ବୈଠକରେ ଭାଜପା ନେତୃମଣ୍ଡଳୀ ।

# ସମୁଦ୍ରରେ ହ୍ରାସ ପାଉଛି ମତ୍ସ୍ୟ ସମ୍ପଦ

- ଏବେଠାରୁ ୯୦ ପ୍ରତିଶତ ବୋଟ ବନ୍ଦ ହୋଇଗଲାଣି
- ଏପ୍ରିଲ ୧୫ରୁ ଜୁନ ୧୪ ପର୍ଯ୍ୟନ୍ତ ୨ ମାସ ସାମୁଦ୍ରିକ କଟକଣା
- ଦେଶର ପୂର୍ବ, ପଶ୍ଚିମ ଉପକୂଳରେ କଟକଣା ପାଇଁ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ


ପାରାଦୀପ ମାଛଧରା ବନ୍ଦରରେ ଲାଗିଥିବା ଟ୍ରଲର।

ପାରାଦୀପ,୫।୪(ସ୍ୱ.ପ୍ର.)

ଅଣସଙ୍ଗଠିତ କ୍ଷେତ୍ରରେ ସର୍ବାଧିକ ରୋଜଗାର ମାଧ୍ୟମ ଥିବା ମତ୍ସ୍ୟ ଶିଳ୍ପ ଏବେ ବିପଦରେ। କାରଣ ସମୁଦ୍ରରେ ଏବେ ମାଛ ବଂଶ ଲୋପ ପାଇବାରେ ଲାଗିଛି। ଯେଉଁଥିପାଇଁ ସମୁଦ୍ରରେ ମାଛଧରି ପେଟ ପୋଷୁଥିବା ମତ୍ସ୍ୟଜୀବୀ ରୋଜଗାର ବିହୀନ ହେବାରେ ଲାଗିଛନ୍ତି। ଏପରିକି ଅନେକ ମାଛଧରା ବୋଟ୍ ଆଉ ସମୁଦ୍ରକୁ ଯାଉନାହିଁ। କେତେଗୋଟି ମାଛଧରା ବନ୍ଦର ପୋତାଶ୍ରୟରେ ଓ ଆଉ କେତେକ ବୋଟ୍ ଡ୍ରାଏଡକ୍ (ବୋଟ ମରାମତି ହେଉଥିବା ସ୍ଥାନ)ରେ ଅଛି। ପାରାଦୀପ ମାଛଧରା ବନ୍ଦର ପରିସରରେ ଥିବା ୫୫୯ଟି ଚଳନକ୍ଷମ ବୋଟ ମଧ୍ୟରୁ ଏବେ ମାତ୍ର ୧୦ ପ୍ରତିଶତ ବୋଟ୍ ସମୁଦ୍ରରେ ମାଛ ଧରିବା ପାଇଁ ଯାଉଛନ୍ତି ବୋଲି ଓମ୍ପା (ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ)ର ସମ୍ପାଦକ ଅରବିନ୍ଦ ସ୍ୱାଇଁ କହିଛନ୍ତି। ଆସନ୍ତା ୧୫ ତାରିଖରୁ ସରକାରଙ୍କ ନିର୍ଦ୍ଦେଶ ମୁତାବକ ସମସ୍ତ ବୋଟ୍ ୨ମାସ ବନ୍ଦ ରହିବ ବୋଲି ସେ କହିଛନ୍ତି। ଧାର୍ଯ୍ୟ ସମୟ ପୂର୍ବରୁ ବୋଟ୍ ସମୁଦ୍ରକୁ ମାଛ ଧରିବା ପାଇଁ ଯାଉ ନ ଥିବା ପ୍ରସଙ୍ଗରେ ସେ କୁହନ୍ତି, ବର୍ତ୍ତମାନ ପୂର୍ବ ପରି ମାଛ ଉତ୍ପାଦନ ହେଉନାହିଁ। ତେଲ ଦର ବଢ଼ିଛି। ଯେତିକି ଖର୍ଚ୍ଚ ହେବ ସେହି ପରିମାଣରେ ମାଛ ଉତ୍ପାଦନ ନ ହେଲେ ମାଲିକମାନଙ୍କର ବିପୁଳ କ୍ଷତି ହେଉଛି। ସେଥିପାଇଁ ମାଲିକମାନେ ଆପଣାଛାଏଁ ବୋଟ୍ ବନ୍ଦ କରିଦେଲେଣି। ଦକ୍ଷିଣା ପବନ ଯୋଗୁ ମାଛ ଗଭୀର ଜଳକୁ ପଳାଇଛନ୍ତି ବୋଲି ସାମୁଦ୍ରିକ ମତ୍ସ୍ୟଜୀବୀ ଟି. ବି. ରାମଣା କୁହନ୍ତି।

ଏକଦା ମତ୍ସ୍ୟଜୀବୀ ସମୁଦ୍ରରେ ୧୨ମାସ ମାଛ ଧରୁଥିଲେ। ଜଳବାୟୁ ପରିବର୍ତ୍ତନ, ଶିଳ୍ପାୟନ, ବର୍ଦ୍ଧିତ ପ୍ରଦୂଷଣ ଯୋଗୁ ଅନେକ ମାଛବଂଶ ଲୋପ ପାଇଲାଣି ବୋଲି କୁହନ୍ତି ପରିବେଶବିତ୍ ଇଂ. ଅମରେଶ ନରେଶ ସାମନ୍ତ। ଅନ୍ୟତମ ପ୍ରମୁଖ କାରଣ ହେଲା ମତ୍ସ୍ୟଜୀବୀମାନେ ଅଧିକ ମାଛ ଧରିବା ପାଇଁ ବିଭିନ୍ନ କୌଶଳ ଯଥା ରିଂ ଜାଲ, ଫାଶୀ ଜାଲ ବ୍ୟବହାର କରୁଛନ୍ତି। ଯାହାଦ୍ୱାରା ମା’ ମାଛ ସହ ଯାଆଁଳ ମଧ୍ୟ ନଷ୍ଟ ହୋଇଯାଉଛନ୍ତି। ଲୋପ ବା ହ୍ରାସ ମାଛ ମଧ୍ୟରେ ଇଲିଶ, ତେଲିଆ ବୋରେଇ, ଟୁନା, କାଉ, କେତେକ ପ୍ରଜାତିର ଚିଙ୍ଗୁଡ଼ି ଆଦି ଅନ୍ତର୍ଭୁକ୍ତ। ନଦୀ ମୁହାଣଗୁଡ଼ିକ ଏବେ ଅଧିକ ଚଳଚଞ୍ଚଳ। ଯେଉଁଥିପାଇଁ ମାଛ ପ୍ରଜନନ, ଅଣ୍ଡାଦାନ ଭଳି ଜୀବନଚକ୍ର ଠିକ୍ ଭାବେ କରି ପାରୁନାହାନ୍ତି ବୋଲି କ୍ଷାରଜଳ ପ୍ରଶିକ୍ଷଣ କେନ୍ଦ୍ର ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସେଠୀ କୁହନ୍ତି। ପାରାଦୀପ ମାଛଧରା ବନ୍ଦର ଉପରେ ପ୍ରତ୍ୟକ୍ଷ ପରୋକ୍ଷ ଭାବେ ୫୦ ହଜାର ଲୋକ ନିର୍ଭରଶୀଳ ବୋଲି ଓମ୍ପା ସଭାପତି ଶ୍ରୀକାନ୍ତ ପରିଡା କୁହନ୍ତି। ଓଡ଼ିଶାର କୌଣସି ଶିଳ୍ପ ଏତେ ଲୋକଙ୍କୁ ରୋଜଗାର ଦେଇ ନାହାନ୍ତି। ଏହି ମତ୍ସ୍ୟ ଶିଳ୍ପର ଭବିଷ୍ୟତ ପାଇଁ ସରକାର କେତେକ ପଦକ୍ଷେପ ନେବା ନିହାତି ଜରୁରୀ। ଡିଜେଲ ରିହାତି, ଶୀତଳଭଣ୍ଡାର, କଟକଣା ସମୟରେ ମତ୍ସ୍ୟଜୀବୀଙ୍କ ପାଇଁ ସ୍ୱତନ୍ତ୍ର ରିହାତି ଦରକାର। କାରଣ ଏଥିରୁ ବୈଦେଶିକ ପୁଞ୍ଜି ସରକାର ପାଉଛନ୍ତି। ୨୦୨୨-୨୩ରେ କେବଳ ପାରାଦୀପ ମାଛଧରାବନ୍ଦରରୁ ୨୦୦୬୦୨ ମେଟ୍ରିକ୍ ଟନ୍ ମାଛ ବିଦେଶକୁ ରପ୍ତାନି ହୋଇଥିବା ସେ କୁହନ୍ତି।

ଅପରପକ୍ଷେ ଗତ ମାର୍ଚ୍ଚ ୩୦ରେ ଭାରତ ସରକାରଙ୍କ ମତ୍ସ୍ୟ, ପଶୁପାଳନ ଓ ଡାଏରି ମନ୍ତ୍ରଣାଳୟ ଡେପୁଟି କମିଶନର ସଞ୍ଜୟ ପାଣ୍ଡେ ଏକ ସର୍କୁଲାର (ଚିଠି ନଂ. ୩୦୦୩୫) ସମଗ୍ର ଦେଶପାଇଁ ଜାରି କରିଛନ୍ତି। ଏଥିରେ ଦର୍ଶାଯାଇଛି, ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ମତେ ପୂର୍ବ ଭାରତର ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ରପ୍ରଦେଶ, ପୁଡୁଚେରି, ଆଣ୍ଡାମାନ ନିକୋବର ସମୁଦ୍ର ଉପକୂଳରେ ଏପ୍ରିଲ ୧୫ରୁ ଜୁନ ୧୪ ପର୍ଯ୍ୟନ୍ତ ୬୧ ଦିନ ସାମୁଦ୍ରିକ କଟକଣା ଲାଗୁ ହେବ। ସେହିପରି ପଶ୍ଚିମ ଭାରତର ଗୁଜରାଟ, ଡାମନ ଡିୟୁ, କର୍ଣ୍ଣାଟକ, ଗୋଆ, ମହାରାଷ୍ଟ୍ର, କେରଳ, ତାମିଲନାଡୁ ଓ ଲାକ୍ଷାଦ୍ୱୀପ ଉପକୂଳ ପାଇଁ ଜୁନ ୧ରୁ ଜୁଲାଇ ୩୧ ପର୍ଯ୍ୟନ୍ତ ୬୧ଦିନ କଟକଣା ଜାରି କରାଯିବ। ମାଛବଂଶ ବୃଦ୍ଧି ପାଇଁ ଏହି କଟକଣା ଲାଗୁ ହୋଇଥିବା ଦର୍ଶାଯାଇଛି।

# ଏନ୍ଏମ୍ଏମ୍ଏସ୍ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ

## ଏମ୍‌ଜିଏନ୍ଆରଇଜିଏସ୍‌ରେ କାର୍ଯ୍ୟର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ

ନାଉଗାଁ,୫।୪(ସ୍ୱ.ପ୍ର)


ଶ୍ରମିକମାନେ ଏକ ପ୍ରକଳ୍ପର କାମ କରୁଛନ୍ତି।


ପୋଖରୀ ଖନନ ସୂଚନାଫଳକ ଲାଗିଛି।

ଭାରତ ସରକାରଙ୍କର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍ଆର୍‌ଇଜିଏସ୍) ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା। ଏହାର ସଫଳ ରୂପାୟନ କରାଯିବା ସହ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ କେନ୍ଦ୍ର ସରକାରଙ୍କ ଏମ୍‌ଜିଏନ୍ଆର୍‌ଇଜିଏସ୍ ପକ୍ଷରୁ ୨୦୨୨ ମେ ୧୩ରେ ପ୍ରତ୍ୟେକ ରାଜ୍ୟ କମିଶନରଙ୍କ ନିକଟକୁ ନ୍ୟାଶନାଲ ମୋବାଇଲ ମନିଟରିଂ ସିଷ୍ଟମ (ଏନ୍ଏମ୍ଏମ୍ଏସ୍) ଆପକୁ ବାଧ୍ୟତାମୂଳକ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଆପ ମାଧ୍ୟମରେ କାର୍ଯ୍ୟ କରାଗଲେ ଏମ୍‌ଜିଏନ୍ଆରଇଜିଏସ୍‌ର ସଫଳ ରୂପାୟନ ହେବା ସହ ଗ୍ରାମାଞ୍ଚଳର ଲୋକମାନେ ଠିକ୍ ଭାବେ ଶ୍ରମ ପାଇପାରିବେ। କିନ୍ତୁ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକରେ ଉକ୍ତ ଆପକୁ ଠିକ୍ ଭାବେ ପରିଚାଳନା କରାଯାଉ ନ ଥିବା ଅଭିଯୋଗ ହେଉଛି।

ଏନ୍ଏମ୍ଏମ୍ଏସ୍ ଆପ ମାଧ୍ୟମରେ କାର୍ଯ୍ୟ କରିବା ପାଇଁ ସମସ୍ତ ଜିଆରଏସ୍‌ମାନଙ୍କୁ ଏକ ମୋବାଇଲ ଯୋଗାଇ ଦିଆଯାଇଛି। ଏହି ମୋବାଇଲରେ ଉକ୍ତ ଆପକୁ ଲୋଡ କରାଯାଇଛି। ଏହି ଆପ ମାଧ୍ୟମରେ ଏମ୍‌ଜିଏନ୍ଆରଇଜିଏସ୍‌ରେ କାର୍ଯ୍ୟ କରାଯାଉଥିବା ପ୍ରକଳ୍ପଗୁଡ଼ିକର ଫଟୋ ଅପଲୋଡ କରାଯିବ। ନିୟମାନୁସାରେ ଶ୍ରମିକମାନେ ପ୍ରକଳ୍ପ ନିର୍ମାଣ କରୁଥିବା ସମୟରେ ଅର୍ଥାତ ପୂର୍ବାହ୍ନ ସମୟରେ ଶ୍ରମିକମାନଙ୍କ ସହ ଉକ୍ତ ପ୍ରକଳ୍ପର ଏକ ଫଟୋ ଉତ୍ତୋଳନ କରାଯିବ। ସେହିପରି ଉକ୍ତ ଦିନ ଅପରାହ୍ନରେ ସେହି ପ୍ରକଳ୍ପରେ ପୁନର୍ବାର ଫଟୋ ଉତ୍ତୋଳନ କରାଯିବ। ଦିନରେ ୨ଟି ଫଟୋ ଉତ୍ତୋଳନ କରାଯାଇ ଜିଓ ଟ୍ୟାଗ କରାଯିବ। ଯେଉଁ ପ୍ରକଳ୍ପରେ ୨୦ରୁ ଊର୍ଦ୍ଧ୍ୱ ଶ୍ରମିକ କାର୍ଯ୍ୟ କରୁଥିବେ। ଫଳରେ ଉକ୍ତ ଯୋଜନାରେ ପ୍ରକୃତରେ ଶ୍ରମିକ କାମ କରୁଛନ୍ତି କି ମେଶିନ ମାଧ୍ୟମରେ ହେଉଛି ତାହା ଜଣାପଡ଼ିବ। କିନ୍ତୁ ନାଉଗାଁ ବ୍ଲକରେ ଠିକ୍ ଭାବେ ଉକ୍ତ ଆପର ବ୍ୟବହାର କରାଯାଉନାହିଁ। ପ୍ରକଳ୍ପ ନିର୍ମାଣ ହେବା ପୂର୍ବରୁ ଫଟୋ ଉଠାଇବା ଦୂରର କଥା ବିନା ଏଷ୍ଟିମେଣ୍ଟରେ ପ୍ରକଳ୍ପ ନିର୍ମାଣ କରାଯାଉଛି। ମେଶିନ ମାଧ୍ୟମରେ କାମ କରାଯାଇ ପରବର୍ତ୍ତୀ ସମୟରେ ସ୍ଥାନୀୟ ଲୋକଙ୍କୁ ଠିଆ କରାଯାଇ ଫଟୋ ଉତ୍ତୋଳନ କରାଯାଉଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଯାହାକୁ ନେଇ ଏନ୍ଏମ୍ଏମ୍ଏସ୍‌ର କାମର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନ୍ଏମ୍ଏମ୍ଏସ୍‌ର ଠିକ୍ କାର୍ଯ୍ୟକାରୀ କରୁ ନ ଥିବା ବେଳେ ଏହାର ଫାଇଦା ଠିକାଦାର, ପ୍ରଶସାନିକ କର୍ମଚାରୀ, ଯନ୍ତ୍ରୀ ନେଉଥିବା ଜଣାଯାଇଛି। ଏ ସଂକ୍ରାନ୍ତରେ ବିଡିଓ ରଶ୍ମିରେଖା ମଲ୍ଲିକଙ୍କୁ ପଚାରିବାରେ ଯେଉଁ ପ୍ରକଳ୍ପ ଗୁଡ଼ିକ ନିର୍ମାଣ କରାଯାଉଛି। ତାର ପୂର୍ବ ଓ ପରର ଜିଓ ଟ୍ୟାଗ୍ କରାଯାଉଛି ବୋଲି ସେ କହିଛନ୍ତି।

# ଆଜିଠୁ ଆନେକ୍ସ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଜଗତ୍‌ସିଂହପୁର ଅଫିସ, ୫।୪

ଜଗତ୍‌ସିଂହପୁର ଜିଲାର ଆନେକ୍ସ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ୪ ବର୍ଷ ପରେ ଗୁରୁବାରଠାରୁ ଆରମ୍ଭ ହେବ। ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ହିନ୍ଦୁସ୍ତାନ ସ୍ପୋର୍ଟିଂ ପକ୍ଷରୁ ଆୟୋଜିତ ଏହି ଦିବାରାତ୍ର ଟୁର୍ଣ୍ଣାମେଣ୍ଟକୁ ସନ୍ଧ୍ୟା ୬ଟାରେ ଅଗ୍ନିଶମ ଓ ଗୃହରକ୍ଷୀ ଡିଜି ସନ୍ତୋଷ କୁମାର ଉପାଧ୍ୟାୟ ଉଦ୍‌ଘାଟନ କରିବେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପ୍ରକାଶ ଆର୍, ଏସ୍‌ଭିଏମ୍ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିଚାଳନା ବୋର୍ଡ ସଭାପତି କମଳାକାନ୍ତ ମହାପାତ୍ର, ନାଇଜର ରେଜିଷ୍ଟ୍ରାର ଅଭୟ ନାୟକ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଜଗତ୍‌ସିଂହପୁର ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷ ଦେବୀଦତ୍ତ ମହାନ୍ତି, ଜଗତ୍‌ସିଂହପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ଜିଲା କ୍ରିକେଟ ଆସୋସିଏଶନ୍ ସମ୍ପାଦକ ଅନିଲ ବିଶ୍ୱାଳ ଯୋଗ ଦେବେ। ପ୍ରଥମ କ୍ୱାର୍ଟର ଫାଇନାଲ ଖେଳ କଟକର ସୋଲାର କ୍ରିକେଟ କ୍ଲବ ଓ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ହିନ୍ଦୁସ୍ତାନ ସ୍ପୋର୍ଟିଂର ଉପଦେଷ୍ଟା ଅମରେନ୍ଦ୍ର ଦାସ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଚିନୁ


@ ପ୍ରଶାନ୍ତ


@ ଦିୱାନ


@ ସୋମନାଥ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୩ୟ ଦିନରେ ଆୟକର ଚଢ଼ାଉ

## ଏକାଧିକ କ୍ରଶରରେ ଚାଲିଛି ଯାଞ୍ଚ


ଆୟକର ବିଭାଗ ପକ୍ଷରୁ ଏକ କ୍ରଶରରେ ଯାଞ୍ଚ ଚାଲିଛି।

ଧର୍ମଶାଳା/ଚଢ଼େଇଧରା, ୫।୪(ଡି.ଏନ.ଏ.):

କଳାପଥର କେଳେଙ୍କାରୀକୁ ନେଇ ଚର୍ଚ୍ଚାରେ ଥିବା ଧର୍ମଶାଳା ତହସିଲ ଅଞ୍ଚଳର ୫ କ୍ରଶର ଓ ଗୋଟିଏ ପେଟ୍ରୋଲ ପମ୍ପ ଉପରେ ୩ ଦିନ ଧରି ଚଢ଼ାଉ ଜାରି ରହିଛି। ଏହି କ୍ରଶର ମାଲିକଙ୍କ ବିଭିନ୍ନ ସ୍ଥାନରେ ଥିବା କାର୍ଯ୍ୟାଳୟଗୁଡ଼ିକରେ ଏକକାଳୀନ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଉଛି। ନୂତନ ଆର୍ଥିକ ବର୍ଷର ପ୍ରଥମ ସପ୍ତାହରେ ଏଭଳି ଚଢ଼ାଉ ଚର୍ଚ୍ଚାର ବିଷୟ ହୋଇଛି।

ରାହାଡ଼ପୁରରେ ଥିବା ପଞ୍ଜାବୀ କ୍ରଶର ଓ ଜେବିପିଏସ୍ କ୍ରଶର, ଅମିତ ଷ୍ଟୋନ କ୍ରଶର, ବଜରଙ୍ଗୀ ଷ୍ଟୋନ କ୍ରଶର, ବିଛାଖଣ୍ଡିର ଏସଏନ କ୍ରଶର ଉପରେ ଚଢ଼ାଉ ହୋଇଛି। ବିଭିନ୍ନ ସ୍ଥାନରେ କାଗଜପତ୍ର ଯାଞ୍ଚ ଜାରି ରହିଛି। ଆୟକର ଚଢ଼ାଉ ଖବର ପ୍ରଚାର ହେବା ପରେ ଅନ୍ୟ କେତେକ କ୍ରଶର କାର୍ଯ୍ୟାଳୟ ଖାଲି ହୋଇଯାଇଥିବାବେଳେ ପଥର ବ୍ୟବସାୟ ସ୍ୱାଭାବିକ ଚାଲିଥିବା ଦେଖିବାକୁ ମିଳିଛି। ଅଧିକାରୀମାନେ କର୍ମଚାରୀଙ୍କୁ ମାରାଥନ ପଚରାଉଚରା କରିବା ସହ ସମସ୍ତ ଖାତା ଓ କମ୍ପ୍ୟୁଟରକୁ ନିଜ ହେପାଜତକୁ ନେଇ ତଦନ୍ତ ଚଳାଇଛନ୍ତି। ଅଧିକାରୀମାନେ କ୍ରଶର ଗୁଡ଼ିକର କିଣାବିକା, ଆର୍ଥିକ କାରବାର ସମ୍ପର୍କିତ କାଗଜପତ୍ର ଜବତ କରିବାରେ ଲାଗିଛନ୍ତି। ଚଢ଼ାଉ ସମ୍ପର୍କରେ ଗଣମାଧ୍ୟମକୁ କୌଣସି ସୂଚନା ପ୍ରଦାନ କରାଯାଉନାହିଁ। କୌଣସି ବିଭାଗୀୟ ଅଧିକାରୀ କିଛି କହିବାକୁ ନାରାଜ। ଅନ୍ୟପକ୍ଷରେ ଏକାଧିକ କ୍ରଶର ଓ ଖାଦାନ ମାଲିକଙ୍କ ନାମରେ ତହସିଲ ପକ୍ଷରୁ ବିପୁଳ ଟଙ୍କା ଜରିମାନା କରାଯାଇଛି। ହେଲେ ଏହି ଅର୍ଥ ଆଦାୟରେ ପ୍ରଶାସନ ବିଫଳ ହୋଇଛି। ତେବେ ଚଢ଼ାଉ ପରେ ଅନୁମତିଠାରୁ ଶହେଗୁଣ ଅଧିକ ବେଆଇନ କଳାପଥର ଖନନ କାରବାର ତଥ୍ୟପଦାକୁ ଆସିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏହାବ୍ୟତୀତ ଟିକସ ଫାଙ୍କି ଚାଲିଥିବା ଏକାଧିକ କ୍ରଶର ମାଲିକ ଏବେ ସୁଦ୍ଧା ଆୟକର ବିଭାଗର ସ୍କାନରକୁ ଆସିନାହାନ୍ତି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି।

# ଆକର୍ଷଣର କେନ୍ଦ୍ରବିନ୍ଦୁ ଷ୍ଟାଣ୍ଡିଂ ନାଗା ବାବା

## ମା’ ବିରଜା ବିଶ୍ୱରୂପା ବିଶ୍ୱକଲ୍ୟାଣ ମହାଯଜ୍ଞ ଓ ରାଷ୍ଟ୍ରୀୟ ସନ୍ଥ ସମ୍ମିଳନୀର ଚତୁର୍ଥ ଦିବସ

ରସୁଲପୁର,୫।୪(ଡି.ଏନ.ଏ.):


ଯଜ୍ଞରେ ଯୋଗଦେଇଥିବା ଷ୍ଟାଣ୍ଡିଂ ନାଗା ବାବା।


ମା’ ବିଶ୍ୱରୂପାଙ୍କ ମୃଣ୍ମୟ ମୂର୍ତ୍ତି।

ରସୁଲପୁର ବ୍ଲକ ନଠୁଆବର ଓ ଶ୍ରୀବନ୍ତପୁର ପଞ୍ଚାୟତର ସୀମାନ୍ତବର୍ତ୍ତୀ ଅଞ୍ଚଳ କ୍ଷୀର ନଦୀପଠାରେ ଚାଲିଥିବା ମା’ ବିରଜା ବିଶ୍ୱରୂପା ବିଶ୍ୱକଲ୍ୟାଣ ମହାଯଜ୍ଞ ଓ ରାଷ୍ଟ୍ରୀୟ ସାଧୁସନ୍ଥ ସମ୍ମିଳନୀ ବୁଧବାର ୪ର୍ଥ ଦିବସରେ ପହଞ୍ଚିଛି। ସାଧୁସନ୍ଥନଙ୍କ ସାନିଧ୍ୟ ଗ୍ରହଣ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଯଜ୍ଞ ପଡ଼ିଆରେ ପ୍ରତିଷ୍ଠା କରାଯାଇଥିବା ସାଧୁସନ୍ଥ ଗ୍ରାମରେ ସାଧୁ ସନ୍ନ୍ୟାସୀ ଅବସ୍ଥାନ କରୁଛନ୍ତି। ଭକ୍ତ ସାଧୁସନ୍ନ୍ୟାସୀଙ୍କ ଚରଣ ସ୍ପର୍ଶ କରି ଆଶୀର୍ବାଦ ଲାଭ କରିବା ସହ ବିଭୂତି ମୁଣ୍ଡରେ ଲଗାଉଛନ୍ତି।

ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶତାଧିକ ସାଧୁମାନଙ୍କ ମଧ୍ୟରେ ଷ୍ଟାଣ୍ଡିଂ ନାଗା ବାବା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛନ୍ତି। ବାବା ବର୍ଷାଧିକ କାଳ କେବେ ବିଛଣାରେ ଶୟନ କରି ନାହାନ୍ତି। ସର୍ବଦା ବାବା ଛିଡା ହୋଇ ରହୁଛନ୍ତି। ରାତ୍ରୀ ସମୟରେ ବାବା ଠିଆ ହେବା ମୁଦ୍ରାରେ ଶୟନ କରିଥାଆନ୍ତି। ଏହି ବାବାଙ୍କ ସଂମ୍ପର୍କରେ ଜାଣିବା ପାଇଁ ଭକ୍ତଙ୍କ ମଧ୍ୟରେ ଇଚ୍ଛୁକତା ବଢି ଯାଉଛି। ଶ୍ରଦ୍ଧାଳୁ ବାବାଙ୍କଠାରୁ ଆଶୀର୍ବାଦ ଲାଭ କରୁଥିବା ଲକ୍ଷ୍ୟ କରାଯାଉଛି। ସାଧୁଙ୍କ ଗ୍ରାମରେ ଲୋକେ ଏକତ୍ରିତ ହୋଇ ଧର୍ମ ଆଲୋଚନା କରୁଛନ୍ତି। ସାଧ୍ୱୀମାନଙ୍କ ସହ ବାର୍ତ୍ତାଳାପ କରି ସଂସାରରୁ ମୋହମାୟା ବନ୍ଧନରୁ ମୁକୁଳିବାର ଉପାୟ ଲାଭ କରୁଛନ୍ତି।

ପଣ୍ଡିତଙ୍କ ମନ୍ତ୍ର ଧ୍ୱନୀରେ ଯଜ୍ଞସ୍ଥଳ ପ୍ରକମ୍ପିତ ହୋଇଉଠୁଛି। ପ୍ରତିଦିନ ଭଳି ବୁଧବାର ମା’ବିଶ୍ୱରୂପାଙ୍କ ନିକଟରେ ପାରମ୍ପାରିକ ପୂଜା କରାଯାଇ ଯଜ୍ଞ କାର୍ଯ୍ୟ ଆରମ୍ଭ କରାଯାଇ ଥିଲା। ମା’ବିଶ୍ୱରୂପାଙ୍କ ନିକଟରେ ଜଳୁଥିବା ଅଖଣ୍ଡ ଦୀପର ତେଜ ଦିନକୁ ଦିନ ବଢିବାରେ ଲାଗୁଛି। ଦୀପ ଶିଖାର ପ୍ରଖରତା ସମସ୍ତଙ୍କ ଧ୍ୟାନ ଆକର୍ଷଣ କରୁଛି। ମା’ଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ସ୍ଥାନରେ ଶ୍ରଦ୍ଧାଳୁଙ୍କ ମନରେ ସ୍ୱତଃପ୍ରବୃତ୍ତ ଭକ୍ତି ଭାବ ଜାଗ୍ରତ କରୁଛି। ହୋମଯଜ୍ଞର ଦ୍ୱିତୀୟ ଦିନରେ ଯଜ୍ଞକୁଣ୍ଡରେ ୧୦,୦୦୦ ଊର୍ଦ୍ଧ୍ୱ ଘୃତ ଆହୁତି ପ୍ରଦାନ କରାଯାଇ ସାରିଲାଣି। ସକାଳ ଓ ସନ୍ଧ୍ୟା ସମୟରେ ଭଜନ, ସଙ୍କୀର୍ତ୍ତନ ପରିବେଷଣ, ମା’ଙ୍କ ନିଟରେ ସକଳା ଧୂପ ଓ ସନ୍ଧ୍ୟା ଆଳିତ ଉତ୍ସବରେ ଭକ୍ତଙ୍କ ଭିଡ ପରିଲକ୍ଷିତ ହେଉଛି। ଶ୍ରଦ୍ଧାଳୁ ମା’ଙ୍କ ଦର୍ଶନ ସକାଶେ ଛୁଟି ଆସୁଛନ୍ତି। ବିରଜାପୁତ୍ର ସ୍ୱାମୀ ଉଦୟାନନ୍ଦ ପର୍ବତ ମହାରାଜଙ୍କ ନିର୍ଦ୍ଦେଶ ଓ ଯଜ୍ଞ ପରିଚାଳନା ସକାଶେ ଗଠନ କରାଯାଇଥିବା ଆଞ୍ଚଳିକ କମିଟି ସହଯୋଗରେ ଶ୍ରଦ୍ଧାଳୁଙ୍କ ସକାଶେ ଅନ୍ନଦାନର ବ୍ୟବସ୍ଥା କରାଯାଉଛି। ନିତ୍ୟ ବିଶ୍ୱ କଲ୍ୟାଣ ଯଜ୍ଞ ମଞ୍ଚରେ ନାନା ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଯଜ୍ଞ ପ୍ରତି ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସହାଯ୍ୟ ସହଯୋଗ ବଢିବାରେ ଲାଗିଛି।



ଯଜ୍ଞରେ ସାମିଲ ହୋଇଥିବା ସାଧୁ ସନ୍ଥ ପ୍ରବଚନ ଦେଉଛନ୍ତି।

## ସଂକ୍ଷେପରେ

### ଜେଲ ଗଲେ ଗାଁ ସଭାପତିଙ୍କ ସହ ଅନ୍ୟଜଣେ

ନୟାଗଡ ଅଫିସ,୫।୪:ନୟାଗଡ ଜିଲାର ବଡଦେଶ ହରିପୁର ଗାଁରେ ମାରପିଟ୍ ଓ ବୋମା ମାଡ ଘଟଣାରେ ଶରଣକୁଳ ଥାନାର ଗୋଡିପଡା ଫାଣ୍ଡି ପୋଲିସ ଗାଁ ସଭାପତିଙ୍କ ସମେତ ଉଭୟ ପକ୍ଷର ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଗାଁ ସଭାପତି ମଧୁସୂଦନ ଦଳବେହେରା (୬୩) ଓ ଫକୀର ସ୍ୱାଇଁ(୬୦)ଙ୍କୁ ନୟାଗଡ ସବ୍‌ଜେଲକୁ ପଠାଇ ଦିଆଯାଇଛି । ସୋମବାର ସନ୍ଧ୍ୟାରେ ବଡଦେଶ ହରିପୁରରେ ମାରମିଟ୍ ଓ ବୋମା ପକାଯାଇ ଗାଁରେ ଅଶାନ୍ତର ବାତାବରଣ ସୃଷ୍ଟି କରାଯାଇଥିଲା। ଗାଁରେ ୧ ପ୍ଲାଟୁନ୍ ଫୋର୍ସ ମୁତୟନ ଅଛନ୍ତି । ମାଟିଆଣି ପାଳଙ୍କ ଅଭିଯୋଗ କ୍ରମେ ପୋଲିସ ୨୦ରୁ ଉର୍ଦ୍ଧ୍ୱ ଲୋକଙ୍କ ନାଁରେ ୫୫/୨୩ରେ ମାମଲା ରୁଜୁ କରଥିଲା। ୫୫ ନଂ କେଶରେ ଗାଁ ସଭାପତି ଗିରଫ ହୋଇଛନ୍ତି । ସେହିପରି ଗାଁ ସଭାପତି ମଧୁସୂଦନ ଦଳବେହେରାଙ୍କ ଅଭିଯୋଗ କ୍ରମେ ପୋଲିସ ୧୫ରୁ ଉର୍ଦ୍ଧ୍ୱ ଲୋକଙ୍କ ନାଁରେ ୫୬/୨୩ରେ ଅନୁରୂପ ମାମଲା ରୁଜୁ କରି ତଦନ୍ତ କରୁଥିଲା । ୫୬ ନଂ କେଶରେ ଫକୀର ସ୍ୱାଇଁ ଗିରଫ ହୋଇଛନ୍ତି ।

### ବଜ୍ରକୋଟ ସରପଞ୍ଚଙ୍କ ପଦବୀ କାଏମ ରହିଲା

ରଣପୁର,୫।୪(ସ୍ୱ.ପ୍ର.)-ନୟାଗଡ଼ ଜିଲା ରଣପୁର ବ୍ଲକ ଅଧୀନ ବଜ୍ରକୋଟ ପଞ୍ଚାୟତରେ ଗତ ଗ୍ରାମ ପଞ୍ଚାୟତ ନିର୍ବାଚନରେ ଜାଲ୍‌ଭୋଟକୁ ନେଇ ରଣପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । ଏହି ମାମଲର ରାୟ ମଙ୍ଗଳବାର ପ୍ରକାଶ ପାଇଛି। ନିର୍ବାଚିତ ସରପଞ୍ଚ ବନିତା ବଳିୟାରସିଂହଙ୍କ ପଦବୀ କାଏମ ରହିଛି । ଏହାସହିତ ମାମଲା ରୁଜୁ କରିଥିବା ପରାଜୟ ସରପଞ୍ଚ ପ୍ରାର୍ଥୀ ଭାରତ ପ୍ରଧାନଙ୍କୁ ନିରାଶ ହେବାକୁ ପଡିଛି। ମାମଲାର ବିବରଣୀ ଅନୁଯାୟୀ, ଗତ ପଞ୍ଚାୟତ ନିର୍ବାଚନରେ ୩ ପ୍ରାର୍ଥୀଙ୍କ ମଧ୍ୟରେ କଡା ଟକ୍କର ହୋଇଥିଲା । ବନିତା ୨ଖଣ୍ଡ ଭୋଟରେ ବିଜୟୀ ହେଇଥିଲେ । ପରାଜିତ ପ୍ରାର୍ଥୀ ଭାରତ ପ୍ରଧାନ କୋର୍ଟଙ୍କ ଦ୍ୱାରସ୍ଥ ହୋଇ ଏକ ମାମଲା ରୁଜୁ କରିଥିଲେ । ମଙ୍ଗଳବାର କୋର୍ଟ ରାୟ ଶୁଣାଣି କରି ମାମଲାଟିକୁ ଖାରଜ କରିଛନ୍ତି । ବ୍ରଜକୋଟ ସରପଞ୍ଚ ବନିତା ବଳିୟାରସିଂହଙ୍କ ପାଇ ବରିଷ୍ଠ ଆଡଭୋକେଟ ଗିରିଜାକାନ୍ତ ମହାପାତ୍ର ମାମଲା ପରିଚାଳନା କରୁଥିବାବେଳେ ଭାରତ ପ୍ରଧାନଙ୍କ ପାଇଁ ଆଡଭୋକେଟ ଗିରିଜାକାନ୍ତ ସାମନ୍ତରାୟ ମାମଲା ପରିଚାଳନା କରୁଥିଲେ ।

### ଗଣିଆ ସବ୍ ରେଜିଷ୍ଟ୍ରାର କାର୍ଯ୍ୟାଳୟ ଉଦ୍‌ଘାଟିତ

ଗଣିଆ,୫।୪(ଡି.ଏନ୍.ଏ)-ନୟାଗଡ଼ ଜିଲା ଗଣିଆ ତହସିଲ କାର୍ଯ୍ୟାଳୟ ପରିସରରେ ନୂତନ ଭାବେ ଖୋଲାଯାଇଥିବା ସବ୍‌ରେଜିଷ୍ଟ୍ରାର ଅଫିସ ବୁଧବାର ଉଦ୍‌ଘାଟିତ ହୋଇଯାଇଛି । ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟାଳୟକୁ ଉଦଘାଟନ କରିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର କିଶୋର କୁମାର ପଣ୍ଡା, ବିଡିଓ ଖଗେଶ୍ୱର ପାତ୍ର ଓ ଜିଲା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ତରଫରୁ ଶାଶ୍ୱତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପରେ କାର୍ଯ୍ୟାଳୟ ପରିସରରେ ଆୟୋଜିତ କୃତଜ୍ଞତା ସଭାରେ ଗଣିଆରେ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲିବା ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲିବା ଦ୍ୱାରା ଗଣିଆ ବ୍ଲକର ୮ ପଞ୍ଚାୟତର ଲୋକମାନେ ଜମି ରେଜିଷ୍ଟ୍ରେଶନ ଓ ବିବାହ ପଞ୍ଜୀକରଣ ପରି ବିଭିନ୍ନ ସୁବିଧା ସୁଯୋଗ ପାଇପାରିବେ ବୋଲି କୃତଜ୍ଞତା ସଭାରେ ଅତିଥିମାନେ କହିଥିଲେ । ପ୍ରକାଶଯୋଗ, ଚଳିତ ମାସ ୩ ତାରିଖରେ ତହସିଲ କାର୍ଯ୍ୟାଳୟ ତରଫରୁ ସରକାରୀ ଭାବେ ସବ୍‌ରେଜିଷ୍ଟ୍ରାର ଅଫିସ ଖୋଲାଯାଇଥିବା ବେଳେ ବୁଧବାର ଆନୁଷ୍ଠାନିକ ଭାବେ ବିଧାୟକ ଏହାର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକଙ୍କ ସହ ଗଣିଆ ଜିଲା ପରିଷଦ ସଭ୍ୟ, ବ୍ଲକ ଉପାଧ୍ୟକ୍ଷ ଉପସ୍ଥିତ ଥିବାବେଳେ ବ୍ଲକ ଅଧ୍ୟକ୍ଷାଙ୍କ ସମେତ କୌଣସି ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧି ଯୋଗଦେଇ ନ ଥିବା ଦେଖିବାକୁ ମିଳିଥିଲା ।

# ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ଦାବି ଜୋର ଧରିଲା



ମଧୁବେଶ୍ୟ ସମାଜ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

- ଜିଲାପାଳଙ୍କୁ ସ୍ମାରକପତ୍ର ଦେଲା ମଧୁ ବୈଶ୍ୟ ସମାଜ
- ସ୍ୱାଦିଷ୍ଟ ମିଠାକୁ ପରିଚୟ ଦେଇଛି ନୟାଗଡ଼

**ନୟାଗଡ଼ ଅଫିସ,୫।୪:**

ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଥିବା ଛେନାପୋଡ଼ ଶବ୍ଦର ନାଁ ଶୁଣିଲେ ମନକୁ ଆସେ ନୟାଗଡ଼ର ନାଁ । ପୁଣି ଜଗତର ନାଥ ଜଗନ୍ନାଥଙ୍କ ପାଖରେ ଲାଗି ହୋଇଥାଏ ନୟାଗଡ଼ର ଏହି ପ୍ରସିଦ୍ଧ ସ୍ୱାଦିଷ୍ଟ ମିଠା । ତେବେ ଏହି ସ୍ୱାଦିଷ୍ଟ ମିଠାକୁ ଜିଓଗ୍ରାଫିକାଲ୍ ଇଣ୍ଡିକେଶନ(ଜିଆଇ) ଟ୍ୟାଗ୍ ମାନ୍ୟତା ପାଇଁ ବହୁଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ସଫଳତା ମିଳୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ସୃଷ୍ଟି ହୋଇଛି । ଚଳିତ ମାସ ୧୧ ତାରିଖରେ ବିଶ୍ୱ ଛେନାପୋଡ଼ ଦିବସ ପୂର୍ବରୁ ଜିଆଇ ଟ୍ୟାଗ୍ ମାନ୍ୟତା ଦାବିରେ ଗୋଟିଏ ପରେ ଗୋଟିଏ ଅନୁଷ୍ଠାନ ଦାବିକୁ ତ୍ୱରାନ୍ୱିତ କରିବା ଆରମ୍ଭ କରିଛନ୍ତି । ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ କିଏ ନୟାଗଡ଼ ଜିଲାପାଳଙ୍କୁ ସ୍ମାରକପତ୍ର ଦେଲେଣି ତ ଆଉ କିଏ ଅଣୁ, କ୍ଷୁଦ୍ର ଓ ମଧ୍ୟମ, ଶିଳ୍ପ, ଶକ୍ତି ବିଭାଗ ମନ୍ତ୍ରୀଙ୍କୁ ଭେଟି ମାନ୍ୟତା ପାଇଁ ଦାବି କରିଲେଣି । ପୁଣି ବିଶ୍ୱ ଛେନାପୋଡ଼ ଦିବସକୁ ନୟାଗଡ଼ ଓ ଭୁବନେଶ୍ୱର ସମେତ ବିଭିନ୍ନ ସ୍ଥାନରେ ପାଳନ କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି ।

ନୟାଗଡ ଛେନାପୋଡ଼ ଭାରି ସୁଆଦିଆ । ଏହାର ଚାହିଦା ବଢ଼ିବାରେ ଲାଗିଛି । ନୟାଗଡ଼ର ଏହି ସୁଆଦିଆ ଛେନାପୋଡ଼ ସୁଦର୍ଶନ ସାହୁଙ୍କ ଯୋଗୁ ସ୍ୱତନ୍ତ୍ର ପରିଚୟ ପାଇଛି । ପୋଡ଼ପିଠାକୁ ଆଖି ଆଗରେ ରଖି ଛେନାପୋଡ଼ ପରି ସ୍ୱାଦିଷ୍ଟ ଖାଦ୍ୟ ନୟାଗଡ଼ରେ ପ୍ରଥମେ ତିଆରି ହୋଇଥିଲା । ଏଥିପାଇଁ ନୟାଗଡ଼ ଜିଲା ଦଶପଲ୍ଲା ସାତପାଟଣା ଗ୍ରାମର ସୁଦର୍ଶନ ସାହୁ ଚର୍ଚ୍ଚାକୁ ଆସିଥିଲେ । ସୁଦର୍ଶନଙ୍କ ବାପା ବିଦ୍ୟାଧର ଦଶପଲ୍ଲା ହାଟଛକରେ ଏକ ଜଳଖିଆ ଦୋକାନ କରିଥିଲେ । ବିଦ୍ୟାଧରଙ୍କୁ ପୁଅ ସୁଦର୍ଶନ ସହଯୋଗ କରୁଥିଲେ । ଦୋକାନରେ ପ୍ରତିଦିନ କିଛି ନା କିଛି ଛେନା ବଳି ନଷ୍ଟ ହେଉଥିଲା । ବଳି ପଡୁଥିବା ଛେନାକୁ ନଷ୍ଟ ହେବାକୁ ନ ଦେବାକୁ ଯାଇ ଛେନାପୋଡ଼କୁ ତିଆରି କରିଥିଲେ । ପ୍ରଥମ ଛେନାପୋଡ଼ ପୋଡପିଠାର ରୂପ ନେଇଥିଲା । ଏଥିରେ ଚାଉଳ ମିଶିଥିବାରୁ ପୋଡ଼ପିଠାର ସ୍ୱାଦ ଥିଲେ ମଧ୍ୟ ଏହା ଟାଣ ରହିଥିଲା । ପୋଡ଼ପିଠାରେ ଲୋକଙ୍କ ଆଗ୍ରହ ନ ଥିବାରୁ ପରେ ଏହା ନବକଳେବର ହେବାର ସୁଯୋଗ ମିଳିଥିଲା । ପରେ ଛେନାରେ ସୁଜି, ଚିନି, କାଜୁ, ଗୁଜୁରାତି ମିଶାଇ କଦଳୀ ପତ୍ର ଦେଇ ପିତଳ ଉପକରଣରେ ଛେନାପୋଡ ପ୍ରସ୍ତୁତ କରିଥିଲେ । ଯାହାକି ଲୋକଙ୍କ ଦ୍ୱାରା ଆଦୃତ ହୋଇଥିଲା । ପୁଅର ସୁସ୍ୱାଦୁକର ଛେନାପୋଡ଼ ଦେଖି ନୟାଗଡ଼ରେ ବ୍ୟବସାୟ କରିବାକୁ ପଠାଇଲେ । ସୁଦର୍ଶନ ପ୍ରତିଦିନ ବସ ଯୋଗେ ନୟାଗଡ଼କୁ ଛେନାପୋଡ଼ ଧରି ଆସି ବିକ୍ରି କରି ପୁଣି ଫେରୁଥିଲେ । ଯିବା ଆସିବାର ଅସୁବିଧାକୁ ଏଡାଇବାକୁ ଅଜାଙ୍କ ସହାୟତାରେ ସେ ନୟାଗଡ଼ କଚେରି ବଜାରରେ ରହିଲେ । ୧୯୪୭ରେ ନୟାଗଡରେ ଦଶପଲ୍ଲା ହୋଟେଲ ନାଁରେ ଏକ ଜଳଖିଆ ଦୋକାନ ଖୋଲିଥିଲେ । ଏଠାରେ ଛେନାପୋଡ଼ ପାଇଁ ସେ ନୟାଗଡରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ । ଏବେ ସୁଦର୍ଶନ ନାହାନ୍ତି କି ତାଙ୍କ ଦୋକାନ ମଧ୍ୟ ନାହିଁ । ତେବେ ତାଙ୍କରି ହାତ ତିଆରି ଛେନାପୋଡ଼ ପାଇଁ ନୟାଗଡ ପ୍ରସିଦ୍ଧ ହୋଇ ପାରିଛି । ସୁଦର୍ଶନଙ୍କର ଛେନାପୋଡ଼କୁ ଭାରତର ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଜବାହାର୍‌ଲାଲ ନେହେରୁଙ୍କଠାରୁ ଆରମ୍ଭ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଖାଇ ପ୍ରଶଂସା କରିଥିଲେ । ମୃତ୍ୟୁର ୬ ବର୍ଷପରେ ଜନ୍ମ ଦିବସରେ ନୟାଗଡ଼ ଜିଲାବାସୀ ଛେନାପୋଡ଼ ଦିବସ ପାଳନ କରିଥିବାରୁ ସୁଦର୍ଶନଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳୀ ହୋଇଥିଲା ।

ବୁଧବାର ଅଣୁ, କ୍ଷୁଦ୍ର ଓ ମଧ୍ୟମ, ଶିଳ୍ପ, ଶକ୍ତି ବିଭାଗ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ନୟାଗଡ଼ ମଧୁ ବୈଶ୍ୟ ସମାଜ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି । ମଧୁ ବୈଶ୍ୟ ସମାଜର ସଭାପତି ପ୍ରଣବ କୁମାର ବିଶୋଇ, ଉପସଭାପତି ଲୋକନାଥ ପାତ୍ର ଓ ସମ୍ପାଦକ ପ୍ରଫୁଲ ସାହୁଙ୍କ ସୂଚନା ଅନୁସାରେ ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ । ଏନେଇ ବୁଧବାର ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଇଛି ବୋଲି କହିଛନ୍ତ। ଅନ୍ୟପକ୍ଷେ ନୟାଗଡ଼ର ଛେନାପୋଡକୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ନୟାଗଡ଼ ହେଲ୍ପ ଲାଇନ ସଦସ୍ୟଙ୍କ ସହ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଶିଳ୍ପ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଗତ ୩୧ ତାରିଖରେ ଭେଟି ଦାବି ଜଣାଇଥିଲେ। ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ଗତ ମାର୍ଚ୍ଚ ୪ ରେ ବିଧାୟକ ପ୍ରଥମେ ଚିଠି ଲେଖିଥିଲେ । ପରେ ମାର୍ଚ୍ଚ ୨୦ରେ ଜିଲାପାଳଙ୍କ ତରଫରୁ ପୁଣି ଆବଶ୍ୟକ କାଗଜାତ ସହ ଦାଖଲ ହୋଇଛି । ଅନ୍ୟପକ୍ଷେ ୨୦୧୯ରେ ବିଧାନସଭାରେ ତତ୍କାଳୀନ ମନ୍ତ୍ରୀ ନୟାଗଡ ଛେନାପୋଡକ ଜିଆଇ ଟ୍ୟାଗ୍ ମାନ୍ୟତା ଦେବା ପାଇଁ ସରକାରଙ୍କ ପକ୍ଷରୁ ପ୍ରଚେଷ୍ଟା କରାଯିବ ବୋଲି କହିଥିଲେ ବୋଲି ଦର୍ଶାଇଛନ୍ତି । ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହନ୍ତି ଛେନାପୋଡ଼ ହେଉଛି ନୟାଗଡ଼ର ଅନ୍ୟତମ ପରିଚୟ । ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଆଇ ଟ୍ୟାଗର ଚେନ୍ନାଇ ଅଫିସକୁ ପ୍ରସ୍ତାବ ଦିଆଯାଇଛି । ଛେନାପୋଡ଼ ପ୍ରସ୍ତୁତ କରୁଥିବା ମାଛିପଡ଼ାର କ୍ରିଷ୍ଣା ପ୍ରତ୍ୟୁସର ଅନୁଷ୍ଠାନ ପକ୍ଷରୁ ଜିଆଇ ଟ୍ୟାଗ୍ ମାନ୍ୟତା ନେଇ ଓରମାସ ଜରିଆରେ ଆବେଦନ କରିଥିଲେ । ଏହି ଆବେଦନକୁ ଚେନ୍ନାଇ ପଠାଇ ଦିଆଯାଇଛି । ଏହା ସହ ମଧୁ ବୈଶ୍ୟ ସମାଜ ପକ୍ଷରୁ ମିଳିଥିବା ପ୍ରସ୍ତାବ ମଧ୍ୟ ମିଳିଛି । ଏହାକୁ ଅଣୁ, କ୍ଷୁଦ୍ର ଓ ମଧ୍ୟମ, ଶିଳ୍ପ, ଶକ୍ତି ବିଭାଗ ମନ୍ତ୍ରୀଙ୍କ ପାଖକୁ ମଧ୍ୟ ପଠାଇ ଦିଆଯିବ ବୋଲି କହିଛନ୍ତି ।

# ୪୭ ଗ୍ରାମ ବ୍ରାଉନସୁଗାର ଜବତ

- ଜେଲ ଗଲେ ବ୍ୟବସାୟୀ
- ଭୁବନେଶ୍ୱରୁ ଆସୁଛି ଏହି ନିଶା ସାମଗ୍ରୀ

**ନୟାଗଡ଼ ଅଫିସ,୫।୪:**

ନୟାଗଡ଼ ଅବକାରୀ ବିଭାଗର ଫ୍ଲାଇଂସ୍କ୍ୱାର୍ଡ ଇଟାମାଟି ଫିଲ୍ମ ହଲ ଛକ ନିକଟରେ ଚଢ଼ାଉ କରି ବୁଧବାର ପୂର୍ବାହ୍ନରେ ୪୭ ଗ୍ରାମ ବ୍ରାଉନସୁଗାର ଜବତ କରିଛି । ଯାହାର ଦାମ ୫ ଲକ୍ଷ ଟଙ୍କା ହେବ । ଏହି ଘଟଣାରେ ଇଟାମାଟି ପାଇକସାହିର ଦଣ୍ଡପାଣି ପ୍ରଧାନ(୩୦)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଦଣ୍ଡପାଣିଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି । ଚଢ଼ାଉରେ ଇନ୍ସପେକ୍ଟର ଭକ୍ତ ବତ୍ସଳ ଜେନା, ସବ୍ ଇନ୍ସପେକ୍ଟର ଦୀପକ ଜେନା, ଭବାନୀ ବେହେରା, ଦେବୀ ପ୍ରସାଦ ପାଣି, ପ୍ରଶାନ୍ତ ସେଠୀ ପ୍ରମୁଖ ସାମିଲ ଥିଲେ । ଏ ସଂକ୍ରାନ୍ତରେ ଅବକାରୀ ସୁପରିଟେଣ୍ଡେଣ୍ଟ କରୁଣା ଶଙ୍କର ତିୱାରୀ କୁହନ୍ତି, ନୟାଗଡ଼ ଜିଲାରେ ବ୍ରାଉନସୁଗାର କାରବାର ବଢ଼ି ଚାଲିଥିବା ଅଭିଯୋଗ ହେଉଛି । ଏଭଳି ସ୍ଥଳେ ଇଟମାଟିରୁ ଦଣ୍ଡପାଣିଙ୍କଠାରୁ ବ୍ରାଉନସୁଗାର ଜବତ କରାଯାଇଛି । ସେ ଭୁବନେଶ୍ୱରରୁ ବ୍ରାଉନସୁଗାର ଆଣି ବ୍ୟବସାୟ କରୁଥିଲେ ବୋଲ କହିଛନ୍ତି। ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି ।


ଗିରଫ ଦଣ୍ଡପାଣି ପ୍ରଧାନ ।

### ଖଣ୍ଡପଡ଼ାର ପ୍ରବେଶ ପଥରେ ଝଲସିଲା ତୋରଣ

ଖଣ୍ଡପଡ଼ା,୫।୪(ସ୍ୱ.ପ୍ର.)

ଖଣ୍ଡପଡ଼ା ସହରକୁ ସରସ ସୁନ୍ଦର କରିବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ପକ୍ଷରୁ ପ୍ରୟାସ ଜାରି ରହିଛି । ଏନ୍‌ଏସି ଅଧ୍ୟକ୍ଷା ଆରତୀ ପ୍ରଧାନଙ୍କ ଉଦ୍ୟମ କ୍ରମେ ସହରର ୪ଟି ପ୍ରବେଶ ପଥରେ ତୋରଣ ନିର୍ମାଣ କାମ ଆରମ୍ଭ ହୋଇଛି । ଖଣ୍ଡପଡ଼ା ଉମାଦେବୀ ପୀଠ ଦେଇ କୁଞ୍ଜ ବିହାରୀପୁର ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାରେ ପ୍ରଥମ କରି ତୋରଣ ନିର୍ମାଣ କାମ ଶେଷ ହୋଇଛି। ଉଜ୍ୱଳ ଆଲୋକମାଳାରେ ତୋରଣଟି ଝଲସି ଉଠୁଛି । ଖଣ୍ଡପଡ଼ା ଅଞ୍ଚଳର ଐତିହ୍ୟ ଓ କିର୍ତ୍ତୀରାଜି ତୋରଣରେ ସ୍ଥାନ ପାଇବ ବୋଲି ଏନ୍‌ଏସି କାର୍ଯ୍ୟାଳୟ ସୂତ୍ରର ସୂଚନା ମିଳିଛି ।

# ମୁକ୍ତାକାଶ ବ୍ୟାୟାମଶାଳା, ବ୍ଲକ ମିଶନ ଶକ୍ତି ଭବନ ଲୋକାର୍ପିତ




ଓଡ଼ଗାଁ,୫।୪(ସ୍ୱ.ପ୍ର.): ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ମୁକ୍ତାକାଶ ବ୍ୟାୟାମଶାଳା ଓ ମିଶନ ଶକ୍ତି ଭବନ ବୁଧବାର ଲୋକାର୍ପିତ ହୋଇଛି । ସରକାରୀ କଲ୍ୟାଣ ମଣ୍ଡପରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଅରୁଣ କୁମାର ସାହୁ, ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ମୀରା ନାୟକ, ଜିଲା ପରିଷଦ ସଦସ୍ୟା ବିରଜା ଲକ୍ଷ୍ମୀ ସାହୁ, ଝିଲି ପ୍ରଧାନ, ଚିନ୍ମୟୀ ଦାଶ, ସଂଯୁକ୍ତା ପଢିହାରୀ, ଜଳଛାୟ ମିଶନ ପ୍ରକଳ୍ପ ଅଧିକାରୀ ସୁଧାକର ଶତପଥୀ, ବିଡିଓ ସନ୍ତୋଷ କୁମାର ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଏହି ସମାବେଶରେ ୨୯୦୦ ଏସ୍‌ଏଚ୍‌ଜି ଗ୍ରୁପରୁ ଜଣେ ଲେଖା ମହିଳା କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ । ମହିଳମାନେ ମିଶନ ଶକ୍ତି ମାଧ୍ୟମରେ ଆତ୍ମ ନିର୍ଭରଶୀଳ ହେବା ସହିତ ନିଜେ ରୋଜଗାରକ୍ଷମ ହେବା ଏବଂ ରାଜ୍ୟର ବିଭିନ୍ନ ୨୧ ପ୍ରକାର ସରକାରୀ କାମରେ ପ୍ରତ୍ୟକ୍ଷ ଭାବେ ଯୋଗଦାନ କରିବା ସେମାନଙ୍କୁ ରୋଜଗାରକ୍ଷମ କରିଛି ବୋଲି ମୁଖ୍ୟ ଅତିଥି ସାହୁ ପ୍ରକାଶ କରିଥିଲେ । ସେହିପରି ଛତୁଚାଷ, ମତ୍ସ୍ୟ ଚାଷ, ବିଲ ଆଦାୟ, ଖେଳନା ପ୍ରସ୍ତୁତି, ଖାଦ୍ୟ ପ୍ରକ୍ରିୟାକରଣ ଆଦିରେ ମହିଳାଙ୍କ ସଫଳ ଯୋଗଦାନ ଉଦାହରଣ ସୃଷ୍ଟି କରିଥିବା କହିଥିଲେ । ସମସ୍ତ ଗ୍ରୁପକୁ ୩ ରୁ ୫ ଲକ୍ଷ ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ କରାଯାଇଥିବା ବେଳେ ଏସବୁର ସୁଧ ଭରଣା ରାଜ୍ୟ ସରକାର କରୁଥିବା ସେ ସୂଚନା ଦେଇଥିଲେ । ଏପରି ସ୍ଥଳେ ମିଶନ ଶକ୍ତିରେ ଅଂଶ ଗ୍ରହଣ କରିଥିବା ୧୧ ଭାଗ ମହିଳା ବାର୍ଷିକ ୧୦ ଲକ୍ଷ ଟଙ୍କା ରୋଜଗାର କରୁଥିବା କୁହାଯାଇଥିଲା । ସର୍ବୋପରି ଆଗରୁ ନାମିତ ହୋଇଥିବା ଏସ୍‌ଏଚଜି, ସମ୍ପ୍ରତି ଏସ୍‌ଏମଇରେ ରୂପାନ୍ତରିତ ହୋଇଥିବା ମତ ପ୍ରକାଶ ପାଇଥିଲା । ପିଲାଠୁ ବୁଢା ପର୍ଯ୍ୟନ୍ତ ମୁକ୍ତାକାଶ ବ୍ୟାୟାମଶାଳାକୁ ବ୍ୟବହାର କରିବା ସହିତ ଏହାର ସଦୁପଯୋଗ କରିବା ଏବଂ ମିଶନ ଶକ୍ତି ଭବନ ମଧ୍ୟରେ ଏକ କ୍ୟାଣ୍ଟିନ ସୁବିଧା କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। । ଆଗାମୀ ଦିନରେ ମିଶନ ଶକ୍ତିର ମା'ମାନେ ଏହାର ସଦୁପଯୋଗ କରିବା ସହିତ ସମ୍ମାନର ସହିତ କାର୍ଯ୍ୟାଳୟକୁ ଆସିପାରିବେ ବୋଲି କହିଥିଲେ । ପୂର୍ତ୍ତ ସହକାରୀ ଯନ୍ତ୍ରୀ ସୁଧାଂଶୁ ଶେଖର ବେହେରାଙ୍କ ସହିତ କର୍ମଚାରୀମାନେ କାର୍ଯକ୍ରମ ପରିଚାଳନା କରିଥିଲେ ।

## ସେଲ୍ଫି କର୍ଣ୍ଣରେ ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଚିନୁ


@ ପ୍ରଶାନ୍ତ


@ ଦିୱାନ


@ ସୋମନାଥ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚିତ୍ରକୂଟରେ ପ୍ରଭୁ ଶ୍ରୀରାମଙ୍କ ବିଶ୍ରାମ

## ଓଡ଼ଗାଁ ଶ୍ରୀରାମନବମୀ ଯାତ୍ରାର ସପ୍ତମ ସନ୍ଧ୍ୟା



ଓଡ଼ଗାଁ,୫।୪(ସ୍ୱ.ପ୍ର.):ନୟାଗଡ଼ ଜିଲା ଓଡ଼ଗାଁରେ ବିଜେ ଶ୍ରୀରଘୁନାଥଜୀଉଙ୍କ ୧୦ଦିନ ବ୍ୟାପୀ ଶ୍ରୀରାମ ନବମୀ ଯାତ୍ରାର ବୁଧବାର ସପ୍ତମ ସନ୍ଧ୍ୟାରେ ପ୍ରଭୁ ଚିତ୍ରକୂଟରେ ବିଶ୍ରାମ କରୁଥିବା ବେଶରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେଇଛନ୍ତି । ବନକୁ ଗମନ ପରେ କ୍ଳାନ୍ତ ଅନୁଭବ କରୁଥିବା ମାତା ଜାନକୀଙ୍କୁ ଶ୍ରୀରାମ କୋଳାଗ୍ରତ କରିବା ସହିତ ମଥାରେ ଚିତା ଲାଗି କରିଛନ୍ତି । ଏହି ସମୟରେ ଜ୍ୟେଷ୍ଠପୁତ୍ର ଶ୍ରୀରାମଙ୍କ ବନବାସରେ ଅତ୍ୟନ୍ତ ମ୍ରିୟମାଣ ରାଜା ଦଶରଥ ପରଲୋକ ଗମନ କରିଛନ୍ତି । ଏଭଳି ଦୁଃସମ୍ବାଦ ଭରତ ଚିତ୍ରକୂଟରେ ପହଞ୍ଚି ଶ୍ରୀରାମଙ୍କୁ ଜଣାଇବା ସହିତ ଅଯୋଧ୍ୟା ଫେରି ଯିବାକୁ ଅନୁରୋଧ କରିଛନ୍ତି । ହେଲେ ପିତୃସତ୍ୟ ପାଳନ କରିବାକୁ ଅଟଳ ଥିବା ରାମଚନ୍ଦ୍ର ଭରତଙ୍କ ଅନୁରୋଧକୁ ସମ୍ମାନ ଜଣାଇ ନିଜେ ଫେରିବା ବଦଳରେ ନିଜର ବେନି ପାଦୁକା ପ୍ରଦାନ କରିଛନ୍ତି । ଭରତ ରାଜ ସିଂହାସନର ମୋହକୁ ତୁଚ୍ଛ ମନେକରି ଭାଇପ୍ରେମର ପରାକାଷ୍ଠା ପ୍ରତିପାଦିତ କରିଛନ୍ତି । ଏହା ସହିତ ପ୍ରଭୁଙ୍କ ସହିତ ବନଗମନ କରିଥିବା ଅନୁଜ ଲକ୍ଷ୍ମଣ ମଧ୍ୟ ଆହାର ନିଦ୍ରା ପରିହାର କରି ପିତୃତୁଲ୍ୟ ଜ୍ୟେଷ୍ଠ ଭ୍ରାତା ଶ୍ରୀରାମ ଓ ମାତୃତୁଲ୍ୟ ଜାନକୀଙ୍କୁ ବନ୍ୟଜନ୍ତୁ ଭରା ପାହାଡ ଜଙ୍ଗଲ ମଧ୍ୟରେ ସୁରକ୍ଷା କବଚ ସାଜିଛନ୍ତି । ବୁଧବାର ସନ୍ଧ୍ୟା ଆଳତୀ ପୂର୍ବରୁ ଅଳ୍ପ ବର୍ଷା ହୋଇଥିଲା । ଏହି ବର୍ଷା ପରେ ମନ୍ଦିର ପରିବେଶକୁ ଶୀତଳ ହୋଇଛି । ଶ୍ରଦ୍ଧାଳୁମାନେ ସୁରୁଖୁରୁରେ ଆସି ଶ୍ରୀଜୀଉଙ୍କ ଏହି ଲୀଳା ଦର୍ଶନ କରି ଫେରିଛନ୍ତି ।

## ସଂକ୍ଷେପରେ

### ମନ୍ଦିର ପୋଖରୀରେ ବୁଡ଼ିଗଲେ ୫ ପୂଜକ

**ଚେନ୍ନାଇ, ୫।୪:** ଚେନ୍ନାଇ ନାଙ୍ଗାନାଲୁରସ୍ଥିତ ଧର୍ମାଲିଙ୍ଗେଶ୍ୱରାର ମନ୍ଦିରର ୫ ଜଣ ପୂଜକ ବୁଧବାର ମୁଭାରାସମ୍ଭେଟ ମନ୍ଦିର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି । ଥୀର୍ଥଭାରୀ ପୂଜା ପାଳନ ଅବସରରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରୁ ଜଣେ କଲେଜ ଛାତ୍ର ଅଛନ୍ତି। ସକାଳ ପୂର୍ବାହ୍ନ ୧୦ଟା ସମୟରେ ୨୫ ଜଣ ପୂଜକ ମିଶି ପୋଖରୀରେ ପୂଜା କାର୍ଯ୍ୟ କରୁଥିବାବେଳେ କେତେଜଣ ପୋଖରୀର ଗଭୀର ପାଣି ତଳକୁ ଚାଲିଯାଇଥିଲେ। ୩ ଜଣ ବୁଡ଼ିଯାଉଥିବାବେଳେ ତାଙ୍କୁ ରକ୍ଷା କରିବାକୁ ଯାଇ ଆଉ ୨ ଜଣଙ୍କ ମୃତ୍ୟୁ ଘଟିଥିଲା।

### ହନୁମାନ ଜୟନ୍ତୀ ପାଇଁ ଆଡ୍‌ଭାଇଜରି ଜାରିକଲା କେନ୍ଦ୍ର

**ନୂଆଦିଲ୍ଲୀ, ୫।୪:** ରାମ ନବମୀ ଅବସରରେ ପଶ୍ଚିମବଙ୍ଗ ଓ ବିହାରରେ ଘଟିଥିବା ହିଂସାକୁ ଦୃଷ୍ଟିରେ ରଖି ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ଆଡ୍‌ଭାଜରି ଜାରି କରାଯାଇଛି। ହନୁମାନ ଜୟନ୍ତୀ ଅବସରରେ ରାଜ୍ୟଗୁଡ଼ିକରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଯେପରି ନ ଘଟେ ରାଜ୍ୟ ସରକାର ସେଥି ପ୍ରତି ଗୁରୁତ୍ୱ ଦେବା ଲାଗି ଆଡ୍‌ଭାଇଜରିରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷେ ରାମନବମୀ ଅବସରରେ ବିହାର ଓ ପଶ୍ଚିମବଙ୍ଗରେ ହୋଇଥିବା ହିଂସାକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉଭୟ ରାଜ୍ୟକୁ ରିପୋର୍ଟ ମାଗିଛି।

### ଦୀପକ ବକ୍ସରଙ୍କୁ ମେକ୍ସିକୋରୁ ଦିଲ୍ଲୀ ଅଣାଗଲା



**ନୂଆଦିଲ୍ଲୀ, ୫।୪:** ମୋଷ୍ଟ ୱାଣ୍ଟେଡ୍ ପଳାତକ ଦୀପକ ବକ୍ସରଙ୍କୁ ବୁଧବାର ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ଟିମ୍ ମେକ୍ସିକୋରୁ ଦିଲ୍ଲୀ ଆଣିଛି। ଦୀପକଙ୍କୁ ଧରିବା ପାଇଁ ଦିଲ୍ଲୀ ପୋଲିସ, ଫେଡେରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ), ମେକ୍ସିକୋ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅପରେଶନ୍ ଆରମ୍ଭ କରାଯାଇଥିଲା। ଦିଲ୍ଲୀ ପୋଲିସ ପ୍ରଥମ ଥର ପାଇଁ ବିଦେଶରେ ଅପରେଶନ୍ କରି ଜଣେ ଗ୍ୟାଙ୍ଗ୍‌ଷ୍ଟର୍‌କୁ ଧରିବାରେ ସଫଳ ହୋଇଛି। ଦୀପକଙ୍କୁ ଧରିବା ପାଇଁ ପୋଲିସ ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲା। ଦୀପକଙ୍କ ଦ୍ୱାରା ପରିଚାଳିତ ଗୋଗି ଗ୍ୟାଙ୍ଗ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସହିତ ମିଶି ଆପରାଧିକ କାର୍ଯ୍ୟରେ ସାମିଲ ଥିଲା। ହରିୟାଣା ସୋନେପତ୍ ଜିଲା ଗନୌରରେ ଦୀପକଙ୍କ ଘର। ଗତ ୫ ବର୍ଷ ମଧ୍ୟରେ ତାଙ୍କ ବିରୋଧରେ ହତ୍ୟା, ଅପହରଣ ଭଳି ୧୦ ସମ୍ବେଦନଶୀଳ ମାମଲା ରହିଛି।



ନ୍ୟୁୟର୍କସ୍ଥିତ ମାନ୍‌ହାଟନ୍ କ୍ରିମିନାଲ୍ କୋର୍ଟରେ ମଙ୍ଗଳବାର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ବିରୋଧରେ ମାମଲାର ଶୁଣାଣି ଚାଲିଥିବାବେଳେ ଆଣ୍ଟି-ଟ୍ରମ୍ପ୍ ପ୍ରୋଟେଷ୍ଟରମାନଙ୍କ ବିକ୍ଷୋଭ।

# ଷ୍ଟର୍ମି ହାରିଲେ ମାନହାନି ମାମଲା

## ଟ୍ରମ୍ପ୍‌ଙ୍କ ଓକିଲଙ୍କୁ ଦେବେ ୧୨୧,୦୦୦ ଡଲାର

ନ୍ୟୁୟର୍କ,୫।୪

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ସହ ଯୌନ ସମ୍ପର୍କ ଓ ମୁହଁ ବନ୍ଦ ପାଇଁ ହଶ୍ ମନି ପାଇଥିବା ସମ୍ପର୍କରେ ମୁହଁ ଖୋଲି ଚର୍ଚ୍ଚାକୁ ଆସିଥିବା ପର୍ନ ଷ୍ଟାର ଷ୍ଟର୍ମି ଡାନିଏଲ୍ସ ଏବେ ଚର୍ଚ୍ଚାରେ। ଟ୍ରମ୍ପ୍‌ଙ୍କ ବିରୋଧରେ କରିଥିବା ଏକ ମାନହାନି ମାମଲାରେ ଷ୍ଟର୍ମି ହାରିଯାଇଛନ୍ତି। ଏହି ମାମଲାରେ ଟ୍ରମ୍ପ୍ ଆଇନଗତ ବିଜୟ ହାସଲ କରିଛନ୍ତି। କାଲିଫର୍ନିଆର ନବମ ୟୁଏସ୍ ସର୍କିଟ୍ କୋର୍ଟ ଅଫ୍ ଅପିଲ ଟ୍ରମ୍ପ୍‌ଙ୍କ ଓକିଲଙ୍କୁ ୧୨୧,୦୦୦ରୁ ଉର୍ଦ୍ଧ୍ୱ ଡଲାର ପଇଠ କରିବା ପାଇଁ ଷ୍ଟର୍ମିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଆଡଲ୍ଟ ଫିଲ୍ମ ଷ୍ଟାର ଷ୍ଟର୍ମି ୫୦,୦୦୦ ଡଲାର ଟ୍ରମ୍ପ୍‌ଙ୍କ ଓକିଲମାନଙ୍କୁ ପଇଠ କରୁଛନ୍ତି। ସଦ୍ୟ ରାୟକୁ ନେଇ ଟ୍ରମ୍ପ୍‌ଙ୍କ ଆର୍ଟର୍ନି ତଥା ଧିଲୋନ୍ ଲ' ଗ୍ରୁପ୍ ମୁଖ୍ୟ ହରମିତ୍ ଧିଲୋନ୍ ଟୁଇଟ୍ କରି ପୂର୍ବତନ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯେ, ଟ୍ରମ୍ପ୍ ମଙ୍ଗଳବାର ମାନ୍‌ହାଟନ୍ କ୍ରିମିନାଲ କୋର୍ଟରେ ଆତ୍ମସମର୍ପଣ କରିବା ସହ ନିଜ ବିରୋଧରେ ଆସିଥିବା ସମସ୍ତ ୩୪ ଅଭିଯୋଗ ଖଣ୍ଡନ କରିଥିଲେ।




# ଭାରତୀୟ ଶିକ୍ଷାର ଗୈରିକୀକରଣ

## ଦ୍ୱାଦଶ ଶ୍ରେଣୀ ପାଠ୍ୟପୁସ୍ତକରୁ ଗାନ୍ଧିଜୀ, ହିନ୍ଦୁ-ମୁସଲମାନ ଏକତା, ଆର୍‌ଏସ୍‌ଏସ୍ ବ୍ୟାନ୍‌କୁ ବାଦ୍‌ଦେଲା ଏନ୍‌ସିଇଆର୍‌ଟି

ନୂଆଦିଲ୍ଲୀ,୫।୪

ଦେଶର ସାମ୍ପ୍ରଦାୟିକ ସ୍ଥିତି ଉପରେ ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁର ଯାଦୁକରୀ ପ୍ରଭାବ ରହିଥିଲା, ହିନ୍ଦୁ-ମୁସଲମାନ ଏକତା ପାଇଁ ଗାନ୍ଧିଜୀଙ୍କ ଅଧ୍ୟବସାୟ ହିନ୍ଦୁ କଠୋରପନ୍ଥୀମାନଙ୍କୁ ଉତ୍ତେଜିତ କରିଥିଲା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଭଳି ସଙ୍ଗଠନଗୁଡ଼ିକୁ ସାମୟିକ ଭାବେ ନିଷିଦ୍ଧ କରାଯାଇଥିଲା। ନୂଆ ଶିକ୍ଷାବର୍ଷରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଦ୍ୱାଦଶ ଶ୍ରେଣୀ ରାଜନୀତି ବିଜ୍ଞାନ ପାଠ୍ୟପୁସ୍ତକରେ ଆଉ ଦେଖିବାକୁ ମିଳିବ ନାହିଁ। କାରଣ ନ୍ୟାଶନାଲ କାଉନ୍‌ସିଲ୍ ଅଫ୍ ଏଜୁକେଶନାଲ୍ ରିସର୍ଚ୍ଚ ଆଣ୍ଡ୍ ଟ୍ରେନିଂ (ଏନ୍‌ସିଇଆର୍‌ଟି) ଏହି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ଅପ୍ରାସଙ୍ଗିକ ଦର୍ଶାଇ ହଟାଇଦେଇଛି। ଗୁଜରାଟ ଦଙ୍ଗା, ମୋଗଲ ଅଦାଲତ, ଜରୁରିକାଳୀନ ପରିସ୍ଥିତି, ଶୀତଳଯୁଦ୍ଧ, ନକ୍ସଲ ଆନ୍ଦୋଳନ ସମ୍ପର୍କିତ ପାଠ ମଧ୍ୟ ବହିରୁ ହଟାଯାଇଛି। ଗୁଜରାଟ ଦଙ୍ଗା ସମ୍ପର୍କିତ ଏକ ଅଂଶକୁ ଏକାଦଶ ଶ୍ରେଣୀ ସୋସିଓଲୋଜି ପୁସ୍ତକରୁ ହଟାଇଦିଆଯାଇଛି। ଏହା ପୂର୍ବରୁ ୨୦୦୨ ସାମ୍ପ୍ରଦାୟିକ ହିଂସାକୁ ମଧ୍ୟ ଦ୍ୱାଦଶ ଶ୍ରେଣୀ ପୁସ୍ତକରୁ ବାଦ୍ ଦିଆଯାଇଥିଲା। ସମାଲୋଚକଙ୍କ ମତରେ ଏହା ହେଉଛି ଭାରତୀୟ ଶିକ୍ଷା ବ୍ୟବସ୍ଥାର ଗୈରିକୀକରଣ।

ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଦୀନେଶ ସାକ୍‌ଲାନି କହିଛନ୍ତି, ଏସବୁ ଗତବର୍ଷର ନିଷ୍ପତ୍ତି। ଚଳିବର୍ଷ ନୂଆ କିଛି କରାଯାଇନାହିଁ। ଏନ୍‌ସିଇଆର୍‌ଟି ୱେବ୍‌ସାଇଟ୍‌ରେ ଦିଆଯାଇଥିବା ଏକ ବିବରଣୀ ଅନୁସାରେ କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରଙ୍କ ପାଠ ବୋଝକୁ ଲାଘବ କରିବା ନିମନ୍ତେ ଏହା ଜରୁରୀ ଥିଲା। ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ୨୦୨୦ରେ ମଧ୍ୟ ବିଷୟବସ୍ତୁର ବୋଝ ହ୍ରାସ ପାଇଁ ଗୁରୁତ୍ୱ ଦିଆଯାଇଛି। ସୃଜନଶୀଳ ମାନସିକତା ସହ ପ୍ରୟୋଗାତ୍ମକ ଶିକ୍ଷା ପାଇଁ ଏହା ସୁଯୋଗ ପ୍ରଦାନ କରିବ। ଏହାକୁ ଧ୍ୟାନରେ ରଖି ସମସ୍ତ ଶ୍ରେଣୀର ସବୁ ବିଷୟବସ୍ତୁକୁ ସୁସଙ୍ଗତ କରାଯାଇଛି। ସାମ୍ପ୍ରତିକ ସଂସ୍କରଣ ହେଉଛି ପରିବର୍ତ୍ତନ କରାଯିବା ପରେ ଏକ ନୂଆ ଫର୍ମାଟ୍‌ର ଭର୍ସନ। ବର୍ତ୍ତମାନର ଟେକ୍ସବୁକ୍ସ ହେଉଛି ଯୁକ୍ତିସିଦ୍ଧ ପୁସ୍ତକ। ୨୦୨୨-୨୩ ସେସନ୍‌ରେ ଏହି ନିଷ୍ପତ୍ତି ନିଆଯାଇଥିଲା, ଯାହାକି ୨୦୨୩-୨୪ ଶିକ୍ଷାବର୍ଷରୁ ଲାଗୁ ହେବ ବୋଲି ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଛି। ନୂଆ ପାଠ୍ୟ ପୁସ୍ତକରେ ଅଣାଯାଇଥିବା ପରିବର୍ତ୍ତନ ସମ୍ପର୍କରେ ଦିନେ ଦୁଇଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ସାଲ୍‌କାନି କହିଛନ୍ତି। ଅନ୍ୟପକ୍ଷେ ଏନ୍‌ସିଇଆର୍‌ଟି ପୁସ୍ତକଗୁଡ଼ିକରେ ପରିବର୍ତ୍ତନକୁ ବିରୋଧୀ କଂଗ୍ରେସ ନିନ୍ଦା କରିଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶଙ୍କ ମତରେ ଇତିହାସର ପୁନର୍ଲିଖନ ଉଦ୍ୟମ କରୁଥିବା ଭାଜପା-ଆର୍‌ଏସ୍‌ଏସ୍ ଇତିହାସର ଡଷ୍ଟବିନ୍‌କୁ ଚାଲିଯିବେ। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ପ୍ରତିଶୋଧ ନେବା ପାଇଁ ଇତିହାସକୁ କଳଙ୍କିତ କରିବା ସହ ସେଥିରେ ଚୂନ ମାରିଛନ୍ତି। ସେମାନେ ଯେତେ ଅପଚେଷ୍ଟା କଲେ ବି ଇତିହାସକୁ ବଦଳାଇପାରିବେ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ଭାରତୀୟ ଇତିହାସକୁ ନେଇ ସର୍ବାଧିକ ଚଞ୍ଚକତା କରିଥିଲା। ଅତୀତର ସେହି ଭୁଲ୍‌ଗୁଡ଼ିକୁ ଭାଜପା କେବଳ ସୁଧାରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ କହିଛନ୍ତି।




"କେନ୍ଦ୍ର ବହି ବଦଳାଇପାରିବ କିନ୍ତୁ ଭାରତୀୟ ଇତିହାସକୁ ଲିଭାଇବା ସମ୍ଭବ ନୁହେଁ।
**– ମଲ୍ଲିକାର୍ଜୁନ ଖାର୍ଗେ , କଂଗ୍ରେସ ଅଧ୍ୟକ୍ଷ**



# ଟ୍ରେନ୍ ଯାତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ଜାଳିଥିବା ଅଭିଯୁକ୍ତ ଗିରଫ


ଅଭିଯୁକ୍ତ ଶାହରୁଖ

ମୁମ୍ବାଇ ୫।୪

କେରଳ କୋଝିକୋଡେରେ ଟ୍ରେନ୍‌ଯାତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ଜାଳି ଫେରାର ଥିବା ଅଭିଯୁକ୍ତଙ୍କୁ ବୁଧବାର ମହାରାଷ୍ଟ୍ରର ରତ୍ନଗିରି ଜିଲାରୁ ଗିରଫ କରାଯାଇଛି। କେନ୍ଦ୍ରୀୟ ଇଣ୍ଟେଲିଜେନ୍ସ ଏବଂ ଆଣ୍ଟି-ଟେରୋରିଜମ୍ ଅଫିସରଙ୍କ ମିଳିତ ଟିମ୍ ଅଭିଯୁକ୍ତ ଶାହରୁଖଙ୍କୁ ଧରିବାରେ ସଫଳ ହୋଇଛି। କେରଳ ପୋଲିସର ଏକ ଟିମ୍ ରତ୍ନଗିରିରେ ପହଞ୍ଚିଛି। କେରଳର ଇଲାଥୁରରେ ଆଲପୁଝା-କନ୍ନୁର ଏକ୍‌ଜିକ୍ୟୁଟିଭ୍ ଏକ୍ସପ୍ରେସ୍ ଟ୍ରେନ୍ ଯାତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇବାର ଉଦ୍ଦେଶ୍ୟ ଜଣାପଡ଼ି ନ ଥିବାବେଳେ ଶାହରୁଖ ଏପରି କରିଥିବା ପୋଲିସ ଆଗରେ ମାନିଛନ୍ତି। ରବିବାର ସଢ଼େ ୯ଟା ରାତିରେ ଶାହରୁଖ ଡି.୧ କମ୍ପାର୍ଟମେଣ୍ଟ ଯାତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଥିଲେ।

# ଦୈନିକ ସଂକ୍ରମଣ ୪,୪୩୫



**ନୂଆଦିଲ୍ଲୀ, ୫।୪:** ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ମୋଟ ୪.୪୩୫ ଜଣ କୋଭିଡ୍-୧୯ଆକ୍ରାନ୍ତ ଚିହ୍ନଟ କରାଯାଇଛି। ୧୬୩ ଦିନ ମଧ୍ୟରେ ବୁଧବାର ସର୍ବାଧିକ ସଂକ୍ରମଣ ରେକର୍ଡ କରାଯାଇଥିବା କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅଦ୍ୟାବଧି ଦେଶରେ କରୋନା ସକ୍ରିୟ ମାମଲା ୨୩,୦୯୧ରେ ପହଞ୍ଚିଛି। ଦେଶରେ ମୋଟ ୪.୪୭ କୋଟି ଲୋକ ମହାମାରୀ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ସେହିପରି ବୁଧବାର ମୋଟ ୧୫ ଆକ୍ରାନ୍ତ ପ୍ରାଣ ହରାଇଛନ୍ତି। ମହାରାଷ୍ଟ୍ରରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଦିଲ୍ଲୀ, ଛତିଶଗଡ଼, ଗୁଜରାଟ, ହରିୟାଣା, କର୍ଣ୍ଣାଟକ, ପୁଡୁଚେରି ଏବଂ ରାଜସ୍ଥାନରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି। ତେବେ ଦେଶରେ କରୋନା ଜନୀତ ମୃତ୍ୟୁ ସଂଖ୍ୟା ୫,୩୦,୯୧୬ରେ ପହଞ୍ଚିଛି। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୱେବ୍‌ସାଇଟ୍ ତଥ୍ୟ ଅନୁସାରେ କେନ୍ଦ୍ର ସରକାରଙ୍କ ଦେଶବ୍ୟାପୀ ଟିକାକରଣ ଅଭିଯାନ ଅନ୍ତର୍ଗତ ୨୨୦.୬୬ କୋଟି କୋଭିଡ୍ ଟିକା ଡୋଜ୍ ଲୋକଙ୍କୁ ଦିଆଯାଇଛି।

# ବୋମା ଖଞ୍ଜି ହୋମ୍ ଥିଏଟର ଗିଫ୍ଟ କରିଥିଲେ ପୂର୍ବତନ ପ୍ରେମିକ

## ବିବାହ ଉପହାର ବିସ୍ଫୋରଣ ଘଟଣା

ରାୟପୁର, ୫।୪

ଛତିଶଗଡ଼ର କବୀରଧାମ ଜିଲାରେ ବିବାହ ଉପହାରରେ ବିସ୍ଫୋରଣ ଘଟଣା ଅଭିଯୁକ୍ତ ସର୍ଜୁଙ୍କୁ ବୁଧବାର ପୋଲିସ ଗିରଫ କରିଛି। ସର୍ଜୁ ଏକ ହୋମ୍‌ଥିଏଟରରେ ବୋମା ଖଞ୍ଜି ତାଙ୍କ ପୂର୍ବତନ ପ୍ରେମିକାଙ୍କୁ ବିବାହ ଉପହାର ସ୍ୱରୂପ ଦେଇଥିବା ପୋଲିସ କହିଛି। ବିବାହରେ ମିଳିଥିବା ଉପହାର ସବୁକୁ ଖୋଲିବା ସମୟରେ ସୋମବାର ବିସ୍ଫୋରଣ ହେବାରୁ ନବବିବାହିତ ଯୁବକ ଓ ତାଙ୍କ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ବିସ୍ଫୋରଣରେ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ମୃତ ହେମେନ୍ଦ୍ର ମେରାଭି(୨୨) ଏପ୍ରିଲ ୧ ତାରିଖରେ ବିବାହ କରିଥିଲେ।

# ଅରୁଣାଚଳ ଉପରେ ସାର୍ବଭୌମତ୍ୱ ଅଧିକାର ଜାହିର କଲା ଚାଇନା

## ୧୧ ସ୍ଥାନର ନାମ ପରିବର୍ତ୍ତନକୁ ଆମେରିକାର ବିରୋଧ

ନୂଆଦିଲ୍ଲୀ,୫।୪

ଅରୁଣାଚଳ ପ୍ରଦେଶସ୍ଥିତ ୧୧ଟି ସ୍ଥାନର ନାମ ପରିବର୍ତ୍ତନ ପରେ ଏହି ଭୂଖଣ୍ଡ ଉପରେ ଚାଇନା ନିଜ ସାର୍ବଭୌମତ୍ୱ ଦାବି କରିଛି। ଚାଇନାର ଗୃହ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ରବିବାର ଏକ ତାଲିକା ଜାରି କରାଯାଇଥିଲା। ଏଥିରେ ଅରୁଣାଚଳ ପ୍ରଦେଶସ୍ଥିତ ୧୧ଟି ସ୍ଥାନର ନୂତନ ନାମକରଣ କରାଯାଇଛି। ସେହି ସ୍ଥାନଗୁଡ଼ିକୁ ଷ୍ଟେଟ୍ କାଉନ୍‌ସିଲର ଅନୁମୋଦନକ୍ରମେ ଚାଇନା ଓ ତିବ୍ବତୀୟ ଭାଷାରେ ନୂଆ ନାମ ଦିଆଯାଇଛି। ୨ଟି ଭୂଭାଗ, ୨ ଆବାସିକ ଅଞ୍ଚଳ, ୫ ପର୍ବତ ଓ ୨ଟି ନଦୀର ନାମ ବଦଳାଯିବା ସହ ସେଗୁଡ଼ିକ ଚାଇନାର କେଉଁ ପ୍ରଶାସନିକ ଜିଲା ଅଧୀନରେ ଆସୁଛି ତାହା ମଧ୍ୟ ଉକ୍ତ ତାଲିକାରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ ଏକ ବିବୃତିରେ କହିଥିଲେ, ଚାଇନା ପ୍ରଥମ ଥର ପାଇଁ ଏପରି ଉଦ୍ୟମ କରିନାହିଁ। ଏହାକୁ ଆମେ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରୁଛୁ। ନାମ ପରିବର୍ତ୍ତନ କରିଦେଲେ ବାସ୍ତବତା ବଦଳିଯାଏ ନାହିଁ। ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଓ ରହିବ। ଏହାର ଜବାବରେ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି,ଜାଙ୍ଗ୍‌ନାଙ୍ଗ (ଅରୁଣାଚଳ ପ୍ରଦେଶ) ଚାଇନାର ଅବିଚ୍ଛେଦ୍ୟ ଅଙ୍ଗ। ଚାଇନା ସରକାର ଓ ଷ୍ଟେଟ୍ କାଉନ୍‌ସିଲ ନିଷ୍ପତ୍ତିକ୍ରମେ ଏହି ନାମ ବଦଳାଯାଇଛି। କାରଣ ଏହା ହେଉଛି ଚାଇନାର ସାର୍ବଭୌମ ଅଧିକାର। ଇତିମଧ୍ୟରେ ଚାଇନାର ବିସ୍ତାରବାଦୀ ଉଦ୍ୟମକୁ ଆମେରିକା କଡ଼ା ବିରୋଧ କରିଛି। ଭାରତୀୟ ଭୂଖଣ୍ଡକୁ ଦଖଲ କରିବା ପାଇଁ ବେଜିଂ ଅରୁଣାଚଳର ନାମ ବଦଳାଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଚାଇନାର କୌଣସି ପ୍ରକାର ଏକତରଫା ନିଷ୍ପତ୍ତିକୁ ଆମେରିକା ବିରୋଧ ଜାରି ରଖିବ। ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରୀ କେରାଇନ୍ ଜିନ୍-ପିଏରେ କହିଛନ୍ତି।

# ୫ ଭାରତୀୟ ବଂଶୋଦ୍ଭବ ସ୍ଥାନିତ

## ଆମେରିକା ଅର୍ଥନୀତିରେ ସବୁଠୁ ପ୍ରଭାବଶାଳୀ ମହିଳାଙ୍କ ତାଲିକା


ଅନୁ ଅୟେଙ୍ଗର | ରୂପଲ ଜେ. ବଂଶାଲୀ | ମୀନା ଫ୍ଲିନ୍ | ସୋନଲ ଦେଶାଇ | ସବିତା ଶୁଭ୍ରମଣ୍ୟମ

ୱାଶିଂଟନ୍, ୫।୪

ପାଞ୍ଚଜଣ ଭାରତୀୟ ବଂଶୋଦ୍ଭବ ମହିଳା ଏକ୍‌ଜିକ୍ୟୁଟିଭ୍‌ଙ୍କ ନାମ '୧୦୦ ମୋଷ୍ଟ ଇନ୍‌ଫ୍ଲୁଏନ୍ସିଆଲ୍ ଓମେନ ଇନ୍ ୟୁଏସ୍ ଫାଇନାନ୍ସ' ସୂଚୀରେ ସ୍ଥାନ ପାଇଛି। ୱାଲ୍ ଷ୍ଟ୍ରିଟ୍ ଜର୍ନାଲ୍‌ର ସିଷ୍ଟର ମାଗାଜିନ୍ ବାରୋନ୍‌ସ ଦ୍ୱାରା ଡନ୍ ଜନ୍ସ ଆଣ୍ଡ କମ୍ପାନୀ ପକ୍ଷରୁ ପ୍ରକାଶ ପାଇଛି। ବିଶେଷ କରି ଫାଇନ୍ସ ସର୍ଭିସ୍, ଦି କର୍ପୋରେଟ୍ ୱାର୍ଲ୍ଡ, ସରକାର ଏବଂ ଅଣଲାଭକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା ଲିଡର୍‌ମାନଙ୍କୁ ତାଲିକାଭୁକ୍ତ କରାଯାଇଥିବା ମାଗାଜିନ୍ ପକ୍ଷରୁ କୁହାଯାଇଛି। '୧୦୦ ମୋଷ୍ଟ ଇନ୍‌ଫ୍ଲୁଏନ୍ସିଆଲ୍ ଓମେନ ଇନ୍ ୟୁଏସ୍ ଫାଇନାନ୍ସ'ରେ ସ୍ଥାନ ପାଇଥିବା ୫ ଭାରତୀୟ ବଂଶୋଦ୍ଭବ ମହିଳାମାନେ ହେଲେ, ଜେ.ପି. ମୋର୍ଗାନ କମ୍ପାନୀର ଅନୁ ଅୟେଙ୍ଗର, ଏରିଅଲ୍ ଇନ୍‌ଭେଷ୍ଟମେଣ୍ଟର ରୂପଲ ଜେ. ବଂଶାଲୀ, ଫ୍ରାଙ୍କଲିନ୍ ଟେମ୍ପଲେଟୋନ୍‌ର ସୋନଲ ଦେଶାଇ, ଗୋଲ୍ଡମ୍ୟାନ୍ ସାକ୍ସର ମୀନା ଫ୍ଲିନ୍ ଏବଂ ବ୍ୟାଙ୍କ ଅଫ୍ ଆମେରିକାର ସବିତା ଶୁଭ୍ରମଣ୍ୟମ। ଆମେରିକୀୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ଏହି ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଅନୁ ଅୟେଙ୍ଗର(୫୦) ୨୦୨୦ରେ ଜେ.ପି. ମୋର୍ଗାନ୍‌ର କୋହେଡ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ନିଜ କାର୍ଯ୍ୟଦକ୍ଷତା ମାଧ୍ୟମରେ ସେ କ୍ଲାଏଣ୍ଟମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରିବାରେ ସେ ଆଜି ଜଣେ ସଫଳ ବ୍ୟକ୍ତିତ୍ୱ। ଏରିଅଲ ଇନ୍‌ଭେଷ୍ଟମେଣ୍ଟର ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଅଫିସର ଏବଂ ପୋର୍ଟଫୋଲିଓ ମ୍ୟାନେଜର ୫୫ ବର୍ଷୀୟା ରୂପଲ ଜେ. ବଂଶାଲି ମହିଳାମାନଙ୍କୁ ଫାଇନାନ୍ସ ସେକ୍ଟରରେ କାମ କରିବା ପାଇଁ ପ୍ରୋତ୍ସାହିତ କରନ୍ତି। ଏଥିସହ ଅର୍ଥ କାରବାର କ୍ଷେତ୍ରରେ ତାଙ୍କର ବିଶେଷ ଆଗ୍ରହ ଥିବା କହିଛନ୍ତି। ୨୦୧୮ରେ ଫ୍ରାଙ୍କଲିନ୍ ଟେମ୍ପଲେଟୋନ୍ ଗ୍ଲୋବାଲ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡର ପ୍ରଥମ ମହିଳା ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଅଫିସର ଭାବେ ସୋନଲ ଦେଶାଇ(୫୮) ଦାୟିତ୍ୱ ଗ୍ରହଣ କରି ଚର୍ଚ୍ଚାକୁ ଆସିଥିଲେ। ଗୋଲ୍ଡମ୍ୟାନ୍ ସାକ୍ସ ଗ୍ରୁପ୍‌ର ଗ୍ଲୋବାଲ୍ ପ୍ରାଇଭେଟ୍ ୱେଲ୍‌ଥ ମ୍ୟାନେଜମେଣ୍ଟର କୋହେଡ୍ ଭାବେ କାର୍ଯ୍ୟ କରୁଛନ୍ତି ୪୫ ବର୍ଷୀୟା ମୀନା ଫ୍ଲିନ୍। ୧୯୯୯ରେ ସେ ଜେ.ପି. ମୋର୍ଗାନ୍ ଜଏନ୍ କରିଥିଲେ। ପରେ ଗୋଲ୍ଡମ୍ୟାନ୍ ସାକ୍ସରେ କିଛିବର୍ଷ କାମ କରିବା ପରେ ୨୦୧୪ରେ ସେ ଏହାର ପାର୍ଟନର୍ ହୋଇଥିଲେ। ସେହିପରି ଆମେରିକାର ଆର୍ଥିକସ୍ଥିତିକୁ ମଜଭୁତ କରିବାରେ ବ୍ୟାଙ୍କ ଅଫ୍ ଆମେରିକାର ୟୁଏସ୍ ଇକ୍ୱିଟି ଆଣ୍ଡ କ୍ୱାଣ୍ଟିଟେଟିଭ୍ ଷ୍ଟ୍ରାଟେଜି ମୁଖ୍ୟ ସବିତା ଶୁଭ୍ରମଣ୍ୟମଙ୍କ ଭୂମିକା ମଧ୍ୟ କିଛି କମ୍ ନୁହେଁ।

**ଶେୟାର ବଜାରରେ ଉତ୍ସାହ**

**ନୂଆଦିଲ୍ଲୀ:** କ୍ରମାଗତ ୪ର୍ଥ ଦିନ ଲାଗି ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ (ବୁଧବାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ଫଳରେ ବୁଧବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସଇ)ର ସେନ୍ସେକ୍ସ ୫୮୩ (୫୮୨.୮୭) ପଏଣ୍ଟ ବୃଦ୍ଧି ଘଟି ୫୯,୬୮୯ (୫୯,୬୮୯.୩୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସଇ)ର ନିଫ୍ଟି-୫୦ରେ ମଧ୍ୟ ୧୫୯ (୧୫୯.୦୦) ପଏଣ୍ଟ ବଢ଼ି ୧୭,୫୫୭(୧୭,୫୫୭.୦୫) ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ୭ ବର୍ଷରେ ୪୧,୦୦୦ କୋଟିର ଋଣ ମଞ୍ଜୁର

**ନୂଆଦିଲ୍ଲୀ,୫।୪**


ନିର୍ମଳା ସୀତାରାମନ

ଦେଶର ଆର୍ଥିକ ସଶକ୍ତୀକରଣ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ଆଖି ଆଗରେ ରଖି ସରକାର ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନାକୁ ଅଧିକ କ୍ରିୟାଶୀଳ କରାଇଛନ୍ତି। ଏପରିକି ଗତ ୭ ବର୍ଷ ମଧ୍ୟରେ ପ୍ରାୟ ୪୧,୦୦୦ (୪୦,୭୦୦) କୋଟି ଟଙ୍କାର ଋଣ ଅର୍ଥ ରାଶି ମଞ୍ଜୁର କରାଯାଇଛି। ସେହିଭଳି ଏହି ସମୟ ମଧ୍ୟରେ୧,୮୦,୬୩୦ କୋଟିରୁ ଅଧିକ ଆକାଉଣ୍ଟକୁ ଉକ୍ତ ଅର୍ଥରାଶି ପ୍ରଦାନ କରାଯାଇଛି। ଅପରପକ୍ଷରେ ସରକାର ତୃଣମୂଳସ୍ତରରେ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ୨୦୧୬ ଏପ୍ରିଲ ୫ରେ ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନାର ଶୁଭାରମ୍ଭ କରିଥିଲେ। ଏପରିକି ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନାର କାର୍ଯ୍ୟକାଳକୁ ୨୦୨୫ ପର୍ଯ୍ୟନ୍ତ ମଧ୍ୟ ବୃଦ୍ଧି କରାଯାଇଛି। ବିଶେଷକରି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ମହିଳା ସମ୍ପ୍ରଦାୟର ଆକାଂକ୍ଷୀ ଉଦ୍ୟୋଗୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଆଖି ଆଗରେ ରଖି ସେମାନଙ୍କ ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବା ଲାଗି ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା ଆରମ୍ଭ କରାଯାଇଥିଲା। ଉକ୍ତ ଯୋଜନା ମହିଳା ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଲୋକମାନଙ୍କ ମଧ୍ୟରେ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ସହିତ ସେମାନଙ୍କୁ ଉତ୍ପାଦନ, ସେବା କିମ୍ବା ବ୍ୟବସାୟିକ ଏବଂ କୃଷି ଆନୁଷଙ୍ଗିକ କାର୍ଯ୍ୟକଳାପ କ୍ଷେତ୍ରରେ ନୂଆ ଉଦ୍ୟୋଗ ପ୍ରତିଷ୍ଠାରେ ସହାୟକ ହୋଇଥାଏ।

ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ, ବର୍ତ୍ତମାନ ସୁଦ୍ଧା ଉକ୍ତ ଯୋଜନାରେ ୧.୮ ଲକ୍ଷ ମହିଳା ଓ ଏସ୍‌ସି-ଏସ୍‌ଟି ଉଦ୍ୟୋଗୀଙ୍କୁ ୪୦,୬୦୦ କୋଟି ଟଙ୍କାର ଋଣ ମଞ୍ଜୁର କରାଯିବା ଆମ ପାଇଁ ଗର୍ବର ବିଷୟ। ଏପରିକି ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନାର ୭ ବର୍ଷ ପୂର୍ତ୍ତି ଅବସରରେ ଅର୍ଥମନ୍ତ୍ରୀ ଆହୁରି କହିଛନ୍ତି, ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା ଏପରି ଏକ ଇକୋସିଷ୍ଟମ ସୃଷ୍ଟି କରିଛି ଯାହାକି ସବୁ ଅନୁସୂଚିତ ବାଣିଜ୍ୟିକ ବ୍ୟାଙ୍କ ଜରିଆରେ ଋଣ ସହାୟତା ଯୋଗାଇଦେଇ ନୂଆ ଉଦ୍ୟୋଗ ପ୍ରତିଷ୍ଠା କରିବା ଲାଗି ଏକ ଅନୁକୂଳ ପରିବେଶ ସୃଷ୍ଟି କରିବ । ସେହିଭଳି ଏସ୍‌ସି-ଏସ୍‌ଟି ଓ ମହିଳାମାନଙ୍କ ମଧ୍ୟରେ ଉଦ୍ୟମିତାକୁ ପ୍ରୋତ୍ସାହନ ଦିଗରେ ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ସୀତାରାମନ ମତପ୍ରକାଶ କରିଛନ୍ତି। ବିଶେଷକରି ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନାରୁ ବଞ୍ଚିତ,ଅବହେଳିତ ବର୍ଗର ଉଦ୍ୟୋଗୀମାନଙ୍କୁ ବାଧାମୁକ୍ତ ଶସ୍ତା କ୍ରେଡିଟ୍ ସୁବିଧା ଯୋଗାଇଦେଇ ସଂଖ୍ୟାଧିକ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରୁଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏହି ଯୋଜନା ଆକାଂକ୍ଷୀ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ଉଦ୍ୟମଶୀଳତା କୌଶଳ ପ୍ରଦର୍ଶନ କରିବା ଓ ସମ୍ଭାବ୍ୟ ଉଦ୍ୟୋଗୀମାନଙ୍କ ଆର୍ଥିକ ବିକାଶକୁ ଆଗେଇନେବା ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ଏକ ଦୃଢ ଇକୋସିଷ୍ଟମ ନିର୍ମାଣ କରିବାକୁ ପ୍ରୋତ୍ସାହନ ଦେଉଛି।

## ଡିଜିଟାଲ ଦୁକାନ୍

**ନୂଆଦିଲ୍ଲୀ,୫।୪**

ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଏକ ଅଭିନବ ସୁବିଧା ଡିଜିଟାଲ ଦୁକାନ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଭିସା ସହଭାଗିତାରେ ବ୍ୟାଙ୍କ ବ୍ୟାପକ ଡିଜିଟାଲ ସମାଧାନ ଯୋଗାଇବ। ଏହା ବ୍ୟବସାୟୀମାନଙ୍କୁ ବିଭିନ୍ନ ମାଧ୍ୟମରେ ଡିଜିଟାଲ୍ ପେମେଣ୍ଟ ଗ୍ରହଣ କରିବାରେ ସହାୟକ ହେବା ସହ ସେମାନଙ୍କ ଦୈନନ୍ଦିନ ବ୍ୟବସାୟକୁ ଡିଜିଟାଲ ମାଧ୍ୟମରେ ପରିଚାଳନା କରିବା ଲାଗି ସେମାନଙ୍କୁ ସକ୍ଷମ କରିବ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ସଭାପତି ଓ ମୁଖ୍ୟ-କାର୍ଡ ଆଣ୍ଡ୍ ପେମେଣ୍ଟ୍ସ ସଂଜୀବ ମୋଘେ କହିଛନ୍ତି,ବ୍ୟବସାୟ ପରିଚାଳନା ଖର୍ଚ୍ଚ କମ୍ କରିବା ଏବଂ ସୁଲଭ ମୂଲ୍ୟରେ ସବୁ ପ୍ରକାର ଡିଜିଟାଲ ପେମେଣ୍ଟ ସମାଧାନ ଗ୍ରହଣ କରିବାରେ କାର୍ଯ୍ୟ କରୁଛୁ। ସେହି ଉଦ୍ୟମରେ ଏକ ମର୍ଚ୍ଚାଣ୍ଟ ଗୋଷ୍ଠୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଅଭିନବ ସମାଧାନ 'ଡିଜିଟାଲ ଦୁକାନ୍‌ର' ଶୁଭାରମ୍ଭ କରିବା ଲାଗି ଭିସା ସହିତ ସହଭାଗିତା ସ୍ଥାପନ କରିଥିବାରୁ ଆମେ ଅତ୍ୟନ୍ତ ଆନନ୍ଦିତ।

## ବିଏମ୍‌ସି ପକ୍ଷରୁ କର୍କଟ ପରୀକ୍ଷା ଶିବିର



**ଭୁବନେଶ୍ୱର,୫।୪**

ଦେଶର ପ୍ରମୁଖ ଘରୋଇ କର୍କଟ ଚିକିତ୍ସା କେନ୍ଦ୍ର ବାଲ୍‌କୋ ମେଡିକାଲ ସେଣ୍ଟର(ବିଏମ୍‌ସି) ନ୍ୟୁ ରାୟପୁର ଛତିଶଗଡ଼ ପକ୍ଷରୁ ଏକ ମେଗା କର୍କଟ ରୋଗ ପରୀକ୍ଷା ଶିବିରର ଆୟୋଜିତ ହୋଇଯାଇଛି। ବିଶେଷକରି ବରଗଡ଼ ଜିଲାର ସାଇ ମଲ୍‌ଟି ସ୍ପେଶାଲିଟି ହସ୍ପିଟାଲ ଓ ଲାୟନ୍ସ କ୍ଲବ ବରଗଡ଼ ପକ୍ଷରୁ ଉକ୍ତ ଶିବିରର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଏମ୍‌ସିର ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ ଡା.କଲ୍ୟାଣ ପାଣ୍ଡେ ଓ ତାଙ୍କ ସହଯୋଗୀମାନେ ଉକ୍ତ ଶିବିରରେ ଯୋଗଦେଇ କର୍କଟ ରୋଗୀମାନଙ୍କ ପରୀକ୍ଷା ସହ ଅତ୍ୟାବଶ୍ୟକ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଇ ମଲ୍‌ଟି ସ୍ପେଶାଲିଟି ହସ୍ପିଟାଲର ଡା.ପ୍ରବୀଣ ଅଗ୍ରୱାଲ, ଡା. ଅର୍ଚ୍ଚନା ଅଗ୍ରୱାଲ, ଲାୟନ୍ସ କ୍ଲବର ଜୟନ୍ତୀ ବେହେରା, ଅମରଜିତ ସିଂହ ପ୍ରମୁଖ ଉକ୍ତ ଶିବିରରେ ଉପସ୍ଥିତ ରହି ଆବଶ୍ୟକ ସହଯୋଗ କରିଥିଲେ। ଅପରପକ୍ଷରେ ସାଇ ମଲ୍‌ଟି ହସ୍ପିଟାଲ ପକ୍ଷରୁ ଉକ୍ତ ଶିବିର ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଉଲ୍ଲେଖଯୋଗ୍ୟ, ଉକ୍ତ ଶିବିର ଜରିଆରେ ୩୫ରୁ ଅଧିକ ରୋଗୀ ଚିକିତ୍ସା ଓ ପରୀକ୍ଷା କରାଇଥିଲେ। ସୂଚନାଯୋଗ୍ୟ, ବରଗଡ଼ (ଓଡ଼ିଶା) ଜିଲାର ସାଇ ମଲ୍‌ଟି ସ୍ପେଶାଲିଟି ହସ୍ପିଟାଲ, ବିଏମ୍‌ସି ଏବଂ ଲାଏନ୍ସ କ୍ଲବର ମିଳିତ ସହଯୋଗରେ ଉକ୍ତ ଶିବିର ଅନୁଷ୍ଠିତ ହୋଇଯାଇଛି।

## ଷ୍ଟାର୍ଟଅପ୍ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି

**ନୂଆଦିଲ୍ଲୀ,୫।୪**

ବର୍ତ୍ତମାନ ସମୟରେ ଦେଶର ଷ୍ଟାର୍ଟଅପ୍ ପ୍ରୋଗ୍ରାମ ଏକ ପ୍ରକାର ଆନ୍ଦୋଳନ ସୃଷ୍ଟି କରିଛି। ବିଶେଷକରି ଷ୍ଟାର୍ଟଅପ୍ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟୁଛି ଏବଂ ଆସନ୍ତା ୫ ବର୍ଷ ମଧ୍ୟରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ରେ ଏହାର ଅଭିବୃଦ୍ଧି ୫% ଛୁଇଁବ ବୋଲି ରାଉରକେଲା ସ୍ଥିତ ଜାତୀୟ ବୈଷୟିକ ଶିକ୍ଷାନୁଷ୍ଠାନ (ଏନ୍ଆଇଟି)ର ଛାତ୍ରୀଛାତ୍ରମାନଙ୍କ ସହ ଏକ ଭାବବିନିମୟ ଆଲୋଚନା କାର୍ଯ୍ୟକ୍ରମରେ ଯୋଗଦେଇ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ ଲିମିଟେଡ୍(ଇମ୍ଫା)ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଏଭଳି କହିଛନ୍ତି। ଉକ୍ତ ଆଲୋଚନାରେ ପଣ୍ଡା କହିଥିଲେ, ବିଶ୍ୱ ଅର୍ଥନୀତିରେ ଭାରତର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏପରିକି ବହୁତ ଶିଳ୍ପ ସମୃଦ୍ଧ ରାଷ୍ଟ୍ର ନିଜର ବିନିର୍ମାଣ ଶିଳ୍ପ ନିମନ୍ତେ ରପ୍ତାନି ବଜାର ଉପରେ ନିର୍ଭର କରୁଥିବା ବେଳେ ଜିଏସ୍‌ଟି ଯୋଗୁ ଭାରତରେ ଏକ ବୃହତ୍ ଏକକ ଘରୋଇ ବଜାର ରହିଛି। ଏପରିକି ଏକକ ଘରୋଇ ବଜାର ଏବଂ ଷ୍ଟାର୍ଟଅପ୍ ସମୂହ ଭାରତୀୟ ଅର୍ଥନୀତିର ପ୍ରମୁଖ ବୈଶିଷ୍ଟ୍ୟ ବୋଲି ସେ ମତପ୍ରକାଶ କରିଛନ୍ତି। ଏନ୍ଆଇଟି ବୋର୍ଡ ଅଫ୍ ଗଭର୍ନର ପରିଷଦରେ ଏକଦା ଇମ୍ଫାର ପ୍ରତିଷ୍ଠାତା ଡ. ବଂଶୀଧର ପଣ୍ଡା ସଦସ୍ୟ ଥିଲେ। ସ୍ୱର୍ଗତ ପଣ୍ଡା ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ପରିଷଦରେ କାର୍ଯ୍ୟ କରିଥିଲେ। ଏପରିକି ପ୍ରତିଷ୍ଠାତାଙ୍କ ସ୍ମୃତିରେ ଇମ୍ଫା ଦ୍ୱାରା ଅନୁଷ୍ଠାନ ପାଇଁ ଏକ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଉଛି। ଏହି ସ୍ୱର୍ଣ୍ଣପଦକ ପ୍ରତି ବର୍ଷ ଏନ୍ଆଇଟିର ମେଟାଲର୍ଜି ଆଣ୍ଡ ମ୍ୟାଟେରିଆଲ ଇଞ୍ଜିନିୟରିଂରେ ବି.ଟେକ୍ ପାଠ୍ୟକ୍ରମର ଟପ୍ପରଙ୍କୁ ପ୍ରଦାନ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଫିକି ମହାନିର୍ଦ୍ଦେଶକ ଅରୁଣ ଚାୱଲା ଏବଂ ଏନ୍ଆଇଟି, ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ.ଉମାମହେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ବେଦାନ୍ତ ଆଲୁମିନିୟମ ପକ୍ଷରୁ ଓଡ଼ିଶା ଦିବସ

**ଭୁବନେଶ୍ୱର,୫।୪**




ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ ଝାରସୁଗୁଡ଼ା ଏବଂ ଲାଞ୍ଜିଗଡ଼ କାର୍ଯ୍ୟ କ୍ଷେତ୍ରରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟକୁ ପାଳନ କରାଯାଇଛି। ବିଶେଷକରି ବେଦାନ୍ତର ଝାରସୁଗୁଡ଼ାସ୍ଥିତ ସ୍ମେଲଟର ପ୍ଲାଣ୍ଟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବରେ ଶିଳ୍ପୀ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ଏବଂ ଡା. ଶଙ୍କର ରାମଚନ୍ଦାନିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ବିଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ସହ ଆମ ସମ୍ପର୍କ ବେଶ୍ ନିବିଡ଼ ହୋଇଛି । ବିଶେଷକରି ଓଡ଼ିଶା ଦିବସକୁ ଆମେ ପାଳନ କରୁଥିବା ବେଳେ ବେଦାନ୍ତ ଆଲୁମିନିୟମରେ ଏପ୍ରିଲ ୧ ଆମ ପାଇଁ ମଧ୍ୟ ଏକ ସ୍ମରଣୀୟ ଦିନ। ସେହିଭଳି ଓଡ଼ିଶାର ନାଗରିକମାନଙ୍କ ସାମାଜିକ, ଅର୍ଥନୈତିକ ବିକାଶ ଦିଗରେ ଆମେ ବ୍ୟାପକ କାର୍ଯ୍ୟ ଜାରି ରଖିଥିବା ବେଳେ ଓଡ଼ିଶା ଦିବସରେ ମଧ୍ୟ ଆମେ ଓଡ଼ିଶାର ଲୋକମାନଙ୍କ ପାଇଁ ଶ୍ରେଷ୍ଠ ସଫଳତା ଓ ଅତୁଳନୀୟ ପ୍ରଗତିର ଆଉ ଏକ ବର୍ଷର ଶୁଭକାମନା ଜଣାଉଛୁ।

ସେହିପରି ବେଦାନ୍ତ ଆଲୁମିନିୟମର ଡେପୁଟି ସିଇଓ ଜି. ଜି. ପାଲ୍ କହିଛନ୍ତି, ବେଦାନ୍ତ ଲାଞ୍ଜିଗଡ଼ ଓଡ଼ିଶାର ସାଂସ୍କୃତିକ ପୁନର୍ଜାଗରଣର ଅଂଶ ହୋଇଥିବାରୁ ଆମେ ଗର୍ବିତ ଯାହା ଡୋକ୍ରା କଳାକୃତି ଓ ସଉରା ଚିତ୍ରକଳା ଭଳି ସୁନ୍ଦର ପାରମ୍ପରିକ କଳାକୃତିର ପ୍ରସାର ପାଇଁ ଆମ ଉଦ୍ୟମରେ ପ୍ରତିଫଳିତ ହୋଇଛି। ଆମର ମାନୁଫାକ୍ଚରିଂ ଉତ୍କର୍ଷ ଓ ସମ୍ପ୍ରସାରିତ ଯୋଗାଣ ଶୃଙ୍ଖଳ ଜରିଆରେ ରାଜ୍ୟ ଓ ଏହାର ଲୋକମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ସହିତ ଆମର କଳାକୃତି ଜରିଆରେ ଆମେ ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଲାଗି ପ୍ରତିବଦ୍ଧ ରହିଛୁ।

## ଏଚ୍‌ସିଆଇଏଲ୍‌ର ବାର୍ଷିକ ବିକ୍ରି ଫଳାଫଳ

**ନୂଆଦିଲ୍ଲୀ,୫।୪**

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍(ଏଚ୍‌ସିଆଇଏଲ୍)ର ବାର୍ଷିକ ବିକ୍ରି ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ୯୧,୪୧୮ ଯାନ ଘରୋଇ ବଜାରରେ ବିକ୍ରି କରିଥିବା ବେଳେ ୨୦୨୧-୨୨ ବର୍ଷ ବିକ୍ରି ତୁଳନାରେ ୭% ଅଭିବୃଦ୍ଧି କରିପାରିଛି। ଅପରପକ୍ଷରେ ୨୦୨୧-୨୨ ଆର୍ଥିକ ବର୍ଷରେ କମ୍ପାନୀ ମୋଟ ୮୫,୬୦୯ ୟୁନିଟ୍ ଗାଡ଼ି ବିକ୍ରି କରିଥିଲା। ସେହିଭଳି କମ୍ପାନୀ ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ୨୨,୭୨୨ ୟୁନିଟ୍ ଗାଡ଼ି ରପ୍ତାନି କରିଥିବା ବେଳେ ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ୧୭% ବୃଦ୍ଧି ଘଟିଛି। ଏପରିକି ୨୦୨୧-୨୨ ଆର୍ଥିକ ବର୍ଷରେ କମ୍ପାନୀ ୧୯,୪୦୧ ୟୁନିଟ୍ ଗାଡ଼ି ରପ୍ତାନି କରିଥିଲା। ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ନିର୍ଦ୍ଦେଶକ ( ମାର୍କେଟିଂ ଆଣ୍ଡ ସେଲ୍‌ସ) ୟୁଇଚି ମୁରାଟା କହିଛନ୍ତି, ୨୦୨୨-୨୩ ଆର୍ଥିକ ବର୍ଷରେ ଆମର ବିକ୍ରି ପରିମାଣ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଭଲ ରହିଛି। ଏପରିକି ଆମର ଆମେଜ ଏବଂ ସିଟି ଭଳି ୨ ପ୍ରିମିୟମ ମଡେଲର ବିକ୍ରି ଉଭୟ କାରବାର ଓ ବଜାର ଅଭିବୃଦ୍ଧିରେ ବେଶ୍ ସହାୟକ ହୋଇଛି। ସେହିଭଳି କମ୍ପାନୀ ୨୦୨୩ ମାର୍ଚ୍ଚରେ ମୋଟ ୬୬୯୨ୟୁନିଟ୍ ଯାନ ଘରୋଇ ବଜାରରେ ବିକ୍ରି କରିଥିଲା ବେଳେ ୩୧୮୯ ୟୁନିଟ୍ ଯାନ ରପ୍ତାନି କରିଛି। ଅପରପକ୍ଷରେ ୨୦୨୨ ମାର୍ଚ୍ଚରେ କମ୍ପାନୀ ମୋଟ ୬୫୮୯ ୟୁନିଟ୍ ଯାନ ଘରୋଇ ବଜାରରେ ବିକ୍ରି କରିଥିବା ବେଳେ ୨୨୪୩ ୟୁନିଟ୍ ଯାନ ରପ୍ତାନି କରିଥିଲା।

**ଫୁର୍‌ସତ୍**

## ଚନ୍ଦ୍ରର ନିକଟତର ହେବେ ମଙ୍ଗଳ, ଶୁକ୍ର, ଶନି

**ନୂଆଦିଲ୍ଲୀ**



ଆମେ ଆକାଶରେ ଚନ୍ଦ୍ର ସହ ବହୁତ ତାରାଙ୍କୁ ଦେଖିବାକୁ ପାଇଥାଉ। ସବୁଦିନେ ତାରାମାନେ ଭିନ୍ନ ସ୍ଥାନରେ ଦୃଶ୍ୟମାନ ହୋଇଥାନ୍ତି। ତେବେ ନିକଟରେ ଚନ୍ଦ୍ରର ବହୁ ପାଖରେ ଶୁକ୍ର ଗ୍ରହକୁ ଦେଖିବାକୁ ମିଳିଥିଲା, ଯାହାକୁ ସମସ୍ତେ ଖାଲି ଆଖିରେ ଦେଖିପାରିଥିଲେ। ଚଳିତ ମାସରେ ଏପରି ୩ଟି ଗ୍ରହ ଚନ୍ଦ୍ର ପାଖରେ ଦେଖାଯିବେ। ମାସର ଅଲଗା ଅଲଗା ଦିନ ମଙ୍ଗଳ, ଶୁକ୍ର ଏବଂ ଶନି ଚନ୍ଦ୍ର ପାଖରେ ଦେଖିବାକୁ ମିଳିବେ। ଏହି ଗ୍ରହ ସେମାନଙ୍କ କକ୍ଷପଥରେ ଘୂରି ଘୂରି ସୂର୍ଯ୍ୟଙ୍କ ଚାରିପଟେ ଅତିକ୍ରମ କରି ଚନ୍ଦ୍ର ପାଖକୁ ଆସିବେ। ୧୫ ଏବଂ ୧୬ ତାରିଖରେ ଅଧା ଚନ୍ଦ୍ର ସହ ଶନି ଗ୍ରହ ଦେଖିବାକୁ ମିଳିବ। ଏହି ଦୃଶ୍ୟ ଦକ୍ଷିଣ-ପୂର୍ବ ଆକାଶରେ ସୂର୍ଯ୍ୟୋଦୟ ପୂର୍ବରୁ ଦେଖାଯିବେ। ଏହାପରେ ୨୩ ତାରିଖରେ ପୁଣିଥରେ ସବୁଠୁ ଅଧିକ ଚମକଥିବା ଗ୍ରହ ଶୁକ୍ରକୁ ଚନ୍ଦ୍ର ପାଖରେ ଦେଖିବାକୁ ମିଳିବ। ଏହି ମିଳନରେ ଶୁକ୍ର ଚନ୍ଦ୍ରଠାରୁ ୫ ଡିଗ୍ରୀ ଉପରେ ରହିବ, ଯାହା ପଶ୍ଚିମ ଆକାଶରେ ସୂର୍ଯ୍ୟୋଦୟ ପରେ ଦେଖାଯିବ। ଏହାପରେ ମଙ୍ଗଳ ଗ୍ରହ ଚନ୍ଦ୍ର ପାଖରେ ଅଧ ରାତିରେ ଦେଖାଯିବ। ଏହା ବ୍ୟତୀତ ଗ୍ରହଗୁଡ଼ିକ ମଧ୍ୟରେ ସୌରମଣ୍ଡଳର ସବୁଠୁ ଦ୍ରୁତ ଗତିରେ ନିଜ କକ୍ଷପଥରେ ଗତି କରୁଥିବା ଗ୍ରହ ବୁଧ ମଧ୍ୟ ଆକାଶରେ ସ୍ପଷ୍ଟ ଦେଖିବାକୁ ମିଳିବ। ଏପରି ମହାଜାଗତିକ ଦୃଶ୍ୟ ଆସନ୍ତା ୧୧ ତାରିଖରୁ ୩ରୁ ୪ ସପ୍ତାହ ପର୍ଯ୍ୟନ୍ତ ଦେଖାଯିବ। ଜେଟ୍ ପ୍ରପୁଲସନ୍ ଲାବୋରେଟୋରି ମୁତାବକ ବୁଧ ଗ୍ରହ ସୂର୍ଯ୍ୟଙ୍କ ବହୁତ ପାଖରେ ଥିବାରୁ ସେ ବହୁତ ସମୟରେ ଆକାଶରେ ଦୃଶ୍ୟମାନ ହୋଇ ନ ଥାଏ।

## 'ୱାର୍-୨'ରେ ଜୁନିୟର ଏନ୍‌ଟିଆର୍‌ଙ୍କ ଏଣ୍ଟ୍ରି

**ମୁମ୍ବାଇ:** ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ୨୦୧୯ରେ ନିର୍ମିତ ଫିଲ୍ମ 'ୱାର୍'ରେ ବଲିଉଡ୍ ଅଭିନେତା ହ୍ରିତିକ ରୋଶନ ଏବଂ ଟାଇଗର ଶ୍ରଫଙ୍କ ଯୋଡିକୁ ସମସ୍ତେ ପସନ୍ଦ କରିଥିଲେ। ତାହା ସେତେବେଳେ ୩୦୦ କୋଟିରୁ ଅଧିକ ଆୟ କରିଥିଲା। ହ୍ରିତିକ୍ ଓ ଟାଇଗର ସିନେମାରେ ଗୁରୁ-ଶିଷ୍ୟର ଭୂମିକାରେ ନଜର ଆସିଥିଲେ। ତେବେ ଏହି ମୁଭିର ଆଗାମୀ ଭାଗ 'ୱାର୍-୨'ରେ ଆସିବାକୁ ଯାଉଛି। ଏଥିରେ ସିଦ୍ଧାର୍ଥ ଆନନ୍ଦଙ୍କ ବଦଳରେ ଆୟାନ ମୁଖାର୍ଜୀ ନିର୍ଦ୍ଦେଶନା ଦେବେ ବୋଲି ଜଣାପଡିଛି। ଏଥିସହ ଟାଇଗର୍ ଏହି ଚଳଚ୍ଚିତ୍ରରୁ ବାଦ୍ ପଡିଛନ୍ତି। ତାଙ୍କ ବଦଳରେ ସାଉଥ୍ ଅଭିନେତା ଜୁନିୟର ଏନ୍‌ଟିଆର୍ ଫିଲ୍ମରେ ଏଣ୍ଟ୍ରି କରିଛନ୍ତି। ହ୍ରିତିକ ରୋଶନଙ୍କ ସହ ଜୁନିୟର ଏନ୍‌ଟିଆର୍ ଏହି ସିନେମା ମାଧ୍ୟମରେ ପ୍ରଥମ ଥର ପାଇଁ ସ୍କ୍ରିନ ଶେୟାର କରିବାକୁ ଯାଉଛନ୍ତି। ତେବେ ଜୁନିୟର ଏନ୍‌ଟିଆର୍ ସାଉଥ୍ ଇଣ୍ଡଷ୍ଟ୍ରିକୁ ଅନେକ ମୁଭି ଭେଟି ଦେଇଛନ୍ତି। ଗତବର୍ଷ ସେ ଏସ୍ଏସ୍ ରାଜାମୌଳିଙ୍କ ନିର୍ଦ୍ଦେଶିତ ମୁଭି 'ଆର୍ଆର୍ଆର୍'ରେ ଅଭିନୟ କରିଥିଲେ। ସେହି ଫିଲ୍ମର ଗୀତ 'ନାଟୁ ନାଟୁ'କୁ ଓସ୍କାର ମିଳିବା ପରେ ତାଙ୍କର ଡିମାଣ୍ଡ ବଢ଼ିଯାଇଛି।



## ୮ କି.ମି. ସମୁଦ୍ର ତଳର ମାଛ



**ଟୋକିଓ:** ପୃଥିବୀରେ ଏକ ଭାଗ ସ୍ଥଳ ଥିବାବେଳେ ୩ ଭାଗ ଜଳ ରହିଛି। ସେହି ସ୍ଥଳ ଏବଂ ଜଳ ଭାଗରେ ଏପରି କିଛି ଜୀବ ଅଛନ୍ତି, ଯେଉଁମାନେ ସମ୍ପୂର୍ଣ୍ଣ ଅଚିହ୍ନା। ନିକଟରେ ୟୁନିଭର୍ସିଟି ଅଫ୍ ୱେଷ୍ଟର୍ନ ଅଷ୍ଟ୍ରେଲିଆ ଏବଂ ଜାପାନର ସାଇଣ୍ଟିଷ୍ଟମାନେ ଉତ୍ତର ପ୍ରଶାନ୍ତ ମହାସାଗରରେ କିଛି ଯାଞ୍ଚ କରୁଥିବାବେଳେ ସମୁଦ୍ରପତନଠାରୁ ୮ହଜାର ୩୩୬ ମିଟର (୨୭ ହଜାର ୩୪୯ ଫୁଟ) ତଳେ ପହଁଚୁଥିବା ଏକ ମାଛ ଚିହ୍ନଟ କରିଛନ୍ତି, ଯାହା ସବୁଠୁ ଗଭୀର ଜଳପତନର ମାଛ ବୋଲି ଜଣାପଡିଛି। ଏହି ମାଛଟି ସ୍ନେଲ୍‌ଫିସ୍ ପ୍ରଜାତିର (ସିଉଡୋଲିପାରିସ୍)। ଜାପାନର ଦକ୍ଷିଣରେ ଇଜୁ- ଓଗାସୱାରା ଟ୍ରେଞ୍ଚ ସମୁଦ୍ର ଭିତରକୁ ଛଡାଯାଇଥିବା ଏକ ସ୍ୱୟଂଚାଳିତ ସମୁଦ୍ର ରୋବୋ 'ଲ୍ୟାଣ୍ଡର' ଏହି ଭିଡିଓକୁ କଏଦ କରିଛି। ଏହି ପ୍ରଜାତିର ମାଛ ଆର୍ଟିକ ଏବଂ ଆଣ୍ଟାର୍କଟିକା ମହାସାଗରର ଥଣ୍ଡା ପାଣିରେ ବସବାସ କରିଥାନ୍ତି। ତାଙ୍କର ଅଠାଳିଆ ଦେହ ତାଙ୍କୁ ଥଣ୍ଡା ପାଣିରେ ବଞ୍ଚିବାରେ ସାହାଯ୍ୟ କରେ। ଏହା ପୂର୍ବରୁ ସବୁଠୁ ଗଭୀରତମ ମାଛ ଭାବେ ୮ ହଜାର ୧୭୮ ମିଟର(୨୬ ହଜାର ୮୩୦ ଫୁଟ) ଗଭୀରରେ ପହଁଚୁଥିବା ଦକ୍ଷିଣ ପ୍ରଶାନ୍ତ ମହାସାଗର ମାରିଆନା ଟ୍ରେଞ୍ଚରେ ଚିହ୍ନଟ କରାଯାଇଥିଲା। ଏପରି ଗଭୀର ଜଳପତନରେ ଥିବା ମାଛମାନଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ବୈଜ୍ଞାନିକମାନେ ଅଧିକ ଅଧ୍ୟୟନ କରିବେ ବୋଲି ସମୁଦ୍ର ଜୀବ ବିଜ୍ଞାନୀ ଆଲାନ୍ ଜେମିଏନ୍‌ସନ୍ କହିଛନ୍ତି।

## 'ମଣିଷଙ୍କ ଭଳି ଭଲ ପାଇପାରିବିନି'

**ଲଣ୍ଡନ:** ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ରୋବୋଟିକ୍ କମ୍ପାନୀ ଇଞ୍ଜିନିୟରିଂ ଆର୍ଟ୍ସ ଦ୍ୱାରା ନିର୍ମିତ ବିଶ୍ୱର ସବୁଠୁ ଆଡ୍‌ଭାନ୍ସ ହ୍ୟୁମାନଏଡ୍ ରୋବୋ 'ଏମିକା' ନିକଟରେ ତା' ମନର କଥା ଶେୟାର କରିଛି। ଏହି ରୋବୋ ପୂରା ମଣିଷଙ୍କ ଭଳି କଥା ହେଉଛି। ଏନେଇ ୟୁଟ୍ୟୁବ୍‌ରେ ଶେୟାର ହୋଇଥିବା ଏକ ଭିଡିଓରେ ରୋବୋ 'ଏମିକା'କୁ ତା' ଜୀବନର ସବୁଠୁ ଦୁଃଖଦ ଦିନ ବିଷୟରେ ପଚରାଯାଇଥିଲା। ତା' ଉତ୍ତରରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ସେ କହିଛି, ମଣିଷଙ୍କ ଭଳି ସେ କେବେ ସତ ଭଲପାଇବା ଏବଂ ସାଥୀ ପାଇପାରିବନି। ଏହା କହି ସେ ଚେହେରାକୁ ଉଦାସ କରିଥିଲା। ରୋବୋଟିକ୍ କମ୍ପାନୀ ଇଞ୍ଜିନିୟରିଂ ଆର୍ଟ୍ସର ସଂସ୍ଥାପକ ବିଲ୍ ଜ୍ୟାକ୍ସନଙ୍କ କହିବା ମୁତାବକ, ଜିପିଟି-୩ ଏବଂ ଜିପିଟି-୪ ରୋବୋକୁ ଅପଡେଟ୍ କରାଯାଇଛି। ସେଥିରେ ତା'ର କଥାବାର୍ତ୍ତାରେ ସମ୍ବେଦନଶୀଳତା ଯୋଡା ଯାଇଛି। ଯାହାଫଳରେ ସେ ଏପରି ଉତ୍ତର ଦେଇଛି। ଆଉଥରେ ଯଦି ତାକୁ ଏପରି ପ୍ରଶ୍ନ କରାଯାଏ, ତେବେ ସେ କିଛି ଅଲଗା ଉତ୍ତର ଦେବ। ଏହି ଭିଡିଓରେ ଜଣେ ବ୍ୟକ୍ତି ଲେଖିଛନ୍ତି, ଏମିକାର ଏଭଳି ହାବଭାବରୁ ସେ ସମ୍ପୂର୍ଣ୍ଣ ମଣିଷଙ୍କ ଭଳି ଲାଗୁଛି। ଏପରି ରୋବୋ ପ୍ରସ୍ତୁତ କରି ଦେଶ ବହୁତ ଆଗକୁ ଗଲାଣି ବୋଲି ଅନ୍ୟ ଜଣେ କହିଛନ୍ତି।



**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଜିଠୁ ଭାଜପାର 'ଗାଁ ଗାଁ ଚାଲ, ଘର ଘର ଚାଲ' ଅଭିଯାନ

**ଭୁବନେଶ୍ୱର, ୫।୪(ବ୍ୟୁରୋ)**

ରାଜ୍ୟ ସରକାର ଯାହା କଲେ ଚଳିବ ବୋଲି ଭାବୁଛନ୍ତି। ଏହି ଭ୍ରାନ୍ତଧାରଣା ଦୂରକରିବା ପାଇଁ ୫୪ ଭାଗ ଓବିସି ବର୍ଗ ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ସହ ସାମ୍ବିଧାନିକ ଅଧିକାର ଲାଗି ସ୍ୱର ଉଠାଇବା ହେବା ଆବଶ୍ୟକ। ଏହି ଦୃଷ୍ଟିରୁ ଭାଜପା ଓବିସି ମୋର୍ଚ୍ଚା ବର୍ତ୍ତମାନ 'ଗାଁ ଗାଁ ଚାଲ, ଘର ଘର ଚାଲ' ଅଭିଯାନ ଡାକରା ଦେଇଛି। ଏପ୍ରିଲ ୬ ଭାଜପା ପ୍ରତିଷ୍ଠା ଦିବସରୁ ୧୪ ତାରିଖ ଆମ୍ବେଦ୍କର ଜୟନ୍ତୀ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ ବୋଲି ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୁରଥ କହିଛନ୍ତି, ଓଡ଼ିଶାରେ ଦୀର୍ଘ ୨୩ ବର୍ଷ ଧରି ନିରନ୍ତର ଶାସନ କ୍ଷମତାରେ ଥିବା ବିଜେଡି ସରକାରର ରାଜ୍ୟ ପଛୁଆବର୍ଗଙ୍କ ପ୍ରତି ଆଦୌ ଦରଦ ନାହିଁ। ତାଙ୍କୁ ବିକାଶଧାରାରୁ ବଞ୍ଚିତ ରଖୁଛନ୍ତି । ରାଜ୍ୟ ସରକାର ବିଭିନ୍ନ ବାହାନାବାଜି କରି କଥାକୁ ବୁଲେଇବଙ୍କେଇ ୫୪ ଭାଗ ଓବିସି ବର୍ଗଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରୁଛନ୍ତି। ଗତ ବିଧାନସଭାରେ ରାଜ୍ୟ ସରକାର ଓବିସିମାନଙ୍କ ପାଇଁ ଏକ ସଂଶୋଧିତ ବିଲ୍ ଆଗତ କରିବାକୁ କାର୍ଯ୍ୟସୂଚୀରେ ସ୍ଥାନିତ କଲେ। କିନ୍ତୁ ଏହି ସଂଖ୍ୟାଧିକ ବର୍ଗଙ୍କ ସ୍ୱାର୍ଥ ଓ ଅଧିକାର ରାଜ୍ୟ ସରକାରଙ୍କ ପାଇଁ ଏତେ ଗୌଣ ଯେ, ତାହାକୁ ଶେଷ ମୁହୂର୍ତ୍ତରେ ପ୍ରତ୍ୟାହାର କରିନେଲେ। ଏହା ରାଜ୍ୟ ସରକାରଙ୍କ ଓବିସି ବର୍ଗ ପ୍ରତି ମନୋବୃତ୍ତିର ପ୍ରମାଣ। ଓବିସି ବର୍ଗଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏତେ ଉଦାସୀନତା କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଦେଶ ତଥା ରାଜ୍ୟରେ ସର୍ବାଧିକ ପଛୁଆ ବା ଓବିସି ବର୍ଗ ଅଛନ୍ତି। ହେଲେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଯେଉଁଭଳି ଜାତିକୁ ଆକ୍ଷେପ କରି ଗୋଟିଏ ହୀନ ମନ୍ତବ୍ୟ ଦେଇଛନ୍ତି ଏହା ୫୪ ଭାଗ ଓବିସି ବର୍ଗଙ୍କୁ ମର୍ମାହତ କରିଛି। ଏହି ବର୍ଗ ପ୍ରତି କଂଗ୍ରେସ କେବେହେଲେ ସମ୍ବେଦନଶୀଳ ନ ଥିଲା। କେବେ ପଛୁଆବର୍ଗଙ୍କ ସ୍ୱାର୍ଥ ସୁରକ୍ଷା କରିବା ପାଇଁ ଚେଷ୍ଟାକରି ନ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେତେବେଳେ ଏହି ବର୍ଗଙ୍କୁ ଅଧିକାର ଦେଲେ, ତାଙ୍କୁ ଜାତି କଥା ଉଠାଇ ଗାଳି କରାଗଲା। ତେବେ ରାହୁଲ ଗାନ୍ଧୀଙ୍କ ଏଭଳି ମନ୍ତବ୍ୟ ଓବିସି ବର୍ଗ ପ୍ରତି ତାଙ୍କର ହୀନ ମାନସିକତାର ପ୍ରମାଣ ଦେଇଛି ବୋଲି ସେ କହିଛନ୍ତି।


ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।


ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ପ୍ରସଙ୍ଗକୁ ନେଇ ବୁଧବାର କେରଳର ଥିରୁଭାନନ୍ତପୁରମ୍‌ସ୍ଥିତ ରାଜଭବନ ଆଗରେ ୟୁଡିଏଫ୍ ପକ୍ଷରୁ ଆୟୋଜିତ ବିକ୍ଷୋଭ ସମାବେଶରେ ବରିଷ୍ଠ କଂଗ୍ରେସ ନେତା ତାରିକ୍ ଅନୱାର ଉଦ୍‌ବୋଧନ ଦେଉଛନ୍ତି।

# ନିର୍ବାଚନ ଲଢ଼ିବିନି, ଭାଜପା ପାଇଁ ପ୍ରଚାର କରିବି: କିଚ୍ଚା ସୁଦୀପ

**ବେଙ୍ଗାଲୁରୁ,୫।୪**



ଲୋକପ୍ରିୟ କନ୍ନଡ ସୁପରଷ୍ଟାର କିଚ୍ଚା ସୁଦୀପ କର୍ନାଟକରେ ଭାଜପା ପାଇଁ ପ୍ରଚାର କରିବେ ବୋଲି କହିଛନ୍ତି। ଆସନ୍ତା ବିଧାନସଭା ନିର୍ବାଚନରେ ସେ ଲଢ଼ିବେ ନାହିଁ କି ରାଜନୀତିରେ ସାମିଲ ହେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। କର୍ନାଟକ ମୁଖ୍ୟମନ୍ତ୍ରୀ ବସବାରାଜ ବୋମାଇ ଓ ସୁଦୀପ ମିଳିତ ଭାବେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ସାମିଲ ହୋଇଥିଲେ। ତେବେ ନିର୍ବାଚନରେ ବୋମାଇଙ୍କୁ ସୁଦୀପଙ୍କ ପୂର୍ଣ୍ଣ ସହଯୋଗ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ମେ' ୧୦ରେ କର୍ନାଟକ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ୧୩ରେ ଭୋଟଗଣତି କରାଯିବ।

**ଆଇଟି ଜିଏସ୍‌ଟି ଚଢ଼ାଉ**

# ତେଜିଲା ରାଜନୀତି

- ନିର୍ବାଚନ ଋତୁ ଆସିଲେ ଏଭଳି ଆଇଟି ରେଡ୍ ହୁଏ: ବିଜେଡି
- ଆଇଟି ରେଡ୍ ଦେଖି ଜିଏସ୍‌ଟି ଚଢ଼ାଉ କରିବା ଉଦ୍ଦେଶ୍ୟ ପ୍ରଣୋଦିତ: ଭାଜପା
- ରାଜନୈତିକ ଉଦ୍ଦେଶ୍ୟ ରଖି ଏପରି କରିବା ଉଚିତ ନୁହେଁ:କଂଗ୍ରେସ

**ଭୁବନେଶ୍ୱର, ୫।୪(ବ୍ୟୁରୋ)**



ରାଜ୍ୟରେ ଏବେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ଉପରେ ଘନ ଘନ ଆଇଟି ଏବଂ ଜିଏସ୍‌ଟି ରେଡ୍ ହେଉଥିବା ଦେଖିବାକୁ ମିଳୁଛି। ବିଭିନ୍ନ ପଥର ଖଣି, କ୍ରସର, ପେଟ୍ରୋଲ ପମ୍ପ, ଶିକ୍ଷାନୁଷ୍ଠାନ ଆଦି ଉପରେ ଆଇଟି ଏବଂ ଜିଏସ୍‌ଟି ରେଡ୍ ହେଉଥିବା ଖବର ଆସିବାରେ ଲାଗିଛି। ତେବେ ଏହି ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ କେତେଜଣ ବିଜେଡି ନେତାମାନଙ୍କ ନାଁରେ ରହିଛି। ଅନ୍ୟପଟେ ଭାଜପା ସମର୍ଥିତ ବ୍ୟବସାୟିକ ଅନୁଷ୍ଠାନ ଗୁଡିକ ଉପରେ ମଧ୍ୟ ରାଜ୍ୟ ଜିଏସ୍‌ଟି ବିଭାଗ ପକ୍ଷରୁ ଚଢାଉ ହେଉଥିବା ନେଇ ଚର୍ଚ୍ଚା ହେଉଛି। ସାଧାରଣ ନିର୍ବାଚନକୁ ଆଉ କମ୍ ସମୟ ଥିବାବେଳେ ଏଭଳି ଘନ ଘନ ଚଢାଉକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଅନ୍ୟପଟେ ନିର୍ବାଚନୀ ଋତୁ ଆସିଲେ ଏପରି ହୁଏ ବୋଲି ଶାସକ ଦଳ ନେତାଙ୍କ ପକ୍ଷରୁ କୁହାଯାଉଥିବା ବେଳେ ଭାଜପା ଏହାକୁ ରୁଟିନ୍ ୱାର୍କ ବୋଲି କହିଛନ୍ତି। ଆଗକୁ ଏଭଳି ଚଢାଉ କେବଳ ବ୍ୟବସାୟିକ ଅନୁଷ୍ଠାନ ଗୁଡିକ ଉପରେ ହେବ ନା ତଦନ୍ତର ଦିଗ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଆଡକୁ ଯିବ ତାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍‌ଦାର ହେବାରେ ଲାଗିଛି।

ବିଜେଡି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ କହିଛନ୍ତି, ଏଭଳି ରେଡ୍ ନେଇ ଖବର ପାଇଛନ୍ତି। ନିର୍ବାଚନ ଋତୁ ଆସିଲେ ଏଭଳି ଆଇଟି ରେଡ୍ ହୋଇଥାଏ ବୋଲି ସମସ୍ତେ ଜାଣିଛନ୍ତି, ପୂର୍ବରୁ ମଧ୍ୟ ଏହାର ନଜିର ରହିଛି। କିନ୍ତୁ ଏହା ଯାହା ବି ହେଉଛି ଗଣତନ୍ତ୍ର ଲାଗି ଆଦୌ ଶୁଭଙ୍କର ନୁହେଁ ବୋଲି ସେ କହିଛନ୍ତି।

ବିଜେଡି ନେତାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି, ଯଦି କେଉଁଠାରେ ଭୁଲ୍ ଦେଖୁଥିବେ ତେବେ ଚଢ଼ାଉ କରୁଥିବେ। କିଛି ସମସ୍ୟା ନ ଥିଲେ କାହିଁକି ଆଇଡି ରେଡ୍ ହୁଅନ୍ତା। ହେଲେ ଆଇଡି ରେଡ୍ ଦେଖି ରାଜ୍ୟ ସରକାର ଜିଏସ୍‌ଟି ଚଢ଼ାଉ କରିବା ଉଦ୍ଦେଶ୍ୟ ପ୍ରଣୋଦିତ। ରାଜନୀତିରେ ଏଭଳି ଅସହିଷ୍ଣୁତା ଭଲ ନୁହେଁ। ଯଦି ସେମାନେ ସଚ୍ଚୋଟ ଅଛନ୍ତି ତେବେ ଡରୁଛନ୍ତି କାହିଁକି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ନିର୍ବାଚନ ଆସିଲେ ଏଭଳି ଘଟଣା ଘଟେ ବୋଲି ଲୋକଙ୍କ ଧାରଣା। ଭାଜପା ହାତରେ ସିବିଆଇ, ଇଡି, ଆଇଟି ରହିଛି। ସେହିପରି ରାଜ୍ୟ ସରକାରଙ୍କ ହାତରେ ମଧ୍ୟ କେତେକ ସଂସ୍ଥାର କ୍ଷମତା ରହିଛି। ତାକୁ ନେଇ ଯଦି ରାଜନୈତିକ ଉଦ୍ଦେଶ୍ୟ ପୂରଣ ଲାଗି ଚଢ଼ାଉ ହୁଏ ତେବେ ସାଧାରଣ ଲୋକମାନେ ସମସ୍ୟା ଭୋଗିବେ। ଯଦି କିଛି ନିୟମାନୁଯାୟୀ ହେଉଛି ତେବେ ଠିକ୍ ଅଛି। ହେଲେ କ୍ଷମତାର ବ୍ୟବହାରକରି ରାଜନୈତିକ ଫାଇଦା ପାଇବାକୁ ଏପରି ନ କରାଯାଉ ବୋଲି ସେ କହିଛନ୍ତି।

**ହିନ୍ଦୋଳ ଏନ୍‌ଏସି ନିର୍ବାଚନ**

# ପରାଜୟ ପରେ କଂଗ୍ରେସକୁ ଟାର୍ଗେଟ କଲା ଭାଜପା


ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

**ଢେଙ୍କାନାଳ ଅଫିସ, ୫।୪**

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସିରେ ଭାଜପାର ପରାଜୟ ପରେ ମାନସମନ୍ଥନ କରିଛି ଦଳ। ବୁଧବାର ଅପରାହ୍ନରେ ଢେଙ୍କାନାଳସ୍ଥିତ ଦଳୀୟ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର କର୍ମକର୍ତ୍ତାମାନେ ଏହାର କାରଣ ଖୋଜିଥିବାବେଳେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି।

ହିନ୍ଦୋଳ ଏନ୍‌ଏସି ନିର୍ବାଚନରେ କାଉନ୍‌ସିଲର ଭୋଟରେ କେତେକ ୱାର୍ଡରେ ଭାଜପା ଶାସକ ବିଜେଡିକୁ କଡ଼ା ଟକ୍କର ଦେଇଥିଲା। ୪, ୧୧, ୧୫, ୧୬ ୱାର୍ଡରେ ଦଳୀୟ ପ୍ରାର୍ଥୀ ହାତଗଣତି ଭୋଟ ବ୍ୟବଧାନରେ ହାରିଛନ୍ତି। ଏଥିଲାଗି ଦଳପକ୍ଷରୁ ହିନ୍ଦୋଳବାସୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଅନ୍ୟପଟେ କଂଗ୍ରେସର ସମସ୍ତ କାଉନ୍‌ସିଲର ପ୍ରାର୍ଥୀଙ୍କୁ ୨୩୯ ଖଣ୍ଡ ଭୋଟ ମିଳିଛି। ଭୋଟହାର ରହିଛି ମାତ୍ର ୨.୭% । ସେହିପରି କଂଗ୍ରେସ ନଗରପାଳ ପ୍ରାର୍ଥିନୀ ସମୁଦାୟ ୨୧୯ ଖଣ୍ଡ ଭୋଟ ପାଇଥିବା ବେଳେ ଭୋଟହାର ୨.୫୩ ପ୍ରତିଶତ ରହିଛି। କଂଗ୍ରେସ ଭୋଟ ବିଜେଡିକୁ ବିକ୍ରି ହୋଇଯିବା କାରଣରୁ ଭାଜପା ଜିତିବା ସମ୍ଭାବନା ଥିବା ୱାର୍ଡରେ ଦଳ କମ ଭୋଟରେ ପରାଜିତ ହୋଇଛି ବୋଲି ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର ଏବଂ ହିନ୍ଦୋଳ ପ୍ରଭାରୀ ତଥା ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା କହିଛନ୍ତି। ସେହିପରି ବିଜେଡିକୁ ମଧ୍ୟ ଟାର୍ଗେଟ କରିଛନ୍ତି ଭାଜପା ନେତୃବୃନ୍ଦ। ଶାସକ ଦଳ ପ୍ରଶାସନକୁ ହାତବାରିସି କରି ବିପୁଳ ଅର୍ଥ ଖର୍ଚ୍ଚ କରି ନିର୍ବାଚନ ଲଢ଼ିଛି। ତଥାପି ଭାଜପା ନଗରପାଳ ପ୍ରାର୍ଥୀ ୩,୯୨୩ ଖଣ୍ଡ ଭୋଟ ପାଇଛନ୍ତି, ଯାହାର ଭୋଟହାର ୪୫.୪୧%। ଭାଜପା ପ୍ରତି ଜନତାଙ୍କ ଆସ୍ଥା ବଢୁଛି। ଦଳକୁ ସୁଦୃଢ଼ କରିବା ପାଇଁ ସମୀକ୍ଷା କରାଯିବ ବୋଲି ଦଳୀୟ ନେତୃବୃନ୍ଦ କହିଛନ୍ତି। ପରାଜୟର ମାନସମନ୍ଥନ ବେଳେ ନିର୍ବାଚନ ମଙ୍ଗ ଧରିଥିବା ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତ୍ରୀ ଅଞ୍ଜଳି ବେହେରାଙ୍କ ଆଖି ଛଳଛଳ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ସନ୍ତୋଷ ବେହେରା, ବିଶ୍ୱଭୂଷଣ ଦାସ, ତରୁଣ ସାମଲ, ଅଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ବରଗଡ଼ ଜିଲା ଅତାବିରା ଏନ୍‌ଏସି ନିର୍ବାଚନ ଫଳାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ବିଜେଡି ବିଜୟ ହାସଲ କରିଥିବାରୁ ଦଳୀୟ ନେତା ଓ କର୍ମୀ ଖୁସି ମନାଉଛନ୍ତି।

**Classified Everyday**
0674-2580101, 2549949


REAL ESTATE

**SALE**

Xavier ୟୁନିଭରସିଟିରୁ ୪ କି.ମି. (ପିପିଲି-ଜଟଣୀ ରୋଡ୍‌ରେ) ବର୍ଗଫୁଟକୁ- 800/-, 550/-ରେ ପ୍ଲଟ୍ କିଣି ଘର କରନ୍ତୁ। 9938016295. D-74838

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74530

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛଡାବର 1200sqft.- 3,00,000/-, ନଖରା 300/-, 6371569855. D-74837

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998


Healthcare

Relax, Refresh your Body, Mind at Saikrupa Spa with best therapies, 8984068077. D-3063

Newly open health benefits SPA special Offer @ 799, Jaydev Vihar. 8018429809. D-73697

Fullbody massage, refresh, relaxed by expert Lady Therapist. Contact: 8480939300. D-0029

Asribada Panchakarma Herbal SPA, Kesarimall, Bhubaneswar. Contact: 8926173473. D-74669

**LOST**

ମୁଁ ଉର୍ବଶୀ ନାୟକ, ସ୍ୱାମୀ- ବସନ୍ତ କୁମାର ନାୟକ, ଠିକଣା: ଗ୍ରାମ- ଗଡ଼ାପୋଖରୀ, ଥାନା- ବଡ଼ମ୍ବା, ଜିଲ୍ଲା- କଟକ ଜଣାଉଅଛି ଯେ, ମୁଁ ମୋ ବାସସ୍ଥାନରୁ ବଡ଼ମ୍ବାଗଡ଼କୁ ଗତ ୨୪।୦୩।୨୦୨୩ ଯାଉଥିବା ସମୟରେ ମୋର ଜମି କାଗଜପତ୍ର (କବଲା ନଂ. ୬୬୪/୧୯୯୮, ଖାତା ନଂ. ୩୦୯/୧୭, ପ୍ଲଟ୍ ନଂ. ୪୨୧, ୪୦୪, ୬୭୩, ୪୨୭, ୩୯୫, ୪୨୬ ଏବଂ ୪୨୧/୨୦୫୫) ହଜିଯାଇଛି। ତେଣୁ ମୁଁ ଅନୁରୋଧ କରୁଛି, ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଜମିଜମା କାଗଜପତ୍ର ପାଆନ୍ତି, ତେବେ ଉପରିସ୍ଥ ଠିକଣାରେ ଫେରାଇବାକୁ ନିବେଦନ କରୁଛି। ମୋ.ନଂ.୯୫୮୩୨୯୦୭୫୭
ଧ-୦୦୨୫

By virtue of affidavit dt. 04.04.2023, I, Santosh Kumar Patnaik of Ainthapali, Sambalpur declared that, the original ROR vide Khata No. 733/1508 of Mouza Town Unit No. 14, Danipali has been lost during shifting from my official quarter to my residence at Ainthapali and couldn't be traced out inspite of thorough search. D-0030

**ମନେ ପଡ଼ନ୍ତି**

ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ
୦୬।୦୪।୨୦୨୩ (ଗୁରୁବାର)



ଏଡା. କ୍ଷୀରୋଦ କୁମାର ରଥ
(କଳାପ୍ରାଣ ସାହିତ୍ୟ-ସଂସ୍କୃତିମନା ସମାଜସେବୀ)
ଏଲ୍.ବି.-୬୧, ଷ୍ଟେଜ୍-୪, ବିଡ଼ିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର
ତୁମେ ଯେଉଁଠି ଥାଅ ସଦା ସୁଖଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା ।
ପତ୍ନୀ- ସରୋଜିନୀ ଓ ଆତ୍ମୀୟସ୍ୱଜନବୃନ୍ଦ
D-3014

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଏଯାଏ ପ୍ରାର୍ଥୀ ଘୋଷଣା କରିପାରିଲେନି କଂଗ୍ରେସ, ଭାଜପା

**ଝାରସୁଗୁଡ଼ା ଉପନିର୍ବାଚନ**

**ଭୁବନେଶ୍ୱର, ୫।୪(ବ୍ୟୁରୋ)**



ଝାରସୁଗୁଡ଼ା ଉପନିର୍ବାଚନ ଲାଗି ତାରିଖ ଘୋଷଣା ହୋଇସାରିଛି। ଏହି ଉପନିର୍ବାଚନରେ ରାଜ୍ୟର ୩ ପ୍ରମୁଖ ଦଳ ନିଜର ପ୍ରଦର୍ଶନ ଭଲ କରିବାକୁ ଚେଷ୍ଟା କରିବେ। ତେବେ ଏହା ଭିତରେ ବିଜେଡି ପକ୍ଷରୁ ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ କଂଗ୍ରେସ ଏବଂ ଭାଜପା କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କ ପ୍ରାର୍ଥୀଙ୍କ ନାଁ ଘୋଷଣା କରିପାରିନାହାନ୍ତି। ତେବେ ଗୁରୁବାର ଏହି ଦୁଇ ଜାତୀୟ ଦଳ ନିଜର ପ୍ରାର୍ଥୀଙ୍କ ନାଁ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ତେବେ ଭାଜପାରୁ ଟଙ୍କଧର ତ୍ରିପାଠୀ ପ୍ରାର୍ଥୀ ହୋଇପାରନ୍ତି ବୋଲି ଦୀର୍ଘଦିନରୁ ଚର୍ଚ୍ଚା ହେଉଥିବା ବେଳେ ତାଙ୍କ ନାଁ ଏପର୍ଯ୍ୟନ୍ତ ଘୋଷଣା ନ ହେବାକୁ ନେଇ ଆଲୋଚନା ଜୋର୍ ଧରିଛି। ଦଳ ବୋଧହୁଏ ପ୍ରାର୍ଥୀ ଭାବେ ଟଙ୍କଧରଙ୍କୁ ସୁଯୋଗ ଦେବାକୁ ଚାହୁଁ ନ ଥିବା କେତେଜଣ ଦଳୀୟ ନେତାଙ୍କ ଭିତରେ ଚର୍ଚ୍ଚା ହେଉଛି। ଅନ୍ୟପଟେ କଂଗ୍ରେସ ମଧ୍ୟ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିପାରି ନାହିଁ। ଯଦି ଫଳାଫଳ ଏହି ଉପନିର୍ବାଚନରେ ଖରାପ ହୁଏ ତେବେ ତାହାର ପ୍ରଭାବ ୨୦୨୪ ବେଳକୁ ହେବାକୁ ଥିବା ସାଧାରଣ ନିର୍ବାଚନ ଉପରେ ପଡ଼ିପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଏହି କାରଣରୁ କଂଗ୍ରେସ ବୋଧହୁଏ ଭଲ ପ୍ରାର୍ଥୀ କିଏ ହେବ ତାକୁ ନେଇ ଅଙ୍କ କଷୁଛି ବୋଲି କୁହାଯାଉଛି।

ତେବେ କଂଗ୍ରେସ ପକ୍ଷରୁ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ କମିଟି ଗଠନ ହୋଇଛି। ଉକ୍ତ କମିଟି ଗତ ୩ ତାରିଖରେ ଝାରସୁଗୁଡ଼ା ଯାଇ ଦଳୀୟ ନେତା ଏବଂ କର୍ମୀଙ୍କ ସହ ଆଲୋଚନା କରିଛନ୍ତି। ତେବେ ଏହି ଉପନିର୍ବାଚନ ଲାଗି କଂଗ୍ରେସରୁ ୬ ଜଣ ପ୍ରାର୍ଥୀ ହେବା ଲାଗି ଆଗ୍ରହ ଦେଖାଇଥିବା ବେଳେ ୪ ଜଣଙ୍କ ନାମ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)କୁ ପଠାଯାଇଥିବା ଜଣାପଡ଼ିଛି। ଏହି ୪ ଜଣଙ୍କ ମଧ୍ୟରୁ ଏଆଇସିସି ଗୁରୁବାର କିମ୍ବା ଶୁକ୍ରବାର ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରେ। ତେବେ ଏହି ୪ ଜଣଙ୍କ ମଧ୍ୟରେ ତରୁଣ ପାଣ୍ଡେ, ମହେନ୍ଦ୍ର ନାଏକ, ଅନୀତା ବିଶ୍ୱାଳ ଏବଂ ଅଶୋକ ମିଶ୍ରଙ୍କ ନାଁ ରହିଥିଲା। ତେବେ ପୂର୍ବତନ ପିସିସି ସଭାପତି ଏବଂ ଝାରସୁଗୁଡ଼ା ପ୍ରାର୍ଥୀ ଚୟନ ଲାଗି ଗଠନ ହୋଇଥିବା ୫ ଜଣିଆ କମିଟିଙ୍କୁ ନେଇ ଏକ ବୈଠକ ମଙ୍ଗଳବାର କରିଥିବା ଜଣାପଡ଼ିଛି। ଏହି ବୈଠକରେ ଜଣଙ୍କ ନାଁ ଚୂଡ଼ାନ୍ତ ହୋଇ ଏଆଇସିସି ନିକଟକୁ ପଠାଯାଇଛି। ବୈଠକରେ ପ୍ରାର୍ଥୀ ଚୟନ ଠାରୁ ଆରମ୍ଭକରି ଉପନିର୍ବାଚନ ପରିଚାଳନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିବା ଜଣାପଡିଛି।

ଭାଜପା ପକ୍ଷରୁ ମଧ୍ୟ ସବୁ ପ୍ରକାର ଆଲୋଚନା ହେବା ପରେ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାଁ ସ୍ଥିର ହେବା ସହ ତାହା କେନ୍ଦ୍ରୀୟ କମିଟିରେ ଅନୁମୋଦନ ଲାଗି ପଠାଯାଇଛି। ହେଲେ ୩ ଦିନ ପୂର୍ବରୁ ରିପୋର୍ଟ ପଠାଯାଇଥିବା ବେଳେ ଏ ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇ ନାହିଁ। ତେବେ ଦଳର ଜଣେ ନେତାଙ୍କ କହିବାନୁଯାୟୀ ଟଙ୍କଧର ତ୍ରିପାଠୀଙ୍କ ସମେତ ଅନ୍ୟ ଜଣେ ବରିଷ୍ଠ ନେତା ମଧ୍ୟ ଏହି ତାଲିକାରେ ଅଛନ୍ତି। ତେବେ ଦଳ କାହା ଉପରେ ଭରସା କରିବ ତାକୁ ନେଇ ଚର୍ଚ୍ଚା ଚାଲିଛି। ଦଳର ନବନିଯୁକ୍ତ ସଭାପତିଙ୍କ ସୁପାରିସ ଆଧାରରେ ହିଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯିବ।


କିଆରା

# ନାମକରଣ ଅନ୍ତରାଳେ...

କିଆରା ଆଡଭାନୀଙ୍କ ନାମକରଣ ଅନ୍ତରାଳେ ଏକ ରୋଚକ କଥା ଲୁଚିରହିଛି। ଏଥିଲାଗି ସେ ଜଣେ ଅଭିନେତ୍ରୀଙ୍କୁ ପ୍ରଶଂସା କରିବାକୁ ଭୁଲୁନାହାନ୍ତି। ସେ ହେଲେ ପ୍ରିୟଙ୍କା ଚୋପ୍ରା। ତେବେ କିଆରାଙ୍କ ନାମକରଣ ପଛରେ ପ୍ରିୟଙ୍କାଙ୍କ ଭୂମିକା କ'ଣ ରହିଛି ବୋଲି ଅନେକଙ୍କ ମନରେ ନିଶ୍ଚୟ ପ୍ରଶ୍ନ ଉଠୁଥିବ। ଅସଲ କଥା ହେଲା କିଆରା ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ତା' ପୂର୍ବରୁ ତାଙ୍କର ନାମ ଥିଲା ଆଲିୟା। ହେଲେ ସେ ନିଜ ନାମକୁ ପରିବର୍ତ୍ତନ କରିବାକୁ ଚାହିଁଥିଲେ। ସେହି ସମୟରେ ସେ ପ୍ରିୟଙ୍କାଙ୍କ ଅଭିନୀତ 'ଅଞ୍ଜାନା ଅଞ୍ଜାନୀ' ଟାଇଟଲବିଶିଷ୍ଟ ଏକ ସିନେମା ଦେଖିଥିଲେ। ଏହି ଫିଲ୍ମରେ ତାଙ୍କର କ୍ୟାରେକ୍ଟର ଥିଲା କିଆରା। ବାସ୍, ଯେତେବେଳେ ଏକଥା ମନେପଡିଲା ସେତେବେଳେ ସେ ବିଳମ୍ବ ନ କରି ନିଜ ନାମକୁ ଆଲିୟାରୁ କିଆରାକୁ ବଦଳାଇ ଦେଇଥିଲେ। ହିନ୍ଦୀ ସିନେମାରେ କିଆରାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଫୁଗଲି', ଯାହା ୨୦୧୪ରେ ରିଲିଜ ହୋଇଥିଲା। ତା'ପରେ ସେ 'ଏମ.ଏସ. ଧୋନୀ: ଦ ଅନଟୋଲ୍ଡ ଷ୍ଟୋରି', 'କଳଙ୍କ', 'କବୀର ସିଂ', 'ଲକ୍ଷ୍ମୀ', 'ଇନ୍ଦୁ କି ଜୱାନୀ' ଏବଂ 'ଭୁଲ୍ ଭୁଲେୟାଁ-୨' ଆଦି ସିନେମାରେ ସେ ଅଭିନୟ କରିସାରିଛନ୍ତି।

# ପ୍ରେମ କରିବ ଏମିତି

ସତରେ ପ୍ରେମ କରିବ ଏମିତି। ପ୍ରେମିକା ହେଉ କି ପ୍ରେମିକ- ପ୍ରେମରେ ସଫଳ ହେବାକୁ ପ୍ରାୟ ଅପେକ୍ଷା କରିବାକୁ ପଡ଼େ। ତେବେ ଏହି ଅପେକ୍ଷାର ଫଳ ମିଠା ହେବ କି ଖଟା ତାହା ଶେଷରେ ଜଣାପଡ଼ିଥାଏ। ହଁ, ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଚାହିଁ ଥିବି ତତେ ହଜାରେ ବରଷ'। ଉଇ ଆଇକନ୍ସ ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଭାରତୀ ନାୟକ। ମନୋଜ ନାୟକଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି ଦେବପ୍ରିୟ ସେନାନାୟକ। ସଂଳାପ ଲେଖିଛନ୍ତି ମନୋରଞ୍ଜନ ଦାସ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସୌମିତ୍ରୀ। ଏହାର ନାୟକ ସାଜିଛନ୍ତି ଶୁଭମ ନାୟକ। ଏହା ପୂର୍ବରୁ ସେ 'ପ୍ରେମର ନିଶା ନିଆରା ନିଆରା'ରେ ଅଭିନୟ କରିସାରିଛନ୍ତି। ଏଥିରେ 'ରଙ୍ଗ ବରଷିଲା ଟୁପୁରୁ ଟୁପୁରୁ'ର ସୁଶ୍ରୀ ରଥ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ସ୍ୱର୍ଗତ ମିହିର ଦାସ, ରତନ ମେହେର, କାଳିଚରଣ, ଯୋଗେଶ ଜୋଜୋ, କେଦାର ପଟେଲ, ଝାନ୍‌ସୀ ରାଣୀ ଦାସ ଏବଂ ମୁନିଆ ପାଣିଗ୍ରାହୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏକ ତ୍ରିକୋଣୀୟ ଟିନ୍-ଏଜ୍ ଲଭ୍ ଷ୍ଟୋରି'କୁ ନେଇ ନିର୍ମିତ ଏହି ଫିଲ୍ମଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# କୁଲ୍ କୁଲ୍ ବାଣୀ

କେତେବେଳେ କେଉଁ ପ୍ରକାର କଥା କହିଲେ ତାହା ଆଲୋଚନା ପାଇଁ ଶତ ପ୍ରତିଶତ ଖୋରାକ ଯୋଗାଇଥାଏ ତାହାର କାଇଦା ବାଣୀ କପୁରଙ୍କୁ ମାଲୁମ। ଦେଖୁନାହାନ୍ତି, ଯେତେ ପ୍ରକାର ଗୁଡ଼େଇ ତୁଡ଼େଇ ପ୍ରଶ୍ନ ପଚାରିଲେ ମଧ୍ୟ ସେ କେମିତି ସେଗୁଡ଼ିକର ଉତ୍ତର ବେଶ୍ ଥଣ୍ଡା ମିଜାଜ୍‌ରେ ଦେଇଦେଲେ। ନିଜ କ୍ୟାରିୟରକୁ ସେ କଦାପି ହାଲୁକା ଭାବରେ ନେଇନାହାନ୍ତି। ଏହାକୁ ନେଇ ବାଣୀ ଦେଖିଛନ୍ତି ଅନେକ ସ୍ୱପ୍ନ। ଦିନେ ନା ଦିନେ ବଲିଉଡ୍‌ର ନାୟିକା ଦୌଡ଼ରେ ସେ ସାମିଲ ହେବେ ବୋଲି ଆଶା ରଖିଛନ୍ତି। ଏ ନେଇ କୁଲ୍ କୁଲ୍ ବାଣୀ କହନ୍ତି, 'କଥାରେ ଅଛି ଧୀର ପାଣି ପଥର କାଟେ। ତେଣୁ ମୁଁ ଆଦୌ ତରତର ହେବାକୁ ଚାହେଁନା। ଗୁଡାଏ ସିନେମାରେ ଅଭିନୟ କରି ସେଗୁଡିକୁ ଫ୍ଲପ୍ ତାଲିକାଭୁକ୍ତ କରିବା ଅପେକ୍ଷା ଭଲ ଭଲ ଫିଲ୍ମରେ ଅଭିନୟ କଲେ କ୍ଷତି କ'ଣ ? ହିନ୍ଦୀ ସିନେମାରେ ମୋ କ୍ୟାରିୟରକୁ ନେଇ ବେଶ୍ ଆଲୋଚନା ହେଉଛି। ହେଲେ ମୁଁ ସେଗୁଡିକୁ ଆଦୌ ଗୁରୁତ୍ୱ ଦିଏନା। କାରଣ ମୋର ପରିଚୟ ହେଉଛି ଅଭିନୟ। ତେଣୁ ଆକ୍ଟିଂକୁ ମୁଁ ସବୁବେଳେ ଫୋକସ୍ କରିଥାଏ।' ଗତ ବର୍ଷ ଜୁଲାଇରେ ବାଣୀଙ୍କ ଅଭିନୀତ 'ସମସେରା' ରିଲିଜ ହୋଇଥିଲା। କିନ୍ତୁ ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ବିଜ୍‌ନେସ୍ କରିବାରେ ଅସଫଳ ହୋଇଥିଲା।


ବାଣୀ


ସାନ୍ୟା

# ସାନ୍ୟାଙ୍କ ଡିନର ପାର୍ଟି

'ଦଙ୍ଗଲ' ଫେମ୍ ସାନ୍ୟା ମାଲହୋତ୍ରା ଯାହା କହିଥିଲେ ତାହା ପୂରଣ କରିଛନ୍ତି। କଥା କ'ଣ କି ତାଙ୍କ ଅଭିନୀତ ଏକ ଅନଟାଇଟଲ୍‌ଡ ଫିଲ୍ମର ଶୁଟିଂ ପାଖାପାଖି ଦେଢ଼ବର୍ଷ ଧରି ଅଧାପନ୍ତରିଆ ହୋଇ ପଡିରହିଥିଲା। ନିକଟରେ ତାହାର ଶୁଟିଂ ସିନା ଶେଷ ହୋଇଗଲା, ହେଲେ ଟାଇଟଲ କ'ଣ ଦିଆଯିବ ତାହା ଫାଇନାଲ ହୋଇପାରୁନାହିଁ। କିନ୍ତୁ ସାନ୍ୟା ଯେତେବେଳେ ଏହି ଫିଲ୍ମଟି ସାଇନ୍ କରିଥିଲେ ସେତେବେଳେ ତାଙ୍କର କେତେଜଣ ଅନ୍ତରଙ୍ଗ ସାଙ୍ଗଙ୍କୁ ଏକ ଡିନର ପାର୍ଟି ଦେବେ ବୋଲି କହିଥିଲେ। ହେଲେ ସେତେବେଳେ ଶୁଟିଂରେ ତ ବ୍ୟସ୍ତ ରହିଲେ, ପୁଣି ପରବର୍ତ୍ତୀ ସମୟରେ ଫିଲ୍ମଟି ଅର୍ଦ୍ଧନିର୍ମିତ ହୋଇ ପଡିରହିଥିଲା। ଆଉ ଏବେ ସିନେମାଟି ଶେଷ ହେବା ପରେ ସେ ନିଜ କଥା ରଖିଛନ୍ତି। ଏ ନେଇ ସାନ୍ୟା କହନ୍ତି, 'ଆପଣମାନେ ହୁଏତ ଗୋଟିଏ କଥାକୁ ମନେ ରଖିନାହାନ୍ତି। ପ୍ରାୟ ଦେଢ଼ବର୍ଷ ହେବ ମୁଁ ଏକ ଫିଲ୍ମ ସାଇନ୍ କରିବା ସମୟରେ ତୁମମାନଙ୍କୁ ଡିନର ପାର୍ଟି ଦେବି ବୋଲି କଥା ଦେଇଥିଲି। ଆଜି ବାସ୍ ସେହି କଥାକୁ ପୂରଣ କରୁଛି।' ସେଦିନ ସାନ୍ୟାଙ୍କ ସାଙ୍ଗମାନେ ଏହି ଡିନର ପାର୍ଟିର ଭରପୂର ମଜା ଉଠାଇଥିଲେ।

ଅପେରା ହାଲ୍‌ଚାଲ୍

# ଖଳନାୟିକା ସାଜିବାର ମଜା ନିଆରା

ଥରେ ମନେପକାନ୍ତୁ ନା ଯାତ୍ରା ନନ୍ଦନକାନନ ମଧୁବାସନ୍ତୀ ଗଣନାଟ୍ୟର ସୁପରହିଟ୍ ନାଟକ 'ମୋଷ୍ଟ ୱାଣ୍ଟେଡ୍ ରାଇମୋହନ'କୁ। ଏଥିରେ ତ ପରଲୋକଗତ ରାଇମୋହନଙ୍କ ଅଭିନୟ ମୁଖ୍ୟ ଆକର୍ଷଣ ସାଜିଥିଲା। ହେଲେ ଏହି ନାଟକରେ ଶିଖା ଭୂମିକାରେ ଅଭିନୟ କରିଥିଲେ ମାମୁନି ମହାନ୍ତି। ଉକ୍ତ ରୋଲ୍ ତାଙ୍କୁ କେତେ ମାଇଲେଜ ଦେଇଥିଲା ତାହା କହିବା ଅନାବଶ୍ୟକ। ନିଜର ବଳିଷ୍ଠ ଅଭିନୟ ଜରିଆରେ ସେ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ। ଚଳିତ ଯାତ୍ରା ସିଜନରେ ସେ ଧଉଳି ଗଣନାଟ୍ୟରେ ଅଭିନୟ ଜାରି ରଖିଛନ୍ତି। ''ଜଣେ କଳାକାର ସବୁ ପ୍ରକାର ଭୂମିକା ତୁଲାଇବାର ଦକ୍ଷତା ରଖିଲେ ଭଲ। ହେଲେ ଏ ପର୍ଯ୍ୟନ୍ତ ଯେଉଁ ଖଳନାୟିକା ରୋଲ୍ ମିଳିଛି ତାହା ମୋତେ ବେଶ୍ ଆତ୍ମତୃପ୍ତି ଦେଇଛି। ଖାସ୍ ଭାବରେ ଏଭଳି ଭୂମିକାର ମଜା ସତରେ ନିଆରା ବୋଲି କହନ୍ତି ମାମୁନି।'' ବିଶେଷଭାବରେ ଏହି ପାର୍ଟିର ରେକର୍ଡ ସୃଷ୍ଟିକାରୀ ନାଟକ 'କହ୍ନେଇ ରଜା ମୋ ବାଇଦ ବଜା' ତାଙ୍କ ଆକ୍ଟିଂ କ୍ୟାରିୟରରେ ଯୋଡିଛି ଆଉ ଏକ ଅଭୁଲା ଫର୍ଦ୍ଦ। ମାମୁନିଙ୍କର ଜନ୍ମ ଭଦ୍ରକ ଜିଲାର ବାସୁଦେବପୁରରେ। ତାଙ୍କର ଅଭିନୟ ଜୀବନ ଆରମ୍ଭ ହୁଏ ଶାରଦା ଗଣନାଟ୍ୟରୁ। ପରବର୍ତ୍ତୀ ସମୟରେ ଦର୍ଶକ ମହଲ, କଳିଙ୍ଗକନ୍ୟା, ବାଣେଶ୍ୱରୀ ଗଣନାଟ୍ୟରେ ମାମୁନିଙ୍କୁ ଦେଖିବାକୁ ମିଳିଥିଲା। ତାଙ୍କ ଅଭିନୀତ ପ୍ରମୁଖ ହିଟ୍ ନାଟକଗୁଡ଼ିକ ମଧ୍ୟରେ ରହିଛି, କହ୍ନେଇ ରଜା ମୋ ବାଇଦ ବଜା (ଶିଳା), କଳଙ୍କ ମୋ ପାଇଁ ଚନ୍ଦନ ଟୋପା (ସେଲି) ଏବଂ କାନ୍ଦିବୁନି କେବେ ରହିଲା ରାଣ (ମିତା ମହାନ୍ତି)।


ମାମୁନି

# ଗେଟ୍‌ଅପ୍ ପାଇଁ...

କ୍ୟାମେରା ସାମନା କଲେ ଜଣେ କଳାକାରଙ୍କୁ ଗେଟ୍‌ଅପ୍ ନେବାକୁ ପଡ଼ିଥାଏ। ତେବେ ବେଳେବେଳେ ଏକଥା ସେମାନଙ୍କର ସ୍ମରଣୀୟ ହୋଇ ରହିଯାଇଥାଏ। ନିର୍ମାଣାଧୀନ ଓଡ଼ିଆ ସିନେମା 'କଳାପାହାଡ଼'ର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଚନ୍ଦନ କର। ତେବେ ଏହି ଫିଲ୍ମ ପାଇଁ ତାଙ୍କୁ ଗେଟ୍‌ଅପ୍ ନେବା ଲାଗି ବେଶ୍ କସରତ କରିବାକୁ ପଡିଛି। କାରଣ ମୁଣ୍ଡକୁ ଚିକ୍କଣ ରଖିବା ପାଇଁ ଲଣ୍ଡା ହେବାକୁ ପଡିଛି ପୁଣି ଦାଢ଼ି ବଢ଼ାଇବାକୁ ପଡିଛି। ତେଣୁ ଏହାର ଶୁଟିଂ ସମୟରେ ସେ ନିଜର ଗେଟ୍‌ଅପ୍ ପାଇଁ ବେଶ୍ ସତର୍କ ରହୁଥିଲେ। ଏ ନେଇ ଚନ୍ଦନ କହନ୍ତି, 'ଏହି ଫିଲ୍ମ ପାଇଁ ମୋତେ ଅନେକ ଥର ଲଣ୍ଡା ହେବାକୁ ପଡିଛି। ପୁଣି ଆବଶ୍ୟକ ମୁତାବକ ଦାଢ଼ି ମଧ୍ୟ ବଢ଼ାଇଛି। ଏଥିଲାଗି ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି।' ହଁ, ଇତିହାସର ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତିତ୍ୱ ହେଉଛି କଳାପାହାଡ଼। ପ୍ରତିଶୋଧ ନେବାକୁ ସେ କେତେ ମନ୍ଦିର ଭାଙ୍ଗିଛି ତାହାର ହିସାବ ନାହିଁ। ଏଭଳି ଐତିହାସିକ କଥାବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'କଳାପାହାଡ଼'। ଏସ୍‌ଡିଡି ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଉକ୍ତ ଫିଲ୍ମଟିକୁ ନିର୍ମାଣ କରାଯାଇଛି। ଏହାର ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ପ୍ରଦୀପ ସାହୁ। କେବଳ ସେତିକି ନୁହେଁ, ସେ ଏହାର ମଧ୍ୟ ପ୍ରଯୋଜନା କରିଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ବି. ଶ୍ରୀବତ୍ସ। ଏହାର କ୍ରିଏଟିଭ୍ ନିର୍ଦ୍ଦେଶକ ଅଛନ୍ତି ଦେବାଶିଷ ଜେନା। ଗୀତ ସହ ସଂଳାପ ରଚନା କରିଛନ୍ତି ଡା. ନିର୍ମଳ ନାୟକ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଚନ୍ଦନଙ୍କ ବ୍ୟତୀତ ସ୍ନିଗ୍ଧା ମହାନ୍ତି, ଦେବୀ ବାରିକ, ଜୀବନ ପଣ୍ଡା, ଅଜୟ ପଟେଲ (ଛତିଶଗଡ଼), ଅଭିନବ ସିଂ, ଶ୍ରୀକୁମାର ଜେନା ଏବଂ ପବିତ୍ର ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


ଚନ୍ଦନ

# ଅବୁଝା ଜ୍ୟାକଲିନ୍

ନିକଟରେ ଜ୍ୟାକଲିନ୍ ଫର୍ନାଡିଜ୍‌ଙ୍କୁ ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ସାଇନ୍ କରିବାକୁ ଇଚ୍ଛାପ୍ରକାଶ କରିଥିଲେ। ଯେତେବେଳେ ପ୍ରଯୋଜକଙ୍କ ସହ ଭେଟ ହେଲା, ସେତେବେଳେ ଦୁହେଁ ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକା ବିଷୟରେ ବିଶଦ ଭାବରେ ବୁଝି ନେଇଥିଲେ ଏହି ଅଭିନେତ୍ରୀ। କିନ୍ତୁ କିଛିଦିନ ପରେ କାହାଣୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଥିଲା। କେବଳ ସେତିକି ନୁହେଁ, ଜ୍ୟାକଲିନ୍ ଅଭିନୟ କରିବାକୁ ଥିବା ଭୂମିକାରେ କେତୋଟି ବୋଲ୍ଡ ଶଟ୍ ଯୋଗ କରାଯାଇଥିଲା। ଏକଥା ଜାଣିବା ପରେ ପ୍ରଯୋଜକଙ୍କୁ ଯୋଗାଯୋଗ କରିଥିଲେ ଜ୍ୟାକଲିନ୍। ଶେଷରେ ଦୁହିଁଙ୍କ ଭିତରେ ବେଶ୍ କେତେଥର ଆଲୋଚନା ହେବା ପରେ ଏହି ଘଟଣାର ମଧୁରେଣ ସମାପୟେତ ଘଟିଛି। ଏ ସମ୍ପର୍କରେ ଜ୍ୟାକଲିନ୍ କହନ୍ତି, 'ମୋ ଭୂମିକାରେ କିଛି ବୋଲ୍ଡ ଶଟ୍ ରହିବ ବୋଲି ଜାଣିବା ପରେ ମୋର ଟେନ୍‌ସନ ବଢ଼ିଯାଇଥିଲା। ତା'ପରେ ପ୍ରଯୋଜକଙ୍କ ସହ ଆଲୋଚନା କରିବା ପରେ ତାହାକୁ ନେଇ ମୋ ସହ ପ୍ରଯୋଜକ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ମୋ ଭୂମିକାରେ କିଛି ପରବର୍ତ୍ତନ କରାଯାଇଛି। ତା'ସହ ମୋତେ ମାତ୍ର ଦୁଇଟି ବୋଲ୍ଡ ଶଟ୍ ଦେବାକୁ ପଡିବ, ଯାହାର କାହାଣୀ ସହ ସମ୍ପର୍କ ରହିଛି। ଏ ନେଇ ପ୍ରଯୋଜକ ଏବଂ ନିର୍ଦ୍ଦେଶକଙ୍କ ସହ ବିଶଦ ଭାବରେ ଆଲୋଚନା କରିବା ପରେ ମୋ ମନରେ ଉଙ୍କିମାରିଥିବା ସନ୍ଦେହ ଦୂର ହୋଇଥିଲା। ବର୍ତ୍ତମାନ ଆମ ଭିତରେ କୌଣସି ମନୋମାଳିନ୍ୟ ନାହିଁ। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଖୁବ୍‌ଶୀଘ୍ର ଟାଇଟଲ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହୋଇଯିବ।'


ଜ୍ୟାକଲିନ୍

# ଓମ୍ ଶ୍ରୀ ପ୍ରଜାପତୟେ ନମଃ

ନୂଆ ଓଡ଼ିଆ ସିନେମା 'ଓମ୍ ଶ୍ରୀ ପ୍ରଜାପତୟେ ନମଃ'ରେ ନିଜ ଭୂମିକାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଅଭିନେତା ସମ୍ମିତ। କାରଣ ଏଥିରେ ତାଙ୍କୁ ଏକ ଭିନ୍ନଧରଣର ଭୂମିକା ମିଳିଛି। କେବଳ ସେତିକି ନୁହେଁ, ଏହି ଫିଲ୍ମର କାହାଣୀ ଏବଂ ଉପସ୍ଥାପନା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି କହନ୍ତି ସମ୍ମିତ। ଓମ୍ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଶୁଭଲକ୍ଷ୍ମୀ ପଟ୍ଟନାୟକ। ଲଭ୍, ଇମୋଶନ ଏବଂ ଫ୍ୟାମିଲି ଡ୍ରାମାକୁ ନେଇ ଗତିଶୀଳ କାହାଣୀଟିକୁ ରଚନା କରିଛନ୍ତି ଉମେଶ ପଟ୍ଟନାୟକ। ତାକୁ ଆଧାର କରି ଏହାର ସଂଳାପ ରଚନା କରିଛନ୍ତି ସୁନୀଲ। ଏହି ଫିଲ୍ମ ସମ୍ପର୍କରେ ସମ୍ମିତ କହନ୍ତି, 'ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ସିନେମାଟି ବେଶ୍ ସୁନ୍ଦର ହୋଇଛି। ଦର୍ଶକ ଏଥିରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ଆଶା ରହିଛି। ଅସଲ କଥା ହେଲା, ଏହି ଫିଲ୍ମରେ ମୋତେ ଏକ ନୂଆ ଗେଟ୍‌ଅପ୍‌ରେ ଦେଖିବାକୁ ମିଳିବ।' ଚିତ୍ରଟିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସ୍ୱର ସଂଯୋଜକ ବୈଦନାଥ ଦାଶ। ଏଥିରେ ସମ୍ମିତଙ୍କ ନାୟିକା ସାଜିଛନ୍ତି କୁକିଜ୍। ଏମାନଙ୍କ ବ୍ୟତୀତ ଅସିତ ପତି, ପିଣ୍ଟୁ ନନ୍ଦ, ରାଜୀବ ମହାନ୍ତି, ତୃପ୍ତି ସିହ୍ନା, ଲୋପାମୁଦ୍ରା ଏବଂ ତାପସ ପାଢ଼ୀ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସଞ୍ଜୀବ ଦ୍ୱିବେଦୀ।


ସମ୍ମିତ-କୁକିଜ୍

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୬/୨୦୨୩ Bhubaneswar, Thursday, April 6/ 2023

# ମାୟା, ହରିଥା, ପ୍ରକାଶ କ୍ୱାର୍ଟରରେ

ଭୁବନେଶ୍ୱର, ୫।୪
(କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆଇଟିଏଫ୍ ଏସିଆନ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସରେ ବୁଧବାର ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ସେଣ୍ଟର କୋର୍ଟରେ ଅନୁଷ୍ଠିତ ଏକ ବାଳିକା ସିଙ୍ଗଲ୍ସ ମ୍ୟାଚରେ ଭାରତର ମାୟା ରାଜେଶ୍ୱରନ କୋରିଆର ୟେରି ହଂଙ୍ଗ୍‌ଙ୍କୁ

**୧୪ ବର୍ଷରୁ କମ୍ ଏସିଆନ ଡେଭଲପ୍‌ମେଣ୍ଟ ଟେନିସ ଫାଇନାଲ୍ସ**

୭-୫, ୬-୩ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି କୋର୍ଟ-୫ରେ ଅନୁଷ୍ଠିତ ଏକ ମ୍ୟାଚରେ ହରିଥା ଶ୍ରୀ ଭେଙ୍କଟେଶ୍ କାଜାଖସ୍ତାନର ୟେର୍କେଝାନ ଝାଣ୍ଟାୟେଭାଙ୍କୁ ୭-୫, ୪-୬, ୬-୩ ସେଟ୍‌ରେ ହରାଇ କ୍ୱାର୍ଟରରେ ପହଞ୍ଚିଛନ୍ତି। କୋର୍ଟ-୧ରେ ଅନୁଷ୍ଠିତ ବାଳକ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ଭାରତର ପ୍ରକାଶ ସରନ ସିରିୟାର ମହମ୍ମଦ ଇୟାଦ ସଲିମ୍‌ଙ୍କୁ ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। କୋର୍ଟ-୨ରେ ଅନୁଷ୍ଠିତ ମ୍ୟାଚରେ କିନ୍ତୁ ଭାରତର ଶିବତେଜ ଶିରଫୁଲେ ୫-୭, ୨-୬ ସେଟ୍‌ରେ ଇଣ୍ଡୋନେସିଆର ଜୋଆଚିମ୍ ମିକା ଗୁନ୍‌ୱାନଙ୍କଠାରୁ ହାରି ଯାଇଛନ୍ତି। ବାଳିକା ସିଙ୍ଗଲ୍ସର ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଥାଇଲାଣ୍ଡର ତରିତା ହଙ୍ଗସ୍ୟୋକ୍ ମାଲେସିଆର ଜୁଇ ମ୍ୟାକଙ୍କୁ, ଥାଇଲାଣ୍ଡର ନତ୍ରାଦା ସକୁଲଭୋଙ୍ଗ୍‌ଟାନା ତାଇପେର ୟାନ ରଙ୍ଗ ଜେଙ୍ଗ୍‌ଙ୍କୁ ୬-୦, ୬-୪, ଇଣ୍ଡୋନେସିଆର ଗ୍ୱେନ ଇମିଲି କୁର୍ନିଓ୍ୱାନ ଉଜ୍‌ବେକିସ୍ତାନର ଇମିଲି କିମ୍‌ଙ୍କୁ ୭-୫, ୪-୬, ୭-୫, ହଂକଂର ନିତ୍ୟା ବାଲାକ୍ରିଷ୍ଣା ମାଧୁରୀ ଶ୍ରୀଲଙ୍କାର ଗୀତ୍‌ମି ରିୟାନା ଫର୍ନାଣ୍ଡୋ ୱେୱେଲ୍ଲେନିୟାଗେଙ୍କୁ ୬-୨, ୭-୬, କାଜାଖସ୍ତାନର ଇଭା କୋରିଶେଭା ତୁର୍କମେନିସ୍ତାନର ଇଲିମା ଗୁସେନୋଭାଙ୍କୁ ୬-୦, ୬-୦ ଏବଂ କୋରିଆର ଜିୟୁନ ଓ' ୬-୦, ୬-୦ରେ ହଂକଂର ୟିଙ୍ଗ୍ ଚି କ୍ଲୋଏ ୱଙ୍ଗ୍‌ଙ୍କୁ ପରାସ୍ତ କରିଛନ୍ତି। ସେହିପରି ବାଳକ ସିଙ୍ଗଲ୍ସ ପ୍ରି-କ୍ୱାର୍ଟରରେ କୋରିଆର ମିନ୍ ହ୍ୟୁକ୍ ଚୋ ଇଣ୍ଡୋନେସିଆର ରାଫାଲେଣ୍ଟିନୋ ଅଲି ଡା କୋଷ୍ଟାଙ୍କୁ ୬-୪, ୬-୪, ଶ୍ରୀଲଙ୍କାର ମେଥିକା ନୁରାନ ବିକ୍ରମସିନ ବିକ୍ରମସିଂଘେ ମୁଦିୟାନ୍‌ସେଲାଗେ ଭିଏତ୍‌ନାମର ମିନ୍ ଟ୍ରାନ ଡୁକ୍‌ଙ୍କୁ ୬-୩, ୬-୧, କୋରିଆର ୱନମିନ୍ କିମ୍ ଭିଏତନାମର ହୁଇ ହ୍ୱାଙ୍ଗ ଭୁଙ୍କୁ ୬-୨, ୬-୩ ସେଟ୍‌ରେ ହରାଇଥିବାବେଳେ କାଜାଖସ୍ତାନର ମିଖାଇଲ ମିଶ୍‌ଟସେଙ୍କୋ ଉଜ୍‌ବେକିସ୍ତାନର ଅକମଲ ଅବଦୁଲାଏଭଙ୍କ ବିପକ୍ଷରେ ୱାକଓଭର ପାଇଛନ୍ତି। ହଂକଂର ଆଲେକ୍ସ ଲାପ୍ ହାଙ୍ଗ ହୁଇ କାଜାଖସ୍ତାନର ୟାରୋସ୍ଲାଭ ପିଶେନିଚିନିଙ୍କୁ ୬-୦, ୬-୪ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।



ରିଟର୍ନ ଶଟ୍ ଖେଳିବା ଅବସରରେ ଜଣେ ପ୍ରତିଯୋଗୀ।

**ସୁପର କପ୍ ଫୁଟବଲ**

# ଓଡ଼ିଶା ଏଫ୍‌ସି ଦଳ ଘୋଷିତ

ଭୁବନେଶ୍ୱର, ୫।୪
(କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ କେରଳର ମଞ୍ଜେରୀ ଓ କୋଝିଗୋଡେଠାରେ ହିରୋ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ଚଳିତ ମାସ ୮ରୁ ଆରମ୍ଭ ହେବ। ଏଥିରେ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍) ଓ ଆଇ-ଲିଗ୍‌ର ୧୬ଟି ଦଳ ଅଂଶଗ୍ରହଣ କରିବେ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବୁଧବାର ଓଡ଼ିଶା ଏଫ୍‌ସି ଦଳ ଘୋଷିତ ହୋଇଛି। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଲିଗ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପରକୁ ଭେଟିବା ପରେ ଗ୍ରୁପ୍ ଟପ୍ପର ସେମିଫାଇନାଲରେ ପ୍ରବେଶ କରିବ। ଓଡ଼ିଶା ଏଫ୍‌ସି ଗ୍ରୁପ୍ 'ବି'ରେ ହାଇଦ୍ରାବାଦ୍ ଏଫ୍‌ସି, ଇଷ୍ଟବେଙ୍ଗଲ ଏଫ୍‌ସି ସହିତ ସ୍ଥାନ ପାଇଛି। ଟ୍ରାଉ ଏଫ୍‌ସି ଓ ଆଇଜଲ ଏଫ୍‌ସି ମଧ୍ୟରେ ହେବାକୁଥିବା କ୍ୱାଲିଫାୟର ମ୍ୟାଚର ବିଜେତା ୪ର୍ଥ ଦଳଭାବେ ଗ୍ରୁପ୍ 'ବି'ରେ ସାମିଲ ହେବ। ଓଡ଼ିଶା ଏଫ୍‌ସି ୯ ତାରିଖରେ ଇଷ୍ଟବେଙ୍ଗଲ ବିପକ୍ଷରେ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ପରେ ୧୩ ତାରିଖରେ କ୍ୱାଲିଫାୟରର ବିଜେତା ଏବଂ ୧୭ ତାରିଖରେ ହାଇଦ୍ରାବାଦ୍ ଏଫ୍‌ସିକୁ ଭେଟିବ। ସେମିଫାଇନାଲ ମ୍ୟାଚ ଏପ୍ରିଲ ୨୧ରୁ ୨୫ ମଧ୍ୟରେ ଅନୁଷ୍ଠିତ ହେବ।

# ପଞ୍ଜାବର ଦ୍ୱିତୀୟ ବିଜୟ

ଗୁଆହାଟୀ, ୫।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ବୁଧବାର ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ୫ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୪ ଉଇକେଟ ହରାଇ ୧୯୭ ରନ କରିଥିଲା। ଜବାବରେ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୯୨ ରନ କରିବାକୁ ସକ୍ଷମ ହୋଇଥିଲା। ୨ ମ୍ୟାଚରୁ ପଞ୍ଜାବର ଏହା କ୍ରମାଗତ ଦ୍ୱିତୀୟ ବିଜୟ ହୋଇଥିବାବେଳେ ରାଜସ୍ଥାନର ପ୍ରଥମ ପରାଜୟ। ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପଞ୍ଜାବର ଦୁଇ ଓପନର ପ୍ରଭସିମରନ ସିଂ ଓ ଶିଖର ଧାୱନ ଦୃଢ଼ ବ୍ୟାଟିଂ କରି ପ୍ରଥମ ଉଇକେଟ ଯୋଡ଼ିରେ ୫୮ ବଲ୍‌ରୁ ୯୦ ରନ ସଂଗ୍ରହ

**ରାଜସ୍ଥାନ ରୟାଲ୍ସ ୫ ରନ୍‌ରେ ପରାସ୍ତ**

କରିଥିଲେ। ଏହି ଦୁଇ ବ୍ୟାଟର କ୍ରିଜ୍‌ରେ ଥିବା ସମୟରେ ପଞ୍ଜାବ ୨୦ ଓଭର ଶେଷ ବେଳକୁ ୨୨୦ରୁ ଅଧିକ ରନ କରିବ ବୋଲି ଆକଳନ କରାଯାଉଥିଲା। ମ୍ୟାଚର ୧୦ମ ଓଭରର ୪ର୍ଥ ବଲ୍‌ରେ ଜୋସ୍ ବଟଲରଙ୍କ ହାତରେ ପ୍ରଭସିମରନଙ୍କୁ କ୍ୟାଚ କରାଇ ଜାସନ ହୋଲ୍ଡର ରାଜସ୍ଥାନକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ୩୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଏହି ପଞ୍ଜାବ ଓପନର ୭ ଚୌକା ଓ ୩ ଛକା ସହାୟତାରେ ୬୦ ରନ କରିଥିଲେ। ତାଙ୍କ ସ୍ଥାନରେ କ୍ରିଜ୍‌କୁ ଆସିଥିବା ଭାନୁକା ରାଜପାକ୍ସେ ମାତ୍ର ୧ ରନକରି ରିଟାୟର୍ଡ ହର୍ଟ ହୋଇଥିବାବେଳେ ଧାୱନଙ୍କ ସହ କ୍ରିଜ୍‌ରେ ଯୋଗଦେଇ ଜିତେଶ ଶର୍ମା ପଞ୍ଜାବ ସ୍କୋରକୁ ଲକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ମାତ୍ର ଜିତେଶ ୧୬ ବଲ୍‌ରୁ ୨୭ (୨ ଚୌକା, ୧ ଛକା) ରନ କରି ଆଉଟ ହେବା ପରେ ରନ୍ ହାର ସାମାନ୍ୟ ଧିମେଇ ଥିଲା। ଧାୱନ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲେ ହେଁ ଅନ୍ୟ ପଟରେ ସିକନ୍ଦର ରାଜା (୧), ଶାହରୁଖ ଖାଁ (୧୧)ଙ୍କ ବିଫଳତା ଯୋଗୁ ଦଳର ରନ୍‌ସଂଖ୍ୟା ୨୦୦ ରନ ସ୍ପର୍ଶ କରିପାରି ନ ଥିଲା। ଧାୱନ ୮୬ (୫୬ ବଲ, ୯ ଚୌକା, ୩ ଛକା) ରନରେ ଅପରାଜିତ ରହିଥିଲେ। ରାଜସ୍ଥାନ ବୋଲରଙ୍କ ମଧ୍ୟରେ ଜାସନ ହୋଲ୍ଡର ୨ଟି ଏବଂ ରବିଚନ୍ଦ୍ରନ ଅଶ୍ୱିନ ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୯୮ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ରାଜସ୍ଥାନ ରୟାଲ୍ସର ରଣନୀତି ଆରମ୍ଭରୁ ଫେଲ୍ ମାରିଥିଲା। ଜୋସ ବଟଲରଙ୍କ ସ୍ଥାନରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଓପନରଭାବେ ପଠାଇବା କାମ ଦେଇ ନ ଥିଲା। ଅଶ୍ୱିନ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିବାବେଳେ ଯୁବ ଓପନର ଯଶସ୍ୱି ଜୟସ୍ୱାଲ ୧୧ ଓ ନିର୍ଭରଯୋଗ୍ୟ ବଟଲର ୧୯ ରନରେ ଆଉଟ ହେବାରୁ ଦଳ ଉପରକୁ ବିପଦ ଆସି ଯାଇଥିଲା। ଆବଶ୍ୟକ ରନ୍‌ହାର କ୍ରମେ ବଢୁଥିବାରୁ ସାମସନ କ୍ରମାଗତ ବଡ଼ ଶଟ୍ ଖେଳିବା ଚକ୍କରରେ ୪୨ (୨୫ ବଲ, ୫ ଚୌକା, ୧ ଛକା) ରନରେ ଆଉଟ ହୋଇ ଯାଇଥିଲେ। ଦେବଦତ୍ତ ପଡିକାଲ ୨୧ ଓ ରିୟାନ ପରାଗ ୨୦ ରନ କରିବାକୁ ସକ୍ଷମ ହୋଇଥିଲେ। ଶିମରନ ହେଟମେର ୩୬ ଓ ୟୁଜବେନ୍ଦ୍ର ଚହଲଙ୍କ ସବ୍‌ଷ୍ଟିଚ୍ୟୁଟ ଖେଳାଳି ଧ୍ରୁବ ଜୋରେଲ ୩୨* ରନକରି ଲଢ଼େଇ କରିଥିଲେ ହେଁ ବିଜୟ ଲକ୍ଷ୍ୟଠାରୁ ଅଳ୍ପକେ ଦୂରରେ ରହିଥିଲେ। ପଞ୍ଜାବର ନାଥାନ ଇଲିସ ୪ଟି ଓ ଅର୍ଶଦୀପ ସିଂ ୨ଟି ଉଇକେଟ ନେଇଥିଲେ।


ଉପରକୁ ଡେଇଁ ଶଟ୍ ଖେଳିବା ଅବସରରେ ପ୍ରଭ୍‌ସିମରନ ସିଂ।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**କୋଲକାତା ବନାମ ବାଙ୍ଗାଲୋର**
ସ୍ଥାନ: କୋଲକାତା,
ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୯୭/୪ (ଶିଖର ଧାୱନ-୮୬*, ପ୍ରଭସିମରନ ସିଂ-୬୦, ଜିତେଶ ଶର୍ମା-୨୭, ଜାସନ ହୋଲ୍ଡର-୨/୨୯, ରବିଚନ୍ଦ୍ରନ ଅଶ୍ୱିନ-୧/୨୫, ୟୁଜବେନ୍ଦ୍ର ଚହଲ-୧/୫୦)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୯୨/୭ (ସଞ୍ଜୁ ସାମସନ-୪୨, ଶିମରନ ହେଟମେର-୩୬, ଧ୍ରୁବ ଜୋରେଲ-୩୨*, ନାଥାନ ଇଲିସ-୪/୩୦, ଅର୍ଶଦୀପ ସିଂ-୨/୪୭)।

# ଜାତୀୟ ଶକ୍ତି ଉତ୍ତୋଳନରେ ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର, ୫।୪
(କ୍ରୀଡ଼ା ପ୍ରତିନିଧି)

କେରଳର କୋଝିକୋଡ଼ଠାରେ ବୁଧବାର ଶେଷ ହୋଇଥିବା ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାକୁ ମୋଟ ୫ଟି ପଦକ ମିଳିଛି। ଓଡ଼ିଶା ମହିଳା ଦଳ ଓଭରଅଲ୍ ରନରଅପ୍ ହୋଇଛି। ତନୟା ପଣ୍ଡା ୮୪, ସ୍ୱାଗତିକା ଖଟେଇ ୬୯ ଓ ପ୍ରଭାତି ସିଂ ୫୨ କେଜି ବର୍ଗରେ ରୌପ୍ୟ ପଦକ ପାଇଥିବାବେଳେ ଦୀପକ କୁମାର ନାୟକ ୯୩ ଓ ଧନମଣି ଟୁଡୁ ୪୭ କେଜି ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ତନୟା ପଣ୍ଡା ସ୍କ୍ୱାଟ୍‌ରେ ୧୩୫ କେଜି (୩ୟ), ବେଞ୍ଚ ପ୍ରେସ୍‌ରେ ୭୫ (ପ୍ରଥମ) ଓ ଡେଡ୍ ଲିଫ୍ଟରେ ୧୫୦ (୩ୟ ସ୍ଥାନ) କେଜି ଉଠାଇ ଥିବାବେଳେ ସ୍ୱାଗତିକା ଖଟେଇ ସ୍କ୍ୱାଟ୍‌ରେ ୧୩୫ (୨ୟ), ଡେଡ୍‌ଲିଫ୍ଟରେ ୧୬୭.୫ (୨ୟ) ଓ ବେଞ୍ଚ୍ ପ୍ରେସ୍‌ରେ ୬୦ (୨ୟ) କେଜି ଉଠାଇଛନ୍ତି। ସେହିପରି ପ୍ରଭାତି ସିଂ ସ୍କ୍ୱାଟ୍‌ରେ ୧୩୦ (୩ୟ), ବେଞ୍ଚ୍ ପ୍ରେସ୍‌ରେ ୬୦(୨ୟ), ଡେଡ୍ ଲିଫ୍ଟରେ ୧୩୦ (୩ୟ) କେଜି, ଦୀପକ କୁମାର ସ୍କ୍ୱାଟ୍‌ରେ ୨୫୨.୫, ବେଞ୍ଚ୍ ପ୍ରେସ୍‌ରେ ୧୪୨.୫, ଡେଡ୍ ଲିଫ୍ଟରେ ୨୮୦ କେଜି ଉଠାଇଥିଲେ। ଧନମଣି ଟୁଡୁ ସ୍କ୍ୱାଟ୍‌ରେ ୧୦୦, ବେଞ୍ଚ୍ ପ୍ରେସ୍‌ରେ ୫୭ ଓ ଡେଡ୍ ଲିଫ୍ଟରେ ୧୨୦ କେଜି ଉତ୍ତୋଳନ କରିଥିଲେ। ଓଡ଼ିଶା ସରକାରଙ୍କ ସହଯୋଗରେ ଶକ୍ତି ଉତ୍ତୋଳକମାନେ ଉଚ୍ଚ ପ୍ରଦର୍ଶନ କରିଥିବାରୁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବାସହ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଜାତୀୟ ପ୍ରତିଯୋଗିତାରେ ପଦକ ହାସଲକାରୀ ଓଡ଼ିଶା ଶକ୍ତି ଉତ୍ତୋଳକ ଓ ଅନ୍ୟମାନେ।

**ରାଜ୍ୟ ମହିଳା ଦଳ ରନରଅପ୍**

# ପ୍ରମୋଦଙ୍କୁ ଆର୍ଥିକ ସହାୟତା

**ନୂଆଦିଲ୍ଲୀ, ୫।୪ (ପି.ଟି.):** ଆଗାମି ବ୍ରାଜିଲ ପାରା ବ୍ୟାଡ଼ମିଣ୍ଟନ ଇଣ୍ଟରନ୍ୟାଶନାଲରେ ଅଂଶଗ୍ରହଣ ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍‌ଓସି) ପ୍ରମୋଦ ଭଗତ ଓ ମାନସୀ ଯୋଶିଙ୍କ ସମେତ ୧୨ ପାରା ଆଥଲେଟଙ୍କ ଲାଗି ଆର୍ଥିକ ସହାୟତା ମଞ୍ଜୁର କରିଛି। ଏହି ଟୁର୍ନାମେଣ୍ଟ ହେଉଛି ଏକ ଲେଭଲ-୨ ଇଭେଣ୍ଟ। ପ୍ୟାରିସ ପାରାଲିମ୍ପିକ୍ସ ପାଇଁ ଏକ ଯୋଗ୍ୟତା ପର୍ଯ୍ୟାୟ। ମନ୍ତ୍ରଣାଳୟ ଅଧୀନରେ ରହିଥିବା ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ) ଆର୍ଥିକ ସହାୟତା ପ୍ରଦାନ କରିବ। ଏହି ସୁବିଧା ଖେଳାଳି ଓ ସେମାନଙ୍କ ସପୋର୍ଟ ଷ୍ଟାଫ୍ ପାଇବେ।

# ଟିଟି ଖେଳାଳିଙ୍କୁ ନୂତନ ପଦ୍ଧତିରେ ପ୍ରଶିକ୍ଷଣ ଦିଆଯିବ


ବୈଠକରେ ଉପସ୍ଥିତ ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ ଓ ରାଜ୍ୟ ଆସୋସିଏଶନ କର୍ମକର୍ତ୍ତା।

କଟକ ଅଫିସ, ୫।୪

ଓଡ଼ିଶାରେ ଟେବୁଲ ଟେନିସ (ଟିଟି) କ୍ରୀଡ଼ାର ପ୍ରସାର ହେବ। ଖେଳାଳିମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ପ୍ରଦାନ ସହ ପ୍ରୋତ୍ସାହିତ କରାଯିବ। ସ୍ଥାନୀୟ ବାଣିଜ୍ୟକର ଭବନଠାରେ ବୁଧବାର ଆୟୋଜିତ ଏକ ବୈଠକରେ ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ ସଭାପତି ମାଡାମ ପେଟ୍ରା ସୋର୍ଲିଂ ଯୋଗଦେଇ ଏକଥା କହିଛନ୍ତି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଟେବୁଲ ଟେନିସ ଏକାଡେମୀ ପ୍ରତିଷ୍ଠା, ବିଦେଶୀ ପ୍ରଶିକ୍ଷକଙ୍କ ଦ୍ୱାରା ନୂତନ ପଦ୍ଧତିରେ କିପରି ପ୍ରଶିକ୍ଷଣ ପ୍ରଦାନ କରାଯାଇପାରିବ ଆଦି ବିଭିନ୍ନ ପ୍ରସଙ୍ଗରେ ସୋର୍ଲିଂ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ତଥା ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ସଂଘ ସଭାପତି ସଞ୍ଜୟ କୁମାର ସିଂହ କହିଥିଲେ, ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡ଼ା କ୍ଷେତ୍ରରେ ବ୍ୟାପକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରି ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶା ସ୍ଥାନିତ ହୋଇଛି। ଭାରତୀୟ ଟେବୁଲ ଟେନିସ ଫେଡେରେଶନ ସଚିବ କମଲେଶ ମେହେଟା କହିଥିଲେ, ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମି ସରଞ୍ଜନା ବେଶ୍ ସୁଦୃଢ଼। ଆସନ୍ତା ଜୁନରେ ଓଡ଼ିଶାରେ ଜାତୀୟ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟ ଓ ଅଗଷ୍ଟରେ ବିଶ୍ୱ ଯୁବ ଟେବୁଲ ଟେନିସ ଚାମ୍ପିୟନଶିପ ଆୟୋଜନ କରିବା ନିମନ୍ତେ ବିଚାରବିମର୍ଶ ଚାଲିଛି। ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଲିଆଣ୍ଡ୍ରୋ ଓଲଭେକ ମଧ୍ୟ ଏହି ବୈଠକରେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।

# ଅଙ୍ଗଦ ବାୱାଙ୍କ ବଦଳ ଖେଳାଳି ଗୁର୍‌ନୁର ସିଂ

**ମୋହାଲି, ୫।୪ (ପି.ଟି.):** ପଞ୍ଜାବ କିଙ୍ଗ୍ସ ଆଇପିଏଲ୍ ପାଇଁ ବୁଧବାର ଆଘାତପ୍ରାପ୍ତ ରାଜ ଅଙ୍ଗଦ ବାୱାଙ୍କ ସ୍ଥାନରେ ଯୁବ ଅଲ୍‌ରାଉଣ୍ଡର ଗୁର୍‌ନୁର ସିଂ ବ୍ରାର୍‌ଙ୍କ ସହିତ ଚୁକ୍ତି କରିଛି। ପଞ୍ଜାବ କିଙ୍ଗ୍ସ ବ୍ରାର୍‌ଙ୍କୁ ୨୦ ଲକ୍ଷ ଟଙ୍କାରେ ନେଇଥିବା ଆଇପିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି। ବାୱା ଗତ ସିଜନରେ ପଞ୍ଜାବ କିଙ୍ଗ୍ସ ପାଇଁ ଦୁଇଟି ମ୍ୟାଚ ଖେଳିଥିଲେ। ମାତ୍ର ତାଙ୍କ ବାମ କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ଚଳିତ ଆଇପିଏଲ୍‌ରୁ ସେ ବାଦ୍ ପଡ଼ିଛନ୍ତି। ଜଣେ ବାମହାତୀ ବ୍ୟାଟିଂ ଅଲରାଉଣ୍ଡର ବ୍ରାର୍ ଗତବର୍ଷ ଡିସେମ୍ବରରେ ପଞ୍ଜାବ ପାଇଁ ତାଙ୍କ ପ୍ରଥମଶ୍ରେଣୀ ପଦାର୍ପଣ ମ୍ୟାଚ ଖେଳିଥିଲେ। ୨୨ବର୍ଷୀୟ ଏହି କ୍ରିକେଟର ୫ ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୧୨୦.୨୨ ଷ୍ଟ୍ରାଇକ୍‌ରେଟ୍ ସହ ୧୦୭ ରନ ସଂଗ୍ରହ କରିଥିବା ବେଳେ ୩.୮୦ ଇକୋନୋମି ରେଟ୍‌ରେ ୭ ଉଇକେଟ ଅକ୍ତିଆର କରିଛନ୍ତି। ପଞ୍ଜାବ କିଙ୍ଗ୍ସ ଏପ୍ରିଲ ୧ରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ଏହାର ଆଇପିଏଲ୍ ୨୦୨୩ ଓପନର ଡକ୍‌ୱର୍ଥଲୁଇସ୍ ପଦ୍ଧତିରେ ୭ରନରେ ପରାଜିତ ହୋଇଛି।

# ସ୍ପେଶାଲ ଅଲିମ୍ପିକ୍ସ କୃତୀ ଆଥ୍‌ଲେଟ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୫।୪
(କ୍ରୀଡ଼ା ପ୍ରତିନିଧି)

ନିକଟରେ ଆମିଟି ୟୁନିଭର୍ସିଟି ଆନୁକୂଲ୍ୟରେ ଆୟୋଜିତ ସାଇକ୍ଲିଂ ଜାତୀୟ ଚାମ୍ପିୟନଶିପ୍ ଏବଂ ରୋଲର ସ୍କେଟିଂରେ ପଦକ ହାସଲ କରିଥିବା ସ୍ପେଶାଲ ଅଲିମ୍ପିକ୍ସ ଭାରତର ଓଡ଼ିଶା ଆଥ୍‌ଲେଟଙ୍କୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରତିଯୋଗିତାର ସାଇକ୍ଲିଂ ୨ କିମି ରୋଡ୍ ରେସ୍‌ରେ ଦେବାଶିଷ ସ୍ୱର୍ଣ୍ଣ ଏବଂ ୫କିମି ରୋଡ୍ ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ପ୍ରଥମଥର ପାଇଁ ଭାଗ ନେଇଥିବା ସିଦ୍ଧାର୍ଥ ୧୦ କିମି ଓ ୫ କିମି ରୋଡ୍ ରେସ୍‌ରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ପାଇଥିଲେ। ମାଷ୍ଟର ରୋଲର ସ୍କେଟର ଦଧିଚୀ ୫୦୦ ମିଟର ଓ ୧୦୦୦ ମିଟରରେ ରୌପ୍ୟ ପଦକ, ସିପ୍ରା ପ୍ରିୟଦର୍ଶିନୀ ୧୦୦ ଓ ୩୦୦ ମିଟର ରୋଲରସ୍କେଟିଂରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ରୋଲରସ୍କେଟିଂର ୩୦୦ ଓ ୫୦୦ ମିଟରରେ ୫ମ ସ୍ଥାନ ହାସଲ କରିଥିବା ପ୍ରିୟ ରଞ୍ଜନ ରିବନ୍ସ ପାଇଥିଲେ। ଓପନ ଲର୍ନିଂ ସିଷ୍ଟମ୍ସ (ଓଏଲ୍‌ଏସ୍) ଏବଂ ଓଡ଼ିଶା ଦଳର ପ୍ରାୟୋଜକ ବିଆର୍‌ଏମ୍-ଆଶା ଆନୁକୂଲ୍ୟରେ ଗତ ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ପୋଲିସ କମିଶନର ଅତିଥିଭାବେ ଯୋଗ ଦେଇ ଖେଳାଳି ଓ ସେମାନଙ୍କ କୋଚ୍ ବୀରେନ ଜେନା ଓ ଗୀତା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଓଡ଼ିଶା ପ୍ରାଇମେରି ଏଜୁକେଶନ ଅଥରିଟି (ଓପିଇପିଏ)ର ପୂର୍ବତନ ନିର୍ଦ୍ଦେଶକ ମହେନ୍ଦ୍ର ମଲିକ, ସ୍ମଲ ଇଣ୍ଡଷ୍ଟ୍ରିଜ୍ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ଆଇଡିବିଆଇ) ଡିଜିଏମ୍ ପ୍ରଦ୍ୟୁମ୍ନ ଚୌଧୁରୀ, ଓଏଲ୍‌ଏସ୍ ସମ୍ପାଦକ ପ୍ରତାପ ରଥ, ପୂର୍ବତନ ଏସ୍‌ସିପିଡି (ଷ୍ଟେଟ୍ କମିଶନର ଫର ପର୍ସନ୍ସ ୱିଥ୍ ଡିଜାବିଲିଟିଜ୍) କସ୍ତୁରୀ ମହାପାତ୍ର, ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ରାଜ୍ୟ ପ୍ରୋଗ୍ରାମ୍ ସଂଯୋଜକ ଅର୍ପିତା ମହାପାତ୍ର, ବିଆର୍‌ଏମ୍-ଆଶାର ଉପସଭାପତି ପ୍ରଦୀପ୍ତ ରଥ, ମିଶନ ଶକ୍ତିର ପରାମର୍ଶଦାତା ଗୀତାଞ୍ଜଳି ବସ୍ତିଆ ଓ ପୂର୍ବତନ ରାଜ୍ୟ ମହିଳା କମିଶନର ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ସମ୍ବର୍ଦ୍ଧିତ ହେବା ଅବସରରେ ସ୍ପେଶାଲ ଅଲିମ୍ପିକ୍ସ ଭାରତର ଓଡ଼ିଶା ଆଥଲେଟ୍‌ମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ଜାସନ ରୟଙ୍କୁ ୨.୮ କୋଟିରେ ନେଲା କେକେଆର୍

କୋଲକାତା, ୫।୪ (ପି.ଟି.)

କୋଲକାତା ନାଇଟ ରାଇଡର୍ସ (କେକେଆର) ବୁଧବାର ୨.୮ କୋଟି ଟଙ୍କା ବିନିମୟରେ ଜାସନ ରୟଙ୍କ ସହିତ ଚୁକ୍ତି କରିଛି। ଅଧିନାୟକ ଶ୍ରେୟସ ଆୟର ଆଘାତପ୍ରାପ୍ତ ହେବା ଓ ବାଂଲାଦେଶ ଅଲରାଉଣ୍ଡର ଶକିବ ଅଲ୍ ହସନ ଓହରିଯିବା ପରେ ଦଳକୁ ସୁଦୃଢ଼ କରିବା ଲାଗି କେକେଆର ଫ୍ରାଞ୍ଚାଇଜ୍ ଏହି ନିଷ୍ପତ୍ତି ନେଇଛି। ରୟ ଗୁରୁବାର ଖେଳାଯିବାକୁଥିବା କେକେଆରର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ବିପକ୍ଷ ମ୍ୟାଚ ଖେଳିବେ ନାହିଁ। ସେ କିନ୍ତୁ ଏପ୍ରିଲ ୯ରେ ଅହମଦାବାଦଠାରେ ଗୁଜରାଟ ଟାଇଟନ୍ସ ବିପକ୍ଷ ଦଳର ପରବର୍ତ୍ତୀ ମ୍ୟାଚ ପାଇଁ ଉପଲବ୍ଧ ହେବେ। ଆୟର ଇଞ୍ଜୁରି ହେବାପରେ ସମସ୍ତ ସିଜନରୁ ବାଦ୍ ପଡ଼ିବା ଏବଂ ଶକିବ ଅଲ୍ ହସନ ବ୍ୟକ୍ତିଗତ କାରଣ ଏବଂ ଜାତୀୟ ଦଳ ପାଇଁ ଖେଳିବା ଲାଗି ଓହରିଯିବା ଫଳରେ ଦୁଇଥର ଆଇପିଏଲ୍ ଚାମ୍ପିୟନ ଦଳକୁ ଶକ୍ତ ଧକ୍କା ଲାଗିଥିଲା। ଟାଟା ଆଇପିଏଲ୍ ୨୦୨୩ ପାଇଁ ଇଂଲଣ୍ଡର ଜସନ ରୟଙ୍କ ବେସ୍ ପ୍ରାଇସ୍ ୧.୫ କୋଟି ରହିଥିଲା। କୋଲକାତା ନାଇଟ ରାଇଡର୍ସ ୨.୮ କୋଟି ଟଙ୍କା ବିନିମୟରେ ତାଙ୍କ ସହିତ ଚୁକ୍ତି କରିଛି। ରୟ ଆଇପିଏଲ୍‌ରେ ପ୍ରଥମେ ୨୦୧୭ ସଂସ୍କରଣରେ ଗୁଜରାଟ ଲାୟନ୍ସ ତରଫରୁ ଖେଳିଥିଲେ। ପରେ ଶେଷ ଥର ସେ ୨୦୨୧ ସିଜନରେ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ଖେଳିଥିଲେ। ଇଂଲଣ୍ଡର ଏହି ୩୨ ବର୍ଷୀୟ ଖେଳାଳି ଦଳରେ ଆଫଗାନିସ୍ତାନ ଉଇକେଟକିପର ବ୍ୟାଟର ରହମାନୁଲ୍ଲା ଗୁର୍‌ବାଜଙ୍କ ସ୍ଥାନ ନେବା ସମ୍ଭାବନା ରହିଛି। ଗୁର୍‌ବାଜ ପଞ୍ଜାବ କିଙ୍ଗ୍ସ ବିପକ୍ଷ ଦଳର ଓପନିଂ ମ୍ୟାଚ ଖେଳି ୧୬ ବଲ୍‌ରୁ ୨୨ ରନ ସଂଗ୍ରହ କରିଥିଲେ। ଦଳରେ ଉଇକେଟକିପିଂ ଦାୟିତ୍ୱ ତୁଲାଇବା ଲାଗି ଏନ. ଜଗଦୀଶନ ରହିଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ